- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-173 ♦BHUBANESWAR ♦THURSDAY ♦19 DECEMBER 2024 ♦PAGE-14 ♦₹ 6.00


♦ବର୍ଷ-୪୨ ♦ସଂଖ୍ୟା-୧୭୩ ♦ଭୁବନେଶ୍ୱର ♦ଗୁରୁବାର ♦୧୯ ଡିସେମ୍ବର ୨୦୨୪ ♦ପୃଷ୍ଠା-୧୪ ♦ଟ.୬.୦୦




## ଅଲ୍‌ବିଦା ଅଶ୍ୱିନ

■ **ବ୍ରିସ୍‌ବେନ୍, ୧୮।୧୨(ଏଜେନ୍ସି):** ଭାରତର କିମ୍ବଦନ୍ତୀ ସ୍ପିନ ବୋଲର ରବିଚନ୍ଦ୍ରନ ଅଶ୍ୱିନ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି । ଏହି ୩୮ ବର୍ଷୀୟ ସ୍ପିନ୍ ବୋଲର ୨୦୧୧ରୁ ୨୦୨୪ ମଧ୍ୟରେ ୨୭୧ଟି ଅନ୍ତର୍ଜାତୀୟ ମ୍ୟାଚ ଖେଳି ୯୭୫ଟି ୱିକେଟ ଅକ୍ତିଆର କରିଥିଲେ । ଅଷ୍ଟ୍ରେଲିଆରେ ଭାରତ ବର୍ଡର ଗାଭାସ୍କର ଟ୍ରଫିର ଆଡିଲେଡ୍‌ରେ ଅନୁଷ୍ଠିତ ଦିବାରାତ୍ର ଟେଷ୍ଟ ତାଙ୍କ ଅନ୍ତର୍ଜାତୀୟ କ୍ରିକେଟ ଜୀବନର ଥିଲା ଶେଷ ମ୍ୟାଚ୍ । ଜଣେ ପ୍ରଭାବୀ ଟେଷ୍ଟ କ୍ରିକେଟର ଭାବେ ୧୦୬ଟି ମ୍ୟାଚ୍‌ରୁ ୫୩୭, ୧୧୬ଟି ଦିନିକିଆରୁ ୧୫୬ ଓ ୬୫ଟି ଟି-୨୦ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ଖେଳି ୭୨ଟି ୱିକେଟ ନେଇଛନ୍ତି । ଟେଷ୍ଟ କ୍ରିକେଟରେ ୩,୦୦୦ ରନ୍ କରିବା ସହ ୫୦୦ ୱିକେଟ ନେବାରେ ସେ ତୃତୀୟ ଖେଳାଳି ସାବ୍ୟସ୍ତ ହୋଇଛନ୍ତି । ଭାରତରେ ଅନୀଲ କୁମ୍ବଲେଙ୍କ ପରେ ସେ ଦ୍ୱିତୀୟ ଶ୍ରେଷ୍ଠ ବୋଲରଭାବେ ସଫଳତା ପାଇଛନ୍ତି । ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିଲେ ମଧ୍ୟ ଅଶ୍ୱିନ ଏବେ ଆଇପିଏଲ୍ ଓ ଅନ୍ୟ ଘରୋଇ ଟି-୨୦ ଓ କ୍ଲବ୍ କ୍ରିକେଟ ଖେଳିବେ ବୋଲି ଘୋଷଣା କରିଛନ୍ତି । ଜଣେ ଖେଳାଳିଭାବେ ଦଳରେ ତିଷ୍ଠି ରହିବାରେ ଯେଉଁମାନେ ତାଙ୍କୁ ସହାୟତା ଯୋଗାଇଦେଇଛନ୍ତି ସେମାନଙ୍କୁ ଅଶ୍ୱିନ ଧନ୍ୟବାଦ ଜଣାଇଛନ୍ତି ।

## କ୍ୟାନ୍ସର ଟିକା ପ୍ରସ୍ତୁତକଲା ରୁଷିଆ




■ **ନୂଆଦିଲ୍ଲୀ, ୧୮।୧୨ (ଏଜେନ୍ସି):** କ୍ୟାନ୍ସର ଭଳି ଏକ ମାରାତ୍ମକ ରୋଗର ଚିକିତ୍ସା ଲାଗି ରୁଷିଆ ଗବେଷକମାନଙ୍କୁ ବଡ଼ ସଫଳତା ମିଳିଛି । ଏହି ରୋଗର ନିଦାନ ଲାଗି ରୁଷୀୟ ଗବେଷକମାନେ ଏକ ଟିକା ପ୍ରସ୍ତୁତ କରିବାରେ ସଫଳ ହୋଇଛନ୍ତି । ଏହି ଗବେଷକମାନେ ' ଏମଆରଏନଏ' ଟିକା ପ୍ରସ୍ତୁତ କରିଛନ୍ତି ଯାହାକି କ୍ୟାନ୍ସର ଚିକିତ୍ସା ଲାଗି ଉପଯୋଗୀ ହେବ ବୋଲି ରୁଷିଆର ରେଡିଓଲୋଜି ମେଡିକାଲ ରିସର୍ଚ୍ଚ ସେଣ୍ଟର ନିର୍ଦ୍ଦେଶକ କହିଛନ୍ତି । ରୁଷିଆର ବିଭିନ୍ନ ଗବେଷଣା କେନ୍ଦ୍ର ସମନ୍ୱୟରେ ପ୍ରସ୍ତୁତ କରାଯାଇଥିବା ଏହି ଟିକା ଶରୀରରେ କ୍ୟାନ୍ସର କୋଷକୁ ନଷ୍ଟ କରିବା ସହିତ ଟ୍ୟୁମର ବୃଦ୍ଧିକୁ ମଧ୍ୟ ରୋକିପାରିବ ବୋଲି ସେ କହିଛନ୍ତି । ବର୍ତ୍ତମାନ ଏହି ଟିକାର ପରୀକ୍ଷାନିରୀକ୍ଷା ଶେଷ ହେବା ସହ କ୍ଲିନିକାଲ ଟେଷ୍ଟ ମଧ୍ୟ ଶେଷ ହୋଇଛି । ଆସନ୍ତାବର୍ଷ ଠାରୁ ଏହି ଟିକା ରୋଗୀମାନଙ୍କ ଲାଗି ମାଗଣାରେ ଉପଲବ୍ଧ କରାଯିବ ବୋଲି ରୁଷିଆର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି ।

**୨୦୨୫ରୁ ରୋଗୀଙ୍କୁ ମାଗଣାରେ ଉପଲବ୍ଧ ହେବ**

# ସଂସଦରେ ଆମ୍ବେଦକର ଝଡ଼

## ଅମିତ ଶାହଙ୍କ ମନ୍ତବ୍ୟକୁ ନେଇ ବିବାଦ

■ **ନୂଆଦିଲ୍ଲୀ, ୧୮।୧୨ (ଏଜେନ୍ସି):** ରାଜ୍ୟସଭାରେ ଗତକାଲି ସମ୍ବିଧାନ ଉପରେ ଆଲୋଚନା ବେଳେ ଆମ୍ବେଦକରଙ୍କ ସଂପର୍କରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଦେଇଥିବା ମନ୍ତବ୍ୟକୁ ନେଇ ବଡ଼ ଧରଣର ବିବାଦ ସୃଷ୍ଟି ହୋଇଛି । ଅମିତ ଶାହ ଇସ୍ତଫା ଦିଅନ୍ତୁ, ନହେଲେ ତାଙ୍କୁ ପ୍ରଧାନମନ୍ତ୍ରୀ ବହିଷ୍କାର କରନ୍ତୁ ବୋଲି କଂଗ୍ରେସ ଦାବି କରିଥିବା ବେଳେ ଅମିତ ଶାହ କହିଛନ୍ତି ଯେ ଆମ୍ବେଦକରଙ୍କ ପ୍ରତି ସେ କୌଣସି ଆପତ୍ତିଜନକ ମନ୍ତବ୍ୟ ଦେଇ ନାହାନ୍ତି । ତାଙ୍କ ମନ୍ତବ୍ୟକୁ କଦର୍ଥ କରି କଂଗ୍ରେସ ନେତା ଅପପ୍ରଚାର ଚଳାଇଛନ୍ତି । ସେମାନଙ୍କ ବିରୋଧରେ ଆଇନଗତ କର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ଧମକ ଦେଇଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ ମଧ୍ୟ ଶାହଙ୍କୁ ସମର୍ଥନ ଜଣାଇ କହିଛନ୍ତି ଯେ କଂଗ୍ରେସର ଅପପ୍ରଚାର କାମ ଦେବନାହିଁ । ଏହି ବିବାଦକୁ ନେଇ ଆଜି ସଂସଦର ଉଭୟ ଗୃହରେ ▶ପୃଷ୍ଠା-୭



**ଶାହଙ୍କ ଇସ୍ତଫା ଦାବି କଲା କଂଗ୍ରେସ**

**କଂଗ୍ରେସକୁ ମୋଦୀ, ଶାହଙ୍କ ସମାଲୋଚନା**

**ସ୍ୱାଧିକାର ଭଙ୍ଗ ନୋଟିସ୍ ଆଣିଲା ଟିଏମ୍‌ସି**

### 'ଏକ ଦେଶ, ଏକ ନିର୍ବାଚନ' ତର୍ଜମା

## ଗଠନ ହେଲା ଜେପିସି

■ **ନୂଆଦିଲ୍ଲୀ, ୧୮।୧୨ (ଏଜେନ୍ସି):** ଏକ ଦେଶ, ଏକ ନିର୍ବାଚନ ବିଲ୍ ଉପରେ ତର୍ଜମା କରିବାକୁ ଏହାକୁ ଗତକାଲି ସଂସଦର ଯୁଗ୍ମ କମିଟି(ଜେପିସି)କୁ ପଠାଇ ଦିଆଯାଇଥିଲା ବେଳେ ବୁଧବାର ଏହି କମିଟି ଗଠନ ନେଇ କେନ୍ଦ୍ର ସରକାର ସୂଚନା ଦେଇଚନ୍ତି । ଏହି କମିଟିରେ ଶାସକ ଏବଂ ବିରୋଧୀ ଦଳର ୨୧ ଜଣ ଲୋକସଭା ସାଂସଦଙ୍କ ସମେତ ମୋଟ ୩୧ ଜଣ ସଦସ୍ୟ ରହିବେ । କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ଏବଂ ମନୀଷ ତିୱାରୀଙ୍କ ବ୍ୟତୀତ ସମାଜବାଦୀ ପାର୍ଟିର ଧର୍ମେନ୍ଦ୍ର ଯାଦବ, ତୃଣମୂଳ କଂଗ୍ରେସ(ଟିଏମସି)ର କଲ୍ୟାଣ ବାନାର୍ଜୀ, ଏନସିପି(ଶରଦ)ର ସୁପ୍ରିୟା ସୁଲେ, ଶିବସେନାର ଶ୍ରୀକାନ୍ତ ଏକନାଥ ସିନ୍ଦେ ଏବଂ ବିଜେପିର ସମ୍ବିତ ପାତ୍ର, ଭର୍ତ୍ତୃହରି ମହତାବ, ଅନୁରାଗ ଠାକୁର ଓ ଅନୀଲ ବାଲୁନି ଆଦି ସଦସ୍ୟ ରହିବେ ବୋଲି ଜଣାପଡ଼ିଛି ।

### ଫେରୀକୁ ଧକ୍କାଦେଲା ନୌସେନାର ସ୍ପିଡ୍ ବୋଟ୍

## ୩ ଅଧିକାରୀଙ୍କ ସମେତ ୧୩ ମୃତ

**ମୁମ୍ବାଇ ଉପକୂଳରେ ଭୟଙ୍କର ଦୁର୍ଘଟଣା**

**ପରୀକ୍ଷଣରେ ନିୟନ୍ତ୍ରଣ ହରାଇଲା ନୌସେନା ବୋଟ୍**



■ **ମୁମ୍ବାଇ, ୧୮।୧୨ (ଏଜେନ୍ସି):** ବୁଧବାର ଉପରବେଳା ଆରବ ସାଗରରେ ଭୟଙ୍କର ଦୁର୍ଘଟଣା ଘଟିଛି । ମୁମ୍ବଇର 'ଗେଟୱେ ଅଫ୍ ଇଣ୍ଡିଆ'ରୁ ଏଲିଫେଣ୍ଟା ଦ୍ୱୀପ ଅଭିମୁଖେ ଯାଉଥିବା 'ନୀଳକମଲ ଫେରି'କୁ ଭାରତୀୟ ନୌସେନାର ସ୍ପିଡ୍ ବୋଟ୍ ଧକ୍କା ଦେଇଛି । ଏହା ଏତେ ଭୟାବହ ଥିଲା ଯେ ବୋଟ୍‌ଟି ମଝି ସମୁଦ୍ରରେ ବୁଡି ଯାଇଛି । ଏହି ଦୁର୍ଘଟଣାରେ ୧୩ ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ୩ ଜଣ ନୌସେନା କର୍ମଚାରୀ ସାମିଲ ଅଛନ୍ତି । ୧୦୧ ଜଣଙ୍କୁ ଉଦ୍ଧାର କରାଯାଇଛି । ଏମାନଙ୍କ ମଧ୍ୟରୁ ୩ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି । ଫେରିରେ କ୍ଷମତାଠାରୁ ଅଧିକ ଲୋକ ଯାଉଥିଲେ ବୋଲି ଜଣାପଡ଼ିଛି । ୮୦ ଜଣ ପରିବର୍ତ୍ତେ ୧୧୪ରୁ ଅଧିକ ଯାତ୍ରୀ ଯାତ୍ରା କରୁଥିଲେ । ସେହିପରି ନୌସେନା ବୋଟ୍‌ରେ ୫ ଜଣ ଅଧିକାରୀ ଥିଲେ । ଏମାନଙ୍କ ମଧ୍ୟରୁ ୩ ଜଣ ପ୍ରାଣ ହରାଇଛନ୍ତି । ଏହି ଦୁର୍ଘଟଣାର ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି । ଉଦ୍ଧାରକାର୍ଯ୍ୟରେ ୧୫ ବୋଟ୍ ସହିତ ୪ ହେଲିକପ୍ଟରକୁ ନିୟୋଜିତ କରାଯାଇଥିଲା ।

ନୌସେନା ପକ୍ଷରୁ କୁହାଯାଇଛି ଯେ ଏହି ବୋଟ୍‌ର ଇଞ୍ଜିନ ପରୀକ୍ଷଣ କରାଯାଉଥିଲା । ଏହି ସମୟରେ ବୋଟ୍ ନିୟନ୍ତ୍ରଣ ହରାଇ ଫେରିକୁ ଧକ୍କା ଦେଇଥିଲା । ଏହି ଦୁର୍ଘଟଣାକୁ ନେଇ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ, ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବୀଶ ଗଭୀର ଶୋକ ପ୍ରକାଶ କରିଛନ୍ତି । ରାଜ୍ୟ ସରକାର ମୃତକଙ୍କ ପରିବାର ପ୍ରତି ୫ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି ।

### ପ୍ରତିଷ୍ଠା ଦିବସ ପୂର୍ବରୁ କର୍ମୀ ଓ କର୍ମକର୍ତ୍ତାଙ୍କୁ ନବୀନଙ୍କ ଚିଠି

## ସରକାରଙ୍କ ଜନବିରୋଧୀ କାର୍ଯ୍ୟ ଲୋକଙ୍କୁ ଜଣାଅ

■ **ଭୁବନେଶ୍ୱର, ୧୮।୧୨ (ସମିସ):** ଆସନ୍ତା ୨୬ ତାରିଖରେ ବିଜୁ ଜନତା ଦଳ ପାଳିବ ୨୮ତମ ପ୍ରତିଷ୍ଠା ଦିବସ । ଏହା ଅବ୍ୟବହିତ ପୂର୍ବରୁ ଦଳୀୟ କର୍ମୀ ଓ କର୍ମକର୍ତ୍ତାଙ୍କୁ ଚିଠି ଲେଖି ନବୀନ ରାଜ୍ୟ ସରକାରଙ୍କ ଜନବିରୋଧୀ କାର୍ଯ୍ୟ ସମ୍ପର୍କରେ ସାଧାରଣ ଲୋକଙ୍କୁ ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହିତ ନୂଆ ପ୍ରତ୍ୟୟର ସହ ନୂଆ ଓଡ଼ିଶା ଗଠନ ପାଇଁ ଉତ୍ସର୍ଗୀକୃତ କାର୍ଯ୍ୟ କରିବାକୁ ସେ ଦଳର ସମସ୍ତ ନେତା, ପଦାଧିକାରୀ, କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଛନ୍ତି ।



**ଲୋକଙ୍କର ସ୍ୱାର୍ଥକୁ ନେଇ ସ୍ୱର ଉତ୍ତୋଳନ କରିବ ଦଳ**

ନବୀନ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ଦଳର ୨୮ତମ ପ୍ରତିଷ୍ଠା ଦିବସ ନିର୍ବାଚନମଣ୍ଡଳୀ ସ୍ତରରେ ପାଳନ କରାଯିବ । ଏହି ଅବସରରେ ଦଳର ଛାମୁଆ ନେତୃତ୍ୱ ପଦାଧିକାରୀ ତଥା ଶୁଭେଚ୍ଛୁମାନଙ୍କୁ ନେଇ କ୍ଷେତ୍ରୀୟ ସମ୍ମିଳନୀ କରି ଗତ ସରକାରଙ୍କ ପକ୍ଷରୁ ଲୋକଙ୍କ ପାଇଁ ନିଆଯାଇଥିବା ସଫଳ କାର୍ଯ୍ୟକ୍ରମ ତଥା ସାମ୍ପ୍ରତିକ ସରକାରର ଜନବିରୋଧୀ କାର୍ଯ୍ୟକ୍ରମ ଲୋକଲୋଚନକୁ ଆଣ । ଦରବୃଦ୍ଧି ଠାରୁ ଆରମ୍ଭ କରି ବିଭିନ୍ନ ବର୍ଗର ଜନସାଧାରଣଙ୍କ ପ୍ରତି ▶ପୃଷ୍ଠା-୭

## ବୈଷ୍ଣବ ସାମଲଙ୍କୁ ଅକାଦେମୀ ପୁରସ୍କାର



■ **ଭୁବନେଶ୍ୱର, ୧୮।୧୨ (ସମିସ):** ବିଶିଷ୍ଟ ସାହିତ୍ୟିକ ପ୍ରଫେସର ବୈଷ୍ଣବ ଚରଣ ସାମଲ ଚଳିତବର୍ଷର ସମ୍ମାନଜନକ କେନ୍ଦ୍ର ସାହିତ୍ୟ ଅକାଦେମୀ ପୁରସ୍କାର ପାଇବେ । ତାଙ୍କ ପ୍ରବନ୍ଧ ପୁସ୍ତକ 'ଭୂତି ଭକ୍ତି ବିଭୂତି' ପାଇଁ ଏହି ପୁରସ୍କାର ପ୍ରଦାନ କରାଯିବ । ଆଜି ଅକାଦେମୀ ପକ୍ଷରୁ ୨୧ଟି ଭାରତୀୟ ଭାଷା ପାଇଁ ପୁରସ୍କାର ଘୋଷଣା ହୋଇଛି । ସେଥିମଧ୍ୟରେ ୮ଟି କବିତା ପୁସ୍ତକ, ୩ଟି ଉପନ୍ୟାସ, ଦୁଇଟି କ୍ଷୁଦ୍ରଗଳ୍ପ, ୩ଟି ପ୍ରବନ୍ଧ ପୁସ୍ତକ ଓ ସାହିତ୍ୟ ସମାଲୋଚନା ସହ ନାଟକ ଏବଂ ଗବେଷଣା ପାଇଁ ଗୋଟିଏ ଲେଖାଏଁ ପୁସ୍ତକ ରହିଛି । ଆସନ୍ତା ବର୍ଷ ମାର୍ଚ୍ଚ ୮ ତାରିଖରେ ନୂଆଦିଲ୍ଲୀସ୍ଥିତ କମନି ପ୍ରେକ୍ଷାଳୟରେ ଏହି ପୁରସ୍କାର ପ୍ରଦାନ କରାଯିବ । ଓଡ଼ିଆ ଭାଷା ପାଇଁ ବିଚାରକ ଭାବେ ବିଶିଷ୍ଟ ସାହିତ୍ୟିକ ଦେବଦାସ ଛୋଟରାୟ, ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ଓ ପାରମିତା ଶତପଥୀ ଯୋଗ ଦେଇଥିଲେ । ▶ପୃଷ୍ଠା-୭

# ମାଫିଆଙ୍କ ଚାପରେ ସରକାର !

## ଖଣି ବିଭାଗରୁ ପୁଣି ରାଜସ୍ୱକୁ ଫେରିବ ଲଘୁ ଖଣିଜ

■ **ଭୁବନେଶ୍ୱର, ୧୮।୧୨ (ସମିସ):** ବାଲି ନୀତି ଚୂଲିକୁ ଗଲାଣି, ଅପରାଧୀଙ୍କ ଉପରେ ସରକାରଙ୍କ ନିୟନ୍ତ୍ରଣ ନାହିଁ । ଫଳରେ ରାଜ୍ୟରେ ବାଲି ଓ ଅନ୍ୟ ଲଘୁ ଖଣିଜ ସାମଗ୍ରୀର ଚୋରି ବେଧଡ଼କ ଚାଲିଛି । ବାଲିନୀତିର କାର୍ଯ୍ୟାନ୍ୱୟନରେ ବିଫଳତା ଓ ବାଲି ଚୋରି ରୋକିବାରେ ସରକାରୀ ବ୍ୟର୍ଥତାକୁ ଢ଼ାଙ୍କିବାକୁ ଏବେ ପୁଣି ସରକାର ଲଘୁ ଖଣିଜ ସାମଗ୍ରୀକୁ ଖଣି ବିଭାଗରୁ କାଢ଼ି ପୁନର୍ବାର ରାଜସ୍ୱ ବିଭାଗ ହାତରେ ନ୍ୟସ୍ତ କରିବାକୁ ଯୋଜନା କରୁଥିବା ସୂଚନା ମିଳିଛି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହା ପଛରେ ବାଲିମାଫିଆଙ୍କ ଚାପ ଥିବା ସନ୍ଦେହ କରାଯାଉଛି ।

ସାରା ରାଜ୍ୟରେ ବାଲି ମାଫିଆ ନିୟନ୍ତ୍ରଣହୀନ ହେବାରେ ଲାଗିଛନ୍ତି । ବାଲି ତଥା ଲଘୁ ଖଣିଜ ସହ ସମ୍ପୃକ୍ତ ଅପରାଧୀମାନେ ଖୋଲାଖୋଲି ସରକାରୀ ଅଧିକାରୀଙ୍କ ଉପରେ ଆକ୍ରମଣ କରୁଛନ୍ତି । କେଉଁଠି ଆଇଏଏସ୍ ଅଧିକାରୀଙ୍କୁ ଗାଡ଼ି ମଡାଇ ମାରିବା ଉଦ୍ୟମ ହେଉଛି ତ ଆଉ କେଉଁଠି ଖୋଲାଖୋଲି ଧମକ ଦିଆଯାଉଛି । ଗତ ୬ ମାସ ମଧ୍ୟରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଏହି ଅଭିଯୋଗ କ୍ରମାଗତ ଆସିବାରେ ଲାଗିଛି । ଆଜି ମଧ୍ୟ ବାଲେଶ୍ୱରରେ ମାଫିଆମାନେ ଥାନା ଗାଡ଼ିକୁ ଭଙ୍ଗାରୁଜା କରିବା ସହ ଥାନା ଅଧିକାରୀଙ୍କୁ ଆକ୍ରମଣ କରିଛନ୍ତି । ଏପରିକି କିଛି ସ୍ଥାନରେ ସରକାରୀ ଅଧିକାରୀଙ୍କୁ ହତ୍ୟା କରିବା ପାଇଁ, ମରଣାନ୍ତକ ଆକ୍ରମଣ କରିବା ପାଇଁ ମାଫିଆମାନେ ପଛାଉ ନାହାନ୍ତି । ଲଘୁ ଖଣିଜ ଦ୍ରବ୍ୟ ସଂକ୍ରାନ୍ତ ଅପରାଧ ଉପରେ ନିୟନ୍ତ୍ରଣ ପାଇବା ଲାଗି ୨ ବର୍ଷ ପୂର୍ବେ ଏହି ଦାୟିତ୍ୱ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ହାତରୁ ନିଆଯାଇ ଖଣି ବିଭାଗ ହାତକୁ ଆସିଥିଲା । ଫଳରେ ଲଘୁ ଖଣିଜ ରାଜସ୍ୱ ବୃଦ୍ଧି ସହ ମାଫିଆଙ୍କ ଉପରେ କିଛି ପରିମାଣରେ ନିୟନ୍ତ୍ରଣ ଆସିଥିଲା । ମାତ୍ର ଏବେ ପୁଣି ସରକାର ଖଣି ବିଭାଗ ନିକଟରୁ ଏହି ଦାୟିତ୍ୱ କାଢ଼ିନେଇ ରାଜସ୍ୱ ବିଭାଗ ଉପରେ ନ୍ୟସ୍ତ କରିବାକୁ ଯୋଜନା କରୁଥିବା ସୂଚନା ମିଳିଛି । ବିଜେପି ସରକାର ଗଢ଼ିବା ପରେ ବାଲି, ପଥର ଚୋରଙ୍କ ▶ପୃଷ୍ଠା-୭

**ପୁରୁଣା ସରକାରଙ୍କ ନିୟମ ବଦଳାଇବେ ନୂଆ ସରକାର**

### ତେଜୁଛି ଧାନ କିଣା ଅସନ୍ତୋଷ

# ହକ୍ ମାଗୁଛନ୍ତି ଅନ୍ନଦାତା

## ମଣ୍ଡିରେ ପଡ଼ିଛି ଧାନ, ରାସ୍ତାରେ ରଡୁଛି ଚାଷୀ

■ **ବଲାଙ୍ଗିର, ୧୮।୧୨ (ସମିସ):** ରାଜ୍ୟରେ ବିଜେପି ସରକାର ଆସିବା ପରେ ବିନା କଟ୍‌ନି ଛଟନିରେ ଚାଷୀଙ୍କ ଧାନ କିଣାଯିବ ବୋଲି ଘୋଷଣା କରାଯାଇଥିଲା । କିନ୍ତୁ ବିଜେପି ସରକାର ଦେଇଥିବା କଥା ପାଣିରଗାର ପାଲଟିଛି । ଧାନକିଣା ଶୁଭାରମ୍ଭ ହେବାର ଦୁଇ ସପ୍ତାହ ବିତିଯାଇଥିଲେ ହେଁ ବର୍ତ୍ତମାନ ସୁଦ୍ଧା ସମସ୍ତ ମଣ୍ଡିରେ ଧାନକିଣା । ଆରମ୍ଭ ହୋଇପାରିନି । ଯେଉଁ କିଛି ପାକ୍ସରେ ଧାନ କିଣା ଯାଉଛି ସେଠାରେ ୫/୬ କେଜି କଟ୍‌ନିଛଟନି କରାଯାଉଛି । କେବଳ ଏତିକି ନୁହେଁ ଅଖା ବସ୍ତା ସମସ୍ୟା ପାଇଁ ଚାଷୀ ତାର ଧାନ ବିକ୍ରି କରିପାରୁନାହିଁ । ଏଭଳି ବିଭିନ୍ନ ସମସ୍ୟା ନେଇ ଚାଷୀ ଗତି କରୁଛି । କିନ୍ତୁ ତାର ଦୁଃଖ ଶୁଣିବାକୁ କେହି ନାହାନ୍ତି । ବଲାଙ୍ଗିର ଜିଲ୍ଲାର ସଦର ଏବଂ ଦେଓଗାଁ ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ମଣ୍ଡିମାନଙ୍କରେ ଧାନ କିଣାରେ ବ୍ୟାପକ ଦୁର୍ନୀତି କରାଯାଉଛି ବୋଲି ଚାଷୀ ଅଭିଯୋଗ କରିଛନ୍ତି । ଏନେଇ ବୁଧବାର ଦିନ ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂ ଦେଓଙ୍କ ▶ପୃଷ୍ଠା-୭



## ରାସ୍ତାରେ ଧାନବସ୍ତା ରଖି ଚାଷୀଙ୍କ ଆନ୍ଦୋଳନ

■ **ଭେଡେନ, ୧୮।୧୨ (ସମିସ):** ଧାନ କିଣାରେ ବ୍ୟାପକ ଅବ୍ୟବସ୍ଥା ଯୋଗୁଁ ଚାଷୀ ମୁଣ୍ଡରେ ଚଡ଼କ ପଡ଼ିଛି । ଧାନ ଅମଳ ବଳେ ବାହାଦୁରୀ ମାରିଥିବା ସରକାର ଏବେ ସବୁ ନଜାଣିବା ଭଳି ଚୁପ୍ ବସିଛନ୍ତି । ବିଭିନ୍ନ ମଣ୍ଡିରେ ହଜାର ହଜାର ବସ୍ତା ଧାନ ପଡ଼ିରହିଥିବା ବେଳେ ଚାଲିଛି ମନଇଚ୍ଛା କଟନି ଛଟନି । ଭେଡ଼େନ ବ୍ଲକ ଅନ୍ତର୍ଗତ କୁବଡ଼େଗା ମାର୍କେଟ ୟାର୍ଡଠାରେ ପଞ୍ଚାୟତର ସମସ୍ତ ଚାଷୀଙ୍କୁ ନେଇ ଧାନ ବିକ୍ରି ବ୍ୟବସ୍ଥାରେ ଚାଲିଥିବା ଅଚଳାବସ୍ଥାର ଦୂରୀକରଣ ନିମନ୍ତେ ଗତ ୧୬ ତାରିଖରେ ଉତ୍ପନ୍ନ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ▶ପୃଷ୍ଠା-୭

**ବିନା କଟ୍‌ନି ଛଟ୍‌ନିରେ ଧାନ କିଣା ପ୍ରହସନ**

### ରାଜଧାନୀର ତାରକା ହୋଟେଲ୍ ସମ୍ମୁଖରୁ ୧୦ ଲକ୍ଷ ଜବତ ମାମଲା

## ୩ ଅଭିଯୁକ୍ତଙ୍କୁ ସର୍ତ୍ତମୂଳକ ଜାମିନ୍

■ **ଭୁବନେଶ୍ୱର, ୧୮।୧୨ (ସମିସ):** ୧୦ ଲକ୍ଷ ଲାଞ୍ଚ ମାମଲାରେ ଗିରଫ ହୋଇ ଝାରପଡା ଜେଲରେ ଥିବା ଚଞ୍ଚଳ ମୁଖାର୍ଜୀଙ୍କ ସହ ଦୁଇ ଠିକାଦାର ଦେବଦତ୍ତ ମହାପାତ୍ର ଓ ସନ୍ତୋଷ ମହାରଣାଙ୍କୁ ସର୍ତ୍ତମୂଳକ ଜାମିନ୍ ମିଳିଛି । ବୁଧବାର ଜାମିନ୍ ଆବେଦନର ଶୁଣାଣି କରି ସ୍ୱତନ୍ତ୍ର ସିବିଆଇ କୋର୍ଟ-୧ ଏହି ଜାମିନ ପ୍ରଦାନ କରିଛନ୍ତି । ୧ ଲକ୍ଷ ଟଙ୍କା ଲେଖାଏଁ ବେଲ୍ ବଣ୍ଡ ସହ ଦୁଇ ଜାମିନ୍‌ଦାରଙ୍କ ବଳରେ ଏହି ଜାମିନ୍ ପ୍ରଦାନ କରାଯାଇଛି । ତାଙ୍କ ମହକିଲଙ୍କ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଅଭିଯୁକ୍ତଙ୍କ ଓକିଲ ଜାମିନ୍ ଆବେଦନ କରିଥିଲେ । ଅନ୍ୟପକ୍ଷରେ ସେମାନେ ଜାମିନ୍‌ରେ ମୁକୁଳିଲେ ସାକ୍ଷ୍ୟ ପ୍ରଭାବିତ କରିବେ ବୋଲି ସିବିଆଇ ଓକିଲ ଯୁକ୍ତିରେ ଦର୍ଶାଇଥିଲେ । ତେବେ ସବୁ ପକ୍ଷକୁ ବିଚାର କରିବା ପରେ ୩ ଜଣଙ୍କୁ ଅଦାଲତ ଜାମିନ ମଞ୍ଜୁର କରିଛନ୍ତି ।

ଅନ୍ୟପକ୍ଷରେ ବୁଧବାର ଦିନ ୧୨ ସୁଦ୍ଧା ଆଇଏଏସ୍ ବିଷ୍ଣୁପଦ ସେଠୀଙ୍କୁ ଭୁବନେଶ୍ୱର ସିବିଆଇ କାର୍ଯ୍ୟାଳୟରେ ହାଜର ହେବାକୁ କୁହାଯାଇଥିବା ବେଳେ ସେ ହାଜର ହୋଇନାହାନ୍ତି । ତେଣୁ ସିବିଆଇ ପୁଣିଥରେ ତାଙ୍କୁ ନୋଟିସ କରିବ ବୋଲି ବିଶେଷସୂତ୍ରରୁ ଜଣାପଡ଼ିଛି । ୧୧ ତାରିଖରେ ହାଜର ହୋଇ ତାଙ୍କୁ ପକ୍ଷ ରଖିବାକୁ ସିବିଆଇ ସମନ ଜାରି କରିଥିଲା । ହେଲେ ସେ ସେହି ସମୟରେ ଦିଲ୍ଲୀରେ ରାଜ୍ୟ ସରକାରଙ୍କ ଅତିଥିଶାଳା ହୋଇଥିବା ଅଶୋକା ହୋଟେଲରେ ଥିବା ସୂଚନା ମିଳିଛି । ଅନ୍ୟପକ୍ଷରେ ଆଜି ଭୁବନେଶ୍ୱରସ୍ଥିତ ତାଙ୍କ ସରକାରୀ ବାସଭବନରେ ବଡ଼ ଧରଣର ହଲଚଲ ଦେଖିବାକୁ ମିଳିଥିଲା । କିଛି ସରକାରୀ ଅଧିକାରୀ ତାଙ୍କ ଘରକୁ ଆସି କିଛି କାଗଜପତ୍ର ନେଇଥିବା ଦେଖିବାକୁ ମିଳିଛି । ସେହିପରି ଦୁଇ ମାସ୍କ ପିନ୍ଧା ବ୍ୟକ୍ତିଙ୍କ ସିବିଆଇ କାର୍ଯ୍ୟାଳୟକୁ ▶ପୃଷ୍ଠା-୭

## ଆଜିର ରାଶିଫଳ

**ମେଷ:** ପାରିବାରିକ ସମସ୍ୟା ଦେଖାଦେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ।

**ବୃଷ:** ବନ୍ଧୁ ତଥା ଭାଇଙ୍କ ସହଯୋଗ ମିଳିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ସାମାଜିକ ପ୍ରତିଷ୍ଠା ବଢ଼ିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ। ଆର୍ଥିକ ମାମଲାରେ ସୁଧାର ଆସିବ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କର୍କଟ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପାରିବାରିକ ଜୀବନ ସୁଖମୟ ହେବ। ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ।

**ସିଂହ:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ମନ ପ୍ରସନ୍ନ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ବିଦ୍ୟାର୍ଥୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ବୈବାହିକ ଜୀବନରେ ସମସ୍ୟା ଆସିବ। ସାଙ୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜକୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** କର୍ମଚଞ୍ଚଳ ରହିବେ। ମନ ପ୍ରଫୁଲ୍ଲିତ ରହିବ। ଆୟଠୁ ବ୍ୟୟ ଅଧିକ ହେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଘର ପାଇଁ ନୂଆ ଜିନିଷ କିଣିବେ। କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ।

**ଧନୁ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ, ପ୍ରତିଷ୍ଠା ବଢ଼ିବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ଖେଳାଳିଙ୍କୁ ସଫଳତା ମିଳିବ। ବ୍ୟବସାୟରେ କ୍ଷତି ଘଟିବ।

**କୁମ୍ଭ:** ନିବେଶରୁ ଲାଭ ମିଳିବ। କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ପଦୋନ୍ନତି ସମ୍ଭାବନା ଅଛି।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ। ବିଶେଷ କାର୍ଯ୍ୟରୁ ଲାଭ ମିଳିବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଇତିହାସ

- ୧୯୨୭- ଉତ୍ତରପ୍ରଦେଶରେ ଅଟୋ ମୋବାଇଲ ସଂଘର ସ୍ଥାପନା।
- ୧୯୫୦- ଆଧ୍ୟାତ୍ମିକ ଗୁରୁ ଦଲାଇଲାମା ତିବ୍ବତ ଛାଡ଼ିଲେ।
- ୨୦୦୭- ଟାଇମ୍ ପତ୍ରିକା ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍‌ଙ୍କୁ 'ପର୍ସନ୍ ଅଫ୍ ଦ ଇଅର୍' ଘୋଷଣା କଲା।
- ୨୦୧୮- ଜାମ୍ମୁ କାଶ୍ମୀରରେ ରାଷ୍ଟ୍ରପତି ଶାସନ ଲାଗୁ ହେଲା।




# ବାହାଘର ଯାଏ ବଢ଼ାନ୍ତି ଚୂଳ

ପ୍ରତ୍ୟେକ ଅଞ୍ଚଳର ସ୍ୱତନ୍ତ୍ର ରୀତିନୀତି, ସଂସ୍କୃତି, ପରମ୍ପରା ଅଛି। ଏହି କ୍ରମରେ ମଧ୍ୟପ୍ରଦେଶର ସିହୋର ଜିଲ୍ଲାର ବିଶନଖେଡ଼ା ଗାଁରେ ଏକ ନିଆରା ପରମ୍ପରା ଦେଖିବାକୁ ମିଳେ। ଗାଁରେ ପୁଅ ପିଲାଙ୍କ ବିବାହ ଯେପର୍ଯ୍ୟନ୍ତ ହୋଇ ନାହିଁ, ସେତେ ପର୍ଯ୍ୟନ୍ତ ସେମାନଙ୍କୁ କେଶ କାଟିବା ମନା। ଅର୍ଥାତ୍ କେଶ କାଟିଲେ ବି ଚୂଳ ବା ଶିଖା ବଢ଼ାଇଥାନ୍ତି। ଏହି ପରମ୍ପରାକୁ ଏଠାକାର ଲୋକ ବର୍ଷ ବର୍ଷ ଧରି ସେମିତି ପାଳନ କରି ଆସୁଛନ୍ତି। ଗ୍ରାମବାସୀ ଦେବନାରାୟଣ ବାବା ନାମକ ଜଣେ ସନ୍ଥଙ୍କୁ ସମ୍ମାନ ଜଣାଇ ଏହି ପରମ୍ପରା ପାଳନ କରୁଥିବା ବିଶ୍ୱାସ କରାଯାଏ। ଗାଁର ପୁଅମାନେ କେଶ ଚୂଳ କାଟନ୍ତି ନାହିଁ। କେଶ ଚୂଳ ରଖିବା ଦ୍ୱାରା ସେମାନେ ଦୀର୍ଘାୟୁ ହେବା ସହ ରୋଗାକ୍ରାନ୍ତ ହୋଇ ନ ଥାନ୍ତି ବୋଲି ବିଶ୍ୱାସ କରାଯାଏ। ତେଣୁ ୨୧ ବର୍ଷ କିମ୍ବା ଯେପର୍ଯ୍ୟନ୍ତ ଯୁବକମାନେ ବିବାହ ନ କରିଛନ୍ତି, ସେମାନେ ଏଭଳି କେଶ ଚୂଳ ବଢ଼ାଇ ଥାନ୍ତି। ତେବେ ୨୧ ବର୍ଷ ପରେ କିମ୍ବା ବିବାହ ପରେ ଯୁବକମାନେ ଚାହିଁଲେ ଚୂଳ କାଟିପାରିବେ, ନଚେତ୍ ରଖିପାରିବେ। ଏହି ଗାଁର ଜନସଂଖ୍ୟା ୮୦୦। ସେହିପରି ଏହି ଗାଁର ଲୋକେ ଘରେ ଗାଈ, ମଇଁଷି ରଖନ୍ତି ସତ କିନ୍ତୁ କ୍ଷୀର ବିକ୍ରି କରିବା ନିୟମ ନାହିଁ। ଅବଶ୍ୟ ମଝିରେ କିଛି ଲୋକ କ୍ଷୀର ବିକ୍ରି କରିବାକୁ ପ୍ରୟାସ କରିଥିଲେ, କିନ୍ତୁ ଏହାଦ୍ୱାରା ସେମାନଙ୍କ ଧନହାନି ହୋଇଥିଲା ବୋଲି କୁହାଯାଏ। କ୍ଷୀର ବିକ୍ରି କରିବା ଦ୍ୱାରା ବାବା ଦେବନାରାୟଣ କ୍ରୋଧ ପ୍ରକଟ କରନ୍ତି ବୋଲି ବିଶ୍ୱାସ କରାଯାଏ। ଗାଁରେ କାହାର କ୍ଷୀର ଆବଶ୍ୟକ ପଡ଼ିଲେ ଗ୍ରାମବାସୀ ତାକୁ ମାଗଣାରେ ଦେଇଥାନ୍ତି। କ୍ଷୀର ବିକ୍ରି ନ କରି ଗାଁ ଲୋକ ଗୋସେବା ଓ ଗୋରକ୍ଷା ମନୋଭାବ ପ୍ରଦର୍ଶିତ କରିଥାନ୍ତି। କେବଳ ସେତିକି ନୁହେଁ, ଗ୍ରାମବାସୀ ନିଶାଦ୍ରବ୍ୟ ସେବନ କରନ୍ତି ନାହିଁ କି ପରସ୍ପର ମଧ୍ୟରେ କଳି ଝଗଡ଼ା ମଧ୍ୟ କରି ନ ଥାନ୍ତି।

# 'ସିକନ୍ଦର' ସଲମାନ୍‌ଙ୍କ ଜନ୍ମଦିନରେ ଆସିବ ଟିଜର୍



ବଲିଉଡ୍‌ର ଦବଙ୍ଗ ଖାନ୍ ସଲମାନ୍‌ଙ୍କ ଆଗାମୀ ଫିଲ୍ମ 'ସିକନ୍ଦର'କୁ ତାଙ୍କ ପ୍ରଶଂସକମାନେ ଅପେକ୍ଷା କରିଛନ୍ତି। ଆସନ୍ତା ୨୭ ତାରିଖରେ ସଲମାନ୍ ତାଙ୍କର ୫୯ ତମ ଜନ୍ମଦିନ ପାଳନ କରିବେ। ଏହି ଅବସରରେ ତାଙ୍କ ପ୍ରଶଂସକମାନଙ୍କ ଉଦ୍ଦେଶ୍ୟରେ ଫିଲ୍ମର ପ୍ରଯୋଜକ ସାଜିଦ୍ ନାଡିୟାଦୱାଲା ଏହି ଦିନ 'ସିକନ୍ଦର'ର ଟିଜର୍ ଓ ଫାଷ୍ଟଲୁକ୍ ଜାରି କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଏ.ଆର୍ ମୁରୁଗାଦୋସ ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି। ସଲମାନ୍ ଲଗାତାର ଛଅମାସ ହେଲାଣି ଏହାର ସୁଟିଂରେ ବ୍ୟସ୍ତ ଅଛନ୍ତି। ଜାନୁଆରୀରେ ଏହାର ସୁଟିଂ ଶେଷ ହେବ। ଏଥିରେ ସଲମାନ୍‌ଙ୍କ ବିପକ୍ଷରେ ସାଉଥ୍‌ର ଲୋକପ୍ରିୟ ଅଭିନେତ୍ରୀ ରଶ୍ମିକା ମନ୍ଦାନା ଦେଖାଯିବେ। ଏହା ଆସନ୍ତା ବର୍ଷ ଇଦ୍ ଅବସରରେ ରିଲିଜ୍ ହେବ। ଅପରପକ୍ଷରେ ଏଇ ଡିସେମ୍ବର ୨୫ରେ ବରୁଣ ଧୱନ୍‌ଙ୍କ ଅଭିନୀତ 'ବେବି ଜନ୍' ରିଲିଜ୍ ହେବ। ଏଥିରେ ସଲମାନ୍ ଅତିଥି କଳାକାର ଭାବେ ନଜର ଆସିବେ। ଏଥର ଜନ୍ମଦିନରେ ସଲମାନ୍ ଡବଲ ଧମାକା କରିବାକୁ ଯାଉଛନ୍ତି ବୋଲି ଚର୍ଚ୍ଚା ହେଉଛି।




# ବହିସବୁ ଚାରିକୋଣିଆ କାହିଁକି

ଅଜ୍ଞାନ ରୂପକ ଅନ୍ଧକାରକୁ ଦୂରେଇ ଜ୍ଞାନର ଆଲୋକ ପ୍ରଦାନ କରିଥାଏ ପୁସ୍ତକ। କଥାରେ ଅଛି, ଯିଏ ଯେତେ ଭଲ ପଢ଼ିବ ସିଏ ସେତେ ଭଲ ଲେଖିବ। ଜ୍ଞାନର ପରିସୀମାକୁ ବୃଦ୍ଧି କରିବାର ଏହା ଏକ ବଳିଷ୍ଠ ମାଧ୍ୟମ। ଅକ୍ଷର ଓ ଚିତ୍ରର ସମାହାରକୁ ନେଇ ଯୁଗ ଯୁଗ ଧରି ମାନବ ସଭ୍ୟତାର ଇତିହାସକୁ ବହନ କରି ପରିବର୍ତ୍ତିତ ରୂପରେ ଉଭା ହୋଇଛି ଆଜିର ପୁସ୍ତକ ବା ବହି। ଅବଶ୍ୟ ସମୟର ଗତିଶୀଳତାରେ ପଢ଼ିବା ଓ ଲେଖିବା ଶୈଳୀରେ ଅନେକ ପରିବର୍ତ୍ତନ ଆସିଛି। ତେବେ ଏବେ ବି ପାରମ୍ପରିକ ପୁସ୍ତକ ଚାରିକୋଣିଆ ଆକାରରେ ଆମେ ଦେଖିବାକୁ ପାଉଛୁ। ତେବେ ପୁସ୍ତକଗୁଡ଼ିକୁ କାହିଁକି ଚାରିକୋଣିଆ କରାଗଲା, ସେନେଇ ଅନେକଙ୍କ ମନରେ ପ୍ରଶ୍ନ ଆସିଥାଏ। ସାଧାରଣତଃ ଜଣେ ପଢ଼ିବା ସମୟରେ ଗୋଟିଏ ହାତରେ ବହି ଧରିଥାନ୍ତି। ଅନ୍ୟ ହାତରେ ବହିର ପୃଷ୍ଠାକୁ ଲେଉଟାଇଥାନ୍ତି। ଏହି କାରଣରୁ ବହିଟି ଚାରିକୋଣିଆ ହୋଇଥିଲେ ଏହି କାର୍ଯ୍ୟ କରିବା ସହଜ ହୋଇଥାଏ। କେବଳ ସେତିକି ନୁହେଁ, ଚାରିକୋଣିଆ ବହିଗୁଡ଼ିକୁ ଖୋଲିବା ଓ ବନ୍ଦ କରିବା ମଧ୍ୟ ସହଜ। ଏହାସହ ଏହାକୁ ସାଇତି ରଖିବା ମଧ୍ୟ ସହଜ ହୋଇଥାଏ। ଏହା ଚାରିକୋଣିଆ ହୋଇଥିବାରୁ ସହଜରେ ଗୋଟିଏ ଉପରେ ଗୋଟିଏ ବହି ରଖିହୁଏ। ଏହାଦ୍ୱାରା ଆଲମାରୀରେ ବହୁତ କମ୍ ଜାଗାରେ ବହୁସଂଖ୍ୟାରେ ବହି ରଖିହୁଏ। ଏହାର ଚାରିକୋଣିଆ ଆକୃତି ଯୋଗୁଁ ପୁସ୍ତକଗୁଡ଼ିକୁ ଖୋଜିବା ଓ ବାହାର କରିବାରେ ସହଜ ମଧ୍ୟ ହୋଇଥାଏ।

## ସୁଶ୍ରୀ

# ବିବାହ ବେଳେ ଦିଶିବେ ସୁନ୍ଦର

**ସାଧାରଣତଃ ପ୍ରତ୍ୟେକ ଯୁବତୀ ବିବାହ ଦିନ ସୁନ୍ଦର ଦେଖାଯିବା ପାଇଁ ଚାହାଁନ୍ତି। କିନ୍ତୁ ବ୍ୟସ୍ତତା ଯୋଗୁଁ ସେମାନେ ସ୍ୱାସ୍ଥ୍ୟ ଏବଂ ଫିଟ୍‌ନେସ୍ ପ୍ରତି ସେତେଟା ଧ୍ୟାନ ଦେଇପାରନ୍ତି ନାହିଁ। ତେଣୁ ବିବାହ ବେଳେ ସୁନ୍ଦର ଦିଶିବା ପାଇଁ କ ଫିଟ୍‌ନେସ୍ କୋଚ୍ ଯସ୍ମିନ୍ କରାଚିୱାଲା ପାଞ୍ଚଟି ଗୁରୁତ୍ୱପୂର୍ଣ୍ଣ ଟିପ୍ସ ପ୍ରଦାନ କରିଛନ୍ତି।**



- ବିବାହ ପୂର୍ବରୁ ସମ୍ପୂର୍ଣ୍ଣ ଖାଦ୍ୟ ଛାଡ଼ିବା ପରିବର୍ତ୍ତେ ପୋଷକ ତତ୍ତ୍ୱ ଯୁକ୍ତ ଖାଦ୍ୟ ଖାଇବା ଭଲ। ଏଥିପାଇଁ ସକାଳେ ଆଲ୍‌ମଣ୍ଡ ଖାଇପାରିବେ। ଏହା ଶରୀରକୁ ଶକ୍ତି ଯୋଗାଇବା ସହ ତ୍ୱଚାରେ ଚମକ ଆଣିଥାଏ।
- ସେହିପରି ଅଧିକ ସମୟ ବ୍ୟାୟାମ କରିବା ପରିବର୍ତ୍ତେ ଦୈନିକ ୧୦ ମିନିଟ୍ ବ୍ୟାୟାମ କରନ୍ତୁ। ଏହା ଶରୀରକୁ ଫିଟ୍ ରଖିବା ସହ ଆତ୍ମବିଶ୍ୱାସ ବୃଦ୍ଧି କରିଥାଏ। ଏଥି ସହ ଓଜନ ନିୟନ୍ତ୍ରଣ କରିବାକୁ ଚାହୁଁଥିଲେ, ବ୍ୟାୟାମ କରିବା ପୂର୍ବରୁ ଏବଂ ପରେ ଆଲ୍‌ମଣ୍ଡ ଖାଇପାରିବେ।
- ଶରୀରକୁ ହାଇଡ୍ରେଟ୍ ରଖିବା ପାଇଁ ପର୍ଯ୍ୟାପ୍ତ ପରିମାଣରେ ପାଣି ପିଅନ୍ତୁ। ଏଥି ସହ କାକୁଡ଼ି, କମଳା ଓ ସେଓ ଭଳି ଅନ୍ୟାନ୍ୟ ଫଳ ଖାଇପାରିବେ। ଏହା ଶରୀରକୁ ହାଇଡ୍ରେଟ୍ ରଖିବାରେ ସହାୟକ ହୋଇଥାଏ।
- ସାଧାରଣତଃ ବିବାହ ପୂର୍ବରୁ ଅଧିକାଂଶ ଯୁବତୀ ମାନସିକ ଚାପରେ ରହିଥାନ୍ତି। ତେଣୁ ଏହି ଚିନ୍ତାରୁ ନିଜକୁ ଦୂରେଇ ରଖିବା ପାଇଁ ନିୟମିତ ପ୍ରାଣାୟାମ ଓ ଯୋଗାଭ୍ୟାସ କରିବା ଆବଶ୍ୟକ। ଏହା ମନକୁ ଶାନ୍ତି ଦେଇଥାଏ।
- ସର୍ବୋପରି ଏହି ସମୟରେ ନିୟମିତ ୭-୮ ଘଣ୍ଟା ଶୋଇବା ଜରୁରୀ। ଏହା ଦ୍ୱାରା ଫୁର୍ତ୍ତି ଲାଗିବା ସହ ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି ପାଇଥାଏ।

# କୁଞ୍ଚୁକୁଞ୍ଚିଆ କେଶର ଯତ୍ନ

ସାଧାରଣତଃ କୁଞ୍ଚୁକୁଞ୍ଚିଆ କେଶ ଦେଖିବାକୁ ଖୁବ୍ ସୁନ୍ଦର ହୋଇଥାଏ। କିନ୍ତୁ ଶୀତଦିନେ ଏହାର ଯତ୍ନ ନେବା ଖୁବ୍ କଠିନ। ଏହି ଦିନଗୁଡ଼ିକରେ କେଶ ଥଣ୍ଡା ପବନ ସଂସ୍ପର୍ଶରେ ଆସି ରୁକ୍ଷ ଓ ଦୁର୍ବଳ ହୋଇଯାଏ। ଫଳରେ କେଶଝଡ଼ା ସମସ୍ୟା ଦେଖାଯାଏ। ତେବେ କିଛି ସରଳ ଉପାୟ ଆପଣାଇ କୁଞ୍ଚୁକୁଞ୍ଚିଆ କେଶର ଯତ୍ନ ନେଇପାରିବେ।



### ପ୍ରି–ସାମ୍ପୁ

କେଶକୁ ସଫା କରିବା ପୂର୍ବରୁ ପ୍ରି- ସାମ୍ପୁ କରିବା ଉଚିତ। ଏହା କେଶକୁ ନରମ କରିବା ସହ ଶୁଷ୍କପଣ ଦୂର କରିଥାଏ। ଏଥିପାଇଁ କଣ୍ଡିସନର୍ ତଥା କଣ୍ଡିସନିଙ୍ଗ୍ ତେଲ ବ୍ୟବହାର କରିପାରିବେ। ଏଥିପାଇଁ କେଶକୁ ଭାଗ କରି କଣ୍ଡିସନର୍ ଲଗାଇ ୨୦ ମିନିଟ୍ ରଖି ଧୋଇ ଦିଅନ୍ତୁ। ଏହା କେଶର ରୁକ୍ଷପଣକୁ ଦୂର କରିଥାଏ।

### ତେଲ

ସାଧାରଣତଃ କୁଞ୍ଚୁକୁଞ୍ଚିଆ କେଶ ଅଧିକ ରୁକ୍ଷ ଏବଂ ଶୁଷ୍କ ହୋଇଥାଏ। ଏହି ସମସ୍ୟାକୁ ଦୂର କରିବା ପାଇଁ ଆଲୋଭେରା ଜେଲ୍ ସହ ନଡ଼ିଆ ତେଲ ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ କେଶରେ ଲଗାଇ ଅଧଘଣ୍ଟା ରଖି ଧୋଇ ଦିଅନ୍ତୁ। ଏହା କେଶକୁ ନରମ କରିବାରେ ସହାୟକ ହୋଇଥାଏ। ଚାହିଁଲେ, କେଶ ଧୋଇବା ପାଞ୍ଚ ମିନିଟ୍ ପୂର୍ବରୁ କେଶ ଅଗରେ ସୋରିଷ ତେଲ ଲଗାଇପାରିବେ। ଏହା ଏକ ଭଲ ପ୍ରି–କଣ୍ଡିସନର ଭାବେ କାର୍ଯ୍ୟ କରିଥାଏ।

# ପରିଚୟ ଦେଇଛି ପାଇନ୍ କଳାକୃତି







**ଆମ ଦେଶରେ ବିଭିନ୍ନ ଭାଗରେ ବହୁ ବିବିଧତାପୂର୍ଣ୍ଣ କଳା କାରିଗରୀ ଦେଖିବାକୁ ମିଳିଥାଏ। ଏହି କ୍ରମରେ ହିମାଚଳ ପ୍ରଦେଶରେ ଏକ ନିଆରା କଳାକୃତି ନଜର ଆସିଥାଏ, ଯାହା ପାଇନ୍ ପତ୍ରରେ ପ୍ରସ୍ତୁତ। ପାଇନ୍ ଗଛର ଶୁଖିଲା ପତ୍ରକୁ ଉପଯୋଗ କରି ମହିଳାମାନେ ସେଥିରେ ଭଳିକି ଭଳି ଘରସଜ୍ଜା ଉପକରଣ ସମେତ ପେନ୍‌ଷ୍ଟାଣ୍ଡ, ବାକ୍ସ, ଚା' ଟ୍ରେ ଆଦି କଳାକୃତି ତିଆରି କରିଥାନ୍ତି। ଯାହା ସେମାନଙ୍କୁ ରୋଜଗାର ଦେବା ସହ ସ୍ୱାବଲମ୍ବୀ ହେବାର ବାଟ ଦେଖାଇଛି।**

**ପାଇନ୍ କଳାକୃତିର ବିଶେଷତା-** ଜଙ୍ଗଲରେ ଥିବା ପାଇନ୍ ବୃକ୍ଷର ଶୁଖିଲା ପତ୍ରକୁ ଉପଯୋଗ କରି ଏହି କଳାକୃତି କରାଯାଏ। ଏହି ପତ୍ରକୁ ଛୁଞ୍ଚି ସୂତା ସାହାଯ୍ୟରେ ବୁଣି, ଏଥିରୁ ଚା' ଟ୍ରେ, ବାସ୍କେଟ୍, ଟୋକେଇ ସହ ବିଭିନ୍ନ ଘରସଜ୍ଜା ଉପକରଣ ପ୍ରସ୍ତୁତ କରାଯାଏ। ଯାହା ଦେଖିବାକୁ ଖୁବ୍ ଆକର୍ଷଣୀୟ ହେବା ସହ ମଜଭୁତ ମଧ୍ୟ ହୋଇଥାଏ। ବିଶେଷ କଥା ହେଉଛି, ଏହା ମଣିଷ ବ୍ୟବହାରଯୋଗ୍ୟ ପ୍ରାକୃତିକ ଉପକରଣ। ଯାହା ପରିବେଶ ଉପଯୋଗୀ ହୋଇଥାଏ।

**ସଉକରୁ ରୋଜଗାର-** ମଣ୍ଡି ବାସିନ୍ଦା ହୀରା ନିଜର ସଉକ୍ ପାଇଁ ଚାରିବର୍ଷ ତଳେ ଏହି କଳାକୃତି ଆରମ୍ଭ କରିଥିଲେ। ପରେ ଏ ଦିଗରେ କିଛି ନୂଆ କରିବା ପାଇଁ ସେ ସ୍ଥାନୀୟ ତାଲିମ୍ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ପରେ ସେ ଘରେ ଏହି କଳାକୃତି କରିଥିଲେ। ଏହା ଦ୍ୱାରା ସେ ନିଜେ ରୋଜଗାରକ୍ଷମ ହେବା ସହ ଗାଁର ଅନ୍ୟ ମହିଳାଙ୍କୁ ପ୍ରଶିକ୍ଷଣ ଦେଇ ଆୟପନ୍ଥା ଯୋଗାଇ ପାରିଛନ୍ତି। ଏଥି ସହ ସ୍ୱୟଂସହାୟକ ଗୋଷ୍ଠୀ ଦ୍ୱାରା ସେ ମହିଳାଙ୍କୁ କଳାକୃତି ପ୍ରଶିକ୍ଷଣ ଦେଇଥାନ୍ତି। ଯାହା ଦ୍ୱାରା ସେମାନେ ଘରେ ରହି ରୋଜଗାରକ୍ଷମ ହୋଇପାରିବେ।

**ଘରେ ରହି ରୋଜଗାର-** ହୀରାଙ୍କ କହିବାନୁଯାୟୀ, ଏହି ବ୍ୟବସାୟ ଦ୍ୱାରା ମହିଳାମାନେ ଘରେ ରହି ମଧ୍ୟ ଭଲ ରୋଜଗାର କରିଥାନ୍ତି। ଗୋଟିଏ ଚା' ଟ୍ରେ ପ୍ରସ୍ତୁତ କରିବା ପାଇଁ ଦୁଇରୁ ଅଢ଼େଇ ଘଣ୍ଟା ସମୟ ଲାଗିଥାଏ। ଏଥିପାଇଁ ପାରିଶ୍ରମିକ ବାବଦକୁ ୮୦ ଟଙ୍କା ମିଳିଥାଏ। ତାଙ୍କ କହିବାନୁଯାୟୀ, ମହିଳାଙ୍କ ପରିଶ୍ରମ ଅନୁଯାୟୀ ପାରିଶ୍ରମିକ ମିଳୁନାହିଁ। ତେଣୁ ବଜାରରେ ସେମାନଙ୍କ ଆବଶ୍ୟକତା ଅନୁସାରେ ଟଙ୍କା ମିଳିଲେ ସେମାନେ ଅଧିକ ଉତ୍ସାହିତ ହୋଇପାରିବେ।

**ପାଇନ୍ କଳାକୃତିର ଲୋକପ୍ରିୟତା -** ପାଇନ୍ କଳାକୃତି କେବଳ ହିମାଚଳ ପ୍ରଦେଶ ନୁହେଁ, ଅନ୍ୟ ରାଜ୍ୟରେ ମଧ୍ୟ ଏହା ବେଶ୍ ଲୋକପ୍ରିୟ। ଧୀରେ ଧୀରେ ଏହା ସ୍ଥାନୀୟ ଅଞ୍ଚଳ ସମେତ ରାଜ୍ୟସ୍ତରରେ ପ୍ରସିଦ୍ଧି ଲାଭ କରିଛି। ଏଥି ସହ ଏହି କଳାକୃତି ପ୍ରତି ଅନ୍ୟ ମହିଳାମାନେ ମଧ୍ୟ ଆକର୍ଷିତ ହେଉଛନ୍ତି। ସର୍ବୋପରି ଏହା କେବଳ ମହିଳାଙ୍କୁ ରୋଜଗାର ଦେଉଛି ତାହା ନୁହେଁ, ଏହା ସେମାନଙ୍କର ସୃଜନଶୀଳତା ତଥା ଆତ୍ମବିଶ୍ୱାସ ବୃଦ୍ଧିରେ ସହାୟକ ହୋଇପାରୁଛି।

## ମୋ ହାଣ୍ଡିଶାଳରୁ...

# ଶୀତଦିନିଆ ଦହି କାଞ୍ଜି



### ଆବଶ୍ୟକ ସାମଗ୍ରୀ

ବାଇଗଣ, କଖାରୁ, ମୂଳା, ଭେଣ୍ଡି, ଟମାଟୋ, ଦହି, ବେସନ, କଞ୍ଚାଲଙ୍କା, ଭୃସୁଙ୍ଗପତ୍ର, ଶୁଖିଲା ଲଙ୍କା, ରସୁଣ, ସୋରିଷ, ଲଙ୍କାଗୁଣ୍ଡ, ହଳଦୀଗୁଣ୍ଡ, ଲୁଣ- ସ୍ୱାଦ ଅନୁସାରେ, ତେଲ – ଆବଶ୍ୟକତା ଅନୁସାରେ।

### ପ୍ରସ୍ତୁତି ପ୍ରଣାଳୀ



ପ୍ରଥମେ ବାଇଗଣ,କଖାରୁ, ମୂଳା ଓ ଭେଣ୍ଡି ଆଦି ପରିବାକୁ ବଡ଼ ଖଣ୍ଡ କରି କାଟି ରଖନ୍ତୁ। ଚୁଲା ଲଗାଇ କଡ଼େଇ ବସାଇ ତେଲ ଦିଅନ୍ତୁ। ଏଥିରେ ଭେଣ୍ଡିକୁ ଅଳ୍ପ ଭାଜି ଏକ ପ୍ଲେଟ୍‌ରେ କାଢ଼ି ରଖନ୍ତୁ। ଏହା ପରେ ଆଉ ଏକ କଡ଼େଇ ନେଇ ସେଥିରେ ପାଣି ଦେଇ ହଳଦିଗୁଣ୍ଡ ପକାନ୍ତୁ। ଏହା ପରେ କାଟି ରଖିଥିବା କଞ୍ଚା ପରିବା ସମେତ ଟମାଟୋକୁ ମଝିରୁ ଦୁଇଫାଳ କରି ଦିଅନ୍ତୁ। ପରିବା ସିଝିଗଲା ପରେ ସେଥିରୁ ଟମାଟୋ କାଢ଼ି ଅଲଗା ରଖନ୍ତୁ। ଦହି ଘୋଳ ପ୍ରସ୍ତୁତ କରିବା ପାଇଁ ଏକ ପାତ୍ରରେ ଦୁଇ ଚାମଚ ବେସନ ନିଅନ୍ତୁ। ସେଥିରେ ଅଳ୍ପ ପାଣି ଦେଇ ବେସନକୁ ଭଲ ଭାବେ ଫେଣ୍ଟି ଦିଅନ୍ତୁ। ଏହାପରେ ସେଥିରେ ଦହି ପକାଇ ଭଲରେ ଘାଣ୍ଟି ଦିଅନ୍ତୁ। ଏହାକୁ ସିଝା ହୋଇଥିବା ପରିବାରେ ପକାଇ ଗୋଳାଇ ଦିଅନ୍ତୁ। ଏହା ପରେ ସେଥିରେ ଭାଜି ରଖିଥିବା ଭେଣ୍ଡି ଦିଅନ୍ତୁ। ପରେ ଚୁଲାରେ ଆଉ ଏକ କଡ଼େଇ ବସାଇ ତେଲ ଦେଇ ସୋରିଷ ଦିଅନ୍ତୁ। ଏହାପରେ କଞ୍ଚା ଲଙ୍କା, ଶୁଖିଲା ଲଙ୍କା, ଭୃସୁଙ୍ଗପତ୍ର, ସିଝା ଟମାଟୋକୁ ଦେଇ ଛୁଙ୍କ କରନ୍ତୁ। ଏହାପରେ ସ୍ୱାଦ ଅନୁସାରେ ଲୁଣ ଦେଇ ଗୋଳାଇ ଦିଅନ୍ତୁ। ଥାଳିରେ ବାଢ଼ି ଗରମ ଗରମ ପରଷନ୍ତୁ 'ଶୀତଦିନିଆ ଦହି କାଞ୍ଜି'।

ରଶ୍ମିତା ବେହେରା – ପୁରୀ

## ଆଉ ୨ ଦିନ ପରେ ଲେଉଟିବ ଶୀତ

**ଭୁବନେଶ୍ୱର,୧୮।୧୨(ସମିସ):** ରାଜ୍ୟରେ ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ହାଲୁକାରୁ ସ୍ୱଳ୍ପ ବର୍ଷା ଲାଗି ରହିବ। ଅପରପକ୍ଷେ ଆସନ୍ତା ୨ ଦିନ ରାଜ୍ୟରେ ରାତି ତାପମାତ୍ରା ୨ରୁ ୩ ଡିଗ୍ରୀ ବୃଦ୍ଧି ପାଇବ। ୨ ଦିନ ପରେ ରାଜ୍ୟରେ ପୁନଶ୍ଚ ରାଜ୍ୟକୁ ଶୀତ ଫେରିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଜାରି କରାଯାଇଛି। କେନ୍ଦ୍ର ପ୍ରଦତ୍ତ ସୂଚନା ଅନୁଯାୟୀ ସୋମବାର ତୁଳନାରେ ମଙ୍ଗଳବାର ରାଜ୍ୟର ବିଭିନ୍ନ

### ଆଜି ବିଭିନ୍ନ ଜିଲ୍ଲାରେ ହାଲୁକା ବର୍ଷା ସମ୍ଭାବନା

ସ୍ଥାନରେ ରାତି ତାପମାତ୍ରା ଅପେକ୍ଷାକୃତ ଅଧିକ ରହିଥିଲା। ଯାହାଫଳରେ ଶୀତ କମ୍ ଅନୁଭୂତ ହୋଇଥିଲା। ରାଉରକେଲାରେ ସର୍ବନିମ୍ନ ରାତି ତାପମାତ୍ରା ୭.୨ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ କରାଯାଇଥିବା ବେଳେ ସୁନ୍ଦରଗଡରେ ୮.୧ ଡିଗ୍ରୀ, ଜି. ଉଦୟଗିରିରେ ୯.୬ ଡିଗ୍ରୀ, କିରେଇରେ ୯.୮ ଡିଗ୍ରୀ, ଫୁଲବାଣୀ ଓ ବୌଦ୍ଧରେ ୧୦ ଡିଗ୍ରୀ ଲେଖାଏଁ ତାପମାତ୍ରା ରେକର୍ଡ କରାଯାଇଛି। ଅପରପକ୍ଷେ କେନ୍ଦ୍ର ପକ୍ଷରୁ ଜାରି ବୁଲେଟିନ ଅନୁଯାୟୀ ୧୯ ତାରିଖରେ କୋରାପୁଟ, ମାଲକାନଗିରି, ରାୟଗଡା, ଗଜପତି, ଗଞ୍ଜାମ, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ପୁରୀ, ଜଗତସିଂହପୁର ଓ କେନ୍ଦ୍ରାପଡା ଜିଲ୍ଲାରେ ହାଲୁକା ବର୍ଷା ହୋଇପାରେ। ସେହିପରି କଳାହାଣ୍ଡି, କନ୍ଧମାଳ ଓ ସୁନ୍ଦରଗଡ଼ ଜିଲ୍ଲାରେ ଆସନ୍ତାକାଲି କୁହୁଡ଼ି ନେଇ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।

## ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ଦର ବୃଦ୍ଧି ପ୍ରତିବାଦ

# ରାସ୍ତାକୁ ଓହ୍ଲାଇବ ବିଜେଡି

**ଭୁବନେଶ୍ୱର,୧୮।୧୨(ସମିସ):** ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ଦର ବୃଦ୍ଧି ଜନସାଧାରଣଙ୍କୁ ଅତିଷ୍ଠ କରିଛି। ଲୋକମାନେ ତ୍ରାହିତ୍ରାହି ଡ଼ାକୁଛନ୍ତି। ଦରବୃଦ୍ଧିକୁ ନିୟନ୍ତ୍ରଣ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବା ପରିବର୍ତ୍ତେ ସରକାର ମୌନବ୍ରତ ଧାରଣ କରିଛନ୍ତି। ଏହାର ପ୍ରତିବାଦରେ ଆସନ୍ତା ଜାନୁଆରୀ ୬ ତାରିଖରେ ସଚିବାଳୟ ସମ୍ମୁଖରେ ରାସ୍ତାକୁ ଓହ୍ଲାଇବ ବିଜେଡି । ଶଙ୍ଖ ଭବନଠାରେ ଆୟୋଜିତ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ଦଳର ସମନ୍ୱୟ କମିଟିର ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର, କାର୍ଯ୍ୟକ୍ରମ ରୂପାୟନ କମିଟିର ଆବାହକ ସଞ୍ଜୟ ଦାସବର୍ମା, ଦଳର ବରିଷ୍ଠ ଗଣମାଧ୍ୟମ ସଂଯୋଜକ ପ୍ରତାପ ଜେନା, ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଓ ଯୁବ ସଭାପତି ବ୍ୟୋମକେଶ ରାୟ ଏହି ସୂଚନା ଦେଇଛନ୍ତି। ଏହାବ୍ୟତୀତ ଆସନ୍ତା ଡିସେମ୍ବର ୨୬ ତାରିଖ ଦିନ ବିଜୁ ଜନତା ଦଳର ୨୮ତମ ପ୍ରତିଷ୍ଠା ଦିବସ ରାଜ୍ୟର ସମସ୍ତ ବିଧାନସଭା କ୍ଷେତ୍ରରେ ଆୟୋଜନ ହେବ ଓ ରାଜ୍ୟସ୍ତରୀୟ ପ୍ରତିଷ୍ଠା ଦିବସ ଭୁବନେଶ୍ୱରସ୍ଥିତ ଶଙ୍ଖ ଭବନରେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ ବୋଲି ମଧ୍ୟ ସମନ୍ୱୟ କମିଟି ଅଧ୍ୟକ୍ଷ ଦେବୀପ୍ରସାଦ ମିଶ୍ର କହିଛନ୍ତି ।

- ମୁଦ୍ରାସ୍ଫୀତି ବୃଦ୍ଧିରେ ଦେଶରେ ଓଡ଼ିଶାର ସ୍ଥାନ ତୃତୀୟ
- ୮ଟି ଶୀର୍ଷ ମୁଦ୍ରାସ୍ଫୀତି ରାଜ୍ୟ ମଧ୍ୟରୁ ୭ ବିଜେପି ଶାସିତ
- ପ୍ରତି ନିର୍ବାଚନମଣ୍ଡଳୀରେ ପ୍ରତିଷ୍ଠା ଦିବସ ପାଳନ ୨୬ରେ
- ଜାନୁଆରୀ ୬ରେ ସଚିବାଳୟ ସମ୍ମୁଖରେ ବିକ୍ଷୋଭ

ଶ୍ରୀ ମିଶ୍ର କହିଛନ୍ତି ଯେ ଡବଲ ଇଂଜିନ ଡବଲ ବିକାଶର ନାରା ଦେଇ ଉଭୟ ରାଜ୍ୟ ଓ କେନ୍ଦ୍ରରେ ଆସିଥିବା ବିଜେପି ସରକାର ଦରଦାମ ନିୟନ୍ତ୍ରଣ ଓ ଅର୍ଥନୀତିର ସୁପରିଚାଳନା କ୍ଷେତ୍ରରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ମୁଦ୍ରାସ୍ଫୀତି ବୃଦ୍ଧିରେ ନୂଆ ରେକର୍ଡ ସୃଷ୍ଟି ହୋଇଛି। ଖୁଚୁରା ମୁଦ୍ରାସ୍ଫୀତି ନଭେମ୍ବର ମାସରେ ଗତ ୯ ମାସର ସର୍ବୋଚ୍ଚସ୍ତର ୫.୪୮ ପ୍ରତିଶତକୁ ଛୁଇଁଛି। ଖାଦ୍ୟ ସାମଗ୍ରୀର ମୁଦ୍ରାସ୍ଫୀତି ନଭେମ୍ବର ମାସରେ ସର୍ବାଧିକ ୯.୪ ପ୍ରତିଶତରେ ପହଞ୍ଚିଛି। ପନିପରିବା ଦର ଗତ ଅଗଷ୍ଟ ମାସରେ ୩୫.୯୯ ପ୍ରତିଶତ ବୃଦ୍ଧି ପାଇଛି। ଗ୍ରାମାଞ୍ଚଳରେ ମୁଦ୍ରାସ୍ଫୀତି ମଧ୍ୟ ୬. ୬୮ ପ୍ରତିଶତକୁ ଛୁଇଁଛି। ଦେଶର ରାଜ୍ୟମାନଙ୍କ ଭିତର ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣରେ ରଖିବା କ୍ଷେତ୍ରରେ ଉଭୟ କେନ୍ଦ୍ର ସରକାର ଓ ଓଡ଼ିଶା ସମେତ ବିଜେପି ଶାସିତ ରାଜ୍ୟ ସରକାରମାନେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଦରଦାମ ବୃଦ୍ଧି ଯୋଗୁଁ ଜନସାଧାରଣ ହନ୍ତସନ୍ତ



ହେଉଥିବା ବେଳେ ସରକାରଙ୍କ ତରଫରୁ ଏହାକୁ ରୋକିବା ପାଇଁ କୌଣସି ଆନ୍ତରିକତା ଦେଖାଇବା ପରିବର୍ତ୍ତେ ବିଭିନ୍ନ ପ୍ରକାର ଭ୍ରମାତ୍ମକ ଓ ମିଥ୍ୟା ତଥ୍ୟ ଦେଇ ରାଜ୍ୟବାସୀଙ୍କୁ ଭ୍ରମିତ କରୁଛନ୍ତି। ଏହାକୁ ବିରୋଧ କରି ଆସନ୍ତା ଜାନୁଆରୀ ୬ ତାରିଖ ଦିନ ସଚିବାଳୟ ସମ୍ମୁଖରେ ଏକ ଗଣବିକ୍ଷୋଭ ଅନୁଷ୍ଠିତ ହେବ ବୋଲି ଶ୍ରୀ ମିଶ୍ର ଘୋଷଣା କରିଛନ୍ତି।

ବରିଷ୍ଠ ନେତା ସଞ୍ଜୟ ଦାସବର୍ମା କହିଛନ୍ତି ଯେ ଆସନ୍ତା ଡିସେମ୍ବର ୨୬ ତାରିଖ ଦିନ ବିଜେଡିର ୨୭ତମ ପୂର୍ତ୍ତି ସଙ୍ଗେ ସଙ୍ଗେ ୨୮ତମ ପ୍ରତିଷ୍ଠା ଦିବସ ନିର୍ବାଚନ ମଣ୍ଡଳୀସ୍ତରରେ ପାଳନ କରାଯିବ। ଏହି ଦିବସରେ ବିଜେଡିର ଛାମୁଆ ନେତୃତ୍ୱ ପଦାଧିକାରୀ ତଥା ଶୁଭେଚ୍ଛୁଙ୍କୁ ନେଇ କ୍ଷେତ୍ରୀୟ ସମ୍ମିଳନୀ/ସଭା କରି ଆମର ବିଗତ ଦିନର ଲୋକଙ୍କ ପାଇଁ ନିଆଯାଇଥିବା ସଫଳ କାର୍ଯ୍ୟକ୍ରମ ତଥା ସାମ୍ପ୍ରତିକ ସରକାରର ଜନ ବିରୋଧୀ କାର୍ଯ୍ୟକ୍ରମ, ଦରଦାମ ବୃଦ୍ଧି ଠାରୁ ଆରମ୍ଭ କରି ନିର୍ବାଚନ ସମୟରେ ଦିଆଯାଇଥିବା ବିଭିନ୍ନ ପ୍ରତିଶ୍ରୁତି ରକ୍ଷା କରିବାରେ ସରକାରଙ୍କ ବିଫଳତାକୁ ଜନ ସାଧାରଣଙ୍କ ସମ୍ମୁଖରେ ରଖାଯିବ। ଦଳୀୟ ନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି ଯେ ଅହେତୁକ ଦରବୃଦ୍ଧି ଯୋଗୁଁ ରାଜ୍ୟର ମହିଳାମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଓଡ଼ିଶାର ମୁଦ୍ରାସ୍ଫୀତି ମଧ୍ୟ ଚିନ୍ତାଜନକ ଭାବେ ବୃଦ୍ଧି ପାଇଛି। ଓଡ଼ିଶାର ମୁଦ୍ରାସ୍ଫୀତି ୬.୭୮ ପ୍ରତିଶତ ରହିଥିବା ବେଳେ, ଏହା ଦେଶର ସମସ୍ତ ରାଜ୍ୟମାନଙ୍କ ତୁଳନାରେ ତୃତୀୟ ସ୍ଥାନରେ ରହିଛି। ଦେଶର ରାଜ୍ୟମାନଙ୍କ ଭିତରେ ମୁଦ୍ରାସ୍ଫୀତି ବୃଦ୍ଧି ତାଲିକାରେ ପ୍ରଥମ ଆଠଟି ରାଜ୍ୟ ମଧ୍ୟରେ ସାତଟି ବିଜେପି ଶାସିତ ରାଜ୍ୟ ରହିଛନ୍ତି। ଛତିଶଗଡ଼, ବିହାର, ଓଡ଼ିଶା ଓ ୟୁପି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ସ୍ଥାନରେ ରହିଥିଲା ବେଳେ ପଞ୍ଚମ ସ୍ଥାନରେ ଅଣବିଜେପି ଶାସିତ ରାଜ୍ୟ ଭାବେ କେରଳ ରହିଛି। ମଧ୍ୟପ୍ରଦେଶ, ଗୁଜରାଟ ଓ ହରିଆନା ଯଥାକ୍ରମେ ଷଷ୍ଠ, ସପ୍ତମ ଓ ଅଷ୍ଟମ ସ୍ଥାନରେ ରହିଛନ୍ତି। ଧାନର ସହାୟତା ରାଶି ବୃଦ୍ଧି କ୍ଷେତ୍ରରେ ମଧ୍ୟ ଗୋଟିଏ କ୍ୱିଣ୍ଟାଲ ଧାନରୁ ପ୍ରାୟ ପାଞ୍ଚରୁ ନଅ କେଜି କଟନୀ ଛଟନୀ ହେଉଥିବାରୁ ସହାୟତା ରାଶି ବୃଦ୍ଧି ମଧ୍ୟ ପ୍ରହସନରେ ପରିଣତ ହୋଇଛି।

ବିଜେଡି ବିଧାୟକ ତଥା ଯୁବ ସଭାପତି ବ୍ୟୋମକେଶ ରାୟ କହିଥିଲେ ଯେ ଯୁବକ ଯୁବତୀ ମାନଙ୍କୁ ନିଯୁକ୍ତି ଦିଆଯିବା କ୍ଷେତ୍ରରେ ବିଜେପିର ପ୍ରତିଶ୍ରୁତି ଧୂଆଁବାଣରେ ପରିଣତ ହୋଇଛି। ସେହିପରି, ଦଳର ବରିଷ୍ଠ ମିଡ଼ିଆ ସଂଯୋଜକ ପ୍ରତାପ ଜେନା କହିଥିଲେ ଯେ ବିଜୁ ଜନତା ଦଳ ରାଜ୍ୟବାସୀଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବା ପାଇଁ ନିରନ୍ତର ଭାବେ କାମ କରିଆସୁଛି ଓ ଏହା ଆଗାମୀ ଦିନରେ ମଧ୍ୟ ଜାରି ରହିଛି ବୋଲି ସେ ମତବକ୍ତ କରିଛନ୍ତି।

---

■ ସମ୍ବଲପୁରରେ ଇଡି

## ୨୩୧ କୋଟି ଟଙ୍କା ଠକେଇ ଅଭିଯୋଗରେ ରେଡ୍

**ସମ୍ବଲପୁର,୧୮ ।୧୨(ସମିସ):** ଓଡିଶାରେ ଘାଣ୍ଟୁଛନ୍ତି ଦୁଇ କେନ୍ଦ୍ରୀୟ ସଂସ୍ଥା। ଭୁବନେଶ୍ୱରରେ ସିବିଆଇ ତନାଘନା କରୁଥିବାବେଳେ ସମ୍ବଲପୁରରେ ଇଡି ଘାଣ୍ଟୁଛି। କ୍ଷୀରୋଦ ମଲ୍ଲିକଙ୍କ ଘରେ ଇଡ଼ି ରେଡ୍ କରୁଥିବା ସୂଚନା ମିଳିଛି। ସମ୍ବଲପୁର ଗୋପାଳମାଳସ୍ଥିତ 'ବିଶ୍ୱ' ଅଫିସରେ ସକାଳୁ ଇଡିର ଟିମ୍ ଆସି ତନାଘନା କରିଥିଲେ। ୨୩୧ କୋଟି ଠକେଇ ଅଭିଯୋଗ ନେଇ ଇଡ଼ି ରେଡ୍ ଆରମ୍ଭ କରିଛି। ସମ୍ବଲପୁରର ୩ଟି ଓ ଦିଲ୍ଲୀର ଗୋଟିଏ ସ୍ଥାନରେ ରେଡ଼୍ କରାଯାଉଛି। ବିଶ୍ୱ ଏନ୍‌ଜିଓର ଫାଉଣ୍ଡର ହେଉଛନ୍ତି କ୍ଷିରୋଦ ମଲ୍ଲିକ। ମୋଟ ୨୮ଟି ରାଷ୍ଟ୍ରୀୟ ତଥା ଘରୋଇ ଓ ଅନ୍ତରାଷ୍ଟ୍ରୀୟ ବ୍ୟାଙ୍କରୁ ୨୩୧.୮୦ କୋଟି ଟଙ୍କା ଋଣ ନେଇ ତାହା ପରିଶୋଧ କରାଯାଇ ନାହିଁ। ଏହି ଋଣ ଜାଲିଆତିରେ ଆନ୍ଧ୍ରା ବ୍ୟାଙ୍କରୁ ୪.୧୨ କୋଟି, ଆକ୍ସିସରୁ .୬୧ କୋଟି, ବ୍ୟାଙ୍କ ଅଫ ବରୋଦାରୁ ୩.୬୫, ବ୍ୟାଙ୍କ ଅଫ ଇଣ୍ଡିଆ ୮.୬୧ କୋଟି, ସେଣ୍ଟ୍ରାଲ ବ୍ୟାଙ୍କ ୯.୩୦, କୋର୍ପରେସନ ବ୍ୟାଙ୍କରୁ ୧୮.୮୯, ଡେନା ବ୍ୟାଙ୍କରୁ ୪.୩୦ କୋଟି, ଫେଡେରାଲରୁ ୬.୨୨, ଇଣ୍ଡିଆନ ଓଭରସିଜରୁ ୧୯.୪୧, ପଂଜାବ ନ୍ୟାସନାଲ ବ୍ୟାଙ୍କ ୨୯.୦୬ କୋଟି ଋଣ ଦେଇଥିବା ବେଳେ କର୍ଣ୍ଣାଟକା ବ୍ୟାଙ୍କ ୨୦.୨୬ କୋଟି ଋଣ ଦେଇଛନ୍ତି। ସେହିପରି ଆର୍‌ଏମକେ ୩.୮୦ କୋଟି, ୟୁଏସଏର କଲଭର୍ଟ ଫାଉଣ୍ଡେସନ ୭.୩୩କୋଟି, ନେଦରଲାଣ୍ଡର ଏସଏନଏସ ଏମଆଇଏଫ ୧୯.୬୪ କୋଟି, ନେଦରଲାଣ୍ଡର ଏସଏନଏସ ୱାଟର ଫଣ୍ଡ ୯.୭୩ କୋଟି ଟଙ୍କା ଋଣ ଦେଇଛନ୍ତି।



## 'ଜିନତ୍' କଲା ମଇଁଷି ଶିକାର

**ବାରିପଦା,୧୮।୧୨(ସମିସ):** ଝାଡଖଣ୍ଡର ରାଜାବସା ଜଙ୍ଗଲରେ ବିଚରଣ କରୁଥିବା ବାଘୁଣୀ 'ଜିନତ୍' ଏକ ମଇଁଷି ଶିକାର କରିଥିବାବେଳେ ହାତୀପଲ ଭୟରେ ସ୍ଥାନ ପରିବର୍ତ୍ତନ କରି ପୁରୁଣାପାଣି-ମହୁଲବେଟ୍ ଜଙ୍ଗଲକୁ ପଳାଇଛି। ଝାଡଖଣ୍ଡ ସୀମା କନ୍ହେଇଶୋର ଜଙ୍ଗଲ ପଶ୍ଚିମବଙ୍ଗ ପର୍ଯ୍ୟନ୍ତ ପରିବ୍ୟାପ୍ତ। ଏଣୁ 'ଜିନତ୍' ସେ ଦିଗକୁ ଅଗ୍ରସର ହେଲେ ଫେରିବା କଷ୍ଟକର। ମହାରାଷ୍ଟ୍ରର ତଡବା ଅଭୟାରଣ୍ୟର ୩ ବର୍ଷର ବାଘୁଣୀ 'ଜିନତ୍' ହାତୀ ଭଳି ବିରାଟକାୟ ଜନ୍ତୁକୁ ଦେଖିନାହିଁ। ପ୍ରଥମେ ଶିମିଳିପାଳ ଏବେ ଝାଡଖଣ୍ଡ ଜଙ୍ଗଲରେ ଏପରି ପ୍ରାଣୀକୁ ଦେଖି ନିଜକୁ ସୁରକ୍ଷିତ ରଖିବା ପାଇଁ ସ୍ଥାନ ପରିବର୍ତ୍ତନ କରିଛି ବୋଲି ପରିବେଶବିତ୍ ସଞ୍ଜୁକ୍ତା ବସା କହିଛନ୍ତି। ତେବେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଭାରପ୍ରାପ୍ତ କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ.ପ୍ରକାଶ ଚାନ୍ଦ ଗୋଗିନେନୀଙ୍କ କହିବାନୁଯାୟୀ, 'ଜିନତ୍' ଶିକାର କରି ଖାଇବା ପରେ ସ୍ୱାଭାବିକ ଭାବେ ଚଳପ୍ରଚଳ କରୁଛି। ବିଶେଷ ଦୂରକୁ ଯାଇନି। ଜନବସତି ମୁହାଁ ହେଲେ ଏସଓପି ଅନୁସାରେ ତୁରନ୍ତ ଟ୍ରାଙ୍କୁଲାଇଜ କରାଯାଇ କାବୁ କରାଯିବ। ଅନ୍ୟ ପକ୍ଷରେ ଶିମିଳିପାଳ ଭୌଗୋଳିକ ସୀମା (ଲ୍ୟାଣ୍ଡସ୍କେପ) ଅଧୀନ କୁଲଡିହା ଅଭୟାରଣ୍ୟରକୁ ଯମୁନା ଯିବା ସ୍ୱାଭାବିକ ପ୍ରକ୍ରିୟା। ଶିମିଳିପାଳ ଅଭୟାରଣ୍ୟ ଭୌଗୋଳିକ ସୀମା ହଦଗଡ ଜଙ୍ଗଲ ପର୍ଯ୍ୟନ୍ତ ପରିବ୍ୟାପ୍ତ।



### ହାତୀପଲ ଭୟରେ ଛାଡ଼ିଲା ରାଜାବସା ଜଙ୍ଗଲ

ଅନ୍ୟ ବାଘ ଓ ଜନ୍ତୁ ସେଠାଏ ବିଚରଣ କରନ୍ତି। ଏଣୁ ଯମୁନା ଯିବା ଆସିବା ଲାଗି ରହିବ ବୋଲି ଡ. ଗୋଗିନେନୀ କହିଛନ୍ତି। ଶିମିଳିପାଳର ୩/୪ଟି ବାଘ ସହିତ ଯମୁନାର ଭେଟ ହୋଇଛି, ତେବେ ମିଳନ ସମୟ ଉପନୀତ ହେଲେ ସେ ସାଥୀ ବାଛି ଯୁଗଳବନ୍ଦୀ ହେବାର ଅନୁମାନ ରଖାଯାଇଛି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉତ୍ତର ଓ ଦକ୍ଷିଣ ବନଖଣ୍ଡର କୋର ଅଞ୍ଚଳରେ ପର୍ଯ୍ୟାୟକ୍ରମେ ଦୁଇ ବାଘୁଣୀ ଜିନତ୍ ଓ ଯମୁନାକୁ ଛଡାଯାଇଥିଲା। ତେବେ ଡିସେମ୍ବର ୮ ତାରିଖରେ 'ଜିନତ୍' ଶିମିଳିପାଳ ଅଭୟାରଣ୍ୟ ପାର ହୋଇ ଝାଡଖଣ୍ଡରେ ପହଞ୍ଚିଛି। ତିନି ଅଧିକାରୀଙ୍କ ସହିତ ୧୫ ଜଣ କର୍ମଚାରୀ ଆବଶ୍ୟକ ସାମଗ୍ରୀ ଓ ଯାନ ସହିତ 'ଜିନତ୍'ର ନିରୀକ୍ଷଣ କରୁଛନ୍ତି। ଜଙ୍ଗଲଗୁଡିକ ଲାଗି ଲାଗି ରହୁଥିବାରୁ ବାଘୁଣୀଟି ସ୍ଥାନ ପରିବର୍ତ୍ତନ କରୁଥିବାରୁ ତଦନୁଯାୟୀ ସେମାନେ ଯୋଜନା ପ୍ରସ୍ତୁତ କରୁଛନ୍ତି। ଜନବସତି ମୁହାଁ ହେଲେ ଲୋକଙ୍କୁ ସଚେତନ କରିବା ସହ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ବନବିଭାଗ ପ୍ରସ୍ତୁତ ରହିଛି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉତ୍ତର ବନଖଣ୍ଡରୁ ୪ବର୍ଷ ପୂର୍ବେ ଏକ ମହାବଳ ବାଘ ଝାଡଖଣ୍ଡ ଜଙ୍ଗଲକୁ ଯାଇ ଫେରି ଆସିଥିବା ଉଦାହରଣ ମଧ୍ୟ ରହିଛି। ଜଙ୍ଗଲରେ ତୃଣଭୋଜି ବନ୍ୟଜନ୍ତୁଙ୍କ ବାସସ୍ଥାନକୁ ନେଇ ବାଘର ଖାଦ୍ୟ ଅନ୍ୱେଷଣ ଓ ସୁରକ୍ଷିତ ସ୍ଥାନ ଖୋଜିବାରେ ବର୍ଷ ବର୍ଷ ଲାଗିଥାଏ। ସେହିପରି ବନ୍ୟଜନ୍ତୁଙ୍କ ମଧ୍ୟରେ ବାଘୁଣୀ ବର୍ଷରେ ଦୁଇ ଥର ଅଣ୍ଡିରା ବାଘ ସହିତ ସମ୍ପର୍କ ସ୍ଥାପନ କରିଥାଏ। ଯମୁନା କିମ୍ବା ଜିନତ୍ ସମୟ ଆସିଲେ ଖୁବଶୀଘ୍ର ଅଣ୍ଡିରା ବାଘ ସହିତ ସମ୍ପର୍କ ଗଢିବ ଓ ଏନଟିସିଏ ପକ୍ଷରୁ ବାଘବଂଶ ବୃଦ୍ଧି ଲକ୍ଷ୍ୟସାଧିତ ହେବ ବୋଲି ଡ. ଗୋଗିନାନୀ ଆଶାବ୍ୟକ୍ତ କରିଛନ୍ତି।

■ କାର୍ଯ୍ୟରତ ମହିଳାଙ୍କୁ ଅସଦାଚରଣ ଅଭିଯୋଗ

## ଜଗତସିଂହପୁର ସହକାରୀ ଜିଲ୍ଲାପାଳ ନିଲମ୍ବିତ

**ଭୁବନେଶ୍ୱର,୧୮।୧୨(ସମିସ):** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଜଣେ ମହିଳାଙ୍କୁ ଅସଦାଚରଣ ଅଭିଯୋଗରେ ଜଗତସିଂହପୁର ସହକାରୀ ଜିଲ୍ଲାପାଳ ଉମେଶ ଚନ୍ଦ୍ର ଲେଙ୍କାଙ୍କୁ ନିଲମ୍ବିତ କରାଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ମନ୍ତ୍ରୀ ସୁରେଶ ପୂଜାରୀ ନିଲମ୍ବନ ନିର୍ଦ୍ଦେଶ ଦେବା ସହ ୩ ମାସ ମଧ୍ୟରେ ଘଟଣାର ବିଭାଗୀୟ ତଦନ୍ତ ପ୍ରକ୍ରିୟା ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ ଗତ ଏପ୍ରିଲ ମାସ ୧୦ ତାରିଖ ଦିନ ଜଗତସିଂହପୁର ଜିଲ୍ଲାର ସହକାରୀ ଜିଲ୍ଲାପାଳ ଉମେଶ ଚନ୍ଦ୍ର ଲେଙ୍କା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଜଣେ ମହିଳା କର୍ମଚାରୀଙ୍କୁ ଅସଦାଚରଣ ପ୍ରଦର୍ଶନ କରିଥିବାର ଅଭିଯୋଗ ଆସିଥିଲା। ଅଭିଯୋଗକାରିଣୀ କାର୍ଯ୍ୟରତ ମହିଳାଜଣକ ତାଙ୍କ ଉପରେ ଉଭୟ ଶାରୀରିକ ଓ ମାନସିକ ନିର୍ଯାତନାର ଅଭିଯୋଗ ଆଣିଥିଲେ। ଜିଲ୍ଲା ଅଭିଯୋଗ କମିଟି ଏବଂ ଜିଲ୍ଲାପାଳଙ୍କ ରିପୋର୍ଟ ଆଧାରରେ ଅଭିଯୁକ୍ତ ଶ୍ରୀ ଲେଙ୍କାଙ୍କୁ ମନ୍ତ୍ରୀ ସୁରେଶ ପୂଜାରୀ ନିଲମ୍ବନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏଥି ସହ ଆସନ୍ତା ୩ ମାସ ମଧ୍ୟରେ ଜଣେ ମହିଳା ତଦନ୍ତକାରି ଅଧିକାରୀ ଏବଂ ଜଣେ ମହିଳା ମାର୍ଶାଲିଂ ଅଧିକାରୀଙ୍କ ଜରିଆରେ ସମସ୍ତ ବିଭାଗୀୟ ତଦନ୍ତ ପ୍ରକ୍ରିୟା ଶେଷ କରିବାକୁ ମନ୍ତ୍ରୀ ଶ୍ରୀ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି। ମହିଳା ସଶକ୍ତିକରଣ ପାଇଁ ଆମ ସରକାର ବଦ୍ଧପରିକର ଏବଂ ମହିଳା ହିଂସା ଓ ନିର୍ଯାତନାକୁ ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି ଶ୍ରୀ ପୂଜାରୀ ପ୍ରକାଶ କରିଛନ୍ତି।

### ଆସନ୍ତା ୩ ମାସ ମଧ୍ୟରେ ବିଭାଗୀୟ ତଦନ୍ତ ପ୍ରକ୍ରିୟା ଶେଷ କରିବାକୁ ରାଜସ୍ୱ ମନ୍ତ୍ରୀଙ୍କ ନିର୍ଦ୍ଦେଶ

---

**ସରକାରୀ ମଣ୍ଡି ବ୍ୟବସ୍ଥା ନାହିଁ**


## ଦୁର୍ଦ୍ଦିନରେ କପା ଚାଷୀ; ଦଲାଲ ମାଲେମାଲ୍

**ଶଗଡା,୧୮ ।୧୨(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ଅଞ୍ଚଳରେ ବର୍ତ୍ତମାନ କପା ଅମଳ ହେଉଛି। ହେଲେ ମଣ୍ଡି ବ୍ୟବସ୍ଥା ନାହିଁ। ଏଣୁ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ଚାଷୀ ଧାର କରଜ କରି କପା ଚାଷ କରିଛି। ଅନେକ ଘାତ ପ୍ରତିଘାତ ସହ ନାନା ସମସ୍ୟାର ସାମ୍ନା କରିଛି। ଅମଳ ପାଇଁ ମଧ୍ୟ ସାହୁକାର ପାଖରୁ ଟଙ୍କା କରଜ କରିଛି; ହେଲେ ଚଳିତ ବର୍ଷ କପା ପାଇଁ ସରକାରଙ୍କ ପକ୍ଷରୁ ମଣ୍ଡି ବ୍ୟବସ୍ଥା ହୋଇନାହିଁ। ଏଣୁ ଚାଷୀ ଚିନ୍ତାରେ ପଡିଛି। କେମିତି ଆଣିଥିବା ଋଣ ସୁଝିବ ଓ ପରିବାର ଚଳାଇବ ସେ ନେଇ ମୁଣ୍ଡରେ ହାତ ଦେଇ ବସିଛି। ଏହା ଫଳରେ ଚାଷୀ ନିଜ ଉତ୍ପାଦିତ କପାକୁ ବାହାର ଜିଲ୍ଲାର ଦଲାଲ ହାତରେ ବିକ୍ରି କରିବାକୁ ବାଧ ହେଉଛି। ତେବେ ମଣ୍ଡି ନ ଥିବା ସୁଯୋଗ ନେଇ ଦଲାଲ ଚାଷୀଙ୍କଠାରୁ ଅତି କମ୍ ଦରରେ କପା ସଂଗ୍ରହ କରିଥାନ୍ତି। ଏଥିପାଇଁ ପ୍ରସାଶନ ପକ୍ଷରୁ ମଧ୍ୟ କୌଣସି ଦର ନିର୍ଦ୍ଧାରଣ କରା ଯାଇନାହିଁ। ଅପରପକ୍ଷେ ଅମଳ ନ ହୋଇ ବିଲରେ ପଡି ରହିଥିବା କପା ବର୍ଷା ଓ କୋହଲା ପାଗ ଯୋଗୁଁ ନଷ୍ଟ ହେବା ସହ ଏହାର ମାନ କ୍ଷତିଗ୍ରସ୍ତ ହେବାର ଆଶଙ୍କା ଦେଖା ଦେଇଛି। ଗୋଟିଏ ପଟେ ନିଜର ଆବଶ୍ୟକତା ମେଣ୍ଟାଇବା ପାଇଁ ଚାଷୀ କମ୍ ଦରରେ କପା ବିକ୍ରି ପାଇଁ ବାଧ ହେଉଛି। ଅନ୍ୟପଟେ ପାଣିପାଗ ପରିବର୍ତ୍ତନ ଯୋଗୁଁ କପାରମାନ ପ୍ରଭାବିତ ହେବା ଆଶଙ୍କା ରହିଛି।



## ୨ ଜଣଙ୍କୁ ଆଜୀବନ

**ପାଟଣାଗଡ଼,୧୮ ।୧୨(ସମିସ):** ବଲାଙ୍ଗିର ଜିଲ୍ଲା ଲରମ୍ଭା ଥାନା ଟେଙ୍ଗରାପଥର ଗାଁର ମୁକ୍ତି ସାହୁ ହତ୍ୟା ମାମଲାର ବିଚାର କରି ପାଟଣାଗଡ଼ ଅତିରିକ୍ତ ଜିଲ୍ଲା ଦୌରାଜଜ ଦୁଇ ଦୋଷୀ ଶିବ ସାହୁ ଓ ପଙ୍କଜ ବିଶିଙ୍କୁ ଆଜୀବନ କାରାଦଣ୍ଡା ଦେଶ ସହ ୩୦ ହଜାର ଟଙ୍କା ଲେଖାଏଁ ଅର୍ଥଦଣ୍ଡ ଶୁଣାଇଛନ୍ତି। ୨୦୨୨ ମସିହା ମାର୍ଚ୍ଚ ମାସରେ ଲରମ୍ଭା ଥାନା ଟେଙ୍ଗରାପଥର ଗାଁର ମୁକ୍ତି ସାହୁଙ୍କୁ ରାତିରେ ଶିବ ସାହୁ ଓ ପଙ୍କଜ ବିଶି ତାଙ୍କ ଘରୁ ଡାକିନେଇ ଖପ୍ରାଖୋଲ ଥାନା କାପସିପଲି ଗାଁରେ ନିକଟରେ ରଡ୍‌ରେ ପିଟିପିଟି ନିର୍ମମ ଭାବେ ହତ୍ୟା କରିଥିଲେ। ପ୍ରମାଣ ଓ ପରିସ୍ଥିତିଜନିତ ପ୍ରମାଣ ଆଧାରରେ ବୁଧବାର ପାଟଣାଗଡ଼ ଅତିରିକ୍ତ ଜିଲ୍ଲା ଦୌରାଜଜ ଦୁଇଜଣଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡାଦେଶ ସହ ୩୦ ହଜାର ଟଙ୍କା ଲେଖାଏଁ ଅର୍ଥ ଦଣ୍ଡାଦେଶ ଶୁଣାଇଛନ୍ତି। ଜରିମାନା ଅନାଦେୟ ଅଧିକ ତିନି ବର୍ଷ ସଶ୍ରମ କାରାଦଣ୍ଡାଦେଶ ଭୋଗିବାକୁ ରାୟରେ ଶୁଣାଇଛନ୍ତି।



## ଓବିପିଆଇରେ ବୃଦ୍ଧିହେବ ପ୍ରାଣୀ ଟିକା ଉତ୍ପାଦନ କ୍ଷମତା

# ନିର୍ମାଣ ହେବ ଜିଏମ୍‌ପି ଢାଞ୍ଚାର ଲ୍ୟାବ୍

**ବ୍ରହ୍ମପୁର,୧୮ ।୧୨(ସମିସ):** 'ଆନ୍ଥ୍ରାକ୍ସ' ଓ 'ଏଣ୍ଟ୍ରୋଟକ୍ସିମିଆ' ଭଳି ଟିକା ପ୍ରସ୍ତୁତ କରି ରାଜ୍ୟରେ ପ୍ରାଣୀ ଚିକିତ୍ସା କ୍ଷେତ୍ରରେ ବିଶେଷ ଅବଦାନ ରଖିଥିବା ବ୍ରହ୍ମପୁର ପ୍ରାଣୀଚିକିତ୍ସା କେନ୍ଦ୍ର ପରିସରସ୍ଥ ରାଜ୍ୟ ଟିକା ଉତ୍ପାଦନ ପ୍ରତିଷ୍ଠାନ (ଓବିପିଆଇ) ଏଣିକି ଜିଏମ୍‌ପି(ଗୁଡ୍ ମାନ୍ୟୁଫାକଚରିଂ ପ୍ରାକ୍ଟିସ୍) ଢାଞ୍ଚାରେ ଟିକା ପ୍ରସ୍ତୁତ କରିବ। ଏଥିନିମନ୍ତେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ନିର୍ଦ୍ଦେଶରେ ଜିଏମ୍‌ପି ଲ୍ୟାବ୍ ପ୍ରତିଷ୍ଠା ପାଇଁ ବ୍ରହ୍ମପୁର ପ୍ରାଣୀ ଚିକିତ୍ସାଳୟ ପରିସରରେ ୪୫୦୦ ବର୍ଗଫୁଟ ସ୍ଥାନ ଚିହ୍ନଟ କରାଯାଇଛି। ଏହାର ନିର୍ମାଣ ପାଇଁ ଗୁଜୁରାଟର ଏନ୍‌ଡିଡିବି(ଜାତୀୟ ଦୁଗ୍ଧ ବିକାଶ ବୋର୍ଡ) ର ଟିମ୍ ଇତିମଧ୍ୟରେ ଦୁଇଥର ଗସ୍ତ କରି ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି। ଖୁବଶୀଘ୍ର ଚିହ୍ନଟ ସ୍ଥାନରେ ଦୁଇ ମହଲା ବିଶିଷ୍ଟ ପ୍ରଡକ୍ସନ ସେଣ୍ଟର ଓ ଗୋଟିଏ ୟୁଟିଲିଟି ଲ୍ୟାବ୍ ନିର୍ମାଣ କରାଯିବ। ଏଥିସହିତ ପ୍ରଡକ୍ସନ୍ ଲ୍ୟାବ୍‌ରେ ଆତ୍ୟାଧୁନିକ ତଥା ସ୍ୱୟଂଚାଳିତ ଯନ୍ତ୍ର ଖଞ୍ଜାଯିବ। ଯାହାଫଳରେ 'ଆନ୍ଥ୍ରାକ୍ସ' ଓ 'ଏଣ୍ଟ୍ରୋଟକ୍ସିମିଆ' ଭଳି ଟିକା ଉତ୍ପାଦନର ପରିମାଣ ବୃଦ୍ଧି ପାଇବ। ୨୦୨୭ ମହିହା ମଧ୍ୟରେ ଉକ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ବର୍ତ୍ତମାନ ଓବିପିଆଇ ସାଟେଲାଇଟ ୟୁନିଟରେ ବାର୍ଷିକ ୨୦ରୁ ୨୨ଲକ୍ଷ ପର୍ଯ୍ୟନ୍ତ ଆନ୍ଥ୍ରାକ୍ସ ଟିକା ପ୍ରସ୍ତୁତ ହେଉଥିବା ବେଳେ ୧୫ଲକ୍ଷ ଏଣ୍ଟ୍ରୋଟକ୍ସିମିଆ ଟିକା ପ୍ରସ୍ତୁତ ହେଉଛି। ଏଣ୍ଟ୍ରୋଟକ୍ସିମିଆ କେବଳ ଛୋଟ ପ୍ରାଣୀଙ୍କୁ ପ୍ରଦାନ କରାଯାଉଛି। ପ୍ରତିବର୍ଷ ରାଜ୍ୟର ବିଭିନ୍ନ ଜିଲ୍ଲାର ଆବଶ୍ୟକତା ଅନୁଯାୟୀ ଏହି ଟିକା ବ୍ରହ୍ମପୁରସ୍ଥିତ ଓବିପିଆଇ ସାଟେଲାଇଟ ୟୁନିଟରେ ପ୍ରସ୍ତୁତ କରାଯାଉଛି। ଏଠାରେ ଟିକା ପ୍ରକ୍ରିୟାକରଣ ଠାରୁ ଆରମ୍ଭ କରି ତାହାକୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରିବା ଆଦି ସମସ୍ତ କାର୍ଯ୍ୟ ମାନବ ସମ୍ବଳ ଦ୍ୱାରା କରାଯାଉଛି। ଏହାର ପରିଚାଳନା ପାଇଁ ଜଣେ ଯୁଗ୍ମ ନିର୍ଦ୍ଦେଶକ ଏବଂ ଦୁଇ ଜଣ ରିସର୍ଚ୍ଚ ଅଫିସରଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ନିୟୋଜିତ ଅଛନ୍ତି। ଜିଏମ୍‌ପି ଢାଞ୍ଚାରେ ଲାବୋରେଟୋରି ପ୍ରତିଷ୍ଠା ପରେ ଟିକା ଉତ୍ପାଦନ ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇବ। ଫଳରେ ରାଜ୍ୟର ବିଭିନ୍ନ ଜିଲ୍ଲା ସମେତ ଅନ୍ୟରାଜ୍ୟକୁ ମଧ୍ୟ ଏଠାରୁ ଉତ୍ପାଦିତ ଆନ୍ଥ୍ରାକ୍ସ ଓ ଏଣ୍ଟ୍ରୋଟକ୍ସିମିଆ ଟିକା ରପ୍ତାନି କରାଯାଇପାରିବ ବୋଲି ଓବିପିଆଇ ସାଟେଲାଇଟ ୟୁନିଟର ଯୁଗ୍ମ ନିର୍ଦ୍ଦେଶକ ଗଣେଶ ଚନ୍ଦ୍ର ଜେନା କହିଛନ୍ତି।




- ଅତ୍ୟାଧୁନିକ ଲ୍ୟାବ୍ ପ୍ରତିଷ୍ଠା ପାଇଁ ପ୍ରାଣୀ ଚିକିତ୍ସାଳୟ ପରିସରରେ ସ୍ଥାନ ଚିହ୍ନଟ
- ରାଜ୍ୟ ବାହାରକୁ ରପ୍ତାନି ହୋଇପାରେ 'ଆନ୍ଥ୍ରାକ୍ସ' ଓ 'ଏଣ୍ଟ୍ରୋଟକ୍ସିମିଆ' ଟିକା

# ବଞ୍ଚାଇ ରଖିଥିଲା 'ବିଜେଡି', ଅକାମୀ କଲା 'ବିଜେପି'



## ଓଏସ୍ଆର୍‌ଟିସିର ସମସ୍ତ ରୁଟ୍ ବନ୍ଦ

ଫୁଲବାଣୀ,୧୮ ।୧୨(ସମିସ)

ରାଜ୍ୟ ପରିବହନ ନିଗମର ଫୁଲବାଣୀ ୟୁନିଟ ଅବ୍ୟବସ୍ଥାରେ ଘେରିରହିଛି । ଅନେକ ରୁଟରେ ଚାଲି ପାରୁନି ଗାଡି। ବହୁ ବର୍ଷ ଧରି ଶୋଇପଡିଥିବା ରାଜ୍ୟପରିବହନ ନିଗମ ବିଜେଡି ସରକାର ଆସିବପରେ କାର୍ଯ୍ୟ କରିଥିଲା । ବହୁ ଦୂର୍ଗମ ଅଞ୍ଚଳକୁ ସୁବିଧାରେ ଲୋକେ ଯାତାୟାତ କରିପାରୁଥିଲେ । କିନ୍ତୁ ୬ ମାସ ହେବ ବିଜେପି ସରକାର ଆସିବ ପରେ ଏହି ନିଗମ ଅକାମୀ ହୋଇଯାଇଛ। ବିଶେଷ କରି କନ୍ଧମାଳ ଜିଲ୍ଲାର ବହୁ ରୁଟ ବନ୍ଦ ହୋଇଯାଇଛି। ଏଭଳିକି ଟ୍ୟୁବ୍ ଟାୟାର ନ ଥିବା ଯୋଗୁଁ ୧୦ରୁ ଉର୍ଦ୍ଧ୍ୱ ମାର୍ଗରେ ବସ୍ ଚଳାଚଳ ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଥିବା ଜଣାପଡିଛି।

ରେଳ ବିହୀନ ଆଦିବାସୀ ଅଧ୍ୟୁଷିତ କନ୍ଧମାଳ ଜିଲ୍ଲାରେ ଯାତାୟତ ପାଇଁ ବସ ହିଁ ଏକମାତ୍ର ଭରସା। ଦୁର୍ଗମ ଅଞ୍ଚଳକୁ ଆଜି ମଧ ବେସରକାରୀ ବସ୍ ସେବା ପହଞ୍ଚି ପାରିନାହିଁ। ଫଳରେ ଲୋକେ ସରକାରୀ ବସ ଉପରେ ନିର୍ଭର କରିବାକୁ ବାଧ। କିନ୍ତୁ ସରକାରୀ ବସସେବା ଅବ୍ୟବସ୍ଥା ଭିତରେ ଚାଲିଥିବାରୁ ଗ୍ରାମାଞ୍ଚଳ ଲୋକଙ୍କୁ ଗମନାଗମନ ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଗତ ୨୦୧୪ ମସିହା ଠାରୁ ବିଜୁ ଗାଁ ଗାଡ଼ି ଯୋଜନାରେ ଜିଲ୍ଲାର ସଦର ମହକୁମା ଫୁଲବାଣୀ ଠାରୁ ଦୁର୍ଗମ ଅଞ୍ଚଳ କାଟିଙ୍ଗିଆ, କେରୁବାଡ଼ି, ବେଲଘର, ଝିରିପାଣି, ବିଲାମାଳ, ଶ୍ରୀରାମପୁର, ଲଣ୍ଡାଗାଁ, ବାନ୍ଧାଦଣୀ, ପାଇରେଜୁ ଏବଂ ମଣ୍ଡାସରୁ ପର୍ଯ୍ୟନ୍ତ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ତରଫରୁ ବସ୍ ଚଳାଚଳ ବ୍ୟବସ୍ଥା କରାଯାଇଥିଲା। ଯାହା ଦ୍ୱାରା ଗ୍ରାମାଞ୍ଚଳରୁ ଜିଲ୍ଲା ସଦର ମହକୁମାକୁ ସୁବିଧାରେ ଯିବା ଆସିବା କରି ପାରୁଥିଲେ ଲୋକେ। କିନ୍ତୁ ବସ୍ ଗୁଡ଼ିକର ମରାମତି ଅଭାବରୁ ଅଧିକାଂଶ ସମୟରେ ବିଭିନ୍ନ ମାର୍ଗରେ ବସ୍ ଚଳାଚଳ ବନ୍ଦ ରହୁଛି । ଗତ ଦୁଇ ମାସରୁ ଅଧିକ ହେବ ନିଗମର ମୁଖ୍ୟ କାର୍ଯ୍ୟାଳୟ ତରଫରୁ ଫୁଲବାଣୀ ୟୁନିଟକୁ ଟାୟାର ପ୍ରଦାନ କରାଯାଉ ନ ଥିବା କୁହାଯାଉଛି। ଏହି କାରଣରୁ ଉପରୋକ୍ତ ରୁଟରେ ଚାଲୁଥିବା ବସ୍ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିଦିଆଯାଇଛି। ସେହିପରି କିଛି ରୁଟରେ ଚାଲିଥିବା ବସର ଅବସ୍ଥା ଭଲ ନ ଥିବା ଦେଖାଯାଇଛି। କିନ୍ତୁ ଏହାକୁ ବଦଳାଇ ନୂଆ ବସ ପକାଇବା ବ୍ୟବସ୍ଥା କରାଯାଉ ନାହିଁ। ଏ ସମ୍ପର୍କରେ ଯୁବ ଗବେଷକ ତଥା ସମାଜସେବୀ ରାଜେଶ କୁମାର ବଗର୍ତ୍ତୀ ବାରମ୍ବାର ଚିଠି ଲେଖିବା ସହିତ ଟୁଇଟର ମାଧମରେ ଓଏସ୍ଆର୍‌ଟିସି, ସିଏମଡି ତଥା ପରିଚାଳନା ନିର୍ଦ୍ଦେଶକଙ୍କୁ ଅବଗତ କରାଇଥିବା କହିଛନ୍ତି। ତଥାପି ଆଜି ପର୍ଯ୍ୟନ୍ତ ବିଭାଗ ତରଫରୁ କୌଣସି ପଦକ୍ଷେପ ନିଆଯାଉନାହିଁ ।

ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ତରଫରୁ କନ୍ଧମାଳ ଜିଲ୍ଲାରେ ଅଧିକ ସଂଖ୍ୟାରେ ସରକାରୀ ବସ୍ ଚଳାଚଳରର ଆବଶ୍ୟକତା ଥିବାବେଳେ ଯେଉଁ କିଛି ମାର୍ଗରେ ବସ୍ ଚଳାଚଳ କରୁଥିଲା ସେହି ସବୁ ବସ୍ ମଧ ବନ୍ଦ କରିଦିଆଯାଉଛି। ଫୁଲବାଣୀ ୟୁନିଟକୁ ଅଚଳ କରିବା ପାଇଁ ଏହା ଏକ ଚକ୍ରାନ୍ତ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମତପ୍ରକାଶ କରୁଛନ୍ତି। ତେଣୁ ନିଗମ ପକ୍ଷରୁ ତୁରନ୍ତ ଫୁଲବାଣୀ ୟୁନିଟକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି। ଏ ନେଇ ସ୍ଥାନୀୟ ୟୁନିଟର ଷ୍ଟେସନ ମାଷ୍ଟର ପ୍ରଶାନ୍ତ କୁମାର ରଣାଙ୍କୁ ପଚାରିବାରୁ ଫୁଲବାଣୀ ୟୁନିଟରେ ୧୨ଟି ରୁଟରେ ଗାଡି ଚାଲିଥିଲା। କିନ୍ତୁ ଟ୍ୟୁବ, ଟାୟାର ନ ଥିବାରୁ ସମସ୍ତ ରୁଟ ବନ୍ଦ ଅଛି। ଏ ନେଇ ନିଗମ ମୁଖ୍ୟାଳୟକୁ ସୂଚନା ଦିଆଯାଇଛି। ଟାୟାର ଟ୍ୟୁବ ଆସିଲେ ଗାଡି ଚାଲିବ ବୋଲି କହିଛନ୍ତି।

## ଉତ୍କଳ ସାମ୍ବାଦିକ ସଂଘର ବୈଠକ
# ଲୋକଙ୍କ ସମସ୍ୟାକୁ ଗୁରୁତ୍ୱ ଦେବାକୁ ଆଲୋଚନା



**ଦାରିଙ୍ଗବାଡ଼ି,୧୮ ।୧୨(ସମିସ):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକରେ ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ବ୍ରାହ୍ମଣୀଗାଁସ୍ଥିତ ସିପିଏସଡବ୍ଲୁ ପରିସରରେ ବନ୍ଧୁମିଳନ କାର୍ଯ୍ୟକ୍ରମ ବ୍ଲକ ସଭାପତି ତରଣୀ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସାମ୍ବାଦିକଙ୍କ ସୁରକ୍ଷା ସମ୍ପର୍କରେ ଆଲୋଚନା ହୋଇଥିବା ବେଳେ ସେମାନଙ୍କ ଅସୁବିଧା ସମୟରେ ସମସ୍ତେ ସମସ୍ତଙ୍କ ପ୍ରତି ସାହାଯ୍ୟ ମନୋଭାବ ରଖି ସାହାଯ୍ୟ କରିବା ପାଇଁ କୁହାଯାଇଥିଲା। ଏଥିସହିତ ସାଧାରଣ ଲୋକଙ୍କ ବ୍ୟକ୍ତିଗତ କିମ୍ବା ସାମୁହିକ ସମସ୍ୟା ପ୍ରତି ଅଧିକ ଗୁରୁତ୍ୱ ଦେଇ ଲୋକଲୋଚନକୁ ଆଣି ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ପାଇଁ ଦୃଢ ସଂକଳ୍ପ ନିଆଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଂଘର ଉପଦେଷ୍ଟା ଲକ୍ଷ୍ମୀକାନ୍ତ ରାଜଗୁରୁ ସଂଯୋଜନା କରିଥିଲା ବେଳେ ସମ୍ପାଦକ ତଥା ଜିଲ୍ଲା ସହ ସମ୍ପାଦକ ଅଶ୍ୱିନ ମନ୍ତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରେସ୍ କ୍ଲବର ସଭାପତି ତଥା ଜିଲ୍ଲା ଉପ ସଭାପତି ପ୍ରେମ ଚାନ୍ଦ ସିଂ, ସୁଶାନ୍ତ କୁମାର ସାହୁ, ରାଜୀବ ମୁଠାମାଝୀ, ବରୁଣ କୁମାର ସିଂ ଓ ସତ୍ୟାର୍ଥ ସିଂ ଉପସ୍ଥିତ ଥିଲେ। ପଞ୍ଚାନନ ପଣ୍ଡା ଓ ପିଣ୍ଟୁ ପଣ୍ଡା ସହଯୋଗ କରିଥିଲେ।

# ରାସ୍ତାରେ ଭାସୁଛି ଆବର୍ଜନା ପାଣି



## ତ୍ରୁଟିପୂର୍ଣ୍ଣ ନାଳି ନିର୍ମାଣ

**ପାରଳାଖେମୁଣ୍ଡି,୧୮ ।୧୨ (ସମିସ):** ପାରଳାଖେମୁଣ୍ଡି ପୌରପରିଷଦ ଅନ୍ତର୍ଗତ ଭଣ୍ଡାରୀ ସାହିରେ ନାଳ ତ୍ରୁଟିପୂର୍ଣ୍ଣ ଭାବେ ନିର୍ମାଣ ହୋଇଥିବା ଯୋଗୁଁ ଆବର୍ଜନା ଜଳ ରାସ୍ତାରେ ଭାସୁଥିବା ଦେଖାଯାଇଛି। ପ୍ରକାଶ ଯେ, ପୌରପରିଷଦ ପକ୍ଷରୁ ବିଭିନ୍ନ ସାହିରେ ଥିବା ପୁରାତନ ନାଳକୁ ପୁନରୁଦ୍ଧାର କରାଯାଇ ନିର୍ମାଣ କରାଯାଉଛି। ସେହି କ୍ରମରେ ଭଣ୍ଡାରୀ ସାହିରେ ମଧ ନାଳ ନିର୍ମାଣ କରାଯାଇଛି ଏବଂ ତାଉପରେ ସିମେଣ୍ଟ ପ୍ଲେଟ୍ ବା ଢାଙ୍କୁଣି ଦିଆଯାଉଛି। ହେଲେ ରାସ୍ତାର ପାଣି ଯିବା ପାଇଁ କୌଣସି ବ୍ୟବସ୍ଥା କରାଯାଇ ନ ଥିବାରୁ ଲୋକେ ବ୍ୟବହୃତ କରୁଥିବା ପାଣି ନାଳକୁ ନଯାଇ ରାସ୍ତାରେ ଭାସୁଛି। ଏଥିରେ ରାସ୍ତା କର୍ଦ୍ଦମାକ୍ତ ହେବା ସହ ଘର ସମ୍ମୁଖ ଭାଗ କାଦୁଅ ରହୁଥିବାରୁ ଯାତାୟତରେ ସମସ୍ୟା ଉପୁଜୁଛି ବୋଲି ସାହିବାସିନ୍ଦା ପ୍ରକାଶ କରିଛନ୍ତି। ନାଳ କାମ ବେଳେ ପୌର ଯନ୍ତ୍ରୀ କିମ୍ବା କୌଣସି ଅଧିକାରୀ ଉପସ୍ଥିତ ନ ଥିବାରୁ ଠିକାଦାର ଯୋଜନାହୀନ ଭାବେ ନାଳ କାମ କରିଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ସେମାନେ କହିଛନ୍ତି। ପୌରପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ସମସ୍ୟାର ସମାଧାନ କରିବାକୁ ଦାବି ହେଉଛି।

# ରୁଦାଙ୍ଗିଆରେ ରିଲିଫ୍ ସାମଗ୍ରୀ ବଣ୍ଟନ




**ଟିକାବାଲି,୧୮ ।୧୨(ସମିସ):** କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକ ଗଡଗୁଡ଼ା ପଞ୍ଚାୟତ ରୁଦାଙ୍ଗିଆରେ ଅନନ୍ତ ଦୀପ୍ତି ଆଶା ଟ୍ରଷ୍ଟ ପକ୍ଷରୁ ଏକ ରିଲିଫ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଟିକାବାଲି ବ୍ଲକ ଗଡଗୁଡା ପଞ୍ଚାୟତ ରୁଦାଙ୍ଗିଆ ଓ ଆଖପାଖ ଅଞ୍ଚଳର ୩୫୦ ଗରିବ ପରିବାରକୁ ୨୫ କିଲୋ ଚାଉଳ ପ୍ୟାକେଟ, ଡାଲି୨କିଲୋ, ଚିନି ୧କିଲୋ, ଖାଇବା ତେଲ ୧ଲିଟର, ସୋୟାବଡି ୧କିଲୋ, ଲୁଣ ମସଲା ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ କନ୍ଧମାଳ ଜିଲ୍ଲା ଉପାଧକ୍ଷା ସାଧବଣୀ ନାୟକ, ସମ୍ମାନିତ ଅତିଥି ଭାବରେ ଗଦଗୁଡ଼ା ସରପଞ୍ଚ ପୁଷ୍ପଲତା ପ୍ରଧାନ, ଟ୍ରଷ୍ଟର ସମ୍ପାଦକ ବିନୟ ଟର୍କି, କୋଷଧକ୍ଷ ରମେଶ ନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଏଭଳି କାର୍ଯ୍ୟକ୍ରମ ଜରିଆରେ କନ୍ଧମାଳ ଜିଲ୍ଲାର ବିଭିନ୍ନ ଅପହଞ୍ଚ ଗାଁରେ ବହୁ ପରିବାରକୁ ରିଲିଫ ପ୍ରଦାନ କରାଯିବ ବୋଲି ଟ୍ରଷ୍ଟ ପକ୍ଷରୁ କୁହାଯାଇଛି।

## ବିଦ୍ୟୁତ୍ ଖୁଣ୍ଟକୁ ଧକ୍କାଦେଇ ସ୍କୁଟି ଚାଳକ ଗୁରୁତର

**ପାରଳାଖେମୁଣ୍ଡି,୧୮ ।୧୨(ସମିସ):** ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଗୁରାଣ୍ଡି ଥାନା ଅନ୍ତର୍ଗତ ତୋଟାଗୁମୁଡା ଗ୍ରାମର ଜାତୀୟ ରାଜପଥ ୩୨୬-ଏରେ ଏକ ସଡ଼କ ଦୁର୍ଘଟଣା ଘଟି ଜଣେ ସ୍କୁଟି ଚାଳକ ଗୁରୁତର ଭାବେ ଆହତ ହୋଇଥିବା ଜଣାପଡିଛି। ସ୍କୁଟି ଚାଳକଙ୍କ ପରିଚୟ ମିଳି ନ ଥିବା ବେଳେ ସ୍ଥାନୀୟ ଲୋକେ ସ୍କୁଟି ଚାଳକଙ୍କୁ ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ପ୍ରକାଶ ଯେ, ପାରଳାଖେମୁଣ୍ଡି ସହର ପଟରୁ ରାୟଗଡ଼ ଅଭିମୁଖେ ସ୍କୁଟି ଯାଉଥିବା ବେଳେ ତୋଟାଗୁମୁଡ଼ା ଗ୍ରାମର ଜାତୀୟ ରାଜପଥ କଡରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇଥିଲେ। ଘଟଣାକୁ ନେଇ ଗୁରାଣ୍ଡି ଥାନା ପୁଲିସ ତଦନ୍ତ କରୁଛି।

## ପାଠପଢ଼ା ସମୟରେ ପରିବା ବୋହୁଛନ୍ତି ଛାତ୍ର

**ଦାରିଙ୍ଗବାଡି,୧୮ ।୧୨(ସମିସ):** ପାଠପଢ଼ା ସମୟରେ ପନିପରିବା ବୋହୁଛନ୍ତି ଛାତ୍ରଛାତ୍ରୀ। ସେମାନଙ୍କ ପାଠ ପଢାରେ ବାଧା ସୃଷ୍ଟି ହେଉଛି। ଏଭଳି କିଛି ଦୃଶ୍ୟ ଦେଖିବାକୁ ମିଳିଛି ଦାରିଙ୍ଗବାଡି ବ୍ଲକ ଅନ୍ତର୍ଗତ ସିକରମାହା ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟରେ। ଏହି ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ଉକ୍ତ ସ୍କୁଲର ୨ ଟି ପିଲାଙ୍କୁ ଧରି ପାଠପଢା ସମୟ ୧୧ଟାରେ ବଜାରକୁ ପରିବା ଆଣିବାକୁ ଯାଇଥିଲେ। ପାଠପଢା ସମୟରେ ପିଲା ମୁଖ୍ୟ ରାସ୍ତା ମଧରେ ଚାଲି ଚାଲି ଯାଇ ଦୋକାନରୁ ପରିବା କିଣି ଆଣୁଛନ୍ତି। ରାସ୍ତାରେ ଯିବା ଆସିବା ବେଳେ ମଧ ଦୁର୍ଘଟଣାର ସମ୍ଭାବନା ରହିଛି। ଏହି ଭଳି ଭାବେ ପ୍ରତ୍ୟେକ ଦିନ ସଂପୃକ୍ତ ଶିକ୍ଷକ ପିଲାଙ୍କୁ ପନିପରିବା ବୁହାଉଥିବା ଅଭିଯୋଗ ହେଉଛି। ଏନେଇ ପ୍ରଧାନ ଶିକ୍ଷକ ଶୁନନ୍ଦନ ବଳିଆରସିଂଙ୍କୁ ପିଅନର ଦେହ ଖରାପ ଥିଲା। ଆଉ ଜଣେ ଶିକ୍ଷକଙ୍କୁ ପରିବା ଆଣିବା ପାଇଁ କହିଥିଲି। ଯଦି ସେ କେଉଁ ପିଲାଙ୍କୁ ପରିବା ଆଣିବା ପାଇଁ ନେଇଥିବେ ତାହା ଠିକ୍ ନୁହେଁ ବୋଲି କହିଛନ୍ତି। ଏନେଇ ଗୋଷ୍ଠୀ ଶିକ୍ଷା ଅଧିକାରୀ ହାଡ଼ିବନ୍ଧୁ ବେହେରାଙ୍କୁ ପଚାରିବାରୁ ସେ ଏହାର ତଦନ୍ତ କରାଯିବ ବୋଲି କହିଛନ୍ତି।

## ଉପାଧକ୍ଷା ବିରୋଧରେ ଅନାସ୍ଥା ପାଇଁ ଏନ୍‌ଏସିର ସ୍ୱତନ୍ତ୍ର ବୈଠକ

● ଭୋଟ ପରେ ଫଳାଫଳ ସଂରକ୍ଷିତ

**ଜି.ଉଦୟଗିରି,୧୮ ।୧୨(ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ଉପାଧକ୍ଷଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ ଉପରେ ବୁଧବାର ସ୍ୱତନ୍ତ୍ର ବୈଠକ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଆଲୋଚନାରେ କୌଣସି ନିଷ୍କର୍ଷ ନ ବାହାରିବାରୁ ନିର୍ବାଚନ ଅଧିକାରୀ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜେନା ଓ କାର୍ଯ୍ୟନିର୍ବାହୀ ଦଣ୍ଡାଧିକାରୀ ରଞ୍ଜନ କୁମାର ସାହୁ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡ଼ଙ୍ଗୀଙ୍କ ଉପସ୍ଥିତରେ ୯ ଜଣ ୱାର୍ଡ ସଭ୍ୟଙ୍କ ଠାରୁ ଭୋଟ ଗ୍ରହଣ କରାଯାଇଥିଲା। କିନ୍ତୁ ଉଚ୍ଚ ନ୍ୟାୟାଳୟ ପତ୍ର ସଂଖ୍ୟା ଡବ୍ଲୁପି(ମ)୩୧୩୨୮/୨୪ ଭିଆଇଡିଇ, ଆଇଏଏନଓ ୧୬୭୨୧/୨୦୨୪ ବଳରେ( ରାୟ) ଫଳାଫଳ ସଂରକ୍ଷିତ ରଖାଯାଇଥିବା ନେଇ ଉପାଧକ୍ଷ ସନ୍ତୋଷ କୁମାର ବାଘଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ ଉପରେ ରିଟ ପିଟିସନ ଦାଖଲ କରିଥିବା ଆଇନଜୀବୀ ମୃତ୍ୟୁଞ୍ଜୟ ନାୟକ ସୂଚନା ଦେବା ସହ ଆସନ୍ତାମାସ ୭ ତାରିଖରେ ପରବର୍ତ୍ତୀ ଶୁଣାଣି ପାଇଁ ତାରିଖ ଧାର୍ଯ୍ୟ ହୋଇଥିବା ନେଇ ଅତିରିକ୍ତ ଜିଲ୍ଲାପାଳ ସୂଚନା ଦେଇଛନ୍ତି।

# ପ୍ରାକ୍ ବଡ଼ଦିନ ଉତ୍ସବ ପାଳିତ



**ଟିକାବାଲି,୧୮ ।୧୨(ସମିସ):** କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକ ଏବଂ ଚକାପାଦ ବ୍ଲକ ମିଳିତ ଖ୍ରୀଷ୍ଟିୟାନ ସମାଜ ପକ୍ଷରୁ ପ୍ରାକ-ବଡଦିନ ମହୋତ୍ସବ ଗୁଡାଗାଁ ଚର୍ଚ୍ଚରେ ପାଳିତ ହୋଇଥିଲା। ମହୋତ୍ସବ ଟିକାବାଲି ଏବଂ ଚକାପାଦ ଖ୍ରୀଷ୍ଟ ମଣ୍ଡଳୀ ସଭାପତି ଅବସରପ୍ରାପ୍ତ ସେନା ଅଧିକାରୀ ରମେଶ ଦିଗାଲଙ୍କ ଅଧକ୍ଷତାରେ ଅନଷ୍ଠିତ୍ ହୋଇଥିବା ବେଳେ ମୁଖ୍ୟବକ୍ତା ଭାବେ ଆଚାର୍ଯ୍ୟ ଜିତୁ ଲିମା ଯୋଗ ଦେଇ ଈଶ୍ୱରଙ୍କ ବାକ୍ୟ ପରିବେଷଣ କରିଥିଲେ। ମୁଖ୍ୟଅତିଥି ଭାବେ ଘୁ.ଉଦୟଗିରି ବିଧାୟକ ପ୍ରଫୁଲ ଚନ୍ଦ୍ର ପ୍ରଧାନ, ସମ୍ମାନୀତ ଅତିଥି ଭାବେ ଟିକାବାଲି ପଞ୍ଚାୟତ ସମିତି ଅଧକ୍ଷ ଦିଲୀପ କହଁର, ଚକାପାଦ ପଞ୍ଚାୟତ ସମିତି ଅଧକ୍ଷା ବୈନେତ୍ରି କହଁର, ସମାଜସେବୀ ପ୍ରେମାନନ୍ଦ ସାହୁ, ଚକାପାଦ ବ୍ଲକ ବିଧାୟକ ପ୍ରତିନୀଧି ଅଭିରାମ ଦିଗାଲ, ଖ୍ରୀଷ୍ଟିଆନ ଜନକଲ୍ୟାଣ ସମାଜ ଜିଲ୍ଲା ଉପସଭାପତି ଆଇଜାକ ଦିଗାଲ, ସଂପାଦକ ସୁରଞ୍ଜନ ନାୟକ, ସାମ୍ବାଦିକ ସଂଘ ସଭାପତି ବିମଳ ନାୟକ ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଚକ୍ରଧର ଦିଗାଲ ଯୋଗ ଦେଇଥିଲେ। ଟିକାବାଲି ଏବଂ ଚକାପାଦ ବ୍ଲକ ପାଳକ ୟୁନିୟନ କାର୍ଯ୍ୟକର୍ତ୍ତା ପରିଚାଳନା କରିଥିବା ବେଳେ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଗଜପତିରୁ ପୋଷ୍ୟ ସନ୍ତାନ ଗ୍ରହଣକଲେ କୋରାପୁଟ ଦମ୍ପତି



**ପାରଳାଖେମୁଣ୍ଡି,୧୮ ।୧୨(ସମିସ):** ଗଜପତି ଜିଲ୍ଲାର ୬୩ତମ ଶିଶୁଙ୍କୁ ଜିଲ୍ଲାପାଳ ବିଜୟ କୁମାର ଦାଶ କୋରାପୁଟ ଜିଲ୍ଲାର ଏକ ଦମ୍ପତିଙ୍କୁ ପୋଷ୍ୟ ସନ୍ତାନ ଭାବେ ହସ୍ତାନ୍ତର କରିଛନ୍ତି। ସୂଚନା ପ୍ରକାରେ ପିତୃମାତୃହୀନ ଏହି ଶିଶୁକନ୍ୟାଟିକୁ ଶିଶୁ ମଙ୍ଗଳ ସମିତିଙ୍କ ନିର୍ଦ୍ଦେଶ କ୍ରମେ ଯତ୍ନ ଓ ସୁରକ୍ଷା ନିମନ୍ତେ ନିଶାନ ଶାଲୋମ ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରରେ ରଖାଯାଇଥିଲା। ଶିଶୁ ସମ୍ପର୍କରେ ତଥ୍ୟ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ଗ୍ରହଣ ପୋର୍ଟାଲ୍‌ରେ ଅପଲୋଡ୍ କରାଯାଇଥିଲା। ପୋଷ୍ୟ ସନ୍ତାନ ଗ୍ରହଣ ନିମନ୍ତେ ପ୍ରାୟ ୩ ବର୍ଷ ଧରି ଅନଲାଇନ୍‌ରେ ଦରଖାସ୍ତ ଦେଇ ଅପେକ୍ଷା କରି ରହିଥିବା ଉକ୍ତ ଦମ୍ପତିଙ୍କୁ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ସମ୍ବଳ କେନ୍ଦ୍ର ଅନୁମୋଦନ କରିଥିଲା। ଉପରୋକ୍ତ ଦମ୍ପତି ଶାରିରୀକ ସ୍ତରରେ ଶିଶୁଟିକୁ ପସନ୍ଦ କରି ନେବାପାଇଁ ସ୍ଥିର କରିଥିଲେ। ତାପରେ ଆବଶ୍ୟକ ହେଉଥିବା ଦସ୍ତାବିଜ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ଏବଂ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ପ୍ରସ୍ତୁତ କରିଥିଲା। ସମସ୍ତ ଦସ୍ତାବିଜକୁ ଜିଲ୍ଲାପାଳ ଯାଞ୍ଚ କରିବା ପରେ ବୁଧବାର ଶିଶୁକୁ ଉକ୍ତ ଦମ୍ପତିଙ୍କୁ ହସ୍ତାନ୍ତର କରିଛନ୍ତି। ଶିଶୁର ବୟସ ୩ ମାସ ଏବଂ କନ୍ୟା ଶିଶୁ ହୋଇଥିବା ବେଳେ, ତାକୁ ପାଇ ଉକ୍ତ ଦମ୍ପତି ବେଶ ଖୁସି ଥିବା ଲକ୍ଷ୍ୟ କରାଯାଇଥିଲା । ହସ୍ତାନ୍ତର ସମୟରେ ଶିଶୁ ମଙ୍ଗଳ ସମିତିର ଅଧକ୍ଷ ଅଶ୍ୱିନୀ କୁମାର ମହାପାତ୍ର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ନିଶାନ ଶାଲୋମର ସମାଜସେବୀ ସୁବାସିତ ସ୍ୱାଇସିଂ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଓ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ଉତ୍ସବ ପରେ ସଫା ହେଉନି ଆବର୍ଜନା

## ଦେବଗିରି ଉତ୍ସବରେ ସ୍ଥାନୀୟ କଳାକାରଙ୍କୁ ଅଣଦେଖା ଅଭିଯୋଗ



**ଗୁମ୍ମା,୧୮ ।୧୨(ସମିସ):** ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ସଦର ମହକୁମା ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଦେବଗିରି ଉତ୍ସବ ପାଳନ କରାଯାଇଥିଲା। ଉତ୍ସବର ମୁଖ୍ୟ ଉଦେଶ୍ୟ ହେଉଛି ସ୍ଥାନୀୟ ଲୋକକଳା କଳାକାର ଓ ପ୍ରତିଭାବାନ କଳା ସଂସ୍କୃତିକୁ ଲୋକଲୋଚନକୁ ଆଣିବା। କିନ୍ତୁ ଦେବଗିରି ଉତ୍ସବରେ ସ୍ଥାନୀୟ କଳାକାରଙ୍କୁ ଅଣଦେଖା କରାଯାଇଥିବା ଅଭିଯୋଗ ହେଉଛି। ଅଭିଯୋଗ ଅନୁସାରେ ଗୁମ୍ମା ବ୍ଲକର ଅନେକ କଳାକାର ତଥା ବହୁ ଚର୍ଚ୍ଚିତ ଆଦିବାସୀ ସଙ୍ଗୀତ କୁସୁମାଇ ଲାଙ୍ଗୀ କଣ୍ଠଶିଳ୍ପୀ ଇଷ୍ଟିପାନ ରଇତ, ୟୁଟୁବର ଖ୍ରୀଷ୍ଟିୟାନ ସଙ୍ଗୀତକାର ଓ କଣ୍ଠଶିଳ୍ପୀ ସଲମାନ ପାଳ, ଅମିତ ପାଣି, ଅମିତ ବଡ଼ନାୟକ, ରିକିପଣ୍ଡି ପରିଚ୍ଛା ଓ ଅକ୍ଷୟ ପାଳ ଭଳି ସ୍ଥାନୀୟ କଳାକାରଙ୍କୁ ଅଣଦେଖା କରାଯାଇଛି। ସେହିପରି ଉତ୍ସବରେ ପୂର୍ବ ବର୍ଷ ଅପେକ୍ଷା ଚଳିତବର୍ଷ ପ୍ରଦର୍ଶନ ଷ୍ଟଲ ସଂଖ୍ୟା ହ୍ରାସ ପାଇବା ସହିତ ସ୍ୱଚ୍ଛତା ପ୍ରତି ଧ୍ୟାନ ଦିଆଯାଇନଥିବା ଦେଖିବାକୁ ମିଳିଥିଲା। ଉତ୍ସବରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀ ନିଜ କଳା ପଦର୍ଶନ କରିଥିଲେ। କିନ୍ତୁ ବିଡ଼ମ୍ବନାର ବିଷୟ ଯେ ଆସିଥିବା କଳାକାର, ସ୍ଥାନୀୟ ଜନସାଧାରଣ ଓ ଅତିଥିଙ୍କୁ ଅତି ନିମ୍ନମାନର ଖାଦ୍ୟ ଖାଇବାକୁ ଦିଆଯାଇଛି ବୋଲି ଅଭିଯୋଗ କରିଛନ୍ତି ଗୁମ୍ମା ନାଗରିକ ମଞ୍ଚର ସଦସ୍ୟ ଓ ସ୍ଥାନୀୟ ସରପଞ୍ଚ/ସମିତିସଭ୍ୟ। ତେବେ ଉତ୍ସବ ସରିବା ପରେ ବ୍ଲକ ପରିସରରେ କୁଡ଼ କୁଡ଼ ଖାଇବା ପ୍ଲେଟ ଓ ଆବର୍ଜନା ବ୍ଲକ ପରିସରରେ ପଡିରହିବା କାରଣରୁ ପରିବେଶ ଦୂଷିତ ହେଉଥିବା ଅଭିଯୋଗ ହେଉଛି। ଉତ୍ସବର ସମ୍ପୂର୍ଣ୍ଣ ଦାୟିତ୍ୱ ନେଇଥିବା ସହକାରୀ ଯନ୍ତ୍ରୀ ବିଭୁ ଚରଣ ପୂଜାରୀଙ୍କ ଅବ୍ୟବସ୍ଥା ସମ୍ପର୍କରେ ପଚାରାଯିବାରେ ଖାଇବା ପ୍ଲେଟ ଶୁଖିଲା ପରେ ପୋଡି ଦିଆଯିବ ବୋଲି କହିଛନ୍ତି।

# ଚାନ୍ଦା ସହ ଶ୍ରମଦାନ କରି ରାସ୍ତା ମରାମତି କଲେ ଗ୍ରାମବାସୀ



## ଶୁଣିଲାନି ପ୍ରଶାସନ

ଗୁମ୍ମା,୧୮ ।୧୨(ସମିସ)

ସରକାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଉନ୍ନତି ଦିଗରେ ଚିନ୍ତାକରି କୋଟି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଆଜି ପର୍ଯ୍ୟନ୍ତ ଅବହେଳିତ ଅବସ୍ଥାରେ ଜୀବନ ଯାପନ କରୁଛନ୍ତି ଜାନୀଗୁଡ଼ା ଗ୍ରାମବାସୀ। ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଅନ୍ତର୍ଗତ ପରିଡ଼ା ପଞ୍ଚାୟତ ଆରଡ଼ି ରାସ୍ତା ଠାରୁ ଜାନୀଗୁଡ଼ା ୩କିମି ରାସ୍ତା ଶୋଚନୀୟ ଅବସ୍ଥାରେ ରହିଥିଲା। ୧୨୦ ପରିବାର ରହୁଥିବା ଜାନୀଗୁଡ଼ା ଗାଁକୁ ଭଲ ରାସ୍ତା ନାହିଁ। ଏଥିଯୋଗୁଁ ଗ୍ରାମବାସୀ ଅନେକ ସମୟରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଏପରିକି ବର୍ଷା ହେଲେ ଗାଁକୁ ଆମ୍ବୁଲାନ୍ସ ଯାଇପାରୁ ନ ଥିବାରୁ ସ୍ୱାସ୍ଥ୍ୟସେବା ବି ପ୍ରଭାବିତ ହେଉଥିଲା। ଗାଁକୁ ପକ୍କାରାସ୍ତା ନିର୍ମାଣ ପାଇଁ ପଞ୍ଚାୟତ ଠାରୁ ଆରମ୍ଭ କରି ବିଡିଓ, ଜିଲ୍ଲାପାଳ ଓ ରାଜନେତାଙ୍କୁ ଗୁହାରି କରିଥିଲେ ଗ୍ରାମବାସୀ ଲୁକ ଗମାଙ୍ଗ, ଦୁଃଖ ରଇତ, ସେରପନ ଭୂୟାଁ, ଆପଲ ରଇତ, ଜିରମିୟ ରଇତ ଓ ୱାର୍ଡମେମ୍ବର ଜୋବୁଲା ରଇତ। ହେଲେ ପ୍ରଶାସନ ନ ଶୁଣିବାରୁ ଗାଁଲୋକେ ଘର ପିଛା ଚାନ୍ଦା କରି ସେହି ଅର୍ଥରେ ମାଟି ଓ ମୁରୁମ ଆଣି ଗାଁର ପିଲା ବୁଢ଼ା; ସମସ୍ତେ ଏକତ୍ର ହୋଇ ଶ୍ରମଦାନ କରି ଗାଁ ରାସ୍ତାକୁ ମରାମତି କରିଛନ୍ତି। ସରକାରୀ ଅଧିକାରୀଙ୍କ ଇଚ୍ଛାଶକ୍ତି ଅଭାବ ଏବଂ ଉଦାସୀନ ମନୋଭାବ ଯୋଗୁଁ ଉପାନ୍ତ ତଥା ଦୁର୍ଗମ ଅଞ୍ଚଳରେ ବିକାଶ ବନ୍ଦ ହେଉଛି ବୋଲି ବୁଦ୍ଧିଜୀବୀ ଅଭିଯୋଗ କରିଛନ୍ତି। ଏସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ପ୍ଲଟ୍ ବିକ୍ରି ଆଳରେ ୯ ଲକ୍ଷ ଠକେଇ

● ଦମ୍ପତିଙ୍କ ନାଁରେ ଏତଲା

**ବ୍ରହ୍ମପୁର,୧୮ ।୧୨(ସମିସ):** ଏକ ପ୍ଲଟ ବିକ୍ରି ଆଳରେ ଜଣେ ମହିଳାଙ୍କ ଠାରୁ ୯ ଲକ୍ଷ ଟଙ୍କା ଠକେଇ ହୋଇଛି । ଏନେଇ ବଡବଜାର ଥାନାରେ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି । ସୂଚନାଯୋଗ୍ୟ ଯେ, ଆସିକାରୋଡ କାଲୁପାତ୍ର ସାହି ନିବାସୀ ଗିତାଞ୍ଜଳୀ ସାହୁ ନାମକ ଜଣେ ମହିଳା ଏକ ପ୍ଲଟ କିଣିବାକୁ ବିଜିପୁର ନୀଳକଣ୍ଠନଗର ପ୍ରଥମ ଲାଇନ ନିବାସୀ ଜଣେ ମହିଳା ଓ ତାଙ୍କ ସ୍ୱାମୀଙ୍କ ସହ ଯୋଗାଯୋଗ କରିଥିଲେ । ଗିତାଞ୍ଜଳୀଙ୍କୁ ଖଜୁରିଆ ଠାରେ ୧୦ଲକ୍ଷ ଟଙ୍କା ମୂଲ୍ୟରେ ଏକ ପ୍ଲଟ ଦେବାକୁ ଏହି ଦମ୍ପତି ପ୍ରତିଶ୍ରୁତି ଦେଇଥିଲେ । ସେହିକ୍ରମରେ ଏହି ଦମ୍ପତି ଗିତାଞ୍ଜଳୀଙ୍କ ଠାରୁ ଅଗ୍ରୀମ ୯ ଲକ୍ଷ ଟଙ୍କା ନେଇଥିଲେ । ୬ମାସ ମଧ୍ୟରେ ପ୍ଲଟ ତାଙ୍କ ନାମରେ ପଞ୍ଜୀକରଣ କରାଇବେ ବୋଲି କହିଥିଲେ । ଏନେଇ ଉଭୟଙ୍କ ମଧ୍ୟରେ ଚୁକ୍ତି ହୋଇଥିବା ବେଳେ ରେଜିଷ୍ଟ୍ରେସନ ବେଳେ ଅବଶିଷ୍ଟ ୧ଲକ୍ଷ ନେବେ ବୋଲି ଉଲ୍ଲେଖ କରିଥିଲା । ତେବେ ସମୟ ଅବଧି ପୁରଣ ହେବା ସତ୍ତ୍ୱେ ପ୍ଲଟ ତାଙ୍କ ନାମରେ ରେଜିଷ୍ଟ୍ରେସନ ନହେବରୁ ଟଙ୍କା ଫେରାଇ ଦେବାକୁ ଗିତାଞ୍ଜଳୀ କହିଥିଲେ । ପରେ ଅଭିଯୁକ୍ତ ଦମ୍ପତି ଗିତାଞ୍ଜଳୀଙ୍କୁ ଏକ ଚେକ୍ ଦେଇଥିଲେ । ହେଲେ ଉକ୍ତ ଚେକଟି ବାଉନ୍ସ ହୋଇଯାଇଥିଲା । ଏନେଇ ଗୀତାଞ୍ଜଳି ପଚାରିବାରେ ସେହି ଦମ୍ପତି ତାଙ୍କୁ ବିଭିନ୍ନପ୍ରକାର ଧମକଚମକ ଦେଇଥିଲେ । ଶେଷରେ ଗିତାଞ୍ଜଳୀ ବାଧ୍ୟ ହୋଇ ବଡବଜାର ଥାନାରେ ସମ୍ପୃକ୍ତ ଦମ୍ପତିଙ୍କ ବିରୋଧରେ ଅଭିଯୋଗ କରିଥିଲେ ।

## ଚାକିରି ଲୋଭ ଦେଖାଇ ୩ ଲକ୍ଷ ଠକେଇ

● ଜେଲ୍‌ରେ ଥିବା ଜଗଦୀଶଙ୍କ ନାଁରେ ଆଉ ୨ ମାମଲା

**ବ୍ରହ୍ମପୁର,୧୮ ।୧୨(ସମିସ):** ବିଭିନ୍ନ ବିଭାଗରେ ସରକାରୀ ଚାକିରି କରାଇଦେବାକୁ କହି ଏକାଧିକ ନିଯୁକ୍ତି ଆଶାୟୀ ଯୁବକ ଯୁବତୀଙ୍କ ଠାରୁ କୋଟି କୋଟି ଟଙ୍କା ଠକି ନେଇଥିବା ଅଭିଯୋଗରେ ଗିରଫ ହୋଇଥିବା ଜଗଦୀଶ ବେହେରାଙ୍କ ନାମରେ ଆଉ ଦୁଇଟି ମାମଲା ରୁଜୁ ହୋଇଛି । ପୂର୍ବରୁ ଏକ ମାମଲାରେ ଜଗଦୀଶ ଗିରଫ ହୋଇ ବ୍ରହ୍ମପୁର ଜେଲରେ ରହିଥିବା ବେଳେ ତାଙ୍କ ନାମରେ ଆଉ ଦୁଇଟି ନୂତନ ଠକେଇ ମାମଲା ବୈଦ୍ୟନାଥପୁର ଓ ଗୋପାଳପୁର ଥାନାରେ ରୁଜୁ ହୋଇଛି । ଅଭିଯୁକ୍ତ ଜଗଦୀଶଙ୍କ ସମେତ କନ୍ଧମାଳ ଜିଲ୍ଲାର ସୁବ୍ରତ କୁମାର ମହାନ୍ତି ନାମକ ଅନ୍ୟଜଣେ ଯୁବକଙ୍କ ନାମରେ ମଧ୍ୟ ମାମଲା ରୁଜୁ ହୋଇଛି । ସୂଚନାଯୋଗ୍ୟ ଯେ, ଅରବିନ୍ଦନଗର ପ୍ରଥମ ଲାଇନ ନିବାସୀ ବ୍ରଜେଶ୍ୱର ବିଷୋୟୀଙ୍କୁ କନ୍ଧମାଳ ଜିଲ୍ଲାର ସୁବ୍ରତ ମହାନ୍ତି ଚାକିରି ଦେବାକୁ କହି ୪ଟି ପର୍ଯ୍ୟାୟରେ ୧ଲକ୍ଷ ୫୦ହଜାର ଟଙ୍କା ନେଇଥିଲେ । ଟଙ୍କା ନେବାର ବର୍ଷକ ପରେ ବ୍ରଜେଶ୍ୱରଙ୍କୁ ନିଯୁକ୍ତିପତ୍ର ମଧ୍ୟ ଦେଇଥିଲେ । କିନ୍ତୁ ନିଯୁକ୍ତିପତ୍ରରେ ଉଲ୍ଲେଖ ଥିବା ଚାକିରିରେ ଯୋଗଦେବାର ତାରିଖର ଦିନକ ପୂର୍ବରୁ ସୁବ୍ରତ ଫୋନ କରି ସରକାରୀସ୍ତରରେ କିଛି ସମସ୍ୟା ରହିଥିବା କହିଥିଲେ । ପୁଣିଥରେ ନୂତନ ନିଯୁକ୍ତିପତ୍ର ପ୍ରଦାନ କରାଯିବ ବୋଲି ସେ ବ୍ରଜେଶ୍ୱରଙ୍କୁ ଜଣାଇଥିଲେ । ଏହାର କିଛିଦିନ ପରେ ପୁଣି ଏକ ନିଯୁକ୍ତିପତ୍ର ଦେଇଥିଲେ ହେଲେ ପୁଣି ସମାନ ନାଟକ କରିଥିଲେ । ଏହାକୁ ନେଇ ବ୍ରଜେଶ୍ୱରଙ୍କ ସନ୍ଦେହ ବଢିବା ସହ ତାଙ୍କ ଟଙ୍କା ଫେରାଇ ଦେବାକୁ କହିଥିଲେ । ଏହା ଶୁଣିବା ପରେ ସୁବ୍ରତ ଅଭିଯୋଗକାରୀ ବ୍ରଜେଶ୍ୱରଙ୍କୁ ଭୁବନେଶ୍ୱର ଡକାଇ ଆଉ ଏକ ନିଯୁକ୍ତିପତ୍ର ଦେଇଥିଲେ । ହେଲେ ସେହି ନିଯୁକ୍ତିପତ୍ରରେ କାର୍ଯ୍ୟରେ ଯୋଗଦେବାର ଯେଉଁ ତାରିଖ ଲେଖା ଥିଲା ସେହି ତାରିଖ ଦିନ ସୁବ୍ରତ ନିଜ ମୋବାଇଲକୁ ବନ୍ଦ କରିଦେଇଥିଲେ । ଫଳରେ ବ୍ରଜେଶ୍ୱର ଥାନାର ଦ୍ୱାରସ୍ତ ହୋଇଥିଲେ । ସେହିଭଳି ଗୋପାଳପୁର ଥାନା ଅନ୍ତର୍ଗତ ଟାଟା କଲୋନୀ ସିନ୍ଧିଗାଁର ଅଜିତ କୁମାର ବେହେରାଙ୍କୁ ମଧ୍ୟ ନିଯୁକ୍ତି କରାଇ ଦେବାକୁ କହି ଏକ ଲକ୍ଷ ୫୦ହଜାର ଟଙ୍କା ଠକି ନେଇଥିଲେ ଜଗଦୀଶ ଓ ସୁବ୍ରତ । ଏନେଇ ଅଜିତ ଗୋପାଳପୁର ଥାନାରେ ଉଭୟଙ୍କ ନାମରେ ଅଭିଯୋଗ କରିଛନ୍ତି ଅଜିତ । ଅନ୍ୟପକ୍ଷରେ ବୈଦ୍ୟନାଥପୁର ଥାନା ପୁଲିସ କିଛିଦିନ ପୂର୍ବେ ଗୋପାଳପୁର ଶେଗିଡି ସାହି ବାସିନ୍ଦା ତଥା ଭୁବନେଶ୍ୱର ଖଣ୍ଡଗିରିରେ ରହୁଥିବା ମୁଖ୍ୟ ଅଭିଯୁକ୍ତ ଜଗଦୀଶ କୁମାର ବେହେରା ଓ ତାଙ୍କ ଗ୍ୟାଙ୍ଗର ଆସିକା କାଳକଣ୍ଠପୁରର ହୃଦୟାନନ୍ଦ ମୁନୀ, ଆସିକାର ସୂର୍ଯ୍ୟକାନ୍ତ ବେହେରା, ବାଲେଶ୍ୱର କଣ୍ଟାପଡାର ସୁମନ୍ତ ପାତ୍ର, ଜଗତସିଂହପୁରରେ ରହୁଥିବା କେନ୍ଦ୍ରାପଡା ନଳଡିଆଁଶାସନର ଶିଶିର କୁମାର ମିଶ୍ର, ନୟାଗଡ ନୂଆ ବସଷ୍ଟାଣ୍ଡ ଅଞ୍ଚଳର ସନ୍ତୋଷ ନାୟକ, ଖୋର୍ଦ୍ଧା ବାଳକାଟିର ପ୍ରକାଶ ସେଠୀ, ଖୋର୍ଦ୍ଧା ବାଲିପାଟଣା ଚଣାହାଟର ସୁନୀଲ ବେହେରା ଓ ବାଲିଅନ୍ତା ବାଢିପଡାର ଚୌହାନ ଜେନାଙ୍କୁ ଗିରଫ କରିଥିଲା ।

# ଏମ୍‌କେସିଜି କ୍ୟାମ୍ପସ୍‌ରେ ଖୁବ୍‌ଶୀଘ୍ର ସ୍ୱତନ୍ତ୍ର ପାଟ୍ରୋଲିଂ

**ଆଦିତ୍ୟ ବିର୍ଲା 'ଗ୍ରାସିମ' ପକ୍ଷରୁ ମିଳିଛି ୪ ଚକିଆ ଯାନ**

**ରାତ୍ରିକାଳୀନ ପାଟ୍ରୋଲିଂରେ ରହିବେ ପୁଲିସ ଓ ଘରୋଇ ସୁରକ୍ଷାକର୍ମୀ**

ବ୍ରହ୍ମପୁର,୧୮ ।୧୨(ସମିସ)

ସୁଦୃଢ଼ ହେବ ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲ କ୍ୟାମ୍ପସର ସୁରକ୍ଷା ବ୍ୟବସ୍ଥା । ଏଥିପାଇଁ ପୁଲିସ ପ୍ରଶାସନର ସହାୟତାରେ ମେଡିକାଲ କର୍ତ୍ତୃପକ୍ଷ ହାତକୁ ନେବାକୁ ଯାଉଛନ୍ତି ସ୍ୱତନ୍ତ୍ର ବ୍ୟବସ୍ଥା । ଖୁବ୍‌ଶୀଘ୍ର କ୍ୟାମ୍ପସରେ ଆରମ୍ଭହେବ ସ୍ୱତନ୍ତ୍ର ରାତ୍ରିକାଳୀନ ପାଟ୍ରୋଲିଂ ବ୍ୟବସ୍ଥା । ଏଥିପାଇଁ ଗଞ୍ଜାମ ସ୍ଥିତ ଆଦିତ୍ୟ ବିର୍ଲା 'ଗ୍ରାସିମ' କମ୍ପାନୀ ପକ୍ଷରୁ ମେଡିକାଲକୁ ଯୋଗାଇ ଦିଆଯାଇଛି ଏକ ୪ଚକିଆ ଯାନ । ପୁଲିସ କର୍ମଚାରୀ ଓ ଘରୋଇ ସୁରକ୍ଷାକର୍ମୀଙ୍କୁ ନେଇ କ୍ୟାମ୍ପସରେ କଡ଼ାକଡ଼ି ହେବ ପାଟ୍ରୋଲିଂ ।

ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲ କ୍ୟାମ୍ପସରେ ସୁରକ୍ଷାକୁ ନେଇ ବିଭିନ୍ନ ସମୟରେ ଉଠିଛି ପ୍ରଶ୍ନ । କେତେବେଳେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଦୁର୍ବୃତ୍ତଙ୍କ ଆକ୍ରମଣର ଶିକାର ହୋଇଛନ୍ତି ତ ଆଉ କେତେବେଳେ ଖୋଦ୍ ଡାକ୍ତର, ମେଡିକାଲ କର୍ମଚାରୀ ଏପରିକି ଡାକ୍ତରୀ ଛାତ୍ରଛାତ୍ରୀ ମଧ୍ୟ ଅସାମାଜିକ ଯୁବକଙ୍କ ଆକ୍ରମଣରୁ ବର୍ତ୍ତି ନାହାନ୍ତି । ଏପରିସ୍ଥଳେ କ୍ୟାମ୍ପସର ସୁରକ୍ଷାକୁ ଦୃଷ୍ଟିରେ ରଖି କଲେଜ କର୍ତ୍ତୃପକ୍ଷ ଓ ରାଜ୍ୟ ସରକାରଙ୍କ ପକ୍ଷରୁ କେତେକ ବିହିତ ପଦକ୍ଷେପ ମଧ୍ୟ ଗ୍ରହଣ କରାଯାଇଛି । କ୍ୟାମ୍ପସରେ ଅନୁପ୍ରବେଶକୁ ରୋକିବାକୁ ଯାଇ କଲେଜ ଓ ହସ୍ପିଟାଲ କର୍ତ୍ତୃପକ୍ଷ ବିଭିନ୍ନ ଗଳାବାଟକୁ ବନ୍ଦ କରି ଶକ୍ତ ପାଚେରୀ ନିର୍ମାଣ କରିଦେଇଛନ୍ତି । ଏହା ଦ୍ୱାରା ଅନେକାଂଶରେ ଅନୁପ୍ରବେଶକୁ ରୋକାଯିବା ସହିତ ଅସାମାଜିକ ତତ୍ତ୍ୱଙ୍କ କାର୍ଯ୍ୟକଳାପକୁ ମଧ୍ୟ ହ୍ରାସ କରାଯାଇପାରିଛି । ଏକ୍ଷେତ୍ରରେ ଆଉ ପାଦେ ଆଗକୁ ଯାଇ ମେଡିକାଲ କଲେଜ ଓ ହସ୍ପିଟାଲ କର୍ତ୍ତୃପକ୍ଷ କ୍ୟାମ୍ପସରେ ପୁଲିସ ସହାୟତାରେ ସ୍ୱତନ୍ତ୍ର ପାଟ୍ରୋଲିଂ ବ୍ୟବସ୍ଥା କରିବାକୁ ଯାଉଛନ୍ତି । ଏଥିପାଇଁ ଏକ ୪ଚକିଆ ଯାନ ଗଞ୍ଜାମ ସ୍ଥିତ ଆଦିତ୍ୟ ବିର୍ଲାର ଗ୍ରାସିମ କମ୍ପାନୀ ପକ୍ଷରୁ ମେଡିକାଲ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଇଛି । ଏହି ଗାଡିରେ ଜଣେ ଡ୍ରାଇଭରଙ୍କ ସମେତ ଦୁଇଜଣ ପୁଲିସ କର୍ମଚାରୀ ଓ ୩ରୁ୪ଜଣ ଘରୋଇ ସୁରକ୍ଷା କର୍ମୀ ନିୟୋଜିତ ରହିବେ । ପ୍ରତ୍ୟହ ରାତିରେ ୨ରୁ୩ଟି ପର୍ଯ୍ୟାୟରେ ପାଟ୍ରୋଲିଂ କରିବେ ବୋଲି ଜଣାପଡିଛି । ଏଥିପାଇଁ ଖୁବ୍‌ଶୀଘ୍ର ବୈଦ୍ୟନାଥପୁର ଥାନା ପକ୍ଷରୁ ଏକ ସ୍ୱତନ୍ତ୍ର ଟୋଲଫ୍ରି ନମ୍ବର ଅଥବା ଡ୍ୟୁଟିରେ ରହୁଥିବା କର୍ମଚାରୀଙ୍କ ଟେଲିଫୋନ ନମ୍ବରକୁ ସାର୍ବଜନୀନ କରାଯିବ ବୋଲି ଜଣାପଡିଛି । ବର୍ତ୍ତମାନ ମେଡିକାଲ କ୍ୟାମ୍ପସରେ ଥିବା ପୁଲିସ ଫାଣ୍ଡି ପକ୍ଷରୁ ଯଦିଓ ପାଟ୍ରୋଲିଂ କରାଯାଉଛି ତଥାପି ଏହି ସ୍ୱତନ୍ତ୍ର ବ୍ୟବସ୍ଥା ଜରିଆରେ ପାଟ୍ରୋଲିଂ ଅଧିକ ସୁଦୃଢ ହୋଇପାରିବ ବୋଲି ଆଶା ରଖିଛନ୍ତି ମେଡିକାଲ କଲେଜ ଓ ହସ୍ପିଟାଲର ଡିନ୍ ତଥା ଅଧ୍ୟକ୍ଷା ପ୍ରଫେସର ଡାକ୍ତର ସୁଚିତ୍ରା ଦାସ । ପୂର୍ବରୁ ପାଟ୍ରୋଲିଂ ଅଭାବର ସୁଯୋଗ ନେଇ କ୍ୟାମ୍ପସରେ ଅସାମାଜିକ ତତ୍ତ୍ୱଙ୍କ ପ୍ରାଦୁର୍ଭାବ ଯଦିଓ ବୃଦ୍ଧି ପାଇଥିଲା ତାକୁ କ୍ରମଶଃ ରୋକିବାରେ କର୍ତ୍ତୃପକ୍ଷ ସକ୍ଷମ ହୋଇଥିଲେ । ବର୍ତ୍ତମାନ ଏହି ସ୍ୱତନ୍ତ୍ର ପାଟ୍ରୋଲିଂ ବ୍ୟବସ୍ଥା ଲାଗୁ ହେଲେ କ୍ୟାମ୍ପସର ସୁରକ୍ଷା ବ୍ୟବସ୍ଥା ଆହୁରି ଅଧିକ ସୁଦୃଢ ହୋଇପାରିବ ଏବଂ ରୋଗୀ, ସେମାନଙ୍କ ସମ୍ପର୍କୀୟ, ହସ୍ପିଟାଲ ଓ ମେଡିକାଲ କଲେଜର କର୍ମଚାରୀଙ୍କ ସମେତ ଡାକ୍ତର ଓ ଛାତ୍ରଛାତ୍ରୀ ଉପକୃତ ହୋଇପାରିବେ ବୋଲି ଆଶା କରାଯାଇଛି । ହସ୍ପିଟାଲ ଓ କଲେଜ କର୍ତ୍ତୃପକ୍ଷଙ୍କ ଏଭଳି ପଦକ୍ଷେପକୁ ଡାକ୍ତର, କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ସମେତ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ସମସ୍ତେ ଖୁସି ବ୍ୟକ୍ତ କରିଛନ୍ତି ।



**ନବୀନଙ୍କୁ ଭେଟିଲେ ବିଏମ୍‌ସି କର୍ପୋରେଟର୍**

# ସୁପ୍ରିମୋଙ୍କ ହସ୍ତକ୍ଷେପ ପରେ ଦୂରହେଲା ମତଭେଦ



ବ୍ରହ୍ମପୁର,୧୮ ।୧୨(ସମିସ)

ରାମଲିଙ୍ଗେଶ୍ୱର ଜଳ ଉଦ୍ୟାନ ବାବଦ ବକେୟା ପ୍ରାପ୍ୟ ପ୍ରଦାନ ସମେତ ଅନ୍ୟାନ୍ୟ ପ୍ରସଙ୍ଗକୁ ନେଇ ବିଏମସିର ବିଜେଡି କର୍ପୋରେଟରଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦର ଅନ୍ତ ଘଟିଛି । ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ହସ୍ତକ୍ଷେପ ପରେ ଦୁଇଗୋଷ୍ଠୀ ମଧ୍ୟରେ ଥିବା ମତଭେଦ ଦୂର ହୋଇଥିବା ଜଣାପଡିଛି । ନବୀନ ନିବାସରୁ ଡାକରା ପାଇ ବ୍ରହ୍ମପୁରରୁ ଦୁଇଜଣ ପୂର୍ବତନ ବିଧାୟକଙ୍କ ସମେତ ମେୟର, ଡେପୁଟି ମେୟର ଓ ୩୪ଜଣ କର୍ପୋରେଟର ବୁଧବାର ଭୁବନେଶ୍ୱର ଗସ୍ତ କରିଥିଲେ । ପ୍ରଥମେ ଶଙ୍ଖ ଭବନରେ ସମନ୍ୱୟ କମିଟି ଅଧ୍ୟକ୍ଷ ଦେବୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ବୈଠକ ବସିଥିଲା । ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଓ ଜିଲ୍ଲା ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କ ସମେତ ବ୍ରହ୍ମପୁର ମହାନଗର ନିଗମର କର୍ପୋରେଟରଙ୍କ ସମେତ ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇ ଓ ଡେପୁଟି ମେୟର ବିବେକ ରେଡ୍ଡୀ ବୈଠକରେ ସାମିଲ ଥିଲେ । ଶଙ୍ଖ ଭବନରେ ବୈଠକ ପରେ ନବୀନ ନିବାସରେ ବ୍ରହ୍ମପୁରର ବିଜେଡି ନେତାମାନେ ନବୀନ ପଟ୍ଟନାୟକଙ୍କୁ ଭେଟିଥିଲେ । ବିଜେଡି ସମନ୍ୱୟ କମିଟି ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର କହିଛନ୍ତି ସମସ୍ତଙ୍କ ସହ ସାଙ୍ଗଠନିକ ପ୍ରସଙ୍ଗରେ ଆଲୋଚନା ହୋଇଛି । ଏହି ଅବସରରେ ବରିଷ୍ଠ ବିଜେଡି ନେତା ପ୍ରଦୀପ ଅମାତ ମଧ୍ୟ ଉପସ୍ଥିତ ଥିଲେ । ବିକାଶ କାମ କିଭଳି ଆଗକୁ ବଢିବ ଓ ସଭ୍ୟ ସଂଗ୍ରହ କାର୍ଯ୍ୟ କିଭଳି ସମନ୍ୱୟ ରଖି ଆଗକୁ ଯିବ ସେ ନେଇ ଆଲୋଚନା ହୋଇଥିଲା । ଏ ନେଇ ନବୀନ ପଟ୍ଟନାୟକଙ୍କୁ ଅବଗତ କରାଗଲା ବୋଲି ସୂଚନା ଦେଇଛନ୍ତି ଦେବୀ ପ୍ରସାଦ ମିଶ୍ର । ପୂର୍ବରୁ ମଧ୍ୟ ବରିଷ୍ଠ ନେତାଙ୍କ ସହ ପର୍ଯ୍ୟାୟ କ୍ରମେ ବ୍ରହ୍ମପୁର ନେତାଙ୍କ ସହ ଆଲୋଚନା ହୋଇଥିଲା । କୌଣସି ସମାଧାନ ନହେବାରୁ ସୁପ୍ରିମୋଙ୍କ ହସ୍ତକ୍ଷେପ ଲୋଡ଼ାଯାଇଥିଲା । ଦୁଇ ଗୋଷ୍ଠୀ କର୍ପୋରେଟରଙ୍କ ମଧ୍ୟରେ ଥିବା ବିବାଦର ଅନ୍ତ ଘଟିବା ପରେ ବିଏମସିରେ ଉନ୍ନୟନ ମୂଳକ କାର୍ଯ୍ୟ ଆଗକୁ ତ୍ୱରାନ୍ୱିତ ହେବ ବୋଲି ଆଶା କରାଯାଉଛି ।

ସେପଟେ ଦଳୀୟ କର୍ପୋରେଟରଙ୍କ ମଧ୍ୟରେ କୌଣସି ମତଭେଦ ନାହିଁ । ଯାହା ସବୁ କର୍ପୋରେସନ କଥା ସେସବୁ କର୍ପୋରେସନ ବୈଠକରେ ତୁଟିବ । କର୍ପୋରେସନ ଭିତରେ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଭ୍ୟନ୍ତରୀଣ ମତପାର୍ଥକ୍ୟ । କିନ୍ତୁ ସମସ୍ତେ ଏକ ହୋଇ କାମ କରିବେ ବୋଲି ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ମତ ଦେଇଛନ୍ତି । ରାମ ଲିଙ୍ଗମ ଟ୍ୟାଙ୍କକୁ ନେଇ ସମସ୍ୟା ହୋଇଥିଲା । ତେବେ ନବୀନ ବାବୁଙ୍କ କଥା ଆସିଲେ ସମସ୍ତେ ଏକାଠି ବୋଲି ବିକ୍ରମ ପଣ୍ଡା ଦୃଢୋକ୍ତି ପ୍ରକାଶ କରିଛନ୍ତି । ସଭ୍ୟ ସଂଗ୍ରହ ବୃଦ୍ଧି କରାଯିବା ପ୍ରସଙ୍ଗରେ ଆଲୋଚନା ହୋଇଥିବା ନେଇ ବ୍ରହ୍ମପୁର ମହାନଗର ନିଗମର କର୍ପୋରେଟର ମାନେ ମତ ଦେଇଛନ୍ତି । ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ସହ ସାକ୍ଷାତ ଆଲୋଚନା କରି ସମସ୍ତେ ଖୁସି ଥିବା କହିଛନ୍ତି ।

● ୨୧ତମ ରାଜ୍ୟସ୍ତରୀୟ ସବ୍ ଜୁନିଅର ହ୍ୟାଣ୍ଡବଲ ପ୍ରତିଯୋଗିତା

## ଗଞ୍ଜାମ ବାଳକ ଦଳ ରନର୍ସ ଅପ୍




**ବ୍ରହ୍ମପୁର,୧୮ ।୧୨(ସମିସ):** କେନ୍ଦୁଝର ଠାରେ ଅନୁଷ୍ଠିତ ୨୧ତମ ରାଜ୍ୟସ୍ତରୀୟ ସବ୍ ଜୁନିଅର ହ୍ୟାଣ୍ଡବଲ ଚାମ୍ପିଆନସିପରେ ଗଞ୍ଜାମ ବାଳକ ଦଳ ଦ୍ୱିତୀୟ ସ୍ଥାନରେ ରହି ରନର୍ସ ଅପ୍ ହୋଇଛି । ଗତ ୧୭ ଓ ୧୮ ଦୁଇଦିନ ଧରି ଆୟୋଜିତ ଏହି ଆନ୍ତଃଜିଲ୍ଲା ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଗଞ୍ଜାମ ଦଳ ଅଂଶଗ୍ରହଣ କରି ଫାଇନାଲରେ ଆୟୋଜକ କେନ୍ଦୁଝର ଠାରୁ (୨୬-୧୯) ଗୋଲ ବ୍ୟବଧାନରେ ପରାସ୍ତ ହୋଇଛି । କେନ୍ଦୁଝର ଦଳ ଚାମ୍ପିଆନ ହୋଇଥିବା ବେଳେ ଗଞ୍ଜାମ ଦଳ ରନର୍ସ ଅପ୍ ବିବେଚିତ ହୋଇଛି । ପ୍ରତିଯୋଗିତାର ପ୍ରାରମ୍ଭରୁ ଗଞ୍ଜାମ ଦଳ ଚମତ୍କାର ଖେଳ ପ୍ରଦର୍ଶନ କରି ଯଥାକ୍ରମେ ଯାଜପୁରକୁ ପ୍ରଥମ ମ୍ୟାଚରେ (୧୧-୦୫), ଦ୍ୱିତୀୟ ମ୍ୟାଚରେ ଭୁବନେଶ୍ୱରକୁ (୧୨-୦୫) ଏବଂ ତୃତୀୟ ତଥା କ୍ୱାର୍ଟର ଫାଇନାଲରେ ଢେଙ୍କାନାଳକୁ (୧୦-୦୫) ଗୋଲ ବ୍ୟବଧାନରେ ପରାସ୍ତ କରି ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଥିଲା । ସେହିଭଳି ସେମିଫାଇନାଲରେ ଦେଓଗଡକୁ (୧୬-୦୮) ଗୋଲ ବ୍ୟବଧାନରେ ପରାସ୍ତ କରି ଗଞ୍ଜାମ ଦଳ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଥିଲା । ତେବେ ଫାଇନାଲରେ ଆୟୋଜକ କେନ୍ଦୁଝର ଠାରୁ (୨୬-୧୯) ଗୋଲ ବ୍ୟବଧାନରେ ପରାସ୍ତ ହୋଇ ରନର୍ସ ଅପ୍ ହୋଇଛି ଗଞ୍ଜାମ ଦଳ । ଟୁର୍ଣ୍ଣାମେଣ୍ଟରେ ଗଞ୍ଜାମ ଦଳର ସମସ୍ତ ଖେଳାଳୀ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହେବା ସହିତ ଚୟନକର୍ତ୍ତାଙ୍କୁ ଆକର୍ଷିତ କରିପାରିଥିଲେ । ଦଳର ଏହି ସଫଳତାକୁ ନେଇ ଟିମର କୋଚ, ମେନେଜର ଓ ଖେଳାଳୀମାନଙ୍କୁ ଗଞ୍ଜାମ ଜିଲ୍ଲା ହ୍ୟାଣ୍ଡବଲ ସଂଘର କର୍ମକର୍ତ୍ତା ଯଥା କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ଶୁକ୍ଳ, ସମ୍ପାଦକ ସୁରେଶ ଚନ୍ଦ୍ର ପାଢୀ, ସାଙ୍ଗଠନିକ ସମ୍ପାଦକ ଶକ୍ତିଧର ରାଜଗୁରୁ, କୋଷାଧ୍ୟକ୍ଷ ଡାକ୍ତର ମନୋଜ କୁମାର ପାତ୍ର ଓ ଏନଆଇଏସ କୋଚ ପ୍ରଶାନ୍ତ କୁମାର ରଥ ପ୍ରମୁଖ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି । ଗଞ୍ଜାମ ଦଳ ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳ ପଡିଆରେ ଏନଆଇଏସ କୋଚ ପ୍ରଶାନ୍ତ କୁମାର ରଥଙ୍କ ଠାରୁ ନିୟମିତ ତାଲିମ ନେବା ସହ ଅଭ୍ୟାସ କରୁଛନ୍ତି ।

● ବିଶେଷ କ୍ଷମା ପାଇଲେ ବ୍ରହ୍ମପୁର ଜେଲ୍ କଏଦୀ

## ମୁକ୍ତହେଲେ ଜଣେ; ଆଗକୁ ମୁକୁଳିବେ ୪୧ କଏଦୀ

**ବ୍ରହ୍ମପୁର,୧୮ ।୧୨(ସମିସ):** କରିବା କର୍ମ ବା ଅପରାଧ ପାଇଁ ବର୍ଷ ବର୍ଷ ଧରି ଭୋଗୁଥିଲେ ଜେଲଦଣ୍ଡ । ଜେଲର ନିବୁଜ ଚାରିକାନ୍ଥ ଭିତରେ ସଜା କାଟୁଛନ୍ତି ଏଭଳି ଶହଶହ କଏଦୀ । ମଙ୍ଗଳବାର ବ୍ରହ୍ମପୁର ଜେଲରୁ ବିଶେଷ କ୍ଷମା ପାଇ ମୁକ୍ତ ହୋଇଛନ୍ତି କଏଦୀ ସୁବାସ ସାହୁ । ସଦର ଥାନା ଅଞ୍ଚଳରେ ରହୁଥିବା ସୁବାସ ଘରୋଇ କଳହ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ୨୦୧୫ରୁ ବ୍ରହ୍ମପୁର ଜେଲରେ ଦିର୍ଘ ବର୍ଷ ଧରି ଦଣ୍ଡ ଭୋଗୁଥିଲେ । ପଶ୍ଚାତାପ କରିବା ସହିତ ସୁବାସଙ୍କର ଆଚରଣ ଓ ବ୍ୟବହାରରେ ଆସିଥିଲା ଅନେକ ପରିବର୍ତ୍ତନ । ସୁବାସଙ୍କ ଭଳି ବ୍ରହ୍ମପୁର ମଣ୍ଡଳ କାରାଗାରରେ ଏଭଳି ଅନେକ ଅନ୍ତେବାସୀ ଅଛନ୍ତି ଯେଉଁମାନେ ଅଦାଲତରେ ଦଣ୍ଡିତ ହୋଇ ସଜା କାଟୁଛନ୍ତି । ଜେଲର ଅନ୍ତେବାସୀଙ୍କ ମଧ୍ୟରୁ ଦଣ୍ଡ ଭୋଗୁଥିବା କଏଦୀଙ୍କ କ୍ଷେତ୍ରରେ ସେମାନଙ୍କ ଆଚରଣ ଓ ବ୍ୟବହାରରେ ପରିବର୍ତ୍ତନ ଆସିଲେ ଜେଲ କର୍ତ୍ତୃପକ୍ଷ ସେମାନଙ୍କୁ ମୁକ୍ତ କରିବା ପାଇଁ ଜେଲବିଭାଗ ସେଣ୍ଟେନ୍ସ ରିଭ୍ୟୁ ବୋର୍ଡକୁ ସୁପାରିସ କରିଥାନ୍ତି । ଏଥିପାଇଁ ଏସପି ଓ ଜିଲ୍ଲାପାଳଙ୍କ ଠାରୁ ଅନୁମୋଦନ ଆବଶ୍ୟକ ହୋଇଥାଏ । ପରେ ରାଜ୍ୟ ସରକାରଙ୍କ ଠାରୁ ଅନୁମୋଦନ ମିଳିବା ପରେ ତାଲିକା ଭୁକ୍ତ କଏଦୀମାନେ ଜେଲରୁ ବିଶେଷ କ୍ଷମା ବଳରେ ମୁକ୍ତ ହୋଇଥାନ୍ତି । ସେଣ୍ଟେନ୍ସ ରିଭ୍ୟୁ ବୋର୍ଡରେ ମୁଖ୍ୟତଃ ଗୃହ ସଚିବ, ପୁଲିସ ଡିଜି, ଆଇନ ସଚିବ, ଜେଲ ଡିଜିଙ୍କ ସହ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ସଦସ୍ୟ ଭାବେ ରହି ଏନେଇ ଚୂଡାନ୍ତ ନିଷ୍ପତ୍ତି ନେଇଥାନ୍ତି । ବ୍ରହ୍ମପୁର ସର୍କଲ ଜେଲରେ ମୋଟ ୯୨୮ ବନ୍ଦୀଙ୍କ ମଧ୍ୟରୁ ୩୦୧ଜଣ ଅଦାଲତରେ ଦୋଷୀ ସାବ୍ୟସ୍ତ ହୋଇ ଦଣ୍ଡ ଭୋଗୁଛନ୍ତି । ସେମାନଙ୍କ ମଧ୍ୟରୁ ସ୍ୱତନ୍ତ୍ର କ୍ଷମା ତାଲିକାରେ ମୋଟ ୪୧ଜଣ କଏଦୀଙ୍କ ନାମ ରହିଥିବା ବ୍ରହ୍ମପୁର ମଣ୍ଡଳ କାରାଗାରର ବରିଷ୍ଠ ଅଧୀକ୍ଷକ ଧୀରେନ୍ଦ୍ରନାଥ ବାରିକ ସୂଚନା ଦେଇଛନ୍ତି । ଏଭଳି ପଦକ୍ଷେପଜ ଫଳରେ କଏଦୀଙ୍କ ମନୋଭାବରେ ପରିବର୍ତ୍ତନ ଆସିବାର ସମ୍ଭାବନା ରହିଛି । ମନୋଭାବ ପରିବର୍ତ୍ତନ ହେଲେ ସେମାନେ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ ବୋଲି ଆଶା କରାଯାଉଛି । ଏହି କ୍ରମରେ ଆଗାମୀ ୨୦୨୫ମସିହା ଏପ୍ରିଲ ମାସରେ ଆଉକିଛି କଏଦୀଙ୍କ ନାମ ଏହି ତାଲିକାରେ ଯୋଡିହେବାର ସମ୍ଭାବନା ଥିବା ଜଣାପଡିଛି ।

ଜଗନ୍ନାଥ ଟ୍ରକ୍ ମାଲିକ ସଂଘ
ଲକପଡା, ଅଠରବାଙ୍କି, ପାରାଦୀପ
ଦୈନିକ 'ସକାଳ' ଖବରକାଗଜର ୪ର୍ଥ
ସ୍ୱନକ୍ଷତ୍ର ଅବସରରେ ହାର୍ଦ୍ଦିକ ଶୁଭକାମନା
ରାକେଶ କୁମାର ଜେନା, ସଭାପତି
ବିଜୟ କୁମାର ପରିଡା, କାର୍ଯ୍ୟକାରୀ ସଭାପତି
ସରୋଜ ମହାପାତ୍ର, ଉପସଭାପତି
ବିଶ୍ୱ ରଞ୍ଜନ ପଲାଇ, ସମ୍ପାଦକ
ସୁଧୀର କୁମାର ଜେନା, ସହ-ସମ୍ପାଦକ
ମାନସ ପାତ୍ର, କୋଷାଧ୍ୟକ୍ଷ

Heartfelt congratulations to 'The Sakala' on its remarkable journey of four glorious years !
Best Compliments from
JSW Utkal Steel Ltd., Paradip

# ସୁନିତା ଫେରିବା ନେଇ ପୁଣି ଅନିଶ୍ଚିତତା



**ଆହୁରି ବିଳମ୍ବିତ ହେବ ପ୍ରତ୍ୟାବର୍ତ୍ତନ**
**ମାର୍ଚ୍ଚ ଶେଷ ଯାଏଁ ଅପେକ୍ଷା କରିବାକୁ ପଡ଼ିବ**
**୮ ଦିନର ଯାତ୍ରା ୧୦ ମାସରେ ବଦଳିଲା**

ୱାଶିଂଟନ, ୧୮।୧୨ (ଏଜେନ୍ସି): ଆମେରିକା ମହାକାଶ ଏଜେନ୍ସି 'ନାସା' ପାଇଁ ଭାରତୀୟ ବଂଶୋଦ୍ଭବ ମହାକାଶ ଯାତ୍ରୀ ସୁନିତା ୱିଲିୟମ୍ସ ଏବଂ ବୁଚ୍ ୱିଲମୋରଙ୍କ ସଙ୍କଟ ବଢ଼ିବାରେ ଲାଗିଛି। ମାତ୍ର ୮ ଦିନ ପାଇଁ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ (ଆଇଏସଏସ)କୁ ଯାଇଥିବା ଏହି ଦୁଇ ମହାକାଶ ଯାତ୍ରୀ ୧୯୨ ଦିନ ହେଲା ସେଠି ରହିଛନ୍ତି। ଉଭୟେ ଆସନ୍ତା ବର୍ଷ ଫେବୃଆରୀ ଫେରିବେ ବୋଲି ପୂର୍ବରୁ ଘୋଷଣା କରିଥିଲା। ମାତ୍ର ନାସାର ପ୍ରତ୍ୟାବର୍ତ୍ତନର ପଦ୍ଧ କ୍ରମାଗତ ଭାବେ ଘୁଞ୍ଚି ଘୁଞ୍ଚି ଚାଲିଛି। ଉଭୟଙ୍କ ପ୍ରତ୍ୟାବର୍ତ୍ତନରେ ଆହୁରି ବିଳମ୍ବ ହେବା ନେଇ ନାସା ପକ୍ଷରୁ କୁହାଯାଇଛି। ଆଇଏସଏସରେ ସୁନିତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଆସୁଥିବା ବେଳେ ଓଜନ ମଧ୍ୟ ହ୍ରାସ ପାଉଛି। ଏପରି ସ୍ଥଳେ ନାସାର ଏହି ନିଷ୍ପତ୍ତି ପୁଣି ତାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିବ ବୋଲି କୁହାଯାଉଛି। ବିଶ୍ୱର ପ୍ରମୁଖ ମହାକାଶ ଏଜେନ୍ସି ମଧ୍ୟରେ ସାମିଲ ନାସାର ଏଭଳି କାର୍ଯ୍ୟକୁ ସମାଲୋଚନା କରାଯାଉଛି। ମଙ୍ଗଳବାର ନାସା ପକ୍ଷରୁ କୁହାଯାଇଛି ଯେ ଏବେ ମହାକାଶ ଯାତ୍ରୀଙ୍କୁ ଅତିକମ୍‌ରେ ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିପାରେ। ଏହି ଅବଧି ଏପ୍ରିଲ ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ମଧ୍ୟ ବୃଦ୍ଧି ପାଇପାରେ।

ନାସା ଅଧିକାରୀଙ୍କ ସୂଚନା ଅନୁଯାୟୀ ୨ ମହାକାଶ ଯାତ୍ରୀଙ୍କ ସୁରକ୍ଷିତ ପ୍ରତ୍ୟାର୍ପଣ ପାଇଁ ଶିଳ୍ପପତି ଏଲନ୍ ମସ୍କଙ୍କ କମ୍ପାନୀ ସ୍ପେସ୍‌ଏକ୍ସ ନୂଆ କ୍ୟାପସୁଲ ପ୍ରସ୍ତୁତ କରିବ। ଏଥିପାଇଁ ସମୟ ଲାଗିବ। ଏହି କାର୍ଯ୍ୟ ମାର୍ଚ୍ଚ ଶେଷ ସୁଦ୍ଧା ଶେଷ ହେବ। ପରେ ଏହା ମାଧ୍ୟମରେ ସୁନିତା ଏବଂ ବୁଚ୍‌ଙ୍କୁ ଅଣାଯିବ। ଏହି ଦୁଇ ଜଣ ଜୁନ୍ ୫ରେ ୮ ଦିନ ପାଇଁ ଆଇଏସ୍‌ଏସ୍‌କୁ ଯାଇଥିଲେ। ମାତ୍ର ଷ୍ଟାରଲାଇନରର ଏହି ମହାକାଶ ଯାନରେ ତ୍ରୁଟି ଯୋଗୁଁ ଉଭୟେ ପୃଥିବୀକୁ ଫେରିପାରି ନ ଥିଲେ। ଉତ୍‌କ୍ଷେପଣ ପୂର୍ବରୁ ଏହି ଯାନରେ ଅନେକ ତ୍ରୁଟି ଥିଲା। ସେଥିପାଇଁ ବାରମ୍ବାର ଉତ୍‌କ୍ଷେପଣ ତାରିଖ ବଦଳା ଯାଇଥିଲା। ଏହା ସତ୍ତ୍ୱେ ଯାନରେ ସୁନିତା ଏବଂ ୱିଲମୋରଙ୍କୁ ଆଇଏସଏସ ପଠା ଯାଇଥିଲା। ପରେ ଏହି ଯାନରୁ ହିଲିୟମ୍ ଗ୍ୟାସ ଲିକ୍ ହୋଇଥିଲା। ୫ଟି ଥ୍ରଷ୍ଟର୍ସ କାମ କରିବା ବନ୍ଦ କରି ଦେଇଥିଲା। ନାସା ଏହାକୁ ଠିକ୍ କରିପାରି ନ ଥିଲା।

**'ଏକ ଦେଶ, ଏକ ନିର୍ବାଚନ' ବିଲ୍ ଆଗତ ବେଳେ ଲୋକସଭାରେ ଅନୁପସ୍ଥିତ**

# ଗଡ୍‌କରୀ, ଗିରିରାଜ, ସିନ୍ଧିଆଙ୍କୁ ନୋଟିସ



ନୂଆଦିଲ୍ଲୀ,୧୮।୧୨(ଏଜେନ୍ସି): ଲୋକସଭାରେ 'ଏକ ଦେଶ ଏକ ନିର୍ବାଚନ' ବିଲ୍ ଉପସ୍ଥାପନ ସମୟରେ ଗୃହରେ ଅନୁପସ୍ଥିତ ରହିଥିବା ୨୦ ବିଜେପି ସାଂସଦଙ୍କୁ ଦଳ ପକ୍ଷରୁ ନୋଟିସ୍ ଜାରି କରାଯାଇଛି। ମଙ୍ଗଳବାର ଏହି ବିଲ୍ ଉପସ୍ଥାପନ ହେବାକୁ ରହିଥିଲା ବେଳେ ଏହାପୂର୍ବରୁ ଦଳର ସମସ୍ତ ସାଂସଦ ଲୋକସଭାରେ ଉପସ୍ଥିତ ରହିବାକୁ ଦଳ ହ୍ୱିପ୍ ଜାରି କରିଥିଲା। ଏହାସତ୍ତ୍ୱେ ଅଧିକାଂଶ ସାଂସଦ ଗୃହରେ ଉପସ୍ଥିତ ନଥିଲେ। ଏହାକୁ ନେଇ ବିଜେପି ଏବେ ଆକ୍ସନ ମୁଡ୍‌କୁ ଆସିଛି। ଉପସ୍ଥିତ ନ ଥିବା ପ୍ରାୟ ୨୦ ସାଂସଦଙ୍କୁ ବିଜେପି ପକ୍ଷରୁ ନୋଟିସ୍ ଜାରି କରାଯାଇଛି। କେନ୍ଦ୍ରମନ୍ତ୍ରୀ ନୀତୀନ ଗଡକରୀ, ଗିରିରାଜ ସିଂହ ଓ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ସମେତ ଅନ୍ୟ ବହୁ ବିଜେପି ସାଂସଦ ଗୃହରେ ଉପସ୍ଥିତ ନଥିବା ଦେଖାଯାଇଥିଲା। ତେବେ ଅନୁପସ୍ଥିତ ଥିବା ସମସ୍ତ ସାଂସଦଙ୍କୁ ନିର୍ଦ୍ଦେଶ ଅବହେଳା କରିବା ଅଭିଯୋଗରେ ବିଜେପି ନୋଟିସ୍ ଜାରି କରାଯାଇଥିବା କୁହାଯାଇଛି। କିନ୍ତୁ ଅନେକ ସାଂସଦ ସେହିଦିନ ଗୃହରେ ଉପସ୍ଥିତ ରହିପାରିବେ ନାହିଁ ବୋଲି ଦଳକୁ ପୂର୍ବରୁ ସୂଚିତ କରିଥିବା କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, କେନ୍ଦ୍ର ସରକାର ଏକ ଦେଶ ଏକ ନିର୍ବାଚନ ବିଲ୍ ଏବଂ ୟୁନିଅନ୍ ଟେରିଟୋରୀ ଆଇନ (ସଂଶୋଧନ) ବିଲ୍ ୨୦୨୪ ମଙ୍ଗଳବାର ଉପସ୍ଥାପନ କରିବାକୁ ଯାଉଥିବାରୁ ଏହାପୂର୍ବରୁ ବିଜେପି ସାଂସଦମାନଙ୍କ ପ୍ରତି ଦଳ ପକ୍ଷରୁ ତିନି ଲାଇନ୍‌ର ହ୍ୱିପ୍ ଜାରି କରାଯାଇଥିଲା।

**ଭୋଟିଂବେଳେ ଅନୁପସ୍ଥିତ ଥିଲେ ବିଜେପିର ୨୦ ସାଂସଦ**

କେନ୍ଦ୍ର ସରକାର ଗତ ମଙ୍ଗଳବାର ଲୋକସଭାରେ ଏକ ଦେଶ ଏକ ନିର୍ବାଚନ ବିଲ୍ ଉପସ୍ଥାପନ କରିଥିଲେ। ଏହି ବିଲ୍‌କୁ ବିରୋଧୀ ଦଳଙ୍କ ପକ୍ଷରୁ ବିରୋଧ କରାଯାଇଥିଲେ ହେଁ ଭୋଟିଂ ବ୍ୟବସ୍ଥାରେ ଏହାକୁ ଗୃହରେ ଉପସ୍ଥାପନ କରାଯାଇଛି। ଏହାପରେ ଏହି ବିଲ୍ ଉପରେ ସବୁ ଦଳର ମତାମତ ଗ୍ରହଣ କରିବା ସହିତ ବିଲ୍‌ର ବିଭିନ୍ନ ଦିଗକୁ ତର୍ଜମା କରିବା ଲକ୍ଷ୍ୟରେ ଏହାକୁ ସଂସଦର ଯୁକ୍ତ କମିଟି (ଜେପିସି) ନିକଟକୁ ପଠାଇ ଦିଆଯାଇଛି।

# ଧୂମପାନ କରିବାରୁ ମାଲେସିଆ ବିଦେଶମନ୍ତ୍ରୀଙ୍କୁ ଜୋରିମାନା



କୁଆଲାଲମପୁର, ୧୮।୧୨ (ଏଜେନ୍ସି): ମାଲେସିଆ ବିଦେଶମନ୍ତ୍ରୀ ମହମ୍ମଦ ହସନଙ୍କ ଉପରେ ଜୋରିମାନା ଲାଗିଛି। ଧୂମପାନ ମନାଥିବା ସ୍ଥାନରେ ସିଗାରେଟ ଟାଣିବାରୁ ଦେଶର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ଏହି ପଦକ୍ଷେପ ଗ୍ରହଣ କରିଛି। ସ୍ୱାସ୍ଥ୍ୟମନ୍ତ୍ରୀ ଜୁଲକିଫ୍ଲୀଏ ଅହମ୍ମଦ କିଛି ଦିନ ତଳେ ହସନଙ୍କ ଏକ ଫଟୋ ପୋଷ୍ଟ କରିଥିଲେ। ଏଥିରେ ସେ ନେଗେରି ସେମ୍ବିଲାନ ରାଜ୍ୟର ଏକ ରାସ୍ତାକଡ଼ ଭୋଜନାଳୟରେ ସିଗାରେଟ ଟାଣୁଥିବା ଦେଖା ଯାଇଥିଲା। ଏହାକୁ ଦେଶରେ ସମାଲୋଚନା କରାଯାଇଥିଲା। ନିୟମ ଭାଙ୍ଗୁଥିବା ଲୋକ ବିରୋଧରେ କଡ଼ା ପଦକ୍ଷେପ ନେବାକୁ କୁହାଯାଇଥିଲା। ତେବେ ମାଲେସିଆରେ ୨୦୧୯ରୁ ସମସ୍ତ ଭୋଜନାଳୟ ଏବଂ ରେଷ୍ଟୋରାଁରେ ଧୂମପାନ ଉପରେ କଟକଣା ଲଗାଇ ଦିଆଯାଇଥିଲା। ଚଳିତ ବର୍ଷ ଅକ୍ଟୋବରରୁ ଏହାକୁ ଅଧିକ କଡ଼ାକଡ଼ି କରାଯାଇଥିଲା। ଏ ବିଷୟରେ ବିଦେଶ ମନ୍ତ୍ରାଳୟକୁ ମଧ୍ୟ ସୂଚନା ଦିଆଯାଇଥିଲା। ପରେ ମହମ୍ମଦ ଏହାକୁ ନେଇ କ୍ଷମା ମାଗିଥିଲେ। ତାଙ୍କୁ ମନ୍ତ୍ରାଳୟ ନୋଟିସ ଜାରି କରିଥିବା କହିଥିଲେ। ସେ ଜୋରିମାନା ବାବଦ ଅର୍ଥ ଦେବେ ବୋଲି ଉଲ୍ଲେଖ କରିଥିଲେ। ତେବେ ଏହାର ପରିମାଣ ବିଷୟରେ ଜଣାପଡ଼ି ନାହିଁ। ସାଧାରଣତଃ ମାଲେସିଆରେ ଅଣ-ଧୂମପାନ ଅଞ୍ଚଳରେ ଧୂମପାନ କଲେ ୫ ହଜାର ରିଙ୍ଗିଟ (୧୧୨୦ ଡଲାର) ଜୋରିମାନା ଲଗା ଯାଇଥାଏ।

# 'ଆୟୁଷ୍ମାନ' ପାଇଁ ଚାଲିଥିଲା ମୃତ୍ୟୁର ଖେଳ

ଅହମଦାବାଦ, ୧୮।୧୨ (ଏଜେନ୍ସି): 'ପିଏମ୍ ଆୟୁଷ୍ମାନ ଭାରତ' ଯୋଜନାର ଟଙ୍କା ହଡ଼ପ ପାଇଁ ଚଳାଇ ଥିଲେ ମୃତ୍ୟୁର ଖେଳ। ଗ୍ରାମାଞ୍ଚଳରେ କରୁଥିଲେ ମାଗଣା ସ୍ୱାସ୍ଥ୍ୟ ଶିବିର କରି ସୁସ୍ଥ ଲୋକଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା ନାମରେ ଆଣୁଥିଲେ ସହର। ଶେଷରେ ବିନା ରୋଗରେ ଆଞ୍ଜିଓପ୍ଲାଷ୍ଟି ଏବଂ ଆଞ୍ଜିଓଗ୍ରାଫ କରୁଥିଲେ। ଆଉ ଏଭଳି ଅସ୍ତ୍ରୋପଚାର ସମୟରେ ୨ ଜଣ ରୋଗୀଙ୍କ ମୃତ୍ୟୁ ହୋଇଥିଲା। ଆୟୁଷ୍ମାନ ଟଙ୍କା ହଡ଼ପ ପାଇଁ ଗୁଜରାଟ ଅହମଦାବାଦର ଖ୍ୟାତି ହସ୍ପିଟାଲରେ ଏଭଳି କଳାକାରନାମା ଚାଲିଥିଲା। ଏହା ସାମ୍ନାକୁ ଆସିବା ପରେ ଅହମଦାବାଦର କ୍ରାଇମବ୍ରାଞ୍ଚ ତଦନ୍ତ ଆରମ୍ଭ କରିଥିଲା। ଏବେ ଏଥିରୁ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ଏହି ର୍‍ୟାକେଟରେ ସାମିଲ ଥିବା ବ୍ୟକ୍ତି ସରକାରୀ ୱେବ୍‌ସାଇଟରେ ମଧ୍ୟ ଜାଲିଆତି କରୁଥିଲେ। କୌଣସି ବୈଧ ପ୍ରମାଣପତ୍ର ନ ଥିଲେ ବି ମାତ୍ର ୧୫ ମିନିଟ୍‌ରେ ଜାଲ୍ ଆୟୁଷ୍ମାନ କାର୍ଡ ପ୍ରସ୍ତୁତ କରି ଦେଉଥିଲେ। ଏହି ମାମଲାରେ ପୁଲିସ ଏ ପର୍ଯ୍ୟନ୍ତ ୧୧ ଜଣଙ୍କୁ ଗିରଫ କଲାଣି।

**ସରକାରୀ ୱେବ୍‌ସାଇଟରେ କରୁଥିଲେ ଜାଲିଆତି**
**୧୫ ମିନିଟରେ ମିଳୁଥିଲା ଆୟୁଷ୍ମାନ କାର୍ଡ**
**'ମାଷ୍ଟର ଆଇଡି' ମାଧ୍ୟମରେ ଚାଲିଥିଲା ଲୁଟ୍‌ର ଖେଳ**
**ଖ୍ୟାତି ହସ୍ପିଟାଲକୁ ଦିଆଯାଇଥିଲା ୧୫୦ କାର୍ଡ**

ସମୟ ଅଭାବରୁ ଆୟୁଷ୍ମାନ କାର୍ଡ କରିପାରୁ ନ ଥିବା କିମ୍ବା ବୈଧ ପ୍ରମାଣପତ୍ର ନ ଥିବା ଲୋକଙ୍କ ଏହି ଠକମାନେ ନିଶାଣ କରୁଥିଲେ। ଜାଲ୍ ଆୟୁଷ୍ମାନ କାର୍ଡ ପ୍ରସ୍ତୁତ ପାଇଁ ଏମାନେ ସରକାରୀ ୱେବ୍‌ସାଇଟରେ ମାଷ୍ଟର ଆଇଡିର ବ୍ୟବହାର କରୁଥିଲେ। ଏହା ଦେଖି କ୍ରାଇମବ୍ରାଞ୍ଚ ମଧ୍ୟ ବିଶ୍ୱାସ କରିପାରି ନ ଥିଲା। ମାତ୍ର ଯୁଗ୍ମ କମିଶନର ଶରଦ ସିଙ୍ଗଲଙ୍କ ସାମ୍ନାରେ ଠକ ୧୫ ମିନିଟ ଭିତରେ କାର୍ଡ ପ୍ରସ୍ତୁତ କରି ଦେଇଥିଲେ। ତଦନ୍ତରୁ ଜଣାପଡ଼ିଛି ଯେ ଏଭଳି ଦୁର୍ନୀତି ସାରା ବିଶ୍ୱରେ ଚାଲିଛି। ଏଥିରେ ଉତ୍ତର ପ୍ରଦେଶ, ବିହାର ଏବଂ ଅନ୍ୟ ରାଜ୍ୟର ଲୋକ ମଧ୍ୟ ସାମିଲ ଅଛନ୍ତି। କ୍ରାଇମ୍‌ବ୍ରାଞ୍ଚ ଏ ବିଷୟରେ ଆୟୁଷ୍ମାନ କାର୍ଡ ସଂସ୍ଥାକୁ ସୂଚନା ଦେଇଛି। ୱେବ୍‌ସାଇଟ ତୁରନ୍ତ ବନ୍ଦ କରିବାକୁ କହିଛି। ଏହି ଦୁର୍ନୀତି ମାମଲାରେ ୬ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ଜାଲ୍ କାର୍ଡ ପ୍ରସ୍ତୁତ କରି ମାସକୁ ୬୦ ହଜାରରୁ ଅଧିକ ଟଙ୍କା ରୋଜଗାର କରୁଥିଲେ। ଏବେ ପୁଲିସ ମାଷ୍ଟର ଆଇଡି ପ୍ରଦାନକାରୀକୁ ଖୋଜୁଛି। ଅଭିଯୁକ୍ତମାନେ ଖ୍ୟାତି ହସ୍ପିଟାଲକୁ ଏଭଳି ୧୫୦ଟି ଜାଲ୍ କାର୍ଡ ଦେଇଥିଲେ।

**ଫାୟାରିଂ ସମୟରେ ବିସ୍ଫୋରଣ**

## ୨ ଯବାନ ମୃତ; ଜଣେ ଗୁରୁତର



ବିକାନେର, ୧୮।୧୨ (ଏଜେନ୍ସି): ରାଜସ୍ଥାନ ବିକାନେରର ମହାଜନ ଫିଲ୍ଡ ଫାୟାରିଂ ରେଞ୍ଜର ନର୍ଥ କ୍ୟାମ୍ପରେ ବୁଧବାର ସକାଳେ ଅଭ୍ୟାସ ବେଳେ ବଡ଼ ଅଘଟଣ ଘଟିଛି। ତୋପ ମାଡ଼ କରିବା ସମୟରେ ଅଚାନକ ବିସ୍ଫୋରଣ ହୋଇଛି। ଏଥିରେ ହେଡ୍ କନଷ୍ଟେବଲ ଆଶୁତୋଷ ମିଶ୍ରା ଏବଂ ଗନର ଜିତେନ୍ଦ୍ର ସିଂହଙ୍କ ମୃତ୍ୟୁ ହୋଇଛି। ଜଣେ ଯବାନ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ସୁରଟଗଡ଼ର ସେନା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେନା ପ୍ରବକ୍ତା ଅମିତାଭ ଶର୍ମା ଏହି ସୂଚନା ଦେଇଛନ୍ତି। ଏହା ପୂର୍ବରୁ ୪ ଦିନ ତଳେ ଏଭଳି ଏକ ଦୁର୍ଘଟଣା ଘଟିଥିଲା। ଏଥିରେ ଜଣେ ଯବାନ ପ୍ରାଣ ହରାଇ ଥିଲେ। ଆଶୁତୋଷ ଉତ୍ତର ପ୍ରଦେଶ ଦେବରିଆର ଏବଂ ଜିତେନ୍ଦ୍ର ରାଜସ୍ଥାନ ଦୌସାର ବାସିନ୍ଦା ଥିଲେ। ସେ ପତ୍ନୀ ଏବଂ ପୁଅ ସହ ସୁରଟଗଡ଼ରେ ରହୁଥିଲେ।

# ଆହ୍ଲାବାଦ ହାଇକୋର୍ଟ ବିଚାରପତିଙ୍କୁ ସୁପ୍ରିମକୋର୍ଟ କଲେଜିୟମଙ୍କ ଭର୍ତ୍ସନା



ନୂଆଦିଲ୍ଲୀ, ୧୮।୧୨ (ଏଜେନ୍ସି): ସଂଖ୍ୟାଲଘୁ ସମ୍ପ୍ରଦାୟ ବିରୋଧରେ ବିବାଦୀୟ ମନ୍ତବ୍ୟ ଦେଇଥିବା ଆହ୍ଲାବାଦ ହାଇକୋର୍ଟ ବିଚାରପତି ଶେଖର ଯାଦବଙ୍କୁ ସୁପ୍ରିମକୋର୍ଟ କଲେଜିୟମ ଜବାବ ତଲବ କରିଛନ୍ତି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସଞ୍ଜୀବ ଖାନ୍ନାଙ୍କ ନେତୃତ୍ୱାଧୀନ କଲେଜିୟମ ଜଷ୍ଟିସ ଯାଦବଙ୍କ ସହ ବୈଠକ କରି ତାଙ୍କୁ ଭର୍ତ୍ସନା କରିଛନ୍ତି। ବିଶ୍ୱ ହିନ୍ଦୁ ପରିଷଦ ବୈଠକରେ ଦେଇଥିବା ମନ୍ତବ୍ୟରୁ ବିରତ ରହିପାରିଥାନ୍ତେ ବୋଲି କହିଛନ୍ତି। ଏହା ସହିତ କାର୍ଯ୍ୟାଳୟର ସମ୍ମାନ ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି। ଗତ ମଙ୍ଗଳବାର ହୋଇଥିବା ଏହି ବୈଠକ ପ୍ରାୟ ୩୦ ମିନିଟ ପର୍ଯ୍ୟନ୍ତ ଚାଲିଥିଲା। ତେବେ ଏହାର ବିସ୍ତୃତ ସୂଚନା ଆସିପାରି ନାହିଁ। ଜଷ୍ଟିସ ଶେଖର କଲେଜିୟମକୁ କ'ଣ କହିଛନ୍ତି ତାହା ସମ୍ପୂର୍ଣ୍ଣ ଭାବେ ଜଣାପଡ଼ି ନାହିଁ। ସୂଚନା ଅନୁଯାୟୀ ଗଣମାଧ୍ୟମ ତାଙ୍କ ମନ୍ତବ୍ୟକୁ ବଢ଼େଇଚଢ଼େଇ ଦେଖାଉଛି ବୋଲି ଜଷ୍ଟିସ ଶେଖର କହିଥିଲେ। କିନ୍ତୁ କଲେଜିୟମ ଏହାକୁ ଗ୍ରହଣ କରି ନ ଥିଲେ। କୋର୍ଟ ଭିତରେ ଏବଂ ବାହାରେ ମନ୍ତବ୍ୟ ଦେଲାବେଳେ ସତର୍କତା ଅବଲମ୍ବନ କରିବାକୁ ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଚାରପତିଙ୍କ ଦ୍ୱାରା ଦିଆଯାଉଥିବା ପ୍ରତ୍ୟେକ ମନ୍ତବ୍ୟ ପଦମର୍ଯ୍ୟାଦା ଅନୁଯାୟୀ ହେବା ଉଚିତ। ଏହା ଦ୍ୱାରା ନ୍ୟାୟପାଳିକା ପ୍ରତି ଲୋକଙ୍କ ଆସ୍ଥା ବଜାୟ ରହିବ।

ଏବେ ସମସ୍ତଙ୍କ ନଜର ରାଜ୍ୟସଭା ଉପରେ ରହିଛି। କପିଲ ସିବଲଙ୍କ ନେତୃତ୍ୱାଧୀନ ପ୍ରତିନିଧିମଣ୍ଡଳୀ ଜଷ୍ଟିସ ଶେଖରଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଣିବାକୁ ନୋଟିସ ଦେଇଛି। ଏହି ପ୍ରସ୍ତାବକୁ ରାଜ୍ୟସଭାର ୫୫ ସାଂସଦଙ୍କ ସମର୍ଥନ ମିଳିଛି। ଏମାନଙ୍କ ମଧ୍ୟରେ ବିବେକ ତନ୍‌ଖା, ଦିଗ୍‌ବିଜୟ ସିଂହ, ପି ୱିଲସନ୍, ଜନ୍ ବ୍ରିଟାସ୍ ଏବଂ କେଟିଏସ ତୁଳସୀ ସାମିଲ ଅଛନ୍ତି। ମହାଭିଯୋଗ ପ୍ରସ୍ତାବର ଅଭିଯୋଗ ଲଗାଯାଇଛି ଯେ ସଂଖ୍ୟାଲଘୁ ସମ୍ପ୍ରଦାୟକୁ ନିଶାଣ କରି ଜଷ୍ଟିସ ଯାଦବ ଉତ୍ତେଜନାମୂଳକ ମନ୍ତବ୍ୟ ଦେଇଥିଲେ। ସେ ନିଜ ପଦମର୍ଯ୍ୟାଦା ଏବଂ ସମ୍ବିଧାନର ଧର୍ମନିରପେକ୍ଷ ସିଦ୍ଧାନ୍ତକୁ ଉଲ୍ଲଙ୍ଘନ କରିଥିଲେ।

## ଟ୍ରୁଡୋଙ୍କ ଇସ୍ତଫା ଦାବିକଲେ ୬୦ ସାଂସଦ

ଓଟାୱା,୧୮।୧୨(ଏଜେନ୍ସି): କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋଙ୍କ ସମସ୍ୟା ବେଳକୁ ବେଳ ଜଟିଳ ହେବାରେ ଲାଗିଛି। ଟ୍ରୁଡୋଙ୍କ ସହ ମତଭେଦ ଯୋଗୁଁ ଦୁଇ ଦିନ ତଳେ ଉପ ପ୍ରଧାନମନ୍ତ୍ରୀ ତଥା ଅର୍ଥମନ୍ତ୍ରୀ କ୍ରିଷ୍ଟିଆ ଫ୍ରିଲାଣ୍ଡ ନିଜ ପଦରୁ ଇସ୍ତଫା ଦେଇଥିଲେ। ଏହାପରେ କାନାଡା ରାଜନୀତିରେ ହୋହଲ୍ଲା ଲାଗି ରହିବା ସହିତ ଟ୍ରୁଡୋଙ୍କୁ ନେଇ ବିବାଦ ବଢ଼ିଥିଲା। ଏହି ଘଟଣାକୁ ନେଇ ବିବାଦ ଥମି ନଥିଲା ବେଳେ ବୁଧବାର ୬୦ରୁ ୭୦ ସାଂସଦ ଟ୍ରୁଡୋଙ୍କ ଇସ୍ତଫା ଦାବି କରିଛନ୍ତି। ଟ୍ରୁଡୋ ପ୍ରଧାନମନ୍ତ୍ରୀ ପଦରୁ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ସେମାନେ ଦାବି କରିଥିଲା ବେଳେ ରାଜନୈତିକ ସଙ୍କଟ ବଢ଼ିଛି। ଆସନ୍ତାବର୍ଷ କାନାଡା ନିର୍ବାଚନ ହେବାକୁ ରହିଛି। କିନ୍ତୁ ଏହାପୂର୍ବରୁ ଟ୍ରୁଡୋଙ୍କ ଲୋକପ୍ରିୟତା ଦ୍ରୁତ ଗତିରେ ହ୍ରାସ ପାଇବାରେ ଲାଗିଛି। ବିଶେଷକରି ଡୋନାଲ୍ଡ ଟ୍ରମ୍ପ ଆମେରିକା ରାଷ୍ଟ୍ରପତି ନିର୍ବାଚିତ ହେବା ପରେ କାନାଡା ବିରୋଧରେ ଟିକସ ବୃଦ୍ଧି କରିବାକୁ ଘୋଷଣା କରିଛନ୍ତି। ଯାହାକୁ ନେଇ ଟ୍ରୁଡୋଙ୍କ ପ୍ରତି ସମର୍ଥନ ହ୍ରାସ ପାଇବାରେ ଲାଗିଛି। କାରଣ ତାଙ୍କର ବୈଦେଶିକ ନୀତି ପାଇଁ ଏଭଳି ସବୁ ସମସ୍ୟା ଦେଖାଯାଉଛି ବୋଲି ସାଂସଦମାନେ ଅଭିଯୋଗ କରିଛନ୍ତି।

**ଅବସରପ୍ରାପ୍ତ ଡିଏସ୍‌ପିଙ୍କ ଘରେ ଅଗ୍ନିକାଣ୍ଡ**

## ୨ ଶିଶୁଙ୍କ ସମେତ ୬ ମୃତ



ଶ୍ରୀନଗର, ୧୮।୧୨ (ଏଜେନ୍ସି): ଜମ୍ମୁ-କଶ୍ମୀର କଠୁଆରେ ଅବସରପ୍ରାପ୍ତ ଡିଏସ୍‌ପି ଅବତାର କୃଷ୍ଣା ରୈନାଙ୍କ ଘରେ ମଙ୍ଗଳବାର ବିଳମ୍ବିତ ରାତିରେ ନିଆଁ ଲାଗିଯାଇଛି। ଏଥିରେ ୨ ଶିଶୁଙ୍କ ସମେତ ୬ ଜଣଙ୍କ ମୃତ୍ୟୁ ହୋଇଛି। ୪ ଜଣ ମଧ୍ୟ ଆହତ ହୋଇଛନ୍ତି। ଏମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ପୁଲିସ ସୂଚନା ଅନୁଯାୟୀ ଡିଏସ୍‌ପି ପରିବାରକୁ ଧରି ଏହି ଭଡ଼ା ଘରେ ରହୁଥିଲେ। ଘରେ ମୋଟ ୧୦ ସଦସ୍ୟ ଥିଲେ। ରାତିରେ ଗୋଟିଏ ପ୍ରକୋଷ୍ଠରେ ଲାଗିଥିବା ଲ୍ୟାମ୍ପ୍‌ରୁ ସର୍ଟ ସର୍କିଟ ହୋଇ ନିଆଁ ଲାଗି ଯାଇଥିଲା। ଏହା ଚାହୁଁ ଚାହୁଁ ଦ୍ୱିତୀୟ ମହଲାଙ୍କୁ ବ୍ୟାପି ଯାଇଥିଲା। ତେଣୁ ଶ୍ୱାସରୁଦ୍ଧ ହୋଇ ଏବଂ ଧୂଆଁ ଯୋଗୁଁ ଅବତାର କୃଷ୍ଣା, ଗଙ୍ଗା ଭଗତ (୧୭), ଦାନିଶ ଭଗତ (୧୫), ବରଖା ରୈନା (୨୫), ତକାଶ ରୈନା (୩), ଅଦବିକ ରୈନା (୪)ଙ୍କ ମୃତ୍ୟୁ ହୋଇଥିଲା। ନିଆଁ ଦେଖି ପଡୋଶୀ ଏହା ଲିଭାଇବାକୁ ଯାଇଥିଲେ। ସେ ବି ଏଥିରେ ଆହତ ହୋଇଥିଲେ।

## ରିପୋର୍ଟରେ ଦାବି; ଚୀନ୍ କବ୍‌ଜାରେ ଭୁଟାନର ୨% ଜମି

ନୂଆଦିଲ୍ଲୀ, ୧୮।୧୨ (ଏଜେନ୍ସି): ଭୁଟାନର ୨ ପ୍ରତିଶତ ଜମିକୁ ଚୀନ୍ କବ୍‌ଜା କରି ନେଇଛି। ଏହି ଅଞ୍ଚଳରେ ଚୀନ୍ ଗତ ୮ ବର୍ଷରେ ୨୨ଟି ଗାଁ ବସାଇଛି। ଏଠାକାର ୨୨୮୪ ଘରେ ପ୍ରାୟ ୭ ହଜାର ଲୋକ ରହୁଛନ୍ତି। ଏମାନଙ୍କ ମଧ୍ୟରେ ସେନା ଅଧିକାରୀ, ସୀମା ପୁଲିସ, ଶ୍ରମିକ ଆଦି ରହୁଛନ୍ତି। ଏଠାରୁ ଚୀନ୍‌କୁ ରାସ୍ତା ନିର୍ମାଣ କରାଯାଇଛି। ଭାରତର ଡୋକଲାମ ସୀମା ନିକଟରେ ଏଥିରୁ ୮ଟି ଗାଁ ରହିଛି। ୨୦୨୦ ପରେ ଏ ସବୁ ନିର୍ମାଣ କରାଯାଇଛି। ଉପଗ୍ରହ ଚିତ୍ର ମାଧ୍ୟମରେ ଏକ ଜାତୀୟ ଗଣମାଧ୍ୟମ ଏହି ତଥ୍ୟ ଦେଇଛି। ରିପୋର୍ଟ ଅନୁଯାୟୀ ଚୀନ୍‌ର ନିଜର ବୋଲି ଦାବି କରୁଥିବା ଘାଟୀରେ ଅଧିକାଂଶ ଗାଁ ରହିଛି। ଗାଁର ଆଖପାଖରେ ଚୀନ୍ ସେନାର ପୋଷ୍ଟ ରହିଛି। ସବୁଠୁ ବଡ଼ ଗାଁର ନାମ ଜିଭୁ। ଏହା ଭୁଟାନର ସେଣ୍ଟାଖଖାରେ ରହିଛି। ଏ ପର୍ଯ୍ୟନ୍ତ ଭାରତ ସରକାରଙ୍କ ପକ୍ଷରୁ ଏ ନେଇ କୌଣସି ମନ୍ତବ୍ୟ ଦିଆଯାଇ ନାହିଁ। ବିଶେଷଜ୍ଞଙ୍କ ସୂଚନା ଅନୁଯାୟୀ ଏହି ସବୁ ଅଞ୍ଚଳରେ ଚୀନ୍ କାର୍ଯ୍ୟକଳାପ ବୃଦ୍ଧି ପାଇଲେ ଭାରତର ପୂର୍ବୋତ୍ତର ରାଜ୍ୟ ସିଲିଗୁଡ଼ି କରିଡରର ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହେବ। ସିଲିଗୁଡ଼ି କରିଡର ନିକଟରେ ଭାରତ-ତିବ୍ବତ-ଭୁଟାନ ଟ୍ରାଇ ଜଙ୍କସନ୍ ରହିଛି। ୬୦ କିମି ଲମ୍ବା ଏହି କରିଡର ଉତ୍ତର-ପୂର୍ବ ଭାରତର ୭ ରାଜ୍ୟକୁ ଯୋଡୁଛି। ରିପୋର୍ଟରେ କୁହାଯାଇଛି ଯେ ଚୀନ୍ ଭୁଟାନର ୮୨୫ ବର୍ଗ କିମିକୁ କବ୍‌ଜା କରିନେଇଛି। ଏହା ଭୁଟାନର ମୋଟ ଜମିର ୨ ପ୍ରତିଶତ।

**ବାଂଲାଦେଶର ଭାରତ ବିରୋଧୀ ଆଭିମୁଖ୍ୟ**

## ଉଲ୍‌ଫା ମୁଖ୍ୟ ପରେଶଙ୍କ ମୃତ୍ୟୁଦଣ୍ଡ ରଦ୍ଦ

ଢାକା, ୧୮।୧୨ (ଏଜେନ୍ସି): ବାଂଲାଦେଶର ଅନ୍ତରୀଣ ମହମ୍ମଦ ୟୁନୁସ ସରକାର କ୍ରମାଗତ ଭାବେ ଭାରତ ବିରୋଧୀ ପଦକ୍ଷେପ ନେଇ ଚାଲିଛନ୍ତି। ଏହି କ୍ରମରେ ଉଲ୍‌ଫା ମୁଖ୍ୟ ପରେଶ ବରୁଆଙ୍କ ମୃତ୍ୟୁଦଣ୍ଡକୁ ରଦ୍ଦ କରିଦିଆଯାଇଛି। ଏକ ହାଇକୋର୍ଟ ଏହାକୁ ଆଜୀବନ ଜେଲ୍‌ଦଣ୍ଡକୁ ହ୍ରାସ କରି ଦେଇଛନ୍ତି। ଏହି ମାମଲାରେ ପୂର୍ବତନ ଗୃହରାଷ୍ଟ୍ରମନ୍ତ୍ରୀ ଲୁଫ୍‌ତୋଜମାନ ବାବରଙ୍କ ସମେତ ଆଉ ୫ ଜଣଙ୍କୁ ମୁକ୍ତ କରିଦେଇଛନ୍ତି। ଅନ୍ୟମାନଙ୍କୁ ୧୦ ବର୍ଷର ଜେଲ୍ ଦଣ୍ଡ ଶୁଣାଇଛନ୍ତି। ଏମାନେ ସମସ୍ତେ ଚଟ୍‌ଗାଁଓ ଅସ୍ତ୍ରଶସ୍ତ୍ର ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ସୂଚନା ଅନୁଯାୟୀ ୨୦୦୪ ଏପ୍ରିଲ ୧ରେ ଅସ୍ତ୍ରଶସ୍ତ୍ର ଏବଂ ଗୋଳାବାରୁଦ ଭର୍ତ୍ତି ୧୦ ଟ୍ରକ୍‌କୁ ବାଂଲାଦେଶରେ ଜବତ କରାଯାଇଥିଲା। ଏହା ମଧ୍ୟରେ ଏକେ-୪୭, ରକେଟ୍ ଲଞ୍ଚର, ସେଲ୍, ପିସ୍ତଲ, ହ୍ୟାଣ୍ଡ ଗ୍ରେନେଡ ଏବଂ ବିପୁଳ କ୍ୟାଟ୍ରିଜ ବ୍ୟତୀତ ବିସ୍ଫୋରକ ସାମଗ୍ରୀ ରହିଥିଲା। ଏହି ସବୁ ଅସ୍ତ୍ରଶସ୍ତ୍ରକୁ ଭାରତ ପଠାଇବାକୁ ପ୍ରୟାସ କରାଯାଇଥିଲା। ଏହି ମାମଲାରେ ଲୁଫତୋଜମାନଙ୍କ ସମ୍ପୃକ୍ତି ସାମ୍ନାକୁ ଆସିଥିଲା। ସେ ପରେଶ ବରୁଆକୁ ବାଂଲାଦେଶରେ ଶରଣ ଦେଇଥିଲେ। ତେବେ ବର୍ତ୍ତମାନ ପରେଶ କେଉଁଠି ଅଛନ୍ତି ତାହାର ସୂଚନା ମିଳିନାହିଁ। ସେ ଚୀନ୍-ମ୍ୟାଁମାର ସୀମାରେ ଲୁଚିଥିବା କୁହାଯାଉଛି।

# ଚାଷୀ ଆନ୍ଦୋଳନରେ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ



ନୂଆଦିଲ୍ଲୀ,୧୮।୧୨(ଏଜେନ୍ସି): ପଞ୍ଜାବ-ହରିଆଣା ସୀମାରେ ଦୀର୍ଘ ଦିନ ଧରି ବିଭିନ୍ନ ଦାବିପୂରଣ ଉଦ୍ଦେଶ୍ୟରେ ଚାଲିଥିବା ଚାଷୀ ଆନ୍ଦୋଳନରେ ସୁପ୍ରିମକୋର୍ଟ ହସ୍ତକ୍ଷେପ କରିଛନ୍ତି। ଚାଷୀଙ୍କୁ ବୁଝାଇବା ଲାଗି ସୁପ୍ରିମକୋର୍ଟଙ୍କ ଦ୍ୱାରା ଏକ କମିଟି ଗଠନ କରାଯାଇଥିଲା ବେଳେ ଆନ୍ଦୋଳନକାରୀ ଚାଷୀମାନଙ୍କୁ ସାମୟିକ ଭାବେ ଆନ୍ଦୋଳନ ବନ୍ଦ କରିବାକୁ ଏହି କମିଟି ବୁଝାଇବାକୁ ଉଦ୍ୟମ କରୁ ବୋଲି କହିଛନ୍ତି। କିନ୍ତୁ ଚାଷୀମାନେ ଯଦି ଆନ୍ଦୋଳନ ଜାରି ରଖିବାକୁ ଚାହାଁନ୍ତି ତେବେ ସେମାନେ ଧାରଣାସ୍ଥଳ ପରିବର୍ତ୍ତନ କରି ଅନ୍ୟ ସ୍ଥାନରେ ଧାରଣା ଦିଅନ୍ତୁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଚାଷୀମାନେ ସେମାନଙ୍କ ଦାବି ପୂରଣ ପାଇଁ ଆନ୍ଦୋଳନ କରିବା କିଛି ଅସାମ୍ବିଧାନିକ କାର୍ଯ୍ୟ ନୁହେଁ। ସେମାନେ ଗାନ୍ଧୀବାଦୀ ନୀତି ଅନୁସାରେ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରିବାର ଅଧିକାର ରହିଛି। ଏପରିକି ସେମାନଙ୍କୁ ବଳପୂର୍ବକ ହଟାଇବା ମଧ୍ୟ ଠିକ୍ ନୁହେଁ। କିନ୍ତୁ ଚାଷୀମାନେ ପଞ୍ଜାବ-ହରିୟାଣା ଜାତୀୟ ରାଜପଥ ଅବରୋଧ କରୁଥିବାରୁ ଏଥିପାଇଁ ନାନା ସମସ୍ୟା ଦେଖାଯାଉଛି। ତେଣୁ ଆନ୍ଦୋଳନ ସ୍ଥଳ ପରିବର୍ତ୍ତନ କରି ଅନ୍ୟ ସ୍ଥାନରେ ଚାଷୀମାନେ ଆନ୍ଦୋଳନ କରନ୍ତୁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏହାବ୍ୟତୀତ ପ୍ରାୟ ୨୦ ଦିନରୁ ଅଧିକ ଦିନ ଧରି ଆମରଣ ଅନଶନରେ ବସିଥିବା ଚାଷୀନେତା ଜଗଜିତ୍ ସିଂ ଦଲେୱାଲଙ୍କୁ ତୁରନ୍ତ

**ଚାଷୀନେତା ଦଲେୱାଲଙ୍କୁ ତୁରନ୍ତ ଚିକିତ୍ସା ସୁବିଧା ଦେବାକୁ ନିର୍ଦ୍ଦେଶ**

ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ପଞ୍ଜାବ-ହରିୟାଣାର ଶମ୍ଭୁ ସୀମାରେ ଜାତୀୟ ରାଜପଥ ନିକଟରେ ଚାଷୀମାନେ ପ୍ରାୟ ଏକବର୍ଷ ଧରି ଆନ୍ଦୋଳନ ଚଳାଇଥିବାରୁ ପଞ୍ଜାବର ଅର୍ଥନୀତି ପରୋକ୍ଷରେ ଭାରୀମାତ୍ରାରେ ପ୍ରଭାବିତ ହେଉଥିବା ଦର୍ଶାଇ ଆଡଭୋକେଟ୍ ଜେନେରାଲ ଗୁରମିନ୍ଦର ସିଂ ଏଥିପାଇଁ ବିହିତ ପଦକ୍ଷେପ ନେବାକୁ ସୁପ୍ରିମକୋର୍ଟଙ୍କୁ କହିଥିଲେ । ଏହି ପ୍ରସଙ୍ଗରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଉଜ୍ଜ୍ୱଳ ଭୂୟାଁ ଶୁଣାଣି କରିଥିଲା ବେଳେ ଚାଷୀଙ୍କ ଆନ୍ଦୋଳନ ଦ୍ୱାରା କେଉଁ କ୍ଷେତ୍ର ପ୍ରଭାବିତ ହେଉଛି ତାହାକୁ ଅଗ୍ରାଧିକାର ଦେବା ବଡ଼ ପ୍ରସଙ୍ଗ ନୁହେଁ ବୋଲି କହିଥିଲେ। ବରଂ ଆନ୍ଦୋଳନର ମୂଳ କାରଣ ଖୋଜି ବାହାର କରିବା ଦରକାର ବୋଲି ଖଣ୍ଡପୀଠ କହିଥିଲେ। ଆନ୍ଦୋଳନ ଦ୍ୱାରା ରାସ୍ତା ଅବରୋଧ ପାଇଁ ଉପୁଜିଥିବା ସମସ୍ୟା ସାଧାରଣଙ୍କ ପାଇଁ ଏକ ବଡ଼ କାରଣ ହୋଇପାରେ, କିନ୍ତୁ ଚାଷୀଙ୍କୁ ବୁଝାଇବା ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

### ୩୦ରେ ପଞ୍ଜାବ ବନ୍ଦ ଡକରା

ସଂଯୁକ୍ତ କିଷାନ ମୋର୍ଚ୍ଚା ଏବଂ କିଷାନ ମଜଦୁର ମୋର୍ଚ୍ଚା ପକ୍ଷରୁ ବୁଧବାର ପଞ୍ଜାବରେ ୩ ଘଣ୍ଟିଆ ରେଳରୋକ କରାଯାଇଥିଲା ବେଳେ ଏହାକୁ ନେଇ ଟ୍ରେନ ଚଳାଚଳ ବ୍ୟାହତ ହୋଇଛି। ଏହି ରେଳରୋକ ପରେ ଆସନ୍ତା ୩୦ ତାରିଖରେ ଦୁଇ ସଂଘ ପକ୍ଷରୁ ପଞ୍ଜାବରେ ବନ୍ଦ ଡକରା ଦିଆଯାଇଛି। ଚାଷୀମାନଙ୍କୁ ଏମଏସପି ଗ୍ୟାରେଣ୍ଟି ସହିତ ଅନ୍ୟାନ୍ୟ ଦାବିପୂରଣ ଲକ୍ଷ୍ୟରେ ଏହି ବନ୍ଦ ଡକରା ଦିଆଯାଇଛି ବୋଲି ପୂର୍ବତନ କୃଷକ ନେତା ଯଶବିନ୍ଦର ସିଂ ଲଂଗୱାଲ ଏକ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଛନ୍ତି।

# ୧୩ ମାଓବାଦୀ ଗିରଫ, ବିସ୍ଫୋରକ ଓ ମାଓ ସାମଗ୍ରୀ ଜବତ



**ମାଲକାନଗିରି,୧୮।୧୨(ସମିସ):** ମାଲକାନଗିରି ସୀମାନ୍ତ ଛତିଶଗଡର ସୁକ୍ମା ଜିଲ୍ଲା ଚିନ୍ତଲନାର ଥାନା ଅଧୀନରେ ତଲାସୀବେଳେ ଯବାନ ୧୩ଜଣ ମାଓବାଦୀଙ୍କୁ ଗିରଫ କରିଛନ୍ତି । ସୂଚନା ଅନୁଯାୟୀ, ଛତିଶଗଡର ସୁକ୍ମା ଜିଲ୍ଲାରେ ମାଓ ଦମନ ପାଇଁ ସିଆର୍‌ପିଏଫ୍ ଏବଂ ଚିନ୍ତଲନାର ପୁଲିସ ପକ୍ଷରୁ ମିଳିତ ଭାବେ ମୁକ୍ରାମ ନାଲା ଜଙ୍ଗଲରେ ତଲାସି ଅଭିଯାନ କରାଯାଇଥିଲା । ତଲାସୀବେଳେ କିଛି ବ୍ୟକ୍ତି ଜଙ୍ଗଲ ମଧ୍ୟରେ ଲୁଚି ରହିଥିବା ଯବାନମାନେ ଦେଖିଥିଲେ । ଚାରିପଟୁ ଘେରିଯାଇ ୭ଜଣଙ୍କୁ କାବୁ କରିବାରେ ସଫଳ ହୋଇଥିଲେ । ଏହାପରେ ସେମାନଙ୍କୁ ପଚରା ଉଚରାବେଳେ ସେମାନେ ସମସ୍ତେ ମାଓବାଦୀ ବୋଲି ଜଣାପଡିଥିଲା । ତଲାସିବେଳେ ସେମାନଙ୍କ ନିକଟରୁ ବିସ୍ଫୋରକ ଓ ମାଓ ସାମଗ୍ରୀ ମିଳିଥିଲା । ସେହିପରି ପୁଲନପାରା ଜଙ୍ଗଲରେ ତଲାସୀବେଳେ ଯବାନମାନେ ୬ ଜଣଙ୍କୁ କାବୁ କରିଥିବା ବେଳେ ସେମାନେ ମଧ୍ୟ ମାଓବାଦୀ ବୋଲି ଜଣାଯାଇଛି । ଏହାଙ୍କ ନିକଟରୁ ମଧ୍ୟ ମାଓ ସାମଗ୍ରୀ ଜବତ ହୋଇଥିଲା । ସମସ୍ତ ୧୩ ମାଓବାଦୀଙ୍କୁ ଯବାନମାନେ ଗିରଫ କରିଥିଲେ । ସେମାନଙ୍କଠାରୁ ଜିଲାଟିନ୍ ରଡ୍, କୋଡେକ୍ସ ତାର, ତୀର, ଟିଫିନ୍ ବୋମା, ଡିଟୋନେଟର, ପାଇପ ବୋମା ଆଦି ଜବତ ହୋଇଛି । ଗିରଫ ମାଓବାଦୀଙ୍କୁ କୋର୍ଟ ଚାଲାଣ କରାଯାଇଛି ।

# ୧୨୬୮ଟି ପରୀକ୍ଷା କେନ୍ଦ୍ରରେ ହେବ +୨ ପରୀକ୍ଷା

**ଭୁବନେଶ୍ୱର, ୧୮ ।୧୨(ସମିସ):** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପରିଚାଳିତ +୨ ପରୀକ୍ଷା ପାଇଁ ପରୀକ୍ଷା କେନ୍ଦ୍ର ତାଲିକା ପ୍ରକାଶ ପାଇଛି । ଚଳିତ ଥର ମୋଟ ୧୨୬୮ଟି ପରୀକ୍ଷା କେନ୍ଦ୍ର କରାଯାଇଛି । ଏଥାସହ ୮ଟି ସବ୍ ସେଣ୍ଟର ମଧ୍ୟ ହୋଇଛି । ଯେଉଁ କଲେଜରେ ଅଧିକ ପିଲା ଥିବେ ଓ ସେମାନଙ୍କ ପାଇଁ ପର୍ଯ୍ୟାପ୍ତ ଭିତ୍ତିଭୂମି ନ ଥିବ ସେମାନେ ସବ୍ ସେଣ୍ଟରରେ ପରୀକ୍ଷା ଦେବେ । କେବଳ ଖୋର୍ଦ୍ଧା ଜିଲ୍ଲାରେ ୫ଟି ସବ୍ ସେଣ୍ଟର କରାଯାଇଛି । ଅନୁରୂପ ଭାବେ ୪୮୫ଟି ଉଚ୍ଚ ମାଧ୍ୟମିକ

**୮ ସବ୍ ସେଣ୍ଟର ସହ ଧନ୍ଦାମୂଳକ ପାଇଁ ୨୧୫ ପରୀକ୍ଷା କେନ୍ଦ୍ର**

ମହାବିଦ୍ୟାଳୟକୁ ଏସବୁ ସେଣ୍ଟର ସହ ସଲଗ୍ନ କରାଯାଇଛି । କଳା, ବିଜ୍ଞାନ, ବାଣିଜ୍ୟ ଓ ଦୂର ଶିକ୍ଷା ର ଛାତ୍ରଛାତ୍ରୀମାନେ ପରୀକ୍ଷା ଦେବେ । ସେହିପରି ଧନ୍ଦାମୂଳକ ପରୀକ୍ଷା ପାଇଁ ୨୧୫ଟି ପରୀକ୍ଷା କେନ୍ଦ୍ର କରାଯାଇଥିବା ସିଏଚ୍‌ଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ, ଆସନ୍ତା ୨୩ରୁ ୩୧ତାରିଖ ପର୍ଯ୍ୟନ୍ତ ଇଣ୍ଟର୍ନାଲ୍ ଓ ପ୍ରୋଜେକ୍ଟ ପରୀକ୍ଷା ହେବାକୁ ଥିବାବେଳେ ଜାନୁଆରୀ ୨ରୁ ୧୨ ତାରିଖ ମଧ୍ୟରେ ପ୍ରାକ୍ଟିକାଲ ପରୀକ୍ଷା ଅନୁଷ୍ଠିତ ହେବ । ଏହାପରେ ଫେବୃଆରୀ ୧୮ ତାରିଖରୁ ମୁଖ୍ୟ ପରୀକ୍ଷା ଆରମ୍ଭ ହୋଇ ମାର୍ଚ୍ଚ ୨୭ ତାରିଖରେ ସରିବ । ଚଳିତ ବର୍ଷ ପ୍ରାୟ ୩ ଲକ୍ଷ ୯୨ ହଜାର ଛାତ୍ରଛାତ୍ରୀ ପରୀକ୍ଷା ଦେବାପାଇଁ ଫର୍ମପୂରଣ କରିଛନ୍ତି ।

# ବୁଲଗାରିଆର ପରବର୍ତ୍ତୀ ରାଷ୍ଟ୍ରଦୂତ ହେବେ ଦେବଗଡ଼ର ଅରୁଣ କୁମାର ସାହୁ



**ଦେବଗଡ଼,୧୮।୧୨(ସମିସ):** ବୁଲଗାରିଆରେ ଭାରତର ପରବର୍ତ୍ତୀ ରାଷ୍ଟ୍ରଦୂତ ଭାବେ ନିଯୁକ୍ତ ହେବେ ଓଡ଼ିଆ ପୁଅ ଅରୁଣ କୁମାର ସାହୁ । ୟୁରୋପ ମହାଦେଶର ଦକ୍ଷିଣ-ପୂର୍ବରେ ଅବସ୍ଥିତ ଏକ ପ୍ରମୁଖ ଦେଶ ହେଉଛି ବୁଲଗାରିଆ । ଦେବଗଡ଼ ଜିଲ୍ଲା କଂସର ପଞ୍ଚାୟତ ଅଧୀନ ପାଲୁଣିପଡ଼ା ଗ୍ରାମରେ ଜନ୍ମଲାଭ କରିଥିବା ଅରୁଣଙ୍କ ଏହି ସଫଳତା ପାଇଁ ସ୍ଥାନୀୟ ଅଞ୍ଚଳରେ ଉତ୍ସାହ ଦେଖାଦେଇଛି । ବୁଲଗାରିଆରେ ଭାରତର ପରବର୍ତ୍ତୀ ରାଷ୍ଟ୍ରଦୂତ ଭାବେ ସେ ନିଯୁକ୍ତ ହୋଇଥିବା ନେଇ ବୁଧବାର ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି । ଅରୁଣ ହେଉଛନ୍ତି ୧୯୯୭ ବ୍ୟାଚର ଆଇଏଫଏସ୍ । ବିଭିନ୍ନ କ୍ଷେତ୍ରରେ ସେ ପାରଦର୍ଶିତାର ସହ ନିଜର କାର୍ଯ୍ୟ ତୁଲାଇଆସିଛନ୍ତି । ବୈଦେଶିକ ମନ୍ତ୍ରଣାଳୟରେ ଅତିରିକ୍ତ ସଚିବ ଭାବେ ଅରୁଣ ଏବେ କାର୍ଯ୍ୟ କରୁଥିଲେ । ଖୁବଶୀଘ୍ର ସେ ବୁଲଗାରିଆର ରାଷ୍ଟ୍ରଦୂତ ଭାବେ ଦାୟିତ୍ୱ ଗ୍ରହଣ କରିବେ ବୋଲି ଜଣାପଡ଼ିଛି ।

# ରାଜ୍ୟସ୍ତରୀୟ ସର୍ଗିଫୁଲ ଉତ୍ସବ ଆରମ୍ଭ

**ଭୁବନେଶ୍ୱର, ୧୮ ।୧୨(ସମିସ):** ଆଦିବାସୀ ହେଉଛନ୍ତି ପ୍ରକୃତିର ଉପାସକ । କ୍ରମେ ଜନଜାତି ସମ୍ପ୍ରଦାୟ ସର୍ଗିଫୁଲ ବା ଶାଳ ଫୁଲକୁ ଖାଦ୍ୟ ଭାବେ ଗ୍ରହଣ କଲେ । ପରେ ଏହାକୁ ଜାହିରା ଭାବେ ପୂଜାର୍ଚ୍ଚନା କରି ଏହାର ମାହାତ୍ମ୍ୟ ବଢ଼ାଇଛନ୍ତି । ସର୍ଗିଫୁଲ ସମସ୍ତଙ୍କ ପାଇଁ ପ୍ରେରଣା ଉତ୍ସ ବୋଲି ରାଜ୍ୟସ୍ତରୀୟ ସର୍ଗିଫୁଲ ଉତ୍ସବକୁ ବୁଧବାର ଉଦ୍‌ଘାଟନ କରି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ କହିଛନ୍ତି । ଏହି ଅବସରରେ ୨୦୨୪ ଦଶମ ବୋର୍ଡ଼ ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ କରିଥିବା ୧୦ ଜଣ ଏସ୍‌ସି ଏସ୍‌ଟି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଛି ।

■ ସୁକିନ୍ଦା ନିର୍ବାଚନୀ ମାମଲା

# ୨ ତାରିଖ ସୁଦ୍ଧା ଜବାବ ଦାଖଲ ନିର୍ଦ୍ଦେଶ

**କଟକ,୧୮ ।୧୨(ସମିସ):** ସୁକିନ୍ଦା ବିଧାନସଭା ନିର୍ବାଚନ ଅନିୟମିତତା ମାମଲାରେ ଲିଖିତ ଜବାବ ଦାଖଲ କରିପାରିନାହାନ୍ତି ପ୍ରତିପକ୍ଷ ବିଧାୟକ ପ୍ରଦୀପ ବଳସାମନ୍ତ । ପ୍ରତିପକ୍ଷ ବିଧାୟକଙ୍କ ତରଫରୁ ଲିଖିତ ଜବାବ ଓ ସତ୍ୟପାଠ ଦାଖଲ ପାଇଁ ୭ଦିନ ସମୟ ଲୋଡ଼ି ଏକ ଅନ୍ତରୀଣ ଆବେଦନ ରୁଜୁ ହୋଇଥିଲା । ଆଜି ଲିଖିତ ଜବାବ ଦାଖଲର ସମୟସୀମା ଶେଷ ହେଉଥିବାରୁ ଏହି ଆବେଦନକୁ ଆବେଦନକାରୀଙ୍କ ପକ୍ଷରୁ ବିରୋଧ କରାଯାଇଥିଲା । ତେବେ ଆସନ୍ତା ୨୦୨୫ ଜାନୁଆରୀ ୨ତାରିଖ ସୁଦ୍ଧା ପ୍ରତିପକ୍ଷ ଜବାବ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ପ୍ରାତିଗଂଜନ ଘଡାଇଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ଜଷ୍ଟିସ ଶଶିକାନ୍ତ ମିଶ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ପ୍ରକାଶଥାଉକି ଏହି ମାମଲାରେ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଷ୍ଟ୍ରଙ୍ଗରୁମ ଖୋଲିବା ସହ ଇଭିଏମ ସ୍ଥାନାନ୍ତର ପାଇଁ ହୋଇଥିବା ଅନ୍ତରୀଣ ଆବେଦନକୁ ଗ୍ରହଣ କରି ହାଇକୋର୍ଟ ଏଥିପାଇଁ ଅନୁମତି ପ୍ରଦାନ କରିଥିଲେ । ସୁକିନ୍ଦା ବିଧାନସଭା ଆସନରୁ ନିର୍ବାଚିତ ବିଜେପି ବିଧାୟକ ପ୍ରଦୀପ ବଳସାମନ୍ତଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା ପାଇଁ ପରାଜିତ ବିଜେଡି ପ୍ରାର୍ଥୀ ପ୍ରାତିଗଂଜନ ଘଡେଇ ମାମଲା ରୁଜୁ କରିଥିଲେ ।

# ଭଡ଼ା ଘର ଛାଡ଼ିବା ପାଇଁ ୧୫ ଦିନ ପୂର୍ବରୁ ନୋଟିସ ବାଧ୍ୟତାମୂଳକ: ହାଇକୋର୍ଟ

**କଟକ,୧୮ ।୧୨(ସମିସ):** ଘର ଭଡ଼ା ନେଇ ରହୁଥିବା ଲୋକଙ୍କୁ ଘର ଛଡ଼ାଇବାର ୧୫ଦିନ ପୂର୍ବରୁ ନୋଟିସ ଦିଆଯିବା କଥା । ସମ୍ପତ୍ତି ସ୍ଥାନାନ୍ତର ଆଇନର ଧାରା ୧୦୬ରେ ଏହା ମଧ୍ୟ ଉଲ୍ଲେଖ ରହିଛି । ଘର ଛାଡିବା ପାଇଁ ସର୍ବନିମ୍ନ ୧୫ଦିନ ପୂର୍ବରୁ ନୋଟିସ ବାଧ୍ୟତାମୂଳକ ବୋଲି ହାଇକୋର୍ଟ କହିଛନ୍ତି । ସନାତନ ବର୍ଦ୍ଧନ ନାମକ ଜଣେ ବ୍ୟକ୍ତିଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ଶଶିକାନ୍ତ ମିଶ୍ର ଏହା କହିଛନ୍ତି । ପ୍ରକାଶଥାଉକି ନିମ୍ନ ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ଭଡାଟିଆ ଆବେଦନକାରୀଙ୍କୁ ଭଡାଘର ଛାଡିବାକୁ ଘର ମାଲିକ ୭ଦିନ ପୂର୍ବରୁ ନୋଟିସ ଦେଇଥିଲେ । ଏହାକୁ ଚାଲେଞ୍ଜ କରି ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଶିଶିର ସେନ ନାମକ ଜଣେ ଘର ମାଲିକଙ୍କ ଘରେ ଭଡାଟିଆ ଭାବେ ଆବେଦନକାରୀ ୧୯୮୭ରୁ ଚୁକ୍ତି କରି ରହୁଥିଲେ । ଏହି ଚୁକ୍ତି ଅବଧି ଏକ ବର୍ଷ ଥିଲା । ତେବେ ଆଉ ଏହା ନବୀକରଣ ନକରି ବର୍ଦ୍ଧିତ ଘରଭଡା ଦେଇ ଆବେଦନକାରୀ ରହି ଆସୁଥିଲେ । ଚୁକ୍ତି କରିଥିବା ପ୍ରକୃତ ଘର ମାଲିକଙ୍କ ମୃତ୍ୟୁ ପରେ ତାଙ୍କ ଉତ୍ତରାଧିକାରୀମାନେ ଭଡାଟିଆଙ୍କୁ ଘର ଛାଡିବାକୁ କହିଥିଲେ ମଧ୍ୟ ସେ ଘର ନଛାଡିବାରୁ ସେମାନେ ନିମ୍ନ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ । ନିମ୍ନ ଅଦାଲତ ଘର ଛାଡିବାକୁ ନିର୍ଦ୍ଦେଶ ଦେବା ପରେ ଘର ମାଲିକ ୭ଦିନିଆ ନୋଟିସ ଦେଇଥିଲେ । ଏହାକୁ ବିରୋଧ କରି ଭଡା ନେଇଥିବା ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସଂସଦରେ ଆମ୍ବେଦକର...

ହଟ୍ଟଗୋଳ ହେବାରୁ ଏହାକୁ ଆଜି ଦିନକ ପାଇଁ ମୁଲତବୀ କରି ଦିଆଯାଇଛି । ମମତାଙ୍କ ତୃଣମୂଳ କଂଗ୍ରେସ ପାର୍ଟି (ଟିଏମ୍‌ସି) ଶାହଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ ଦେଇଛି ।

ବାରମ୍ବାର ଆମ୍ବେଦକରଙ୍କ ନାମ ନେଉଥିବାରୁ କଂଗ୍ରେସର ସମାଲୋଚନା କରି ଅମିତ ଶାହ ଗତକାଲି ରାଜ୍ୟସଭାରେ କହିଥିଲେ, 'ଆମ୍ବେଦକର, ଆମ୍ବେଦକର, ଆମ୍ବେଦକର... କହିବା ଏବେ ଏକ ଫେସନ୍ ହୋଇଗଲାଣି । ଯେତେ ଥର ସେମାନେ ଆମ୍ବେଦକାରଙ୍କ ନାଁ ଉଚ୍ଚାରଣ କରୁଛନ୍ତି, ସେତିକି ଥର ସେମାନେ ଭଗବାନଙ୍କ ନାମ ଉଚ୍ଚାରଣ କରିଥିଲେ ସେମାନଙ୍କୁ ସ୍ୱର୍ଗରେ ସ୍ଥାନ ମିଳିଯାଇଥାଆନ୍ତା ।' ଶାହଙ୍କ ଏଭଳି ମନ୍ତବ୍ୟ ନେଇ ବିରୋଧୀ ଦଳ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ଶାହଙ୍କ ସମାଲୋଚନା କରି ଭାରତର ସମ୍ବିଧାନ ନିର୍ମାତାଙ୍କ ପ୍ରତି ଏହା ଅପମାନ ବୋଲି ଅଭିଯୋଗ କହିଛନ୍ତି । ସଂସଦ ଭିତରେ ଏହାକୁ ନଇ ହଟ୍ଟଗୋଳ ଚାଲିଥିବା ବେଳେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ଶାହ କ୍ଷମା ମାଗନ୍ତୁ, ନହେଲେ ଇସ୍ତଫା ଦିଅନ୍ତୁ ବୋଲି ଦାବି କରିଛନ୍ତି । ନହେଲେ ପ୍ରଧାନମନ୍ତ୍ରୀ ଆଜି ମଧ୍ୟରାତି ସୁଦ୍ଧା ଶାହଙ୍କୁ କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ବହିଷ୍କାର କରନ୍ତୁ । କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ପ୍ରଧାନମନ୍ତ୍ରୀ ବିଫଳ ହେଲେ ଦେଶବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି । ଲୋକମାନେ ରାସ୍ତା ଉପରେ ପ୍ରତିବାଦ କରିବେ, ସେମାନେ ଡ. ଆମ୍ବେଦକରଙ୍କ ପାଇଁ ଜୀବନର ବଳିଦାନ କରିବାକୁ ପ୍ରସ୍ତୁତ ଅଛନ୍ତି ।

ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ କହିଛନ୍ତି ଯେ ପ୍ରକୃତରେ ବିଜେପି ଆମ୍ବେଦକରଙ୍କ ସମ୍ବିଧାନକୁ ମାନିବାକୁ ପ୍ରସ୍ତୁତ ନୁହେଁ । ଯେଉଁଥିପାଇଁ ଏହି ଦଳର ନେତାମାନେ ସମ୍ବିଧାନରେ ପରିବର୍ତ୍ତନ କରିବାକୁ ବାରମ୍ବାର ଉଦ୍ୟମ କରିଆସୁଛନ୍ତି । ଶ୍ରୀ ଶାହ ଦେଇଥିବା ବୟାନ ଏହାର ଜ୍ୱଳନ୍ତ ଉଦାହରଣ । ଶିବସେନା(ୟୁବିଟି) ନେତା ଉଦ୍ଧବ ଠାକରେ ମଧ୍ୟ ଏହି ଘଟଣାକୁ ନେଇ ଶାହଙ୍କୁ ତୀବ୍ର ସମାଲୋଚନା କରିବା ସହିତ ଏହା ବିଜେପିର ଅହଂକାରର ପ୍ରତୀକ ବୋଲି କହିଛନ୍ତି । ଶାହ ଯାହା କହିଛନ୍ତି ସେଥିପାଇଁ ସେ କ୍ଷମା ମାଗିବା ଉଚିତ ଏବଂ ପ୍ରଧାନମନ୍ତ୍ରୀ ମୋଦୀ ଶାହଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ ବୋଲି ଉଦ୍ଧବ ଦାବି କରିଛନ୍ତି । ସେହିପରି ଶାହଙ୍କ ଟିପ୍ପଣୀକୁ ଟିଏମ୍‌ସି ମଧ୍ୟ ଘୋର ବିରୋଧ କରିଛି । ଶାହ ଯାହା କହିଛନ୍ତି ତଦ୍ୱାରା ବିଜେପି ଦଳିତ ଏବଂ ସମାଜର ନିମ୍ନବର୍ଗଙ୍କ ପ୍ରତି ଅସୂୟ ଭାବ ରଖିଛି ବୋଲି ଦଳୀୟ ମୁଖ୍ୟ ମମତା ବାନାର୍ଜୀ କହିଛନ୍ତି । ଟିଏମ୍‌ସି ଏଥିପାଇଁ ଶାହଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ୍ ମଧ୍ୟ ଆଣିଛି । ରାଜ୍ୟସଭାରେ ଏହି ନୋଟିସ ଦେଇଛନ୍ତି ଟିଏମସି ନେତା ଡେରେକ ଓବ୍ରଏନ୍ । ନିୟମ ୧୮୭ ଆଧାରରେ ଏହି ନୋଟିସ ଦେଇ ସେ କହିଛନ୍ତି ସଂସଦରେ ଉଦବୋଧନ ଦେବା ବେଳେ ଶାହ ସମ୍ବିଧାନ ନିର୍ମାତା ଆମ୍ବେଦକରଙ୍କୁ ଅପମାନ କରିବା ସହିତ ସଂସଦୀୟ ମର୍ଯ୍ୟାଦାର ଉଲ୍ଲଂଘନ କରିଛନ୍ତି ।

ଏ ସଂପର୍କରେ ପ୍ରତିକ୍ରିୟା ପ୍ରକାଶ କରି ଅମିତ ଶାହ କହିଛନ୍ତି ଯେ ତାଙ୍କ ମନ୍ତବ୍ୟକୁ କଦର୍ଥ କରି କଂଗ୍ରେସ ଅପପ୍ରଚାର ଚଳାଇଛି । ସେ କହିଲେ ଯେ କଂଗ୍ରେସ ହେଉଛି ଆମ୍ବେଦକର-ବିରୋଧୀ, ସମ୍ବିଧାନ ବିରୋଧୀ ଏବଂ ସବୁଠାରୁ ବେଶି ମିଛ କହୁଥିବା ଦଳ । ରାଜ୍ୟସଭାରେ ସେ ଦେଇଥିବା ଭାଷଣକୁ ସଂପୂର୍ଣ୍ଣ ରୂପେ ଅବିକଳ ଉପସ୍ଥାପନ କରିବା ଲାଗି ସେ ଗଣମାଧ୍ୟମକୁ ଅନୁରୋଧ କରିଛନ୍ତି । ତାଙ୍କ ଇସ୍ତଫା ଦାବି ସଂପର୍କରେ ସେ କହିଲେ, ଖଡ୍‌ଗେଙ୍କ ଖୁସି ପାଇଁ ସେ ଇସ୍ତଫା ଦେଇଦେବେ । କିନ୍ତୁ ଏହାଦ୍ୱାରା ଖଡ଼ଗେଙ୍କର କିଛି ଲାଭ ହେବାର ନାହିଁ । କାରଣ ସେ ଯେଉଁଠି ଅଛନ୍ତି, ଆଗାମୀ ୧୫ ବର୍ଷ ପର୍ଯ୍ୟନ୍ତ ସେହିଠାରେ ହିଁ ଥିବେ ।

ଅନ୍ୟପକ୍ଷେରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶାହଙ୍କ ସପକ୍ଷରେ ଯୁକ୍ତି କରି କହିଛନ୍ତି ଯେ କଂଗ୍ରେସ କେବଳ ମିଛ କହୁଛି । କଂଗ୍ରେସ ହିଁ ଆମ୍ବେଦକରଙ୍କର ସବୁଠି ବେଶି ଅପମାନ କରିଛି । ଏସଂପର୍କରେ ସେ ଓ ଶାହ ସଂସଦରେ ତଥ୍ୟ ଉପସ୍ଥାପନ କରି କଂଗ୍ରେସର କଳା କାରନାମା କଥା ପଦାକୁ ଆଣିଥିବାରୁ ସେହି ଦଳ ବିଚଳିତ ହୋଇ ପଡ଼ି ଏଭଳି ଅପପ୍ରଚାର ଚଳାଇଛି । ଏଭଳି ଅପପ୍ରଚାର କରି କଂଗ୍ରେସ ଏହାର ପାପକୁ ଘୋଡ଼ାଇପାରିବ ନାହିଁ । ଲୋକମାନେ ସବୁ ଜାଣିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । କଂଗ୍ରେସ କିଭଳି ଆମ୍ବେଦକରଙ୍କୁ ସ୍ମୃତିରୁ ବାହାର କରିବାକୁ ଉଦ୍ୟମ କରିଥିଲା ଏବଂ ଅନୁସୂଚିତ ଜାତି ଓ ଜନଜାତିଙ୍କୁ ହଇରାଣ ହରକତ୍ କରିଥିଲା, ସେ କଥା ମୋଦୀ ସୋସିଆଲ ମିଡିଆରେ ଉଲ୍ଲେଖ କରିଛନ୍ତି । କଂଗ୍ରେସ କେବଳ ଆମ୍ବେଦକରଙ୍କୁ ଭାରତ ରତ୍ନ ଦେବାକୁ ମନା କରି ନାହିଁ , ବରଂ ତାଙ୍କୁ ଦୁଇ ଦୁଇଥର ନିର୍ବାଚନରେ ପରାସ୍ତ ମଧ୍ୟ କରିଥିଲା । ପଣ୍ଡିତ ନେହରୁ ମଧ୍ୟ ତାଙ୍କ ବିରୋଧରେ ପ୍ରଚାର କରିଥିଲେ ବୋଲି ମୋଦୀ କହିଛନ୍ତି ।

### ସରକାରଙ୍କ ଜନବିରୋଧୀ...

ପ୍ରତିଶ୍ରୁତିର ଖିଲାପ ସମ୍ପର୍କରେ ଆଲୋଚନା କରିବା ସହ ନୂଆ ପ୍ରତ୍ୟୟର ସହ ଲୋକଙ୍କ ସେବା କରିବାକୁ ନବୀନ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି ଯେ ଗତ ୨୭ ବର୍ଷ ଧରି ବିଜୁ ଜନତା ଦଳ ଉତ୍ସର୍ଗୀକୃତ ମନୋଭାବ ନେଇ ନିଷ୍ଠାପର ଭାବେ ଜନଗଣଙ୍କ ପାଇଁ ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରି ଆସୁଛି । ଏହି ୨୭ ବର୍ଷ ଧରି ଲୋକଙ୍କ ସେବା ଓ ରାଜ୍ୟର ବିକାଶ କରି ଆସୁଥିବା ଏହି ଦଳ ରାଜନୈତିକ କାର୍ଯ୍ୟକ୍ରମ ସହିତ ଏହାର ସାମାଜିକ ଅଙ୍ଗୀକାରବଦ୍ଧତା ପାଇଁ ଅନ୍ୟ ସର୍ବଭାରତୀୟ ଦଳ ଓ ଆଞ୍ଚଳିକ ଦଳମାନଙ୍କ ଭିତରେ ଆମ ଦଳକୁ ଏକ ପ୍ରଶଂସନୀୟ ପରିଚିତି ଆଣିଦେଇଛି । ବିଜେଡି ଏକ ସାମାଜିକ ଆନ୍ଦୋଳନରେ ପରିଣତ ହୋଇଛି । ବିଜୁବାବୁଙ୍କ ଆଦର୍ଶରେ ଓଡ଼ିଶାର ସବୁ କ୍ଷେତ୍ରରେ ଏବଂ ସବୁ ବର୍ଗର ଲୋକମାନଙ୍କ ବିକାଶ ପାଇଁ ବିଜେଡି ଆଭିମୁଖ୍ୟ ଜନସାଧାରଣଙ୍କ ଅକୁଣ୍ଠ ସମର୍ଥନ ପାଇ ଆସିଛି । ଦଳର କର୍ମକର୍ତ୍ତା, ଜନପ୍ରତିନିଧି, ଗାଁରୁ ସହର ତଥା ବସ୍ତି ପର୍ଯ୍ୟନ୍ତ ଲୋକମାନଙ୍କ ସେବାରେ ନିୟୋଜିତ କର୍ମୀମାନଙ୍କ ନିଷ୍ଠା , କଠିନ ପରିଶ୍ରମ ଓ ମନୋଭାବ ଦଳକୁ ଲୋକଙ୍କ ନିକଟତର କରିଛି । ସାମ୍ପ୍ରତିକ ପରିସ୍ଥିତିରେ ଓଡ଼ିଶାର ସର୍ବାଧିକ ଜନାଦେଶ ପାଇଥିବା ଆମ ଦଳ ଏକ ଦାୟିତ୍ୱ ସମ୍ପନ୍ନ ବିରୋଧୀ ଭାବେ ତାର ବିକାଶର ଆଭିମୁଖ୍ୟକୁ ଆଗେଇନେବା ସହ ବିଭିନ୍ନ ଜନସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଗୁଡ଼ିକରେ ଜନସାଧାରଣଙ୍କୁ ସଚେତନ କରାଇବ । ଲୋକଙ୍କର ସ୍ୱାର୍ଥକୁ ନେଇ ସ୍ୱର ଉତ୍ତୋଳନ କରିବ । ଓଡ଼ିଶାବାସୀଙ୍କ ଭଲପାଇବାକୁ ପାଥେୟ କରି ବିଜେଡି ତାର କାର୍ଯ୍ୟକ୍ରମକୁ ଜାରି ରଖିବ ବୋଲି ନବୀନ ଚିଠିରେ ଉଲ୍ଲେଖ କରିଛନ୍ତି ।

### ବୈଷ୍ଣବ ସାମଲଙ୍କୁ...

ପ୍ରଫେସର ସାମଲ ବର୍ତ୍ତମାନ ସୁଦ୍ଧା ୧୨୦ଖଣ୍ଡ ପୁସ୍ତକ ରଚନା କରିସାରିଛନ୍ତି । ଉଚ୍ଚ ମୂଲ୍ୟବୋଧଭିତ୍ତିକ ପ୍ରାବନ୍ଧିକ ଓ ସମାଲୋଚକ ଭାବେ ତାଙ୍କର ସୁଖ୍ୟାତି ରହିଛି । ସେ ଓଡ଼ିଆ ସାହିତ୍ୟର ଇତିହାସ, ଓଡ଼ିଆ ଗଳ୍ପର ଇତିବୃତ୍ତ, ଓଡ଼ିଆ ଗଳ୍ପ: ଉନ୍ମେଷ ଓ କବିତା, ଶିଶୁ ସାହିତ୍ୟ ଓ ଧର୍ମ ସାହିତ୍ୟ ରଚନା ସହିତ ଅନେକ ଗ୍ରନ୍ଥ ସମ୍ପାଦନା କରିଛନ୍ତି । ପ୍ରଫେସର ସାମଲ ବହୁ ମହାବିଦ୍ୟାଳୟରେ ଅଧ୍ୟାପନା ସହ ଉତ୍କଳ ବିଶ୍ୱବିଦ୍ୟାଳୟ, ବିଶ୍ୱଭାରତୀ, ଶାନ୍ତିନିକେତନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଭାବେ କାମ କରି ୨୦୦୪ରେ ଅବସର ନେଇଛନ୍ତି । ଏହି ପୁରସ୍କାର ପାଇବା ନେଇ ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଏହା ମୋତେ ଖୁବ୍ ଆନନ୍ଦିତ କରିଛି । ଆଗାମୀ ଦିନରେ ସୃଜନାତ୍ମକ ଧାରା ବଜାୟ ରଖିବାରେ ଏହା ମୋତେ ପ୍ରେରଣା ଦେବ । ହେଲେ ସାହିତ୍ୟର ପରିମାପକ କେବେ ହେଲେ ପୁରସ୍କାର ନୁହେଁ । ଅନେକଗୁଡ଼ିଏ ସାହିତ୍ୟ ରହିଛି, ଏହା କୌଣସି ପୁରସ୍କାର ପାଇ ନ ଥିଲେ ହେଁ ଖୁବ୍ ଉଚ୍ଚକୋଟୀର ।

### ମାଫିଆଙ୍କ ଚାପରେ...

ବିରୋଧରେ କଠୋର ଆଭିମୁଖ୍ୟ ଗ୍ରହଣ କରାଯିବ ବୋଲି ଜଣକ ପରେ ଜଣେ ମନ୍ତ୍ରୀ ଦୃଢ଼ତାର ସହ କହୁଛନ୍ତି । ହେଲେ ୬ ମାସ ଭିତରେ ସେପରି କିଛି ଉଦାହରଣ ଦେଖିବାକୁ ମିଳିନାହିଁ । ଅନ୍ୟପକ୍ଷରେ କିଛି ବିଜେପି ବିଧାୟକ ଏବେ ଲଘୁ ଖଣିଜକୁ ଖଣି ବିଭାଗରୁ କାଢ଼ିନେବା ପାଇଁ ସରକାରଙ୍କୁ ପ୍ରସ୍ତାବ ଦେଇଥିବା ମଧ୍ୟ ସୂଚନା ମିଳିଛି । ସେହିପରି ବିଧାନସଭାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ଷ୍ଟାଣ୍ଡିଂକମିଟି ମଧ୍ୟ ଅନୁରୂପ ସୁପାରିସ କରିଥିବା ଜଣାପଡ଼ିଛି । ସମ୍ପ୍ରତି ରାଜ୍ୟରେ ମୋଟ ୩୫୫୭ଟି ଲଘୁ ଖଣିଜ ସଂପଦ ଉତ୍ସ ରହିଛି । ସେଥିରୁ ଏଯାବତ୍ ୨୧୦୭ଟି ଉତ୍ସ ଖଣି ବିଭାଗ ଅଧିନକୁ ଆସିଛି । ବେଆଇନ ଖଣି ଖନନ ରୋକିବା ପାଇଁ ଜିଲ୍ଲାସ୍ତରରେ ୭୨ ଜଣ ଖଣି ଅଧିକାରୀ, ୯୯ଜଣ ସହକାରୀ ଖଣି ଅଧିକାରୀ , ୧୭୯ ଜଣ ଯୁଗ୍ମ ଖଣି ଅଧିକାରୀ ଓ ୬୯ ଜଣ ଜୁନିଅର ଆସିଷ୍ଟାଣ୍ଟ ନିୟୋଜିତ ହୋଇଛନ୍ତି । ସିସିଟିଭି ଲାଗିବା, ତାରବାଡ଼ ବୁଲାଇବା, ଜିପିଏସ୍ ବ୍ୟବସ୍ଥା କରାଯାଇଛି, ଏହା ସତ୍ତ୍ୱେ ଲଘୁ ଖଣିଜ ଦ୍ରବ୍ୟ ଚୋରୀ ରୋକିବା ସମ୍ଭବ ହେଉ ନାହିଁ । ଲଘୁ ଖଣିଜ ଦ୍ରବ୍ୟ ଚୋରା ଚାଲାଣ ଫଳରେ ସରକାର ପ୍ରତି ବର୍ଷ ପ୍ରାୟ ୧୦ ହଜାର କୋଟିର ରାଜସ୍ୱ ହରାଉଛନ୍ତି । ଏତିକି ନୁହେଁ; ବେଆଇନ୍ ଖନନ ପରିବେଶ ଓ ଜୈବ ବିବିଧତା ଉପରେ ଗଭୀର କୁପ୍ରଭାବ ପକାଉଛି । ପରିବେଶ ଆଇନର ଖୋଲା ଖୋଲି ଉଲ୍ଲଙ୍ଘନ କରାଯାଉଥିବା ଅଭିଯୋଗ ଆସୁଛି । ଏଥିରୁ ବିପୁଳ ଅର୍ଥ ରୋଜଗାର କରୁଥିବା ଅପରାଧୀ ରକ୍ତମୁଖା ଅବସ୍ଥାରେ ରହୁଛନ୍ତି । ଗତ ବର୍ଷ ଫେବୃଆରୀ ମାସରେ ଆଇଏଏସ୍ ଅଧିକାରୀ ତଥା ବାଲେଶ୍ୱର ଉପ-ଜିଲ୍ଲାପାଳ କୁନାଲ ମୋତିରାମ ଚଭନ ବାଲି ଚାଲାଣ କରୁଥିବା ଗାଡ଼ିକୁ ଅଟକାଇବାରୁ ତାଙ୍କୁ ହତ୍ୟା କରିବା ପାଇଁ ଉଦ୍ୟମ ହୋଇଥିଲା । ଗତ ଜୁନ୍ ମାସରେ ମୟୂରଭଞ୍ଜ ଜିଲ୍ଲା କପ୍ତିପଦାରେ ଖଣି ଅଧିକାରୀ ବାଲି ବୋଝେଇ ଗାଡ଼ିକୁ ଜୋରିମାନା କରିବାକୁ ତାଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଥିଲା । ଏହାବ୍ୟତୀତ ଢେଙ୍କାନାଳ, ଜଗତସିଂହପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ଭଦ୍ରକ, ଯାଜପୁର, ବାଲେଶ୍ୱର ଓ ଗଞ୍ଜାମ ଜିଲ୍ଲାରେ ନିୟମିତ ଏପରି ଘଟଣା ଘଟୁଥିବା ଅଭିଯୋଗ ହୋଇଛି ।

### ୩ ଅଭିଯୁକ୍ତଙ୍କୁ...

ଭିତରକୁ ପ୍ରବେଶ କରିଥିଲେ । କିଛି ସମୟ ପରେ ଦିଲ୍ଲୀ ପଞ୍ଜିକୃତ ନମ୍ବର ବାଇକରେ ଚମ୍ପଟ୍ ମାରିବା ପରେ ଚର୍ଚ୍ଚା ଆହୁରି ବଢ଼ିବାରେ ଲାଗିଛି । ପୁନଶ୍ଚ ଏହି ମାମଲାରେ ଆହୁରି ସରକାରୀ ଓ ପ୍ରଭାବଶାଳୀ ବ୍ୟକ୍ତି ଛନ୍ଦି ହୋଇଥିବାରୁ ମାମଲା ଆହୁରି ବଢ଼ିବ ବୋଲି ଜଣାପଡ଼ିଛି । ସୂଚନାଯୋଗ୍ୟ ଯେ, ଗତ ୭ ତାରିଖରେ ଭୁବନେଶ୍ୱରର ଏକ ତାରକା ହୋଟେଲ ସମ୍ମୁଖରୁ ଏକ ଦାମୀ ଗାଡ଼ିରୁ ୧୦ଲକ୍ଷ ଟଙ୍କା ଜବତ କରିଥିଲା ସିବିଆଇ । ଏହି ଘଟଣାରେ ବ୍ରିଜ ଆଣ୍ଡ ରୁଫ କମ୍ପାନୀର ଜିଜିଏମ ଚଞ୍ଚଳ ମୁଖାର୍ଜୀଙ୍କ ସହ ଦୁଇ ଠିକାଦାର ଦେବଦତ୍ତ ମହାପାତ୍ର ଓ ସନ୍ତୋଷ ମହାରଣାଙ୍କୁ ଗିରଫ କରାଯାଇଥିଲା । ଚଞ୍ଚଳଙ୍କ ଠାରୁ ଜବତ ଟଙ୍କା ସହ ଆଇଏଏସ୍ ବିଷ୍ଣୁପଦଙ୍କ ସମ୍ପୃକ୍ତିର ସୂରାକ ମିଳିବା ପରେ ସିବିଆଇ ଖୋଳତାଡ କରୁଛି ।

### ହକ୍ ମାଗୁଛନ୍ତି...

ନିର୍ଦ୍ଦେଶକ୍ରମେ ଚାଷୀମାନଙ୍କ ସହିତ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଏ ସମ୍ପର୍କରେ ଆଲୋଚନା କରିଛନ୍ତି । ଆଜି ଅପରାହ୍ନରେ ଚାଷୀମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ରୁଣ୍ଡ ହୋଇ କାର୍ଯ୍ୟାଳୟ ଘେରଉ କରିଥିଲେ । ବିନା କଟ୍‌ନି ଛଟ୍‌ନିରେ ଧାନ କିଣିବାକୁ, ଚଳିତବର୍ଷ ଜରି ବସ୍ତାରେ ଧାନ ବିକ୍ରି କରିବାକୁ ଏବଂ ବିଡିଘାଟ ଓ କୁଡ଼ାସିଂହା ସମବାୟ ସମିତିରେ ୫ କେଜି ଧାନ କଟନି ଛଟନି କରାଯାଉଥିବାରୁ ସେମାନଙ୍କ ବିରୋଧରେ ପଦକ୍ଷେପ ନେବାକୁ ଦାବି କରିଥିଲେ । ଚାଷୀମାନଙ୍କ ଧାନ ବିକ୍ରି ପାଇଁ ସୁବିଧା ନକଲେ ଆଗାମୀ ଦିନରେ ଦୁର୍ବାର ଆନ୍ଦୋଳନ ହେବ ବୋଲି ଚାଷୀମାନେ ଚେତାବନୀ ଦେଇଥିଲେ ।

### ରାସ୍ତାରେ ଧାନବସ୍ତା...

ହୋଇଥିଲା । ଗତ ନଭେମ୍ବର ୨୦ ରୁ ସରକାର ମାର୍କେଟ ୟାର୍ଡରୁ ଧାନ ଉଠାଇବାକୁ ଘୋଷଣା କରିଥିଲେ ହେଁ ୭୮୦୦ କୁଇଣ୍ଟାଲ ଟାର୍ଗେଟ ମଧ୍ୟରୁ ଆଜି ପର୍ଯ୍ୟନ୍ତ ମାତ୍ର ୧୬୨୨ କୁଇଣ୍ଟାଲ ଧାନ ଉଠିଛି । ବାକି ୬୧୭୭ କ୍ୟୁଣ୍ଟାଲ ଧାନ ପଡ଼ି ରହିଥିବାରୁ ଚାଷୀଙ୍କ ମଧ୍ୟରେ ଗଭୀର ଉଦବେଗ ପ୍ରକାଶ ପାଇଛି । ଏଥିମଧ୍ୟରୁ ଅନେକ ଚାଷୀଙ୍କ ଟୋକନ୍ ଅବଧି ଆସନ୍ତା ୧୯ ତାରିଖ ସୁଦ୍ଧା ସରିବାକୁ ଯାଉଛି । ମିଲ୍ ବାଲାଙ୍କ ମନମାନି ଏତେ ଅନୁଭୂତ ହେଉଛି ଯେ, ପ୍ରକୃତ କ୍ରୟ ସଂସ୍ଥା ପାକ୍ସ ଓ ଆରଏମସି କର୍ମଚାରୀ ସଂପୂର୍ଣ୍ଣ ଅସହାୟ ହୋଇପଡୁଛନ୍ତି । ବିଭିନ୍ନ ଅବ୍ୟବସ୍ଥା ଯୋଗୁଁ ଆଜି ଶତାଧିକ ଚାଷୀ ଉପ୍ନ ଭୋଇଙ୍କ ନେତୃତ୍ୱରେ ଭେଡେନ ରାସ୍ତାକୁ ଦୀର୍ଘ ୪ଘଣ୍ଟା ଧରି ଧାନ ବସ୍ତା ପକାଇ ଅବରୋଧ କରି ଧାରଣାରେ ବସିଥିଲେ । ଫଳରେ ବରଗଡ଼ ଭେଡେନ ଦେଇ ଯାତାୟାତ କରୁଥିବା ସମସ୍ତ ଯାନବାହନ ରାସ୍ତା ଉପରେ ଅଟକି ରହିଥିଲା । ଖବର ପାଇ ପ୍ରଶାସନିକ ଅଧିକାରୀମାନେ ଆନ୍ଦୋଳନ କରୁଥିବା ଚାଷୀଙ୍କ ସହ ଆଲୋଚନା କରିଥିଲେ । ଭେଡେନ ତହସିଲଦାର ରଶ୍ମିତା ସ୍ୱାଇଁ, ଅତିରିକ୍ତ ତହସିଲଦାର ଦେବାନନ ସାହୁ, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ରାଜକିଶୋର ପାଣିଗ୍ରାହୀ, ଡିଆର ସିଏସ୍ ଯୁଗଳ ଦାଶ, ଅତିରିକ୍ତ ଜିଲ୍ଲା ଆରକ୍ଷୀ ସୋରବ ଓଟା, ଏସଡିପିଓ ପଦାରବିନ୍ଦ ତ୍ରିପାଠୀ, ଭେଡେନ ଥାନା ଅଧିକାରୀ ପ୍ରେମଜିତ ଦାଶଙ୍କ ସମେତ ଅନେକ ପ୍ରଶାସନିକ ଅଧିକାରୀ ଆଲୋଚନା କରି ଚାଷୀଙ୍କ ସମସ୍ତ ଦାବିକୁ ପୂରଣ କରିବାର ନିର୍ଭର ପ୍ରତିଶ୍ରୁତି ଦେଇଥିଲେ । ଏହା ପରେ ଚାଷୀମାନେ ଆନ୍ଦୋଳନରୁ ଓହରିଥିଲେ । ଆଲୋଚନାରେ ଚାଷୀନେତା ରମେଶ ମହାପାତ୍ର, ନରେନ୍ଦ୍ର ଭୋଇ,ସୁଦାମ ପାତ୍ର, ମଧୁସୂଦନ ତ୍ରିପାଠୀ, ସୁକାନ୍ତ ସତପଥି, ଜନାର୍ଦ୍ଦନ ମିଶ୍ର, ସୁବୋଧ ସତପଥି , ଅଚ୍ୟୁତା ଭୋଇ, ଦେବେନ୍ଦ୍ର ପ୍ରଧାନ, ସୁଶୀଳ ବେହେରା, କ୍ଷୀରୋଦ୍ର ବାରିକ, ଅଜିତ ପ୍ରଧାନ, ଜୟଦେବ ପ୍ରଧାନ, ଅତୁଲ୍ୟ ଭୋଇ, କିଶୋର ପ୍ରଧାନ, ପ୍ରହଲ୍ଲାଦ ପ୍ରଧାନ, ଅଶୋକ ପ୍ରଧାନ, ବିକାଶ ଭୋଇ, ଉଜ୍ଜ୍ୱଳ ଭୋଇ, ସିଦ୍ଧେଶ୍ୱର ପ୍ରଧାନ, ନବୀନ ଭୋଇ, ପ୍ରଦୀପ ଭୋଇ, ଶୁକଦେବ ବାଗ, ଅକ୍ଷୟ ପ୍ରଧାନ ,ଘନଶ୍ୟାମ ମହାକୁର, କ୍ଷମାନିଧି ବେହେରା, ଅଶ୍ୱିନୀ ସତପଥି, ଭିଟୋ ସାହୁ, ଶଙ୍କର ମହାକୁର, ପ୍ରମୋଦ ବିଶି, ସନ୍ତୋଷ ବିଶି, ନନ୍ଦିଘୋଷ ମହାକୁର ପ୍ରମୁଖ ଶତାଧିକ ଚାଷୀ ଅଂଶଗ୍ରହଣ କରିଥିଲେ ।


B-771

Email id: sepwdrgda1@gmail.com

Government of Odisha
"e" Procurement Notice

**OFFICE OF THE SUPERINTENDING ENGINEER, RAYAGADA (R&B) DIVISION NO. I, RAYAGADA**

Bid Identification No.: RC (RANDB) RGD 14 / 2024-2025 (Double cover - Online tender)
File No. E-II-C8-28/2024 , No. 9279, Dated 17.12.2024

1. No. of the works:- 01(One) Building Work
2. Estimated Cost: - Rs. 15.67 Lakh
3. Cost of document:- Rs.6,000/-
4. Bid Security: - Rs.15,700/-,
5. Class of Contractor :- 'D&C'-Class
6. The Bid documents will be available in the website **www.tendersodisha.gov.in from11.00 Hrs. of dated 24-12-2024 to 17.00 Hrs. of dated 08-01-2025 for online bidding.**
7. Last date/Time for receipt of bids in the portal: - Upto17.00Hrs.of **Dated 08-01-2025**
8. Bids received **"on-line"** shall be **opened at 17.30 Hours on dated 08-01-2025** in the office of the **Superintending Engineer, Rayagada (R&B) Division No-I.**
9. Further details can be seen from the *e-Procurement* portal: "**www.tendersodisha.gov.in**". Any Addendum/Corrigendum/Cancellation of tender can also be seen in the said website only.

OIPR-34040/11/0008/2425

Superintending Engineer
Rayagada (R&B) Division No-I



**AFFIDAVIT**

I, Baishnaba Charan Padhi, S/o.: Late Udhab Padhi, Resident of Kuluthkani, Sambalpur Town, PO/PS.: Dhanupali, Tahasil/ Dist.: Sambalpur, PIN-768005, Odisha, declare by this affidavit No.: 31762, dated-17/12/2024, that now onwards I shall be known as **BAISHNAB CHARAN PADHI** for all future purposes.

**AFFIDAVIT**

I, Sapan Agarwal, F/o.: Harsh Agarwal, Resident of Sakuntala Nivas, Power house Road, Bisra Dahar Road, PS.: Plantsite, Rourkela, Dist.: Sundergarh, PIN-769001, Odisha, declare by this affidavit No.: 9482, dated-30/05/2015, that now onwards I shall be known as **SAPAN KUMAR AGARWAL** for all future purposes.

**AFFIDAVIT**

I Sri Pritiranjan Swain have changed my name from Priti Ranjan Swain to Pritiranjan Swain by affidavit sworn before the Notary Public, Puri on 18th october, 2024. Henceforth, I shall be known as Pritiranjan Swain, S/o- Prabhat Kumar Swain, At/Po- Manikagoda, PS- Bolagad, Dist- Khordha for all purpose.

**AFFIDAVIT**

By virtue of an affidavit before The Executive Magistrate, Sambalpur. I Prativa Biswal, Age: 35 yrs, W/o: Sushanta Kumar Biswal, At Salad, P.O: Kurla, P.S: Rengali, District: Sambalpur declared that my name after marrying to Sushanta Kumar Biswal has been changed from Prativa Mahana to Prativa Biswal. That "Prativa Biswal" and "Prativa Mahana" is one and the same person. Henceforth I shall be known as **"Prativa Biswal"** for all purposes.

**AFFIDAVIT**

By virtue of an affidavit dt.28.11.2024, No.898/24 before the court of Executive Magistrate, Jeypore, I Smt. P.Lata declare that P. Lata, Potnuru Lata and P.Padmaja D/o-Andavarapu Sarveswar Rao, W/o- Potnuru Venkat Ramana all the above three names are belongs to me and all the names are one and same person.

**SALE**

1 Number of TRACTOR – NEW HOLAND 3600-2, Registration No.- OD-17-AA-9885 Model 2023, ENGINE NO-410114DX, CHASIS NO - NHN36020ZPF65889, For Details, contact – 9437577742, SUNDARAM FINANCE LTD., 1ST FLOOR, ABOVE LALITA MEDICINE, BHATLI ROAD , PO/DIST-BARGARH -768028

**AFFIDAVIT**

I, Sadhyarani Swain, W/o- Ashok Kumar Swain, resident of At-Korua, Nuagaon, Dist-Jagatsinghpur, Pin-754113, Odisha declared by this affidavit No. 786/24, dtd-17/12/2024 that now onwards I shall be known as **SANDHYA RANI SWAIN** for all future purposes.

**AFFIDAVIT**

I, Rajnarayan Sanatan Pani, S/o- Sanatan Pani, resident of At-Sindol, Ps- Pirahat, Dist- Bhadrak, Pin-756130, Odisha declared by this affidavit No. 787/24, dtd-17/12/2024 that now onwards I shall be known as **RAJNARAYAN PANI** for all future purposes.



**TPWODL**
TP WESTERN ODISHA DISTRIBUTION LIMITED
(A Joint Venture of Tata Power and Government of Odisha)

**TP WESTERN ODISHA DISTRIBUTION LIMITED**
Corporate Office : Burla, Dist.-Sambalpur, Pin-768017 (Odisha)
Website : **www.tpwodl.com**

**NOTICE INVITING TENDER**

**T.Notice No. TPWODL/SD/O/SITC/ 31** **Date : 19.12.2024**

TP Western Odisha Distribution Limited, invites tender quotations (in 2part bidding) from eligible vendors for the following package :

**Rate Contract for SITC of AV solution integrated with HD video conferencing system.**

Interested bidders to submit Tender Participation Fee and Authorization Letter through email on or before **27th Dec. 2024, 15:00Hrs**, in order to become eligible vendor to participate in the bidding process.

For detailed tender documents of the above-mentioned tender, please visit Tender section on website : **www.tpwesternodisha.com.** Further details for participating in tender is given in the tender document.

All future correspondence regarding the tender, bid submission, date extension etc. will take place with the participating bidders only through E-Tender system.

**Sd/- Head-Contracts and Procurement**



**IN THE COURT OF SENIOR CIVIL JUDGE, COMMERCIAL COURT, CUTTACK**
**C.S. NO.: 11 (III) of 2023**

**State Bank of India** ... **Plaintiff.**
**-Vrs-**
**M/s. Niteesha Traders** ... **Defendants.**

**Notice U/O.5. R 20-1 (A) of CPC**

To,

1. **M/s. Niteesha Traders**, Prop.: Sri Sudhansu Kumar Das, S/o.: Sri Lalit Mohan Das, At.: Plot No.: 3c / 1274, Sec-10, CDA, Po./P.S.: Markat Nagar, Dist.: Cuttack
2. **Sri Sudhansu Kumar Das**, S/o.: Sri Lalit Mohan Das, At.: Plot No.: 3c / 1274, Sec-10, CDA, Po./P.S.: Markat Nagar, Dist.: Cuttack ... **DEFENDANTS.**

Whereas the plaintiff has instituted C.S No.: 11 (III) of 2023 in the aforesaid court for **Rs.16,05,590/-** only together with current and future interest, costs and for other reliefs against all of you. You did not appear in the court despite summons issued from the honb'le court.

Please take notice that the case is posted to 17.02.2025 at 10.30 AM for your appearance and filling of W/s. If you do not appear on the above date fixed, the case will be heard and disposed of ex-parte against you.

Given under hand and seal of this court on this **16th** day of the month of **December 2024.**

**Sd/- SENIOR CIVIL JUDGE, COMMERCIAL COURT, CUTTACK.**

# ସମ୍ପାଦକୀୟ



ଯେତେବେଳେ କୃତ୍ରିମ ବୁଦ୍ଧିମତ୍ତା ସମ୍ପୂର୍ଣ୍ଣ ବିକଶିତ ହୋଇଯିବ
ସେତେବେଳେ ମଣିଷମାନଙ୍କ ମଧ୍ୟରେ ପ୍ରତିଯୋଗିତାର ଆସ୍ପର୍ଦ୍ଧା ସମାପ୍ତ ହୋଇଯିବ।
-ଷ୍ଟିଫେନ୍ ହକିଂ

ସକାଳ
THE SAKALA

## ଏକ ଦେଶ ଏକ ନିର୍ବାଚନ

# ପଥ ଅନେକ ବାକି

ବିରୋଧୀ ଦଳମାନଙ୍କର ପ୍ରବଳ ବିରୋଧ ସତ୍ତ୍ୱେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଗତ ୧୭ ତାରିଖରେ ଲୋକସଭାରେ 'ଏକ ଦେଶ ଏକ ନିର୍ବାଚନ' ସଂଶୋଧନ ବିଧେୟକ ଉପସ୍ଥାପନ କରିଛନ୍ତି। ବାଚନିକ ଭୋଟ ପରେ ଏହି ବିଧେୟକକୁ ଅଧିକ ତର୍ଜମା ପାଇଁ ଯୁଗ୍ମ ସଂସଦୀୟ କମିଟିକୁ ପଠାଇ ଦିଆଯାଇଛି। ତେବେ ଲୋକସଭାର ଏରୁଣ୍ଡି ବନ୍ଧରେ ହିଁ ଏହି ବିଧେୟକ ଯେଭଳି ଝୁଣ୍ଟିଛି ସେଥିରୁ ଅନୁମାନ କରାଯାଉଛି ଯେ ଏହା ଆଇନରେ ପରିଣତ ହୋଇ କାର୍ଯ୍ୟକାରୀ ହେବା ପାଇଁ ଆହୁରି ଦୀର୍ଘ ଅବଧି ଆବଶ୍ୟକ କରିବ। ଉପସ୍ଥାପନ ପରେ ଏହାକୁ ୨୬୯ ସାଂସଦଙ୍କ ସମର୍ଥନ ମିଳିଥିବା ବେଳେ ୧୯୮ ସାଂସଦଙ୍କ ବିରୋଧାଭାସର ସମ୍ମୁଖୀନ ହୋଇଛି। ଲୋକସଭା କାର୍ଯ୍ୟବିଧି(ରୁଲ୍‌ସ ଅଫ୍ ପ୍ରୋସିଡ୍ୟୁର ଆଣ୍ଡ କଣ୍ଡକ୍ଟ ଅଫ୍ ବିଜିନେସ୍ ଇନ୍ ଲୋକସଭା)ର ଧାରା ୭୨(୧) ଓ ୭୨(୨) ଅନୁଯାୟୀ କୌଣସି ବିଧେୟକ ଗୃହରେ ଆଲୋଚନା ପାଇଁ ଉପସ୍ଥାପନ ହେବା ପୂର୍ବରୁ ହିଁ ତାହାକୁ ବିରୋଧ କରାଯାଇପାରିବ। ଯେକୌଣସି ସାଂସଦ ଦଳ, ମତ ଓ ସଂଖ୍ୟା ନିର୍ବିଶେଷରେ ବିଧେୟକ ଉପସ୍ଥାପନକୁ ବିରୋଧ କରି ନୋଟିସ୍ ଦେଇପାରିବେ, ଯାହା 'ଏକ ଦେଶ ଏକ ନିର୍ବାଚନ' ସମ୍ପର୍କିତ ବିଧେୟକ ଉପସ୍ଥାପନ ବେଳେ ଦେଖିବାକୁ ମିଳିଛି। ବିଧେୟକ ଉପସ୍ଥାପନ ବେଳେ ସମ୍ବିଧାନ ସଂଶୋଧନ ଭଳି ନିରଙ୍କୁଶ ବହୁମତ ଆବଶ୍ୟକ ନଥିବାରୁ ଉପରୋକ୍ତ ବିଧେୟକ ସଂଖ୍ୟାଗରିଷ୍ଠ ମତରେ ଉପସ୍ଥାପିତ ହୋଇପାରିଛି। କିନ୍ତୁ ପ୍ରତିଟି ପଦକ୍ଷେପରେ ଏହି ବିଧେୟକ ବହୁମତର ଆହ୍ୱାନର ସମ୍ମୁଖୀନ ହେବ ବୋଲି କେତେକ ସଂସଦୀୟ ବିଶେଷଜ୍ଞ ମତ ଦେଇଛନ୍ତି।

ଏହି ବିଧେୟକ ସର୍ବାଧିକ ଆହ୍ୱାନର ସମ୍ମୁଖୀନ ହେବ ଯେତେବେଳେ ଯୁଗ୍ମ ସଂସଦୀୟ କମିଟି ଦ୍ୱାରା ସବୁଜସଂକେତ ପ୍ରାପ୍ତ ହୋଇ ସମ୍ବିଧାନ ସଂଶୋଧନ ବିଧେୟକ ରୂପେ ଲୋକସଭାରେ ଉପସ୍ଥାପନ ହେବ। ସରକାରଙ୍କ ବର୍ତ୍ତମାନ ନିରଙ୍କୁଶ ସଂଖ୍ୟା ଗରିଷ୍ଠତା ନଥିବାରୁ ଏବଂ ଏକ ଦେଶ ଏକ ନିର୍ବାଚନକୁ ସଂଘୀୟ ବ୍ୟବସ୍ଥାର ଉଲ୍ଲଙ୍ଘନ ବୋଲି ବିରୋଧୀ ରାଜନୈତିକ ଦଳମାନେ ଅଭିଯୋଗ କରୁଥିବାରୁ ଲୋକସଭାର ଅର୍ଗଳି ଡେଇଁ ରାଜ୍ୟସଭାକୁ ଯିବା ଏତେ ସହଜ ହେବ ନାହିଁ। ତା' ପୂର୍ବରୁ ଏହି ବିଧେୟକର ବିଭିନ୍ନ ଦିଗ ଉପରେ ବିଚାରବିମର୍ଶ ସମୟରେ ମଧ୍ୟ ଯୁଗ୍ମ ସଂସଦୀୟ କମିଟିରେ ଅନେକ ମତଭେଦ ଉଠିପାରେ। ପ୍ରଥମତଃ, 'ଏକ ଦେଶ ଏକ ନିର୍ବାଚନ' ପାଇଁ ସୁପାରିସ କରିଥିବା ରାମନାଥ କୋବିନ୍ଦ କମିଟିର କର୍ତ୍ତୃତ୍ୱର ସୀମା ପ୍ରଶ୍ନ ଘେରକୁ ଆସିପାରେ। କାରଣ 'ଏକ ଦେଶ ଏକ ନିର୍ବାଚନ'ର ସକାରାତ୍ମକ ଓ ନକାରାତ୍ମକ ଦିଗ ପ୍ରତି ତର୍ଜମା ଓ ସୁପାରିସ କରିବାକୁ କମିଟିକୁ ସ୍ୱାଧୀନତା ଦିଆଯାଇନାହିଁ। ଦେଶରେ ଲୋକସଭା ଓ ସମସ୍ତ ବିଧାନସଭା ନିର୍ବାଚନ ଏକ ସାଙ୍ଗରେ କରିବା ପାଇଁ ଆବଶ୍ୟକ ବିଧିବ୍ୟବସ୍ଥା ଓ ପ୍ରଶାସନିକ ଆବଶ୍ୟକତା ସମ୍ପର୍କରେ କେବଳ କମିଟି ତର୍ଜମା କରି ସୁପାରିସ କରିଛି। ୨୦୨୩, ସେପ୍ଟେମ୍ବର ୨ ତାରିଖରେ ଭାରତର ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ୧୯୧ ଦିନର ତର୍ଜମା ଓ ବିଚାରବିମର୍ଶ ପରେ ଗତ ମାର୍ଚ୍ଚ ୧୪ ତାରିଖରେ କେନ୍ଦ୍ର ସରକାରଙ୍କୁ ୧୮, ୬୨୬ ପୃଷ୍ଠାର ଯେଉଁ ରିପୋର୍ଟ ପ୍ରଦାନ କରିଥିଲେ ସେଥିରେ ୨୧, ୫୫୮ ଜଣଙ୍କ ମତ ଲିପିବଦ୍ଧ ରହିଛି। ସେମାନଙ୍କ ମଧ୍ୟରୁ ୮୦% ଏକା ସାଙ୍ଗରେ ସବୁ ନିର୍ବାଚନ ସପକ୍ଷରେ ମତ ଦେଇଥିବା ବେଳେ ବାକି ୨୦% ବିପକ୍ଷରେ ମତ ଦେଇଛନ୍ତି। କିନ୍ତୁ ନାଗରିକଙ୍କ ମତ ଆହ୍ୱାନ ବେଳେ କେବଳ ଇଂରାଜୀ ଓ ହିନ୍ଦୀ ଭାଷା ବ୍ୟବହାର କରାଯାଇଥିବାରୁ ତାହା ଦେଶର ସବୁ ପ୍ରଦେଶ ଓ ସବୁ ଅଞ୍ଚଳର ସାର୍ବଜନୀନ ପ୍ରତିନିଧିତ୍ୱ କରୁନାହିଁ। ୪୭ଟି ନିର୍ବାଚିତ ରାଜନୈତିକ ଦଳମାନଙ୍କ ମଧ୍ୟରୁ ଏନ୍‌ଡିଏର ୩୨ଟି ଦଳ ଏହାକୁ ସମର୍ଥନ କରୁଥିବା ବେଳେ ୧୫ଟି ଦଳ ବିରୋଧ କରୁଛନ୍ତି। ଏହି ବିରୋଧ ପଛର କାରଣ ମଧ୍ୟ ସ୍ପଷ୍ଟ। ଗୋଟିଏ ଥରରେ ଲୋକସଭା ଓ ବିଧାନସଭା ନିର୍ବାଚନ ହେଲେ ଆଞ୍ଚଳିକ ପ୍ରସଙ୍ଗଗୁଡ଼ିକ ଗୁରୁତ୍ୱ ହରାଇବେ ଏବଂ ଆଞ୍ଚଳିକ ଦଳଗୁଡ଼ିକର ଅସ୍ତିତ୍ୱ ବିପଦକୁ ଆସିଯିବ। ଏହାଛଡ଼ା ରାଜ୍ୟ ବିଧାନସଭାମାନଙ୍କର ଅନେକ ସ୍ୱାଧୀନତା ବିପନ୍ନ ହେବ।

'ଏକ ଦେଶ ଏକ ନିର୍ବାଚନ' ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ଦୁଇଟି ବିଧେୟକ ସଂସଦରେ ଆଗତ କରିବାକୁ ପଡ଼ିବ ଏବଂ ଏଥିପାଇଁ ସମ୍ବିଧାନରେ ସର୍ବମୋଟ ୧୫ଟି ସଂଶୋଧନ କରିବାକୁ ହେବ। କେତେକ ନୂଆ ଧାରା ଯୋଡ଼ା ଯିବ ଏବଂ ପ୍ରଚଳିତ ଧାରାରେ କେତେକ ସଂଶୋଧନ ଆଣିବାକୁ ହେବ, ଯାହା ଆଗକୁ ଦ୍ୱନ୍ଦ୍ୱ ଓ ବିବାଦ ସୃଷ୍ଟି କରିବାର ଆଶଙ୍କା ରହିଛି। ଲୋକସଭା ଓ ରାଜ୍ୟ ବିଧାନସଭାଗୁଡ଼ିକର ଏକସଙ୍ଗରେ ନିର୍ବାଚନ ପାଇଁ ଉଦ୍ଦିଷ୍ଟ ସମ୍ବିଧାନ ସଂଶୋଧନ ବିଧେୟକ କେବଳ ସଂସଦରେ ସଂଖ୍ୟାଗରିଷ୍ଠ ବହୁମତରେ ପାରିତ କରାଯାଇପାରିବ, ଏଥିପାଇଁ ରାଜ୍ୟ ବିଧାନସଭାଗୁଡ଼ିକର ସହମତି ଅନାବଶ୍ୟକ ବୋଲି କମିଟି ସୁପାରିସ କରିଛି। ଏଥିପାଇଁ ବିଧେୟକରେ ସମ୍ବିଧାନରେ ୮୨ଏ ନାମରେ ଏକ ନୂଆ ଧାରା ଯୋଡ଼ାଯିବ। ଏହି ସୁପାରିସ ହିଁ ପ୍ରବଳ ବିରୋଧର ସମ୍ମୁଖୀନ ହେବାର ଆଶଙ୍କା ରହିଛି। କାରଣ ଏକ ଦେଶ ଏକ ନିର୍ବାଚନ ବ୍ୟବସ୍ଥା ୨୦୨୯ରୁ କାର୍ଯ୍ୟକାରୀ ହେଲେ ୧୭ ରାଜ୍ୟର ବିଧାନସଭାକୁ ପୂର୍ଣ୍ଣକାଳୀନ ପାଞ୍ଚବର୍ଷର ଅବଧି ପୂର୍ବରୁ ଭାଙ୍ଗିବାକୁ ପଡ଼ିବ। ସେହି ରାଜ୍ୟଗୁଡ଼ିକର ବିନା ସହମତିରେ ଯଦି ଏହା କାର୍ଯ୍ୟକାରୀ ହୁଏ ତେବେ ସଂଘୀୟ ବ୍ୟବସ୍ଥା ନୁହେଁ, ବରଂ ଏହା କେନ୍ଦ୍ରର ମନମୁଖି ଆଭିମୁଖ୍ୟ ଭାବେ ଧରାଯିବ। ଦ୍ୱିତୀୟ ବିଧେୟକରେ ପଞ୍ଚାୟତ ଓ ପୌରପରିଷଦ, ନଗରପାଳିକା, ମହାନଗର ନିଗମର ନିର୍ବାଚନ ଏବଂ ଭୋଟର ତାଲିକାରେ ଆବଶ୍ୟକ ସଂଶୋଧନ ପ୍ରସ୍ତାବ ରହିଛି। ଏଥିପାଇଁ ରାଜ୍ୟ ବିଧାନସଭାଗୁଡ଼ିକର ଦୁଇ-ତୃତୀୟାଂଶ ମତ ଅପରିହାର୍ଯ୍ୟ। ଭୋଟର ତାଲିକା, ପଞ୍ଚାୟତ ଓ ବିଧାନସଭା ପରିଚାଳନା ରାଜ୍ୟ ଅଧିକାର ତାଲିକା ଅଧୀନରେ ଆସୁଥିବା ବେଳେ ଏ ଦୁଇଟି ପାଇଁ ଉଦ୍ଦିଷ୍ଟ ଦୁଇଟି ବିଧେୟକରେ ଭିନ୍ନ ସର୍ତ୍ତ ଆଗାମୀ ଦିନରେ ବୈଧାନିକ ଜଟିଳତା ସୃଷ୍ଟି କରିବ। ପୁଣି ସେଥିରେ କୁହାଯାଇଛି ଯେ ଏକା ସହିତ ନିର୍ବାଚନ ପ୍ରକ୍ରିୟାରୁ କୌଣସି ରାଜ୍ୟକୁ କୌଣସି କାରଣବଶତଃ ନିର୍ବାଚନ ଆୟୋଗ ବାଦ୍ ଦେଇପାରିବେ, କିନ୍ତୁ ଏହାର କାରଣ ସେ ରାଷ୍ଟ୍ରପତିଙ୍କୁ ଅବଗତ କରାଇବେ। ଏହି ଆଳରେ ବିଧାନସଭା ନିର୍ବାଚନ ତାରିଖ ଘୋଷଣାର ରାଜନୀତିକରଣ ହେବାର ଆଶଙ୍କାକୁ ଏଡ଼ାଇ ଦେଇ ହେଉନାହିଁ। ●

# ସାତକୋଶିଆରୁ ଶିମିଳିପାଳ

**ସୌଭାଗ୍ୟ ସୁନ୍ଦରରାୟ**

ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପରେ ନିକଟରେ ଛଡ଼ାଯାଇଥିବା ନୂଆ ବାଘୁଣୀ ଜୀନତ୍ ସ୍ଥାନ ପରିତ୍ୟାଗ କରିଛି। ଏହି ଘଟଣାକୁ କିଭଳି ଭାବେ ଗ୍ରହଣ କରାଯିବ? ବାଟବଣା ହୋଇ ଜୀନତ୍ ଝାଡ଼ଖଣ୍ଡକୁ ଚାଲିଯାଇଛି ନା ନିଜ ନିମନ୍ତେ ଏକ ଉପଯୁକ୍ତ ବାସସ୍ଥାନ ସନ୍ଧାନରେ ସେ ଏବେ ଘୂରି ବୁଲୁଛି? ଏ ପ୍ରଶ୍ନର ଉତ୍ତର ଅଦ୍ୟାବଧି ସରକାରୀ ବିଶେଷଜ୍ଞମାନେ ଦେଇ ନାହାନ୍ତି। ଏବେ ଜୀନତର ଗତିବିଧି ଉପରେ ଝାଡ଼ଖଣ୍ଡରେ କଡ଼ା ନଜର ରଖାଯାଇଛି। ଯଦି ଜୀନତ୍ ମଣିଷଖିଆ ରୂପ ଧାରଣ କରିବ ତା'ହାଲେ ତା'କୁ କାବୁ କରିବାକୁ ନିଶ୍ଚେତନ ବ୍ୟବସ୍ଥା କରାଯିବାର ବନ୍ଦୋବସ୍ତ ହୋଇଛି। ତିନିବର୍ଷର ଏହି ବାଘୁଣୀକୁ ମହାରାଷ୍ଟ୍ରରୁ ଅଣାଯାଇ ଗତ ନଭେମ୍ବର ୨୪ ତାରିଖରେ ଶିମିଳିପାଳ ମୁକ୍ତ ପରିବେଶରେ ଛଡ଼ାଯାଇଥିଲା। ଏହାପୂର୍ବରୁ ନୂଆ ପରିବେଶ ସହ ଖାପ୍ ଖୁଆଇବା ଉଦ୍ଦେଶ୍ୟରେ ତା'କୁ ଏକ ଅସ୍ଥାୟୀ ଖୁଆଡ଼ ମଧ୍ୟରେ ରଖାଯାଇଥିଲା। ଖୁଆଡ଼ ମଧ୍ୟରେ ସେ ଶିକାର କରିଥିଲା। ନୂଆ ପରିବେଶକୁ ସେ ଗ୍ରହଣ କରିଥିବା କର୍ତ୍ତୃପକ୍ଷ ଅନୁଭବ କରିବା ପରେ ତା'କୁ ଉନ୍ମୁକ୍ତ ଜଙ୍ଗଲ ମଧ୍ୟକୁ ଛଡ଼ାଯାଇଥିଲା। ତେବେ ମାସେ ନ ପୂରୁଣୁ ସେ ନୂଆ ବାସସ୍ଥାନ ଛାଡ଼ିଯାଇଛି। ତା'ହାଲେ ଜୀନତ୍ କ'ଣ ନୂଆ ପରିବେଶକୁ ଗ୍ରହଣ କରିପାରିଲା ନାହିଁ? ଏ ପ୍ରଶ୍ନର ଉତ୍ତର ଏବେ ବନ୍ୟପ୍ରାଣୀ ବିଶେଷଜ୍ଞଙ୍କୁ ଦେବାକୁ ପଡ଼ିବ।

ରାଜ୍ୟରେ ବ୍ୟାଘ୍ରବଂଶ ବୃଦ୍ଧି ପାଇଁ ଆନ୍ତଃରାଜ୍ୟ ବ୍ୟାଘ୍ର ସଂସ୍ଥାପନ ପ୍ରକଳ୍ପ ନିମନ୍ତେ ସାତକୋଶିଆ ଅଭୟାରଣ୍ୟକୁ ଚିହ୍ନଟ କରାଯାଇଥିଲା। ୨୦୧୮, ଜୁନ୍ ୨୧ ତାରିଖରେ ଅଣ୍ଡିରା ବାଘ 'ମହାବୀର'କୁ ଅଣାଯାଇ ଜୁଲାଇ ୬ ତାରିଖରେ ସାତକୋଶିଆର ଉନ୍ମୁକ୍ତ ବନାଞ୍ଚଳକୁ ଛଡ଼ାଯାଇଥିଲା। ଏହାର ୩ ମାସ ପରେ ଅଗଷ୍ଟ ୧୭ ତାରିଖରେ ବାଘୁଣୀ 'ସୁନ୍ଦରୀ'କୁ ଅଣାଯାଇ ସେଠାରେ ଛଡ଼ାଯାଇଥିଲା। ଏ ଦୁଇ ବାଘ ମଧ୍ୟପ୍ରଦେଶରୁ ଅଣାଯାଇଥିଲା। ଲକ୍ଷ୍ୟ ଥିଲା ସମାନ ପରିବେଶରୁ ଆସିଥିବା ସୁନ୍ଦରୀ ଓ ମହାବୀର ପରସ୍ପର ନିକଟବର୍ତ୍ତୀ ହୋଇପାରିବେ ଏବଂ ଉଭୟଙ୍କ ମିଳନ ସାତକୋଶିଆରେ ବାଘ ବଂଶ ବୃଦ୍ଧରେ ସହାୟକ ହୋଇପାରିବ। ତେବେ ଏକ ରହସ୍ୟମୟ ପରିସ୍ଥିତିରେ ମହାବୀରର ମୃତଦେହ ସେହିବର୍ଷ ନଭେମ୍ବର ୧୪ ତାରିଖରେ ବନାଞ୍ଚଳ ମଧ୍ୟରୁ ମିଳିଥିଲା। ବାଘଟି ଶିକାରୀଙ୍କ ଦ୍ୱାରା ମରିଥିଲା କି ରୋଗ (ବେକ ଘା') ଯୋଗୁଁ ମରିଥିଲା ସେନେଇ ସନ୍ଦେହ ଅଦ୍ୟାବଧି ରହିଛି। ମାତ୍ର ୫ ମାସ ସମୟ ମଧ୍ୟରେ ଏପ୍ରକାର ଅଘଟଣ ବନ୍ୟପ୍ରାଣୀ ପ୍ରେମୀଙ୍କୁ ସେତେବେଳେ ବ୍ୟଥିତ କରିଥିଲା। ଏହି କାର୍ଯ୍ୟରେ ଓଡ଼ିଶା ଓ ମଧ୍ୟପ୍ରଦେଶ ଜଙ୍ଗଲ ବିଭାଗ, ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ (ଏନ୍‌ଟିସିଏ), ବନ୍ୟପ୍ରାଣୀ ଗବେଷଣା ପ୍ରତିଷ୍ଠାନ ଜଡ଼ିତ ଥିଲେ। ଶିକାର ଦ୍ୱାରା ବାଘର ମୃତ୍ୟୁ ଘଟିଛି ବୋଲି ପ୍ରଥମେ କୁହାଯାଇଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଉଦ୍ଧାର କରି ରେଡିଓ କଲାର ଯୋଗୁଁ ଘା' ସଂକ୍ରମଣ ଏହାପଛର କାରଣ ବୋଲି କୁହାଗଲା। ଏହାର କିଛିଦିନ ପରେ ସୁନ୍ଦରୀ ରକ୍ତମୁଖା ହୋଇ ୨ଜଣ



ମଣିଷଙ୍କ ମୃତ୍ୟୁର କାରଣ ହେବା ପରେ ତା'କୁ ଖୁଆଡ଼ ମଧ୍ୟରେ ପୂରାଇବାକୁ କର୍ତ୍ତୃପକ୍ଷ ବାଧ୍ୟ ହୋଇଥିଲେ।

ସାତକୋଶିଆକୁ ନୂଆ ବାଘ ଅଣାଯିବା ପୂର୍ବରୁ ଜଙ୍ଗଲ ସହିତ କାହିଁ କେଉଁ କାଳରୁ ଆତ୍ମିକ ସମ୍ପର୍କ ଥିବା ବନବାସୀଙ୍କ ସହ ପରାମର୍ଶ କରାଗଲା ନାହିଁ କି ମତାମତ ନିଆଗଲା ନାହିଁ। ଜଙ୍ଗଲ ମଧ୍ୟରୁ ବିସ୍ଥାପନ ସଠିକ୍ ଭାବେ ହେଉ ନ ଥିବା ଘଟଣାକୁ ବିରୋଧ କରିଥିବା ବନବାସୀଙ୍କୁ ଜଙ୍ଗଲ ବିଭାଗ ମାଓବାଦୀଙ୍କ ସମର୍ଥକ ଆଖ୍ୟା ଦେଲେ। ଜଙ୍ଗଲ ବିଭାଗର ସରକାରୀ ବାବୁମାନେ ଜାଣି ରଖିବା କଥା ଯେ, ସ୍ଥାନୀୟ ଜନତାଙ୍କ ଦ୍ୱାରା ବନ ଉଜୁଡ଼ି ଯାଇପାରେ ବା ସୁରକ୍ଷିତ ରହିପାରେ। ତେଣୁ ସେମାନଙ୍କ ସହଯୋଗ ବିନା ଜଙ୍ଗଲ ଓ ବନ୍ୟଜନ୍ତୁ ସୁରକ୍ଷା ମଧ୍ୟ ଦୁରୁହ ବ୍ୟାପାର। ସାତକୋଶିଆ କ୍ଷେତ୍ରରେ ତାହା ହିଁ ଘଟିଲା। ଜଙ୍ଗଲ ଅଧିକାରୀଗଣ ବନବାସୀଙ୍କୁ ସମ୍ପୂର୍ଣ୍ଣ ଉପେକ୍ଷା କରି ନିଜସ୍ୱ ବିଦ୍ୟାରେ ବାଘ ସଂସ୍ଥାପନ ପାଇଁ ଉଦ୍ୟମ କଲେ। ଏହି ନବପ୍ରକଳ୍ପ ପାଇଁ ଉପଯୁକ୍ତ କମିଟି ଗଢ଼ାଗଲା ନାହିଁ। ବେସରକାରୀ ପରିବେଶବିତ୍ ବା ସଂରକ୍ଷକ ନିଯୁକ୍ତି କରାଗଲା ନାହିଁ। ଜନସାଧାରଣଙ୍କ ପ୍ରତି ସନ୍ଦେହ ମନୋଭାବ ପୋଷଣ କରାଯାଇ ସବୁ କାର୍ଯ୍ୟ ଗୋପନରେ କରାଗଲା। ପ୍ରକଳ୍ପରେ ସ୍ୱଚ୍ଛତା ରହିଲା ନାହିଁ। କର୍ମଚାରୀଙ୍କୁ ଆବଶ୍ୟକ ତାଲିମ ପ୍ରଦାନ କରାଗଲା ନାହିଁ କି ଦକ୍ଷତା ବିକାଶ କରାଗଲା ନାହିଁ। ଶେଷରେ ଜଙ୍ଗଲ ବିଭାଗ କହିଲେ ବାଘ ମଲା ଘା'ଜନିତ ସଂକ୍ରମଣରୁ। ଯଦି ବାଘର ଘା' ହୋଇ ସଂକ୍ରମଣ ହୋଇଥିଲା ତା'ହାଲେ ଚିକିତ୍ସା ପାଇଁ କାହାଠାରୁ କି ପ୍ରକାର ପରାମର୍ଶ ନିଆଯାଇଥିଲା ତାହା ଜଣାଗଲା ନାହିଁ। ବାଘ ଘା' ସମ୍ପର୍କରେ ମଧ୍ୟ ବନବିଭାଗ ପକ୍ଷରୁ ପୂର୍ବରୁ କୌଣସି ସୂଚନା ପ୍ରକାଶ କରାଗଲା ନାହିଁ। ଏହାର ଅର୍ଥ ବାଘର ଗତିବିଧି ଉପରେ ବନ ବିଭାଗ ନିକଟରେ ନିୟମିତ ସୂଚନା ମଧ୍ୟ ରହୁ ନ ଥିଲା।

ବାଘ ସଂସ୍ଥାପନକୁ ପ୍ରଥମରୁ ସ୍ଥାନୀୟ ଜନସାଧାରଣ ବିରୋଧ କରିଥିଲେ। ଏହାର କାରଣ ସେମାନେ ଦର୍ଶାଇଥିଲେ ଯେ ସାତକୋଶିଆ ପରିବେଶରେ ବାଘଙ୍କ ପାଇଁ ଆବଶ୍ୟକ ସଂଖ୍ୟକ ଶିକାର ନାହିଁ। ସେମାନଙ୍କର ଏହି ପରାମର୍ଶକୁ ବନବିଭାଗ କର୍ଣ୍ଣପାତ କଲେ ନାହିଁ। ବରଂ ଜଙ୍ଗଲ ବିଭାଗ ଅଧିକାରୀ ଭ୍ରମାତ୍ମକ ତଥ୍ୟ ଦେଇ ବାଘୁଣୀ ଜଙ୍ଗଲ ମଧ୍ୟରେ ବାରହା ଶିକାର କରୁଥିବା ଦର୍ଶାଇଲେ। କିନ୍ତୁ ପ୍ରକୃତରେ ଦେଖାଗଲା ଯେ, ଆବଶ୍ୟକ ଶିକାର ପାଇ ନ ପାରି ସୁନ୍ଦରୀ ମୁଖ୍ୟ ବନାଞ୍ଚଳ ବାହାରକୁ ଯାଇ ପାରିପାର୍ଶ୍ୱିକ ଅଞ୍ଚଳରେ ବୁଲିଲା ଏବଂ ମଣିଷ ଓ ଗୃହପାଳିତ ପଶୁଙ୍କୁ ଆକ୍ରମଣ କଲା। ଏଥିଯୋଗୁଁ ଜନଆକ୍ରୋଶ ଉଗ୍ର ରୂପ ଧାରଣ କରିଥିଲା।

ଏବେ ଶିମିଳିପାଳରେ କ'ଣ ସାତକୋଶିଆ ଘଟଣାର ପୁନରାବୃତ୍ତି ଘଟିଛି ବୋଲି ଅଭିଯୋଗ ହେଉଛି। ସାଧାରଣତଃ ନୂଆ ପରିବେଶରେ ବାଘ ନିଜ ପାଇଁ ଏକ ସୁରକ୍ଷିତ ଅଞ୍ଚଳ ପ୍ରତିଷ୍ଠା କରିବାକୁ ଚାହିଁଥାଏ, ଯେଉଁଠି ସେ ସ୍ୱଚ୍ଛନ୍ଦରେ ଖାଇ/ପିଇ ବୁଲିପାରିବ ଏବଂ ବଂଶବିସ୍ତାର କରିପାରିବ। ଏଭଳି ପରିବେଶ ଶିମିଳିପାଳ ମଧ୍ୟରେ ପାଇ ନ ପାରି ବୋଧହୁଏ ଜୀନତ୍ ଦୀର୍ଘ ପଥ ଅତିକ୍ରମ କରି ଘୂରିବୁଲୁଛି। ଦେଖିବାକୁ ଗଲେ ସାତକୋଶିଆ ଅଭୟାରଣ୍ୟ ତୁଳନାରେ ଶିମିଳିପାଳ ବନାଞ୍ଚଳର ବ୍ୟାପ୍ତି ଅଧିକ। ୧୯୭୯ ମସିହାରେ ଶିମିଳିପାଳର ୨୭୫୦ ବର୍ଗ କିଲୋମିଟର ଅଞ୍ଚଳକୁ ସରକାର ବନ୍ୟାପ୍ରାଣୀ ଅଭୟାରଣ୍ୟ ଭାବେ ଘୋଷଣା କରିଥିଲେ। ଶିମିଳିପାଳକୁ ଲାଗି ହଦଗଡ଼ ଓ କୁଳଡ଼ିହା ଅଭୟାରଣ୍ୟ ରହିଛି। ଅନ୍ୟପକ୍ଷରେ ସାତକୋଶିଆର କ୍ଷେତ୍ରାଞ୍ଚଳ ୯୬୮ ବର୍ଗ କିଲୋମିଟର। ନିକଟରେ ମହାନଦୀ ରହିଛି। ଏହା ବୌଦ୍ଧ, କଟକ, ଢେଙ୍କାନାଳ ଜିଲ୍ଲା ସୀମାକୁ ଲାଗିଛି। ଶିମିଳିପାଳରେ ଘଞ୍ଚ ବନାନୀ ରହିଛି। ଏଠାରେ ପ୍ରାୟ ୫୫ ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀ, ୩୦୪ ପ୍ରଜାତିର ପକ୍ଷୀ ଓ ୬୦ ପ୍ରଜାତିର ସରୀସୃପ ଅଛନ୍ତି। ଏସବୁ ସତ୍ତ୍ୱେ ଜୀନତ୍ ଶିମିଳିପାଳକୁ ତତ୍କାଳ ଗ୍ରହଣ କରିପାରି ନାହିଁ ବୋଲି କୁହାଯାଇପାରେ।

ଦେଶର ବିଭିନ୍ନ ବନାଞ୍ଚଳରେ ରହୁଥିବା ବାଘଙ୍କ ପରିବେଶଗତ ବ୍ୟାବହାରିକ ଆଚରଣ ସମ୍ପର୍କରେ ବୋଧହୁଏ ଅଦ୍ୟାବଧି ଅନୁଧ୍ୟାନ ହୋଇନାହିଁ। ଶିମିଳିପାଳରେ ହୋଇଥିବା ଏହି ଆନ୍ତଃପ୍ରଜନନ ଯୋଜନା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ତେବେ ଏତେ ବଡ଼ ବର୍ଗାଞ୍ଚଳରୁ ଜୀନତ୍ ଓଡ଼ିଶା ସୀମା ଅତିକ୍ରମ କରିବା ନେଇ ରେଡିଓ କୋଲାରର ନିରନ୍ତର ସଙ୍କେତ ସହ ବନ ବିଭାଗର ସଜାଗ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିବା ସ୍ୱାଭାବିକ। ଶିମିଳିପାଳ ପରୀକ୍ଷଣକୁ ବର୍ତ୍ତମାନ ସ୍ଥିତିରେ ବିଫଳ କୁହାଯାଇ ନ ପାରେ। କିନ୍ତୁ ପ୍ରକ୍ରିୟା ଓ କାର୍ଯ୍ୟକାରିତା ତ୍ରୁଟିପୂର୍ଣ୍ଣ ବୋଲି କୁହାଯାଇପାରେ। ଏପରି ସ୍ଥିତିରେ ଆଉ ୪ଟି ବାଘ ଶିମିଳିପାଳରେ କିଭଳି ସଂସ୍ଥାପନ କରାଯାଇପାରିବ ସେଥିନେଇ ଏବେ ପ୍ରଶ୍ନ ଉଠିବ। ତେଣେ ସାତକୋଶିଆକୁ ପୁନର୍ବାର ବାଘ ଆଣିବା ସହ ଦେବ୍ରିଗଡ଼ ଅଭୟାରଣ୍ୟରେ ମଧ୍ୟ ବାଘ ସଂସ୍ଥାପନ ପାଇଁ ସରକାର ଯୋଜନା କରିଛନ୍ତି। ସାତକୋଶିଆ ଓ ଶିମିଳିପାଳ ପରୀକ୍ଷଣରୁ ଆମକୁ ଏହି ଶିକ୍ଷା ଗ୍ରହଣ କରିବାକୁ ପଡ଼ିବ ଯେ ବାଘ ପରି ଏକ ହିଂସ୍ର ବନ୍ୟଜନ୍ତୁ କି ପ୍ରକାରେ ଏକ ନୂଆ ପରିବେଶ ସହ ଖାପ୍ ଖୁଆଇବାକୁ ପଡ଼ିବ ତା'ର କାରଣ ଖୋଜିବାକୁ ପଡ଼ିବ। ଏଥିସହ ବନ୍ୟପ୍ରାଣୀର ମୂଳ ପରିବେଶ ସହ ବର୍ତ୍ତମାନର ପରିବେଶ ଠିକ୍ ରହିଛି କି ନାହିଁ ସେଥିପ୍ରତି ଗଭୀର ଅନୁଧ୍ୟାନର ଆବଶ୍ୟକତା ରହିଛି। ●

(ବରିଷ୍ଠ ସାମ୍ବାଦିକ)
କଟକ, ମୋ: ୯୪୩୭୨୨୯୨୩୩

# ଧାନକଟା ଛୁଟି ସପକ୍ଷରେ

**ବୈଷ୍ଣବ ମେହେର**

ଓଡ଼ିଶା ଗ୍ରାମୀଣ କୃଷି-ଅର୍ଥନୀତିଭିତ୍ତିକ ରାଜ୍ୟ। ରାଜ୍ୟର ପ୍ରାୟ ୪ କୋଟି ୭୬ ଲକ୍ଷ ଲୋକଙ୍କ ମଧ୍ୟରୁ ୩ କୋଟି ୨୮ ଲକ୍ଷ ଲୋକ ଚାଷ ଉପରେ ନିର୍ଭର କରି ଚଳନ୍ତି। ଧାନ ହେଉଛି ଏଠିକାର ମୁଖ୍ୟ ଚାଷ। ଗୋଟିଏ ଚାଷୀ ପରିବାରର ସାନବଡ଼ ପ୍ରାୟ ସମସ୍ତ ସଦସ୍ୟ ଅଳ୍ପବହୁତେ ପରସ୍ପରର ସହଯୋଗରେ ଚାଷ କାର୍ଯ୍ୟ ତୁଲାଇଥା'ନ୍ତି। ଏଥିରେ ଘରର ଛୋଟ ପିଲାଙ୍କ ମଧ୍ୟ ଭୂମିକା ବା ଦାୟିତ୍ୱ ରହିଥାଏ। ତେଣୁ ଧାନ ଅମଳ ସମୟରେ ଅନେକ ପାଠ ପଢ଼ୁଆ ପିଲା ବିଦ୍ୟାଳୟକୁ ଆସିବାରେ ସମସ୍ୟା ଦେଖା ଦିଏ। ନିକଟରେ ମାଲକାନଗିରି ଜିଲ୍ଲାର ଏକ ବିଦ୍ୟାଳୟର ପ୍ରାୟ ୪୦ ଜଣ ପିଲାଙ୍କ ମଧ୍ୟରୁ ମାତ୍ର ତିନି ଜଣ ଉପସ୍ଥିତ ଥିବାର ମୁଖ୍ୟ କାରଣ ଏହି ଧାନକଟା ବୋଲି କୁହାଯାଉଛି।

ଆମର ପୁରୁଣା ଶିକ୍ଷା ବ୍ୟବସ୍ଥାରେ ପିଲାମାନଙ୍କୁ ପାଠ ପଢ଼ିବା ସହିତ କୃଷିକାର୍ଯ୍ୟରେ ସହାୟତା କରିବାକୁ ପ୍ରୋତ୍ସାହିତ କରାଯାଉଥିଲା। ସେତେବେଳେ ଷଷ୍ଠ ଓ ସପ୍ତମ ଶ୍ରେଣୀରେ କୃଷିବିଜ୍ଞାନ ନାମରେ ଏକ ପାଠ୍ୟ ପୁସ୍ତକ ମଧ୍ୟ ପ୍ରଚଳିତ ଥିଲା, ଯାହା ପିଲାଙ୍କ କୃଷି ସମ୍ବନ୍ଧିତ ଜ୍ଞାନ ବୃଦ୍ଧି ସହ ଏ ଦିଗରେ ଆଗ୍ରହ ବଢ଼ାଉଥିଲା। ଫଳରେ ସେମାନଙ୍କ କୃଷିକାର୍ଯ୍ୟ ପ୍ରତି ଜ୍ଞାନ ବଢ଼ିବା ସହ ରୁଚି ମଧ୍ୟ ବୃଦ୍ଧି ପାଉଥିଲା। ଚାଷକାର୍ଯ୍ୟରେ ପିଲାଙ୍କ ଆଗ୍ରହ ଓ ଆବଶ୍ୟକତାକୁ ଦେଖି ବିଦ୍ୟାଳୟ/ମହାବିଦ୍ୟାଳୟମାନଙ୍କର ବାର୍ଷିକ ପାଠ୍ୟ ଖସଡ଼ାରେ ଧାନ ଅମଳ ସମୟକୁ ଦୃଷ୍ଟିରେ ରଖି ଛୁଟି ବ୍ୟବସ୍ଥା ନିର୍ଦ୍ଧାରଣ ହେଉଥିଲା। ଧାନ ପାଚିବା ଓ କଟା ଯିବା ସମୟରେ ଅନ୍ତତଃ ସପ୍ତାହେ ବ୍ୟାପୀ ଧାନକଟା ଛୁଟି ହେଉଥିଲା। ଫଳରେ ପିଲାମାନେ ବାପାମାଆଙ୍କ ସହ ବିଲକୁ ଯାଇ ଧାନ ଅମଳ କାର୍ଯ୍ୟରେ ନିଜ ସାଧ୍ୟ ମତେ ସହଯୋଗ କରୁଥିଲେ। ଖଳାରେ ଧାନ ଜଗିବା, ବୁଲା ଗାଈଗୋରୁଙ୍କୁ ଘଉଡ଼େଇବା, ବିଲ ବା ଖଳାକୁ ଖାଇବା ପହଞ୍ଚାଇବା ଆଦି କାମରେ ସହଯୋଗ କରୁଥିବାରୁ ଘରର ମୁରବିମାନେ ସୁବିଧାରେ ଧାନ ଅମଳ କାମ କରିପାରୁଥିଲେ। ଏସବୁ କାମ ଦ୍ୱାରା ସେତେବେଳେ ପିଲାଙ୍କ ପାଠପଢ଼ାରେ ବ୍ୟାଘାତ ଘଟି ସେମାନେ ପରୀକ୍ଷାରେ ଅକୃତକାର୍ଯ୍ୟ ହେଉଥିଲେ ତା'ହା ଆଦୌ ନୁହେଁ। କହିବା ଅନାବଶ୍ୟକ ଯେ, ବର୍ତ୍ତମାନ ଯେଉଁମାନେ ବଡ଼ବଡ଼ ପଦପଦବୀରେ ଅବସ୍ଥାପିତ ରହିଛନ୍ତି, ପ୍ରାୟ ସମସ୍ତେ ଧାନକଟା ଛୁଟିରେ ଧାନକଟା ଓ କୃଷିକାର୍ଯ୍ୟରେ ସମୟ ବିତାଇଥିବା ସ୍ୱୀକାର କରି ସେସବୁ ସମୟକୁ ନିଜ ଜୀବନର ଅଭୁଲା ମୁହୂର୍ତ୍ତ ବୋଲି ବର୍ଣ୍ଣନା କରନ୍ତି।

ସମୟ ବଦଳି ଯାଇଛି। କୃଷି କ୍ଷେତ୍ରରେ ନୂଆନୂଆ ବୈଷୟିକ ଜ୍ଞାନକୌଶଳର ବ୍ୟବହାର ଏକ ବଡ଼ ପରିବର୍ତ୍ତନ ଆଣିଛି। ଆଗଭଳି ଲୋକଙ୍କୁ କୃଷି କାର୍ଯ୍ୟରେ ସମୟ ଦେବାକୁ ପଡୁ ନ ଥିବା ଅନେକଙ୍କ ଧାରଣା ହୋଇଛି। ବୋଧେ ସେଥିପାଇଁ ଏବେ ଧାନକଟା ଛୁଟି ଦେବା ଆବଶ୍ୟକ ମନେ ନକରି ଏହାର ବିକଳ୍ପ ଭାବରେ ବଡ଼ଦିନ ଛୁଟିକୁ ପରିବର୍ତ୍ତିତ କରାଯାଇଛି। ମୁଁ ମୋ ଛାତ୍ର ଜୀବନରେ ଜଣେ କୃଷିଜୀବୀ ପରିବାରର ପୁଅ ଭାବରେ ଧାନକଟା ଛୁଟିର ସଠିକ୍ ଉପଯୋଗ କରିଛି। ପୁଣି ସମ୍ପ୍ରତି ଗ୍ରାମାଞ୍ଚଳରେ ନିଯୁକ୍ତ ଜଣେ ଶିକ୍ଷକ ଭାବରେ ମଧ୍ୟ ଧାନକଟା ଛୁଟିର ଆବଶ୍ୟକତାକୁ ମର୍ମେ ମର୍ମେ ଅନୁଭବ କରୁଛି। ବର୍ତ୍ତମାନ ଧାନ ବୁଣାଠାରୁ ଧାନ କଟା ଓ ଉଡ଼ା ଯାଏଁ ଯଦିଓ ପ୍ରାୟ କାର୍ଯ୍ୟ ଯନ୍ତ୍ରରେ ସମ୍ପାଦିତ ହୋଇଯାଉଛି, ତଥାପି କୃଷି କ୍ଷେତ୍ରରେ ଯେ ଏବେ ବି ପର୍ଯ୍ୟାପ୍ତ ଲୋକବଳର ଦରକାର ରହିଛି, ଏହାକୁ ଅସ୍ୱୀକାର କରାଯାଇ ନ ପାରେ। ଅପରପକ୍ଷେ ସରକାରୀ ମାଗଣା ଯୋଜନାର ମାୟାରେ ଛନ୍ଦି ହୋଇ ଅଥବା କିଛି ଅଧିକ ରୋଜଗାର ଆଶାରେ ଦାଦନ ଯାଇ କୃଷି କାର୍ଯ୍ୟକୁ ହେୟଜ୍ଞାନ କରୁଛନ୍ତି। ଫଳରେ କୃଷିକାର୍ଯ୍ୟରେ ସହଯୋଗ କରିବାକୁ ଶ୍ରମିକଙ୍କ ଅଭାବ ରହୁଛି। ସୁତରାଂ ଗ୍ରାମାଞ୍ଚଳର ଚାଷୀ ପରିବାରର ସଦସ୍ୟମାନେ ନିଜେ କିମ୍ବା ସମ୍ପର୍କୀୟଙ୍କୁ ଡକାହକା କରି ପରସ୍ପରର ସହଯୋଗରେ ଚାଷକାର୍ଯ୍ୟ ତୁଲାଉଛନ୍ତି।

ସୁତରାଂ ଧାନ ଅମଳର ଅବଧିକୁ ଆଖି ଆଗରେ ରଖି ଧାନକଟା ଛୁଟିର ପୁନଃପ୍ରଚଳନ ପାଇଁ ବିଚାରବିମର୍ଶ ହେବା ଦରକାର। ଅବଶ୍ୟ ଧାନକଟା ଛୁଟିର ପରିବର୍ତ୍ତିତ ରୂପ ବଡ଼ଦିନ ଛୁଟିକୁ କେହି କେହି ଶୀତକାଳୀନ କିମ୍ବା ସେହି ଧାନକଟା ଛୁଟି ବୋଲି କହୁଛନ୍ତି। କିନ୍ତୁ ବାସ୍ତବରେ ଏହି ଛୁଟି ପୂର୍ବରୁ ଓ ପରେ ମାସାଧିକ କାଳ ପ୍ରବଳ ଥଣ୍ଡା ଅନୁଭୂତ ହେଉଥିବା ବେଳେ ବର୍ଷର ଶେଷ ସପ୍ତାହର ଛୁଟିରେ ଶୀତ ସମାହିତ ହୋଇଯାଏ ନାହିଁ। ଦ୍ୱିତୀୟତଃ, ରାଜ୍ୟର ଅଧିକାଂଶ ସ୍ଥଳରେ ଢେର ପୂର୍ବରୁ ଧାନ ଅମଳ ପ୍ରାୟ ଶେଷ ହୋଇ ଯାଉଥିବା ବେଳେ ଏହାକୁ ଧାନକଟା ଛୁଟି କୁହାଯିବା ନିହାତି ଅପ୍ରାସଙ୍ଗିକ ମନେ ହୁଏ।

ଧାନକଟା ଛୁଟି ମଧ୍ୟ ଆମ ଅସ୍ମିତାର ବାର୍ତ୍ତା ବହନ କରେ। ଏହି ଛୁଟି ସହ ଯେ କେବଳ ଆମର ଅନେକ ସ୍ମୃତି, ସଂସ୍କୃତି, ସାମାଜିକ ସମ୍ପର୍କ, ପରମ୍ପରା, କୃଷିଜ୍ଞାନ ଆଦି ଜଡ଼ିତ ରହିଛି ତା' ନୁହେଁ; ବରଂ ନୂତନ ପିଢ଼ିକୁ କୃଷି ଅଭିମୁଖୀ କରିବାରେ ଧାନକଟା ଛୁଟିର ଭୂମିକା ମହତ୍ତ୍ୱପୂର୍ଣ୍ଣ ରହିଛି। ତେଣୁ ସାମ୍ପ୍ରତିକ କୃଷି ବିମୁଖ ପିଢ଼ି ସକାଶେ ଠିକ୍ ସମୟରେ ଧାନକଟା ଛୁଟି କରାଯିବା କୃଷିକାର୍ଯ୍ୟରେ ନୂତନ ଜୀବନ ସଞ୍ଚାର କଲା ଭଳି ହେବ। ●

ସିନାପାଲି(ନୂଆପଡ଼ା)
ମୋ: ୯୭୭୭୭୫୩୯୩୫

## 'ମାଟିର ମହାକବି'ଙ୍କ ସର୍ଜନାରେ ଆଞ୍ଚଳିକ ଚେତନା

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

**ସାହିତ୍ୟ ସରିତ୍**

ସାରଳା ଦାସ ହେଉଛନ୍ତି ଓଡ଼ିଶାର ଆଦିକବି। ସେ ଥିଲେ ପ୍ରଥମରୁ କୃଷକ ପରିବାରର ଜଣେ ସାଧାରଣ ସନ୍ତାନ। ନାମ ଥିଲା ସିଦ୍ଧେଶ୍ୱର ପରିଡ଼ା। ସାଧାରଣ ମନେ ହେଉଥିବା କେଉଁ ମଣିଷକୁ ଦିବ୍ୟଶକ୍ତି ନିଜ ଆଧାର ଭାବରେ ଗ୍ରହଣ କରି ସମାଜକୁ ଦେଇଥା'ନ୍ତି ମହତ ଦିଗଦର୍ଶନ, ତାହାର ରହସ୍ୟ ଉନ୍ମୋଚନ କରିବା ସମ୍ଭବ ନୁହେଁ। ସିଦ୍ଧେଶ୍ୱର ଦେବୀ ସାରଳାଙ୍କ ଆଶୀର୍ବାଦ ବଳରେ ଯେଉଁ ଅଲୌକିକ ସିଦ୍ଧି ଅର୍ଜନ କଲେ, ତାହା ହିଁ ଯେ ଓଡ଼ିଆ ସାହିତ୍ୟ ସୃଜନ ନିମିତ୍ତ ପରିଣତ ହେଲା ଏକ ମହାସ୍ରୋତସ୍ୱତୀରେ, ତାହା କିଏ ଅବା ନ ଜାଣିଛନ୍ତି! ଆଶ୍ଚର୍ଯ୍ୟଜନକ ଭାବରେ ସେ ରଚନା କଲେ ଓଡ଼ିଆ ମହାଭାରତ, ଯେତେବେଳେ ବ୍ୟାସକୃତ ମହାଭାରତର ଅନୁବାଦ ହୋଇପାରିବା ଥିଲା ସମ୍ପୂର୍ଣ୍ଣ ଅସମ୍ଭବ।

ମହାଭାରତର ସୁଦୀର୍ଘ କାହାଣୀ ତାଙ୍କୁ ଯେପରି କରିଛି ଭାବାବିଷ୍ଟ, ନିଜ ଜନ୍ମମାଟିର ଚରିତ୍ରମାନଙ୍କ ସହିତ ସେହିପରି ହୋଇଯାଇଛନ୍ତି ସିଏ ଆତ୍ମିକ ସ୍ତରରେ ସଂଯୁକ୍ତ। ସେହି ସୁଗଭୀର ଅଭିଜ୍ଞତା ଓ ଅନୁଭବରୁ ଆବିର୍ଭୂତ ହୋଇଛି ନିଜସ୍ୱ ଚେତନା ସମ୍ଭୃତ ଓଡ଼ିଆ ମହାଭାରତ। ସାରଳାଙ୍କ ମହାଭାରତ ଓଡ଼ିଶାର ପରିବେଶ ଆଧାରରେ ହିଁ ପ୍ରାଣବନ୍ତ। ସେ ଯଦିଓ ସଂସ୍କୃତ ମହାଭାରତର ଚରିତ୍ରମାନଙ୍କ ନାମ ଗ୍ରହଣ କରିଛନ୍ତି, ପ୍ରତିଟି ଚରିତ୍ର ଯେ ସମ୍ପୂର୍ଣ୍ଣ ଭାବରେ ଓଡ଼ିଶାର ମାଟି, ପାଣି ଓ ପବନରେ ଗଢ଼ା ହୋଇଛନ୍ତି - ଏହି ନିବିଡ଼ ସତ୍ୟ, ଯେ କେହି ଉପଲବ୍ଧି କରିପାରିବେ ନିଶ୍ଚିତ ଭାବରେ। ଯେଉଁ ଚରିତ୍ରମାନଙ୍କୁ ନିଜ ଚତୁଃପାର୍ଶ୍ୱରେ ସେ ଦେଖିଛନ୍ତି, ସେମାନଙ୍କୁ ହିଁ ରୂପାୟିତ କରିଛନ୍ତି ପୌରାଣିକ ନାମରେ ମାତ୍ର। ଏହି ଦୃଷ୍ଟିକୋଣରୁ ବିଚାର କରି ଓଡ଼ିଆ ସାହିତ୍ୟର ବିଶିଷ୍ଟ ସମାଲୋଚକ ଡକ୍ଟର ମାୟାଧର ମାନସିଂହ ସାରଳା ଦାସଙ୍କୁ 'ମାଟିର ମହାକବି' ଭାବେ ବର୍ଣ୍ଣନା କରିଛନ୍ତି।

ନିଜ ଜନ୍ମମାଟିର ଆକର୍ଷଣ ସାରଳାଙ୍କୁ ପ୍ରଦାନ କରିଛି ସେଇ ସୁଗନ୍ଧ, ଯାହା ତାଙ୍କୁ କରିଛି ସୃଷ୍ଟିଶୀଳ ଓ କ୍ଲାନ୍ତିହୀନ ସୀମାତୀତ ଶକ୍ତିର ଅଧିକାରୀ। ଏହି ସର୍ଜନାତ୍ମକ ଶକ୍ତିର ଉତ୍ସ ରହିଥାଏ ଏପରି ଏକ ସ୍ତରରେ, ଯାହା ସାରଳାଙ୍କ ପରି ଆନୁଷ୍ଠାନିକ ଶିକ୍ଷାରୁ ବଞ୍ଚିତ ହୋଇଥିବା ସରଳ ଓ ନିଷ୍ପାପ ହୃଦୟ-ସମ୍ପନ୍ନ ମଣିଷ ମଧ୍ୟକୁ ହିଁ ପ୍ରବେଶ କରିପାରେ। ଯେଉଁମାନେ ଶିକ୍ଷାଭିମାନୀ ବା ପାଣ୍ଡିତ୍ୟ ପ୍ରଦର୍ଶନପ୍ରିୟ, ସେମାନେ ଏହି ସାରସ୍ୱତ ପ୍ରତିଭା ଲାଭରୁ ହୋଇଥା'ନ୍ତି ବଞ୍ଚିତ। ଯେତେବେଳେ ନିଜ ହୃଦୟ ଅବ୍ୟକ୍ତ ଭାବନାରେ ମଣ୍ଡିତ, ସମର୍ପିତ, ଭକ୍ତିଭାବାପ୍ଲୁତ, ସେତେବେଳେ ସାରଳା ଦାସ ପରିଣତ ହୋଇଯାଇଛନ୍ତି ଅସାମାନ୍ୟ ତପସ୍ୱୀ ରୂପରେ।

ପଞ୍ଚଦଶ ଶତାବ୍ଦୀରେ ସାରଳା ଦାସ ରଚନା କରିଛନ୍ତି ମହାଭାରତ, ଚଣ୍ଡୀପୁରାଣ ଓ ବିଲଙ୍କା ରାମାୟଣ। ମହାଭାରତ ଯେପରି ମୌଳିକ ସୃଷ୍ଟିର ମାଧୁର୍ଯ୍ୟରେ ଭରପୂର, ସେହିପରି ସାରଳା ଦାସଙ୍କ ବିଲଙ୍କା ରାମାୟଣ ଓ ଚଣ୍ଡୀ ପୁରାଣରେ ମଧ୍ୟ ଏହି ଅନ୍ତଃସୌନ୍ଦର୍ଯ୍ୟ ଉତ୍କୀର୍ଣ୍ଣ। ବାଲ୍ମିକୀଙ୍କ ଅଦ୍ଭୁତ ରାମାୟଣ ଏକ ଅବଲମ୍ବନ ମାତ୍ର। ସାରଳାଙ୍କ ପ୍ରକୃତ ଲକ୍ଷ୍ୟ ହେଲା ନାରୀଶକ୍ତିକୁ ପ୍ରଦାନ କରିବା ସର୍ବୋଚ୍ଚ ସମ୍ମାନ। ସେ ଦୃଷ୍ଟିରୁ ଆଧୁନିକ ଫେମିନିଷ୍ଟମାନଙ୍କ ପାଇଁ ଏଥିରେ ଗର୍ଭିତ ମହତ୍ତର ପ୍ରେରଣା। ବିଲଙ୍କାର ରାବଣକୁ ବିନାଶ କରିବା ପାଇଁ ସୀତା ଯେ ନେଇଥିଲେ ମୁଖ୍ୟ ଭୂମିକା, ଏହା ହିଁ ପ୍ରତିପାଦନ କରି ପାଠକ ଚିତ୍ତକୁ ସେ ସ୍ତମ୍ଭୀଭୂତ କରିଦେଇଛନ୍ତି। ଚଣ୍ଡୀ ପୁରାଣରେ 'ମାର୍କଣ୍ଡେୟ ଚଣ୍ଡୀ' ସଂସ୍କୃତ ଗ୍ରନ୍ଥର ଅନୁସରଣ ଯଦିଓ କରାଯାଇଛି, କବି ଏଥିରେ ଦେବୀ ସାରଳାଙ୍କୁ ନୂତନ ରୂପରେ କରିଯାଇଛନ୍ତି ଦୀପ୍ତିମନ୍ତ। ଅସୁରମର୍ଦ୍ଦିନୀ ଶକ୍ତିମୟୀ ଦୁର୍ଗା ସେ। ପୁଣି ବାଗ୍‌ଦେବୀ ମହାସରସ୍ୱତୀ। ଏହା କ'ଣ ସାରଳାଙ୍କ କଳ୍ପନା? ଆଦୌ ନୁହେଁ। ଯେଉଁ ରୂପରେ କବି ନିଜ ଅନ୍ତଃସ୍ଥଳରେ ଦର୍ଶନ କରିଛନ୍ତି ଦିବ୍ୟଜନନୀଙ୍କୁ ଅବିକଳ ସେହି ରୂପରେ ଉଦ୍ଭାସିତ କରିଦେଇଛନ୍ତି ନିଜସ୍ୱ ରଚନାରେ।

ବିନୟୀ କବି ସ୍ୱୀକାର କରିଛନ୍ତି ସାରଳାଙ୍କ ଦିବ୍ୟ ଶୁଭାଶିଷ ମୁକ୍ତକଣ୍ଠରେ। ବ୍ୟକ୍ତ କରିଛନ୍ତି ଶୂଦ୍ରମୁନି ସମ୍ବୋଧନ ବି ତାଙ୍କରି ବାତ୍ସଲ୍ୟ ମମତାର ଦାନ। ଯେଉଁ କବି ବିଲଙ୍କା ରାମାୟଣ, ମହାଭାରତ ଓ ଚଣ୍ଡୀପୁରାଣ ବା ଦେବୀ ଭାଗବତ ରଚନା କରି ଓଡ଼ିଆ ସାହିତ୍ୟକୁ କେବଳ ନୁହେଁ ଓଡ଼ିଶାର ଗଣଚେତନାରେ ସୃଷ୍ଟି କରିଛନ୍ତି ଅଭିନବ ସ୍ପନ୍ଦନ, ସେ ପ୍ରତିଟି ଓଡ଼ିଆ ପ୍ରାଣରେ ପ୍ରତିଷ୍ଠିତ ହୋଇଛନ୍ତି ଅସାମାନ୍ୟ ପ୍ରତିଭା ସମ୍ପନ୍ନ ଶୂଦ୍ରମୁନି ଭାବରେ। ●

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ବିଜେଡିର ସଦସ୍ୟ ସଂଗ୍ରହ ଅଭିଯାନ



ମୋହନା,୧୮।୧୨(ସମିସ): ଗଜପତି ଜିଲ୍ଲା ମୋହନାରେ ବିଜୁ ଜନତା ଦଳ ପକ୍ଷରୁ ସଦସ୍ୟ ସଂଗ୍ରହ ଅଭିଯାନ ଆରମ୍ଭ ହୋଇଛି। ସ୍ଥାନୀୟ ଏକ ହୋଟେଲର ସମ୍ମିଳନୀ କକ୍ଷରେ ଜିଲ୍ଲା ବିଜେଡି ସଭାପତି ଜଗବନ୍ଧୁ ଦାସଙ୍କ ଅଧ୍ୟକ୍ଷତାରେ ସଦସ୍ୟ ସଂଗ୍ରହ ଅଭିଯାନ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଜିଲ୍ଲା ଯୁବ ବିଜେଡି ପର୍ଯ୍ୟବେକ୍ଷକ ନୀଳମାଧବ ମହାନ୍ତି ଓ ଜିଲ୍ଲା ଉପସଭାପତି ଏସ୍. ଲିଙ୍ଗରାଜୁ ଯୋଗଦେଇ ସଦସ୍ୟ ସଂଗ୍ରହ ଅଭିଯାନ ସମ୍ପର୍କରେ ସ୍ଥାନୀୟ ଜନପ୍ରତିନିଧି ଓ ଦଳୀୟ କର୍ମୀଙ୍କୁ ବୁଝାଇଥିଲେ। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଦଳର ସଦସ୍ୟ ସଂଖ୍ୟା କିଭଳି ଅଧିକରୁ ଅଧିକ ହୋଇପାରିବ ସେଥିପାଇଁ ସମସ୍ତ କର୍ମୀ କାର୍ଯ୍ୟ କରିବାକୁ ବୈଠକରେ ଆହ୍ୱାନ କରାଯାଇଛି। ଏହି ବୈଠକରେ ଜିଲ୍ଲା ପରିଷଦ ସଭ୍ୟ ସୁନିଲ ବିଷୋୟୀ, ଚନ୍ଦ୍ର କୁମାର ମଲ୍ଲିକ, ଯୁବ ବିଜେଡି ଜିଲ୍ଲା ସମ୍ପାଦକ ଫିରୋଜ ପଟ୍ଟନାୟକ, ମୋହନା ବ୍ଲକ ଯୁବ ସଭାପତି ଲିଙ୍ଗରାଜ ପୂଜାରୀ, ଓ ଆର.ଉଦୟଗିରି ବ୍ଲକ ସଭାପତି ଭିମ ପାଇକଙ୍କ ସମେତ ବହୁ ବିଜେଡି କର୍ମୀ ଯୋଗ ଦେଇଥିଲେ। ସଂଖ୍ୟାଲଘୁ ଦିବସ ଅବସରରେ ଶୁଭେଚ୍ଛା ଜଣାଇଥିଲେ ସମସ୍ତ ନେତା।

## କଳିଙ୍ଗ ବୈଶ୍ୟ ମହାସଂଘ ସଭାପତିଙ୍କ ସ୍ମୃତିସଭା



ରମ୍ଭା,୧୮।୧୨(ସମିସ): ରାଜ୍ୟ କଳିଙ୍ଗ ବୈଶ୍ୟ ମହାସଂଘ ସଭାପତି ତଥା ଗୋପାଳ କୃଷ୍ଣ କାଜୁ ଇଣ୍ଡଷ୍ଟ୍ରିର ପ୍ରତିଷ୍ଠାତା ସ୍ୱର୍ଗତ ତାଳାସୁ କେଦାରନାଥ ସୁବୁଦ୍ଧିଙ୍କ ଦ୍ୱାଦଶାହରେ ଖଲ୍ଲିକୋଟ ଅଞ୍ଚଳ କଳିଙ୍ଗ ବୈଶ୍ୟ ସଂଘ ସଭାପତି ପି. ରାଜେନ୍ଦ୍ର ପୃଷ୍ଟିଙ୍କ ତତ୍ତ୍ୱାବଧାନରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ମହାସଂଘ ଉପସଭାପତି ଏ. ସୁରେଶ ଚନ୍ଦ୍ର ପାତ୍ର, ଭାରପ୍ରାପ୍ତ ସମ୍ପାଦକ କେ. ଦୁଷ୍ମନ୍ତ ପାତ୍ର, ସମାଜସେବୀ ସୁବାଷ ଚନ୍ଦ୍ର ପଣ୍ଡା, ଗୋକୁଳ ଚନ୍ଦ୍ର ନାହାକ,ରମ୍ଭା ଏନ. ଏ. ସି. କାର୍ଯ୍ୟନିର୍ବାହୀ ଅଧିକାରୀ ଆଶାଲତା ରଚମାଳା ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ହୋଇ ସ୍ୱର୍ଗତ ସୁବୁଦ୍ଧିଙ୍କ ସ୍ମୃତିଚାରଣ କରିଥିଲେ। ମଞ୍ଚ ସଂଚାଳନରେ ଖଲ୍ଲିକୋଟ ଅଞ୍ଚଳର ସମ୍ପାଦକ ପ୍ରସାଦ ରାଓ ପୃଷ୍ଟି, ଏବଂ ଉପସଭାପତି ଟି. ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି, ଯୁଗ୍ମ ସମ୍ପାଦକ କେ. ସୁରେନ୍ଦ୍ର ପ୍ରସାଦ ସେନାପତି, ରମ୍ଭା ପୁରଶ୍ରେଷ୍ଠି ଏମ. ନରସିଂହ ସୁବୁଦ୍ଧି, ସମ୍ପାଦକ କେ. ମହେନ୍ଦ୍ର କୁମାର ସେନାପତି, କୋଷାଧକ୍ଷ କେ. ସୁଶାନ୍ତ ପାତ୍ର, ଅଞ୍ଚଳ ଯୁବକ ସେବା ସଂଘ ସଭାପତି ଏ. ଶଙ୍କର ନାରାୟଣ ସୁବୁଦ୍ଧି ଓ ସମ୍ପାଦକ କେ. ସୁଶାନ୍ତ କୁମାର ସେନାପତି, ଟି. ବାପୁଜୀ ସୁବୁଦ୍ଧି, ଟି. ଅନିଲ କୁମାର ସୁବୁଦ୍ଧି, ପୂର୍ବତନ ସମ୍ପାଦକ ନଗିନ କୁମାର ସେନାପତି ପ୍ରମୁଖ ସହଯୋଗ କରିଥିଲେ।

## ଚାଲିଚାଲି ୫୪ ଦିନରେ କେରଳରେ ପହଞ୍ଚିଲେ ଆୟପ୍ପାଙ୍କ ଭକ୍ତ

ଗୁଣୁପୁର,୧୮।୧୨(ସମିସ): ଗୁଣୁପୁରଠାରୁ କେରଳର ସାବରିମାଳା ଅଭିମୁଖେ ଗତ ୨୬ ଅକ୍ଟୋବରରୁ ଗୁଣୁପୁର ସହରର ଜେ. ଭେଙ୍କେଟି ରାବଣା, ଭି ଶ୍ରୀନୁ ଏବଂ ରାଜେନ୍ଦ୍ର ନାୟକ ନାମକ ୩ ଜଣ ଆୟପ୍ପା ଭକ୍ତ ଖାଲି ପାଦରେ ଚାଲି ଚାଲି ଯାତ୍ରା ଆରମ୍ଭ କରିଥିଲେ। ମହା ପାଦଯାତ୍ରା କରି କେରଳ ଯାଉଥିବା ଏହି ୩ ସ୍ୱାମୀ ଆୟପ୍ପା ଭକ୍ତଙ୍କ ଯାତ୍ରା ସଫଳ ପାଇଁ ସ୍ଥାନୀୟ ଆୟପ୍ପା ଭକ୍ତମାନଙ୍କ ପକ୍ଷରୁ ସ୍ଥାନେ ସ୍ଥାନେ ବିଭିନ୍ନ ପ୍ରକାରର ସୁବିଧା ଯୋଗାଇ ଦେବା ପାଇଁ ପ୍ରୟାସ ଜାରିରଖିଥିବା ନେଇ ଅନନ୍ତ ଗୁରୁ ସ୍ୱାମୀ ଏବଂ ମାଣି ଗୁରୁ ସ୍ୱାମୀ



କହିଛନ୍ତି। ପଦଯାତ୍ରାରେ ଯାଉଥିବା ଭେଙ୍କେଟି ସ୍ୱାମୀ ଯାତ୍ରା ସମୟର ଅନୁଭୂତି ବଖାଣିଛନ୍ତି। ଯାତ୍ରା ସମୟରେ ପ୍ରବଳ ଶୀତ ସାଙ୍ଗକୁ ଯାତ୍ରାର ୫୪ ଦିନ ମଧ୍ୟରେ ଭିନ୍ନ ଭିନ୍ନ ସମୟରେ ୩ ଥର ପ୍ରବଳ ବର୍ଷା ଓ ଝଡ଼ ତୋଫାନର ସାମ୍ନା କରିବାକୁ ପଡିଛି। ବହୁ ଜଙ୍ଗଲ, ନଦୀ ନାଳ, ପାହାଡ଼ ପର୍ବତ ଓ ଖାଲ ଖମା ରାସ୍ତା ଅତିକ୍ରମ କରିବାକୁ ପଡିଚି। ରାସ୍ତା ନଜାଣି ପାରି ଭୁଲ୍ ରାସ୍ତାରେ ପଶି ଯାଇ ସେଠାରୁ ବାହାରି ପୁଣି ଠିକ୍ ରାସ୍ତାକୁ ଫେରିବା ବେଳକୁ ବହୁତ୍ କଷ୍ଟ ହୋଇଥିବା କହିଛନ୍ତି। ସ୍ୱାମୀ ଆୟପ୍ପା ଭଗବାନ୍‌ଙ୍କ କୃପାରୁ ଆଜି ଆମେ କେରଳର ସାବରିମାଳାରେ ପହଞ୍ଚି ପାରିଛୁ ବୋଲି କହିଛନ୍ତି। ଏହି ମହାପଦଯାତ୍ରା ସମୟରେ ଆମକୁ ସାହାଯ୍ୟ ଓ ସହଯୋଗ କରିଥିବା ଗୁଣୁପୁରର ଆୟପ୍ପା ଭକ୍ତମାନଙ୍କୁ ଅଶେଷ ଅଶେଷ ଧନ୍ୟବାଦ ଜଣାଇଛନ୍ତି ଏହି ୩ ଜଣ ସ୍ୱାମୀ ଆୟପ୍ପା ଭକ୍ତ।

### ଗଜପତି ମହୋତ୍ସବ ଉଦ୍‌ଘାଟିତ

# ଆକର୍ଷଣରେ ପଲ୍ଲିଶ୍ରୀ ମେଳା, ଲୋକ କଳା ଓ ଖାଦ୍ୟମେଳା





ପାରଳାଖେମୁଣ୍ଡି,୧୮।୧୨(ସମିସ): କଳା, ସଂସ୍କୃତି, ଐତିହ୍ୟ ଓ ସମୃଦ୍ଧ ପରମ୍ପରାର ସମାରୋହ ଗଜପତି ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ପାରଳାଖେମୁଣ୍ଡି ସ୍ଥିତ ଗଜପତି ଷ୍ଟାଡିୟମରେ ପ୍ରବଳ ଜନସମାଗମରେ ବୁଧବାର ଆରମ୍ଭ ହୋଇଛି। ଅପରାହ୍ନରେ ମହେନ୍ଦ୍ରଗିରିରୁ ଅଣାଯାଇ ଜଗନ୍ନାଥ ମନ୍ଦିରରେ ରଖାଯାଇଥିବା ମଶାଲ ଜ୍ୟୋତିକୁ ଶୋଭାଯାତ୍ରାରେ ଉତ୍ସବ ସ୍ଥଳକୁ ଅଣାଯାଇଥିଲା। ପରେ ଗଜପତି ଉତ୍ସବ ପତାକା ଉତ୍ତୋଳନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ରାଜ୍ୟ ଖଣି, ଇସ୍ପାତ ଏବଂ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗ ଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ପାରଳାଖେମୁଣ୍ଡିର ଭକ୍ତି ସଂଗୀତ ସଂସଦର କଳାକାରଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଇଥିଲା। ପ୍ରଥମ ରଜନୀରେ ଆୟୋଜିତ ସଭାରେ ଜିଲ୍ଲାପାଳ ତଥା ଗଜପତି ଉତ୍ସବ ପାଳନ କମିଟି ଅଧ୍ୟକ୍ଷ ବିଜୟ କୁମାର ଦାଶ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲାସ୍ତରୀୟ ଉତ୍ସବରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଶ୍ରୀ ଜେନା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ, ମୋହନା ବିଧାୟକ ଦାଶରଥି ଗମାଙ୍ଗ, ଜିଲ୍ଲା ପରିଷଦ ସଭ୍ୟ ଜି. ତିରୁପତି ରାଓ, ପାରଳାଖେମୁଣ୍ଡି ପୌରାଧ୍ୟକ୍ଷା ନିର୍ମଳା ସେଠୀ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଜତିନ୍ଦ୍ର କୁମାର ପଣ୍ଡା ମଞ୍ଚାସୀନ ଥିଲେ।

ମୁଖ୍ୟଅତିଥି ଗଜପତି ଜିଲ୍ଲାକୁ ଏକ ସଂସ୍କୃତି ସମ୍ପନ୍ନସ୍ଥଳୀ ରୂପେ ବିବେଚନା କରି ଏଠାକାର ମାଟିର ମହତ୍ୱ ଗୁଣଗାନ କରିଥିଲେ। ଏହି ଅବସରରେ ସ୍ମରଣିକା ଉନ୍ମୋଚନ, ଉତ୍ତରୀୟ ଓ ସ୍ମାରକ ପ୍ରଦାନ, ସମ୍ବର୍ଦ୍ଧନା ସମାରୋହ କରାଯାଇଥିଲା। ପଲ୍ଲିଶ୍ରୀ ମେଳା, ଲୋକ କଳା ଉତ୍ସବ, କୃଷିମେଳା ଓ ଖାଦ୍ୟମେଳାର ଆୟୋଜନ କରାଯାଇଛି। ମୁଖ୍ୟଅତିଥିଙ୍କ ସମେତ ମଞ୍ଚାସୀନ ଅତିଥ ଏହି ଅବସରରେ ଖୋଲା ଯାଇଥିବା ପଲ୍ଲିଶ୍ରୀମେଳା ସମେତ ବିଭିନ୍ନ ବିଭାଗ ପକ୍ଷରୁ ଖୋଲାଯାଇଥିବା ଷ୍ଟଲ ପରିଦର୍ଶନ କରି ପ୍ରଶଂସା କରିଥିଲେ। ଆଜି ପ୍ରଥମ ଦିବସରେ ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ଦଳ ମଧ୍ୟରେ ଆସାମର ବିହୁ, ମହାରାଷ୍ଟ୍ରର ଲାବଣୀ ନୃତ୍ୟ, ପୁରୀର ଗୋଟି ପୁଅ ଏବଂ ମୟୁରଭଞ୍ଜର ଝୁମର ସମେତ ଜିଲ୍ଲା ଏବଂ ଜିଲ୍ଲା ବାହାର ବିଭିନ୍ନ ସାଂସ୍କୃତିକ ଏବଂ ବିଭିନ୍ନ ନାଚ ଗୀତରେ ଦୁଲୁକୁଛି ମଞ୍ଚ ସହ ଅଞ୍ଚଳ। ସେହିପରି ସୁସଜ୍ଜିତ ଆଲୋକମାଳାରେ ଝଲସୁଛି ମଞ୍ଚ ସମେତ ସମଗ୍ର ଷ୍ଟାଡିୟମ। ଜିଲ୍ଲା ସଂସ୍କୃତି ପରିଷଦ ଆନୁକୁଲ୍ୟରେ ଆୟୋଜିତ ଗଜପତି ମହୋତ୍ସବ ଆରମ୍ଭ ହୋଇଥିବା ବେଳେ ପାଞ୍ଚ ଦିନ ଧରି ଚାଲୁ ରହିବ। ସେହିପରି ଓର୍‌ମାସ୍ ଆନୁକୂଲ୍ୟରେ ପଲ୍ଲିଶ୍ରୀ ମେଳା ଲାଗି ବିଭିନ୍ନ ଷ୍ଟଲ୍ ଗୁଡିକରେ ବିଶେଷ କରି ମହିଳା ସ୍ୱୟଂସହାୟିକା ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ଉତ୍ପାଦିତ ବିଭିନ୍ନ ସାମଗ୍ରୀ କ୍ରୟ କରିବାପାଇଁ ଭିଡ ଜମୁଥିବାର ଲକ୍ଷ୍ୟ କରାଯାଇଛି।

## ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିଦର୍ଶନ କଲେ 'ନାକ୍' ଟିମ୍



ବ୍ରହ୍ମପୁର,୧୮।୧୨(ସମିସ): ସ୍ଥାନୀୟ ଶଶିଭୂଷଣ ରଥ ମହିଳା(ସ୍ୱୟଂଶାସିତ) ମହାବିଦ୍ୟାଳୟକୁ ବୁଧବାର 'ନାକ୍ ପିଅର ଟିମ' ପରିଦର୍ଶନ କରିଛନ୍ତି। ଟିମରେ ଅରୁଣାଚଳ ପ୍ରଦେଶ ଆପେକ୍ସ ପ୍ରଫେସନାଲ ୟୁନିଭରସିଟିର କୁଳପତି ପ୍ରଫେସର ଡ. ନାସିର୍ ଅହମଦ ଖାନଙ୍କ ନେତୃତ୍ୱରେ ମୁମ୍ବାଇ ଏସଏନଡିଟି ମହିଳା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ଡ. ଅର୍ଚ୍ଚନା ଭଟ୍ଟନାଗର ଓ ପଶ୍ଚିମବଙ୍ଗ ଡେବରା ଥାନା ସହିଦ ଖୁଦୀରାମ ସମିତି ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ରୂପା ଦାସଗୁପ୍ତା ରହିଛନ୍ତି। ଟିମ ସଦସ୍ୟଙ୍କୁ ପ୍ରଥମେ ମହାବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରୀମାନେ ସ୍ୱାଗତ କରିଥିଲେ। ପରେ ଶଶିଭୂଷଣ ରଥଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ମହାବିଦ୍ୟାଳୟକୁ ପ୍ରବେଶ କରିଥିଲେ। ସମସ୍ତ ବିଭାଗ ପରିଦର୍ଶନ କରି ପିପିଟି ଦେଖିଥିଲେ। ପ୍ରତ୍ୟେକ ବିଭାଗର ବିଭାଗୀୟ ମୁଖ୍ୟ ନିଜ ନିଜ ବିଭାଗର କର୍ମଚାରୀଙ୍କ ସହିତ ପିପିଟି ମାଧ୍ୟମରେ ନିଜ ବିଭାଗର କୃତିତ୍ୱ ପ୍ରଦର୍ଶନ କରାଇଥିଲେ। ତା'ପରେ ମହାବିଦ୍ୟାଳୟର ଛାତ୍ରୀ, ପୂର୍ବତନ ଛାତ୍ରୀ ଓ ସେମାନଙ୍କ ଅଭିଭାବକଙ୍କ ସହିତ ବିଭିନ୍ନ ପ୍ରସଙ୍ଗରେ ସମ୍ପର୍କରେ ଆଲୋଚନା କରିଥିଲେ। ସନ୍ଧ୍ୟାରେ ଛାତ୍ରୀମାନଙ୍କ ଦ୍ୱାରା ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କଲେଜ ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ଶତପଥୀଙ୍କ ନେତୃତ୍ୱରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଟିମ ଦୁଇଦିନ ଧରି ମହାବିଦ୍ୟାଳୟ ବିଭିନ୍ନ ବିଭାଗ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି।

## ଛତୁ ବ୍ୟବସାୟୀଙ୍କ କବ୍‌ଜାରେ ବିଶ୍ରାମାଗାର

**ରାତିରେ ଜମୁଛି ଅସାମାଜିକଙ୍କ ଆଡ୍ଡା**

**ଅଟୋଷ୍ଟାଣ୍ଡ ଓ ବ୍ୟବସାୟୀଙ୍କ ଯୋଗୁ ଟ୍ରାଫିକ୍ ଜାମ୍**

ଗୁଣୁପୁର,୧୮।୧୨(ସମିସ): ଗୁଣୁପୁର ସହରର ବାଇପାସ୍ ଛକ ନିକଟରେ ସ୍ୱର୍ଗତ ଶ୍ରୀ ବଳରାମ ପଣ୍ଡାଙ୍କ ନାମରେ ଏକ ବିଶ୍ରାମାଗାର ରହିଛି। ବଳରାମ ପଣ୍ଡାଙ୍କ ସ୍ମୃତିରେ ତାଙ୍କର ପରିବାର ବର୍ଗ ନିଜସ୍ୱ ଜାଗାରେ ବଳରାମ ପଣ୍ଡାଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ କରିବା ସହ ଯାତ୍ରୀମାନଙ୍କ ପାଇଁ ଏକ ବିଶ୍ରାମ ଗୃହ ନିର୍ମାଣ କରିଥିଲେ। କିନ୍ତୁ ଉକ୍ତ ବିଶ୍ରାମାଗାର ଏବେ ଦିନରେ ଛତୁ ବ୍ୟବସାୟୀଙ୍କ କବ୍‌ଜାକୁ ଚାଲିଯାଉଥିବାବେଳେ ରାତିହେଲେ ଏଠାରେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡା ଜମୁଛି। ଛତୁ ବ୍ୟବସାୟୀମାନେ ବାଇପାସ୍ ଛକ ନିକଟରେ ଠେଲା ଲଗାଇ ବ୍ୟବସାୟ କରୁଥିବା ଯୋଗୁ ଅଧିକାଂଶ ସମୟରେ ଉକ୍ତ ସ୍ଥାନରେ ଯାନବାହନ ଚଳାଚଳରେ ବାଧା ସୃଷ୍ଟି ହେଉଛି। ଏବଂ ଏହି ଠେଲାଗୁଡିକ ବିଶ୍ରାମାଗାର ସମ୍ମୁଖରେ ରଖାଯାଉଥିବା ଯୋଗୁ ଯାତ୍ରୀମାନେ ବିଶ୍ରାମାଗାରକୁ ଯାଇପାରୁ ନାହାନ୍ତି। ବହୁ ପୁରାତନ ଏହି ବିଶ୍ରାମାଗାର ଯାତ୍ରୀମାନଙ୍କ ପାଇଁ ସଦ୍ ଉପଯୋଗ କରାଗଲେ ଏହି ଗୃହ ନିର୍ମାଣର ପ୍ରକୃତ ମୂଲ୍ୟ ରହିବ ବୋଲି ସାଧାରଣରେ ଆଲୋଚନା ହେଉଛି। ବାଇପାସ୍ ଛକର ଡାହାଣ ପାଶ୍ୱର୍ରେ ଏହି ବଳରାମ ପଣ୍ଡା ବିଶ୍ରାମବାର ରହିଥିବା ବେଳେ ବାମପଟେ ସତ୍ୟସାଇ ସେବା ସମିତି ପକ୍ଷରୁ ଏକ ବିଶ୍ରାମାଗାର ନିର୍ମାଣ କରାଯାଇଛି। ଏହି ବିଶ୍ରାମାଗାର ସମ୍ମୁଖରେ ଏକ ଅସ୍ଥାୟୀ ଅଟୋଷ୍ଟାଣ୍ଡ ଗଢି ଉଠିଛି। ଫଳରେ ଏଠାରେ ମଧ୍ୟ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ରାଜରାସ୍ତାରେ ଗାଈଗୋରୁ ଶୋଇ ରହୁଥିବା ଗୁଣୁପୁର ପାଇଁ କିଛି ନୂଆ କଥା ନଥିବାବେଳେ ଏବେ ନୂଆ ନୂଆ ସମସ୍ୟା ନଜରକୁ ଆସୁଛି। କାହିଁକି ଏହି ସବୁ ଦିଗରେ ପୁଲିସ ଓ ପୌର ପ୍ରଶାସନ ଦୃଷ୍ଟି ଦେଉନାହିଁ ବୋଲି ଜନସାଧାରଣ ପ୍ରଶ୍ନ କରିଛନ୍ତି।

## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ରମ୍ଭା,୧୮।୧୨(ସମିସ): ବୁଧବାର ଦିନ ଗଞ୍ଜାମ ବ୍ଲକର ବାମଦେବ ଉଚ୍ଚ ବିଦ୍ୟାଳୟ ଡିଆଁଡେଇଁ ଶିକ୍ଷାନୁଷ୍ଠାନ ପରିସରରେ ନବାଗତ ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ବିଦାୟୀ ପ୍ରଧାନ ଶିକ୍ଷୟିତ୍ରୀ ମମତା କୁମାରୀ ମିଶ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଜୟ ଚନ୍ଦ୍ର ନାହାକ(ସଭାପତି), ସୁବାସ ଚନ୍ଦ୍ର ପଣ୍ଡା (ପୂର୍ବତନ ନଗର ପାଳ ରମ୍ଭା ଏନଏସି ), ସୁଜିତ କୁମାର ପଣ୍ଡା (ପ୍ରଧାନ ଶିକ୍ଷକ ବୁରୁଡି), ରାମଚନ୍ଦ୍ର ପଲେଇ (ପ୍ରଧାନ ଶିକ୍ଷକ ସନ୍ତୋଷପୁର), ମମତା କୁମାରୀ ମିଶ୍ର ବିଦାୟୀ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ, ରାମଚନ୍ଦ୍ର ବାଡ଼ତୀୟା। (ଅବସର ପ୍ରାପ୍ତ ଶିକ୍ଷକ), ଶକ୍ତିଧର ମହାପାତ୍ର (ପ୍ରଧାନ ଶିକ୍ଷକ ପାଲଙ୍ଗ ହାଇସ୍କୁଲ ),ଲକ୍ଷ୍ମଣ ନାହାକ (ଉପଦେଷ୍ଟା), ଭଗବାନ ନାୟକ, ଶ୍ୟାମସୁନ୍ଦର ବେହେରା,ଜୟକୃଷ୍ଣ ନାୟକ, ରଞ୍ଜନ କୁମାର ନାହାକ (ପୂର୍ବତନ ସମିତି ସଭ୍ୟ ), ଶିବରାମ ନାହାକ (ପୂର୍ବତନ ନ୍ୟାୟ ସରପଞ୍ଚ ) ପ୍ରମୁଖ ମଞ୍ଚାସିନ ହୋଇଥିଲେ। ଶିକ୍ଷାନୁଷ୍ଠାନର ପଞ୍ଚାନନ ନାହାକ, ପ୍ରମୋଦ କୁମାର ପ୍ରହରାଜ, ଅମିତା କୁମାରୀ ଡାକୁଆ, ଅକ୍ଷୟ କୁମାର ମଲ୍ଲିକ, ରମେଶ କୁମାର ରଣା, ପଦ୍ମନାଭ ନାହାକ, ଅରୁଣ ଅଧିକାରୀ ପ୍ରମୁଖ ସହଯୋଗ କରିଥିଲେ।

## ମୋବାଇଲ୍ ଟାୱାରରେ ଚଢ଼ି ଯୁବକଙ୍କ ହଙ୍ଗାମା



ରାୟଗଡା,୧୮।୧୨(ସମିସ): ବଲିଉଡର ସର୍ବଶ୍ରେଷ୍ଠ ଫିଲ୍ମ "ଶୋଲେ'ରେ ଅଭିନେତା ଧର୍ମେନ୍ଦ୍ର ଯେଉଁଭଳି ପାଣିଟାଙ୍କି ଉପରେ ଚଢି ଜିଦ୍ ପୂରଣରେ ସଫଳ ହୁଅନ୍ତି ଠିକ ସେହିପରି ନିଜ ଗାଁକୁ ଯିବାକୁ ଜିଦ୍‌କରି ଜଣେ ଯୁବକ ମୋବାଇଲ ଟାୱାର ଉପରକୁ ଚଢି ହଙ୍ଗାମା କରିବା ରାୟଗଡ଼ା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଯୁବକଙ୍କୁ ସେଠାରୁ ଓହ୍ଲାଇବାକୁ ନାକେଦମ୍ ହୋଇଛି ପୁଲିସ ଓ ଦମକଳବାହିନୀ। ଯୁବକ ଜଣକ ହେଲେ ଛତିଶଗଡ଼ ଚମ୍ପା ଗ୍ରାମର ଭୀମସେନ ଠାକୁର (୩୯)। ତାଙ୍କ ପାଖରେ ଗାଁକୁ ଫେରିବାକୁ ଟଙ୍କା ନଥିବାରୁ ଏପରି କରିଥିବା କହିଛନ୍ତି। ଘଟଣା ଘଟିଛି ଚାନ୍ଦିଲି ଥାନା ଜେକେପୁର ସହରର ଟ୍ରାଫିକ୍‌ଛକ ନିକଟରେ। ଭୀମସେନ କାମ ପାଇଁ ଜେକେପୁର ଆସିଥିବା ବେଳେ ଫେରିବାକୁ ତାଙ୍କ ନିକଟରେ ଆଉ ଅର୍ଥ ନଥିଲା। ନିରୁପାୟ ହୋଇ ଆଜି ସକାଳ ୧୦ଟାରେ ମୋବାଇଲ ଟାୱାରକୁ ଚଢ଼ିଯାଇଥିଲା। ବହୁ ଉପରକୁ ଚଢିଯିବା ପରେ ଗାଁକୁ ଯିବାକୁ ଜିଦ୍ କରି ଚିତ୍କାର କରିଥିଲା। ଯାହାକୁ ଶୁଣି ସ୍ଥାନୀୟଲୋକେ ସେଠାରେ ଅଟକି ଯାଇ ତଳକୁ ଓହ୍ଲାଇବାକୁ ତାଗିଦ୍ କରିଥିବା ବେଳେ ସେ କାହାରି କଥା ଶୁଣିନଥିଲେ। ପରେ ଲୋକେ ଚାନ୍ଦିଲି ଥାନାକୁ ସୂଚନା ଦେଇଥିଲେ। ଥାନା ଅଧିକାରୀ ପ୍ରସନ୍ନ କୁମାର ବେହେରା ସଦଳବଳ ଏବଂ ପରେ ଅଗ୍ନିଶମ ବାହିନୀ ପହଞ୍ଚି ଭୀମସେନକୁ ତଳକୁ ଓହ୍ଲାଇବାକୁ ନାକେଦମ୍ ହୋଇଥିଲେ। ଦୀର୍ଘ ୨ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ବୁଝାଇବା ପରେ ଭୀମସେନ ତଳକୁ ଓହ୍ଲାଇଥିଲେ। ପରେ ପୁଲିସ ତାକୁ ଥାନାକୁ ଆଣି ପଚରାଉଚରା କରିଥିବାବେଳେ ସେ ଠିକ୍‌ରେ ଉତ୍ତର ଦେଇପାରୁ ନଥିଲେ। ପୁଲିସ ଭୀମସେନଙ୍କୁ ଗାଁକୁ ପଠାଇବା ବ୍ୟବସ୍ଥା କରିବ ବୋଲି ଆଶ୍ୱସନା ଦେଇଥିବା ବେଳେ ଛତିଶଗଡରେ ଥିବା ତାଙ୍କ ପରିବାର ସହ ଯୋଗାଯୋଗ କରି ପଠାଯିବ ବୋଲି ଅଧିକାରୀ ଶ୍ରୀ ବେହେରା ପ୍ରକାଶ କରିଛନ୍ତି।

### ଜୟପୁରରେ ରଙ୍ଗ ପରିବର୍ତ୍ତନ ରାଜନୀତିକୁ ନେଇ ଅସନ୍ତୋଷ

# ଜିଲ୍ଲା ଚିକିତ୍ସାଳୟର ରଙ୍ଗ ପରିବର୍ତ୍ତନ ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ

ଜୟପୁର, ୧୮।୧୨(ସମିସ): କୋରାପୁଟ ଜିଲ୍ଲା ଜୟପୁର ସହରରେ କାର୍ଯ୍ୟାଳୟର ରଙ୍ଗ ପରିବର୍ତ୍ତନ ରାଜନୀତିକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଜୟପୁର ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ନବନିର୍ମିତ ନୂତନ ଭବନର ଗତ ୬ ରୁ ୭ ମାସ ପୂର୍ବେ ନିର୍ମାଣ କାର୍ଯ୍ୟ ସରିବା ପରେ ରଙ୍ଗ ଦିଆଯାଇଥିବା ବେଳେ

**ନିର୍ମାଣ ସମୟରେ ଦିଆଯାଇଥିଲା, ଉଦ୍‌ଘାଟନ ପୂର୍ବରୁ ପୁଣି ବଦଳାଗଲା**

ବର୍ତ୍ତମାନ ଉଦଘାଟନ ପୂର୍ବରୁ ପୁଣି ତାହାର ରଙ୍ଗକୁ ପରିବର୍ତ୍ତନ କରାଯାଇଛି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଜୟପୁର ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ନୂତନ କୋଠା ଉଦଘାଟିତ ହୋଇଥିଲା। ଜୟପୁର-ବୋରିଗୁମ୍ମା ୨୬ ନମ୍ବର





ଜାତୀୟରାଜପଥ ପାର୍ଶ୍ୱ ଫୁଲବାଡ଼ଠାରେ ୨୭ ଏକର ପରିସରରେ ଜମିରେ ନିର୍ମିତ ୩୦୦ ଶଯ୍ୟା ବିଶିଷ୍ଟ ଏହି ଚିକିତ୍ସାଳୟର ନୂତନ ଭବନ ନିର୍ମାଣ କାର୍ଯ୍ୟ ଗତ ୨ ବର୍ଷ ପୂର୍ବେ ୧୪୦ କୋଟି ଟଙ୍କା ବ୍ୟୟ ଅଟକଳରେ ଆରମ୍ଭ ହୋଇଥିଲା। ଗତ ୬ ରୁ ୭ ମାସ ପୂର୍ବେ ଏହାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ଶେଷ ହୋଇଥିଲା। ଉକ୍ତ ସମୟରେ ୨୪ ଲକ୍ଷ ଟଙ୍କା ବ୍ୟୟରେ କୋଠାରେ ଚୂନ ମରା ମଧ ଶେଷ ହୋଇଥିଲା। କିନ୍ତୁ ସ୍ୱତନ୍ତ୍ର ଭାବେ ସ୍ଥାନୀୟ ଜୟନଗର ବିଦ୍ୟୁତ ବିଭାଗର ଗ୍ରୀଡରୁ ବିଦ୍ୟୁତ ସଂଯୋଗରେ ବିଳମ୍ବ ଯୋଗୁଁ ଏହାର ଉଦଘାଟନ ବିଳମ୍ବରେ ହୋଇଥିଲା। ସେହିପରି ୨୦ କୋଟି ଟଙ୍କା ବ୍ୟୟରେ ୪ ମହଲା ବିଶିଷ୍ଟ ସମୁଦାୟ ୯୬ଟି ଡାକ୍ତର ଓ କର୍ମଚାରୀଙ୍କ ପାଇଁ ନର୍ମିତ ବାସ ଭବନର ପ୍ରାୟ ୬ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ରଙ୍ଗ ଦିଆଯାଇଥିଲା। କିନ୍ତୁ ହଠାତ ଉଦଘାଟନର କିଛିଦିନ ପୂର୍ବରୁ ସରକାରୀ ନିର୍ଦ୍ଦେଶ କ୍ରମେ ଚିକିତ୍ସାଳୟ ଓ ବାସଭବନର ରଙ୍ଗ ପରିବର୍ତ୍ତନ କରାଯାଇଛି। ଏହି ରଙ୍ଗ ପରିବର୍ତ୍ତନ ପାଇଁ ଖର୍ଚ୍ଚ ଅଟକଳ କରାଯାଇ ନଥିଲେ ସୁଦ୍ଧା ସମ୍ମୁଖ ଭାଗର ଗେରୁଆ ରଙ୍ଗକୁ ପରିବର୍ତ୍ତନ କରାଯାଇଛି। ଯେଉଁଥିରେ ଆନୁମାନିକ ୫ ରୁ ୬ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିବା ଜଣାପଡ଼ିଛି। କିନ୍ତୁ ଏନେଇ କୌଣସି ବିଲ ବାବଦକୁ ଟଙ୍କା ପୈଠ କରାଯାଇନଥିବା ଜଣାପଡ଼ିଛି। ସରକାରୀ ନିର୍ଦ୍ଦେଶ କ୍ରମେ ଅନ୍ୟାନ୍ୟ କାର୍ଯ୍ୟାଳୟ ଗୁଡ଼ିକର ଗେରୁଆ ରଙ୍ଗକୁ ପରିବର୍ତ୍ତନ କରାଯାଉଥିବା ମଧ୍ୟ ଦେଖିବାକୁ ମିଳିଛି। ମଙ୍ଗଳବାର ଜୟପୁର ଆରଏମସି ମଣ୍ଡିକୁ ରାଜ୍ୟ ଯୋଗାଣ ମନ୍ତ୍ରୀଙ୍କ ଗସ୍ତ ହେବା ଆଶଙ୍କା ରହିଥିବା ଯୋଗୁଁ ଏହାର ରଙ୍ଗ ମଧ୍ୟ ପରିବର୍ତ୍ତନ କରାଯାଇଥିବା ଦେଖିବାକୁ ମିଳିଥିଲା। ଏପରି ସରକାରୀ ତହବିଲରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ଭଲ ଓ ସଫା ରହିଥିବା ଚୂନକୁ ପରିବର୍ତ୍ତନ କରାଯିବାର ରାଜନୈତିକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏନେଇ ଚାଷୀ ନେତା ମନୋଜ ନାୟକ, ବିଜେଡି ନେତା ବାଲା ରାୟ, ଦୁର୍ଗା ପ୍ରସାଦ ମିଶ୍ର, ଅନୁପ ପାତ୍ର ମଧ୍ୟ ଅସନ୍ତୋଷ ବ୍ୟକ୍ତ କରିବା ସହ ରଙ୍ଗପରିବର୍ତ୍ତନ କରାଯାଇ ଲୋକଙ୍କ ଟଙ୍କା ନଷ୍ଟ କରାଯାଉଥିବା ଅଭିଯୋଗ କରିଛନ୍ତି। ଏନେଇ ରାସ୍ତା ଓ ଗୃହ ନିର୍ମାଣ ବିଭାଗର ଯନ୍ତ୍ରୀମାନେ ଉପରୁ ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ କରାଯାଉଥିବା ନେଇ କହିଛନ୍ତି। ପ୍ରକାଶଯେ, ଗତ ୨୦୧୯ ମସିହାରେ ଜୟପୁରଠାରେ ଜିଲ୍ଲା ଚିକିତ୍ସାଳୟ ଘୋଷଣା କରାଯାଇଥିଲା। ଅସ୍ଥାୟୀ ଭାବେ ମା' ଓ ଶିଶୁ ଯନ୍ତ୍ର କେନ୍ଦ୍ର ଭବନରେ ତାହା ଆରମ୍ଭ ହୋଇଥିଲା। ଗତ ୨୦୨୧ ମସିହାରେ ନୂତନ ଭବନ ନିର୍ମାଣ ନେଇ ତତ୍କାଳିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିଳାନ୍ୟାସ କରିଥିଲେ। ତତ୍କାଳିନ ସରକାରଙ୍କ ପକ୍ଷରୁ ନିର୍ମାଣ ବାବଦକୁ ଟଙ୍କା ପ୍ରଦାନ କରାଯାଇଥିଲା।

### ଚାଉଳ ବଣ୍ଟନକୁ ନେଇ ଗଣ୍ଡଗୋଳ

# ଓଜନ ଓ ପିଡିଏସ୍ ମେସିନ ଭାଙ୍ଗିଲେ ଲୋକେ

- ଗାଳିଗୁଲଜ ସହ ଲୁହାଛଡ଼ରେ ଆକ୍ରମଣ
- ଉଭୟ ପକ୍ଷରୁ ଦୁଇଟି ପୃଥକ ମାମଲା

ରଙ୍ଗେଇଲୁଣ୍ଡା, ୧୮ ।୧୨(ସମିସ)

ଗୋଳନ୍ଥରା ଥାନା ଅନ୍ତର୍ଗତ ଭାଲିଆଗଡ଼ ଗାଁରେ ରାସନ ଚାଉଳ ବଣ୍ଟନ ସମୟରେ ଗୋଟିଏ ପରିବାରର କିଛି ସଦସ୍ୟ ଯୋଗାଣ ଦାୟିତ୍ୱରେ ରହିଥିବା କର୍ମଚାରୀଙ୍କୁ ଧମକ ଦେବା ଓଜନ ମେସିନ, ପିଡିଏସ ମେସିନ ଭଙ୍ଗାରୁଜା କରିବା ସହ ସମିତି ସଭ୍ୟଙ୍କୁ ଆକ୍ରମଣ ଏବଂ ସମିତି ସଭ୍ୟଙ୍କ ପକ୍ଷରୁ ପ୍ରତି ଆକ୍ରମଣ ଅଭିଯୋଗ ହୋଇଛି । ପୁଲିସ ୩ଟି ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ଅଭିଯୋଗ ଅନୁଯାୟୀ ଭାଲିଆଗଡ଼ ଗାଁରେ ବୁଧବାର ବଙ୍ଗଳା ସାହି ବାସିନ୍ଦାଙ୍କୁ ରାସନ ଚାଉଳ ବଣ୍ଟନ ନିମନ୍ତେ ଦିନ ଧାର୍ଯ୍ୟ ହୋଇଥିଲା । ଧାର୍ଯ୍ୟ ସମୟ ଅନୁସାରେ ସକାଳ ୭ଟାରେ ଚାଉଳ ବଣ୍ଟନ ଆରମ୍ଭ ହୋଇଥଲା । ଏହି ସମୟରେ ଧୋବା ସାହିରେ ରହୁଥିବା ଡି ହେମ କୁମାର ଚାଉଳ ନେବା ପାଇଁ ସେଠାରେ ପହଞ୍ଚିଥିଲେ । କିନ୍ତୁ ଦାୟିତ୍ୱରେ ଥିବା ଯୋଗାଣ କର୍ମଚାରୀ ଏସ ଦେବରାଜ ମନା କରିଥିଲେ । ଏହାକୁ ନେଇ ହେମ କୁମାର ଉତ୍ତ୍ୟକ୍ତ ହେବା ସହ ସେଠାରେ ଥିବା ରାସନ କାର୍ଡଗୁଡ଼ିକୁ ଫୋପାଡି ଦେଇଥିଲେ । ଏହା ପରେ ହେମ କୁମାରଙ୍କ ଭାଇ ଡି ନରସିମା ଓ ତାଙ୍କ ବାପା ଡି ଚିନ୍ତାମଣି ସେଠାରେ ପହଞ୍ଚି ଗାଳି ଗୁଲଜ କରିବା ସହ ପିଡିଏସ ମେସିନ ଓ ଓଜନ ମେସିନ ଭଙ୍ଗାରୁଜା କରିବା ସହ ଦେବରାଜ ଓ ତାଙ୍କ ସହଯୋଗୀ ଏସ ଶ୍ରୀନୁକୁ ହତ୍ୟା ଧମକ ଦେଇଥିଲେ । ଘଟଣା ନେଇ ଏସ ଦେବରାଜଙ୍କ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା । ଅଭିଯୋଗକୁ ଭିତ୍ତି କରି ପୁଲିସ ୫୬୭/୨୪ରେ ଏକ ମାମଲା ରୁଜୁ କରିଛି । ଅନ୍ୟ ପଟେ ଏହି ଘଟଣା ନେଇ ଡି ନରସିମାଙ୍କ ପକ୍ଷରୁ ଥାନାରେ ଆଉ ଏକ ଲିଖିତ ଅଭିଯୋଗ କରିବା ସହ ସେ ଧୋବା ସାହି ସ୍ଥିତ ତାଙ୍କ ଘରେ ଥିବା ସମୟରେ ସମିତି ସଭ୍ୟ ଆଶିଷ ରାଉଳ ଆସି ଗାଳିଗୁଲଜ କରିବା ସହ ତାଙ୍କୁ ଲୁହାଛଡ଼ରେ ଆକ୍ରମଣ କରିଥିଲେ । ଫଳରେ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା । ଏହା ସହ ଆଶିଷ ତାଙ୍କ ଘରେ ମଧରେ ପସି ତାଙ୍କ ବାପା ଚିନ୍ତାମଣିଙ୍କୁ ମଧ ଆକ୍ରମଣ ସହ ଧମକ ଦେଇଥିବା ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତ୍ତି କରି ପୁଲିସ ୫୬୮/୨୪ରେ ଏକ ମାମଲା ରୁଜୁ କରିଛି । ଅନ୍ୟ ପଟେ ସମିତି ସଭ୍ୟଙ୍କ ମା' ଜ୍ୟୋସ୍ନା ରାଉଳଙ୍କ ଆଉ ଏକ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ ଅନୁଯାୟୀ ରାସନ ଚାଉଳ ବଣ୍ଟନ ସ୍ଥାନରେ କିଛି ଲୋକ ଗଣ୍ଡଗୋଳ କରୁଥିବା ଖବର ପାଇ ତାଙ୍କ ପୁଅ ତଥା ସମିତି ସଭ୍ୟ ଆଶିଷ ସେଠାରେ ପହଞ୍ଚିଥିଲେ । ଘଟଣାସ୍ଥଳରେ ଉପସ୍ଥିତ ରହିଥିବା ଡି ଚିନ୍ତାମଣି ଓ ତାଙ୍କ ଦୁଇ ପୁଅ ଆଶିଷ ସହ ଗଣ୍ଡଗୋଳ କରିବା ସହ ଖଣ୍ଡା ଓ ଠେଙ୍ଗାରେ ଅତର୍କିତ ଆକ୍ରମଣ କରିଥିଲେ । ଫଳରେ ତାଙ୍କୁ ଆଘାତ ଲାଗିଥିଲା । ପୁଲିସ ଏନେଇ ୫୬୯/୨୪ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି । ଘଟଣା ପରେ ଗାଁରେ ଚାପା ଉତ୍ତେଜନା ରହିଥିବାରୁ ଥାନା ପକ୍ଷରୁ ସତର୍କ ନଜର ରଖିବା ସହ ମାମଲା ଆଧାରରେ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ କହିଛନ୍ତି ।

## ମଦ ସହ ଅଟୋ ଜବତ; ୩ ଗିରଫ



ଖଲ୍ଲିକୋଟ, ୧୮ ।୧୨(ସମିସ): ଚୋରା ଚାଲାଣବେଳେ ଖଲ୍ଲିକୋଟ ପୁଲିସ ଚଢ଼ଉ କରି ୪୪୧ ଲିଟର ଦେଶୀମଦ ସହ ଗୋଟିଏ ଅଟୋ ଜବତ କରିଛି । ଏହି ମାମଲାରେ ୩ ଜଣଙ୍କୁ ଗିରଫ କରାଯାଇଛି ।

ମଙ୍ଗଳବାର ମଧ୍ୟାହ୍ନରେ ଦେଶୀ ମଦ ଚୋରା ଚାଲାଣ ହେଉଥିବା ଖବର ପାଇ ପୁଲିସ ଭେଜିପୁଟରେ ଚଢ଼ଉ କରି ଗୋଟିଏ ଅଟୋନଂ(ଓଡ଼ି୦୭ ଏଡବ୍ଲୁ ୬୦୮୩) ସହ ୪୦୦ ଲିଟର ଦେଶୀ ମଦ ଜବତ କରିଥିବା ବେଳେ ଭେଜିପୁଟର ଦୀପକ ସାହୁ ଓ ପଥରା ଗ୍ରାମର ରଞ୍ଜନ ଭାଙ୍ଗଙ୍କୁ ଗିରଫ କରିଥିଲେ । ଏନେଇ କେସ ନମ୍ବର ୧୦୨୮/୨୦୨୪ ଅନୁଯାୟୀ ମାମଲା ରୁଜୁ କରାଯାଇଛି । ସେହିପରି କଦଳିବସନ୍ତ ଗ୍ରାମର ପଣ୍ଡା ନାହାକ ୪୧ ଲିଟର ଦେଶୀ ମଦ ଧରି ଛିଡ଼ା ହୋଇଥିବା ବେଳେ ପୁଲିସ ଚଢ଼ଉ କରି ଧରିଥିଲା । ଏନେଇ ଥାନା କେସନଂ(୧୦୨୭/୨୦୨୪) ଅନୁଯାୟୀ ମାମଲା ରୁଜୁ କରାଯାଇଛି ।

## ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

ଛତ୍ରପୁର, ୧୮ ।୧୨(ସମିସ): ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଛତ୍ରପୁର ବ୍ଲକ ପରିସରରେ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥିଭାବେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଯୋଗଦେଇ ସମୁଦାୟ ୪୯୮ ଜଣଙ୍କୁ ଭତ୍ତା ବଣ୍ଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ କିରଣ କୁମାରୀ ଦାଶ, ଉପାଧ୍ୟକ୍ଷା ଏସ୍.ସାରଦା ରେଡ଼ି, ଭାରପ୍ରାପ୍ତ ବିଡିଓ ଜୟଶ୍ରୀ ନାୟକଙ୍କ ସମେତ ଜନପ୍ରତିନିଧି ଏବଂ ବ୍ଲକ କର୍ମଚାରୀ ମାନେ ଉପସ୍ଥିତ ଥିବା ବେଳେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଜଗନ ମୋହନ ସେନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଦୁଇ ବାଲି ବୋଝେଇ ଟ୍ରାକ୍ଟର ଜବତ



ଆସିକା, ୧୮ ।୧୨(ସମିସ): ମଙ୍ଗଳବାର ବେଆଇନି ବାଲି ଉଠାଣକୁ ନେଇ ରିସିପୁର ଗ୍ରାମ ଲୋକଙ୍କ ଉତେଜନା ପରେ ରାଜସ୍ୱ ବିଭାଗ ଅଧିକାରୀ ମାନେ ଘଟଣାସ୍ଥଳରେ ପହଞ୍ଚି ବଡ଼ ନଦୀରୁ ଦୁଇଟି ଟ୍ରାକ୍ଟରକୁ ଜବତ କରିବା ପରେ ପୁଣି ବୁଧବାର ଦିନ ସକାଳୁ ସେହି ବଡ଼ ନଦୀ ଉପରେ ଚଢ଼ାଉ କରି ନିରାଳ ନିକଟରେ ବେଆଇନି ବାଲି ଘାଟ ଉପରେ ଚଢ଼ଉ ହୋଇଥିଲା । ଏତିକିବେଳେ ଦୁଇଟି ବାଲି ବୋଝେଇ ଟ୍ରାକ୍ଟରୁ ଜବତ କରାଯାଇଥିବାବେଳେ କରିଥିବା ବେଳେ ଆଗକୁ ବେଆଇନି ବାଲି ଉଠାଣ ହେଲେ ଉଭୟ ଗାଡି ମାଲିକ ଓ ଡ୍ରାଇଭର ଉପରେ ନିଆଯିବ କଡା ପଦକ୍ଷେପ କହିଛନ୍ତି ଆସିକା ତହସିଲଦାର ସଙ୍ଗୀତ ସେଣ । ବେଆଇନ ଭାବେ ବାଲି ଉଠା ଯାଏ ତେବେ ଏଭଳି ଚଢ଼ାଉ ଜାରି ରହିବ ବୋଲି ସୂଚନା ଦେଇଥିଲେ ତହସିଲଦାର । ଅନ୍ୟ ପଟେ ବାଲି ଉଠାଇବା ପାଇଁ ଦୁଇ ଜଳସେଚନ ବିଭାଗର ହିଡ଼କୁ କାଟି ବାଲି ନେଉଥିବା ବେଳେ ଅନେକ ଜାଗାକୁ ବନ୍ଦ କରାଯାଇଥିବା ଦେଖିବାକୁ ମିଳିଛି ।

## କେନ୍ଦ୍ରୀୟ ବିଦ୍ୟାଳୟରେ ଜେଜେ ମାଆ, ଜେଜେ ବାପା ଦିବସ




ଛତ୍ରପୁର, ୧୮ ।୧୨(ସମିସ): ଛତ୍ରପୁର କେନ୍ଦ୍ରୀୟ ବିଦ୍ୟାଳୟରେ 'ଜେଜେ ମା ଓ ଜେଜେ ବାପା ଦିବସ' ଆୟୋଜନ କରାଯାଇଥିଲା । ଏହି ଅବସରରେ ପିଲାମାନେ ବିଦ୍ୟାଳୟର ପ୍ରବେଶ ଦ୍ୱାରରେ ସେମାନଙ୍କ ଜେଜେବାପା ଓ ମା' ମାନଙ୍କୁ ଅଭିବାଦନ ଜଣାଇ ସ୍ୱାଗତ କରିଥିଲେ । ଭାରପ୍ରାପକ୍ତ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ପଣ୍ଡାଙ୍କ ଦ୍ୱାରା ସମସ୍ତ ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଶ୍ରୀ ପଣ୍ଡା ବର୍ତ୍ତମାନର ସମାଜ ଛୋଟ ଛୋଟ ପରିବାର ପ୍ରଣାଳୀ ଆଡକୁ ଗତି କରୁଛି, ଏହି ଘଡିସନ୍ଧି ସମୟରେ ସେ ଯୁବ ପିଢୀମାନଙ୍କ ଭୂମିକା ଏବଂ ଦାୟିତ୍ୱକୁ ମନେ ପକାଇ ଥିଲେ । କାର୍ଯ୍ୟକ୍ରମକୁ ଶିକ୍ଷକ ସୁନୀଲ କୁମାର ସାହୁ, କାଳୀପ୍ରସାଦ ମହାରାଜା, ତପୁନ୍ ପାତ୍ରୋ, ରବିନ୍ କୁମାର, ମନୀଷ ସିଂ, ଭାଗ୍ୟଶ୍ରୀ ପଣ୍ଡା, ପି.ଧରଣୀ ଓ ଭାଗ୍ୟଶ୍ରୀ ମହାରଣା ପରିଚାଳନା କରିଥିଲେ । ନୀଳାଞ୍ଚଳ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ମାଗଣା ଚକ୍ଷୁ ଚିକିତ୍ସା ଶିବିର

ଧରାକୋଟ, ୧୮ ।୧୨(ସମିସ): ଧରାକୋଟ ବ୍ଲକ ଅନ୍ତର୍ଗତ ଡଉଁଗାଁ ପଞ୍ଚାୟତ ପରିସରରେ ଶଙ୍କର ନେତ୍ରାଳୟ ପକ୍ଷରୁ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି ।

ଡ଼ଉଗାଁ ସରପଞ୍ଚ ମନୁ ପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଧରାକୋଟ ବ୍ଲକ ଅଧ୍ୟକ୍ଷା ସୁଲକ୍ଷଣା ଗୀତାଞ୍ଜଳି ଦେବୀ ଉଦଘାଟନ କରିଥିଲେ । ୫୧ ଜଣ ରୋଗୀ ଆସି




ଚକ୍ଷୁ ପରୀକ୍ଷା କରିଥିଲେ । ସେଥିମଧ୍ୟରୁ ୧୧ ଜଣଙ୍କୁ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ନିଆଯାଇଥିଲା । ଶିବିରରେ ଧରାକୋଟ ବ୍ଲକ ବିଜେଡି ସଭାପତି ସଞ୍ଜୟ ପାତ୍ର ଓ ଗ୍ରାମବାସୀ ସହଯୋଗ କରିଥିଲେ । ସୁନାମୋହି, ବାହାଡ଼ାଗୁଡ଼ା, ପଙ୍କଳବାଡି, ଜେନାପୁର, କର ରାମଚନ୍ଦ୍ରପୁର ସହ ଅନ୍ୟାନ୍ୟ ଗାଁର ରୋଗୀ ଯୋଗଦେଇ ଚକ୍ଷୁ ପରୀକ୍ଷା କରାଇଥିଲେ ।

## ବେଲଗୁଣ୍ଠାରେ 'ଶିଶୁଙ୍କ ପାଇଁ ଦିନଟିଏ'

ବେଲଗୁଣ୍ଠା, ୧୮ ।୧୨(ସମିସ): ବେଲଗୁଣ୍ଠା ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଆନୁକୂଲ୍ୟରେ ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଶିଶୁଙ୍କ ଅଧିକାର, ଶିକ୍ଷା, କିଶୋରୀ ସଶକ୍ତିକରଣ, ବାଲ୍ୟ ବିବାହ, ଲିଙ୍ଗଗତ ସମାନତା, କନ୍ୟା ଭ୍ରୁଣ ହତ୍ୟା ନିଷେଧା, ଶିଶୁ ଶ୍ରମିକ ନିଷେଧ, ଶିଶୁ ଚାଲାଣ ବନ୍ଦ କରିବା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହା ସହିତ ବେଟି ବଚାଓ, ବେଟି ପଢ଼ାଓ କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମରେ ବେଲଗୁଣ୍ଠା ଥାନା ଏଏସ୍ଆଇ ଜ୍ୟୋସ୍ନା ପ୍ରଧାନ, ଲଳିତା




ବେହେରା, ବେଲଗୁଣ୍ଠା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାଗ୍ୟଲତା ପ୍ରଧାନ, ଟିବି ସୁପରଭାଇଜର୍ ଦୁର୍ଗା ପ୍ରସାଦ ପାତ୍ର, ଆଇସିଡିଏସ୍ ସୁପରଭାଇଜର୍ ସଂଯୁକ୍ତା ଦାସ ପ୍ରମୁଖ ମଞ୍ଚାସୀନ ରହି ଉପୋରୋକ୍ତ ପ୍ରସଙ୍ଗ ଗୁଡ଼ିକ ସମ୍ପର୍କରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଇସିଡିଏସ୍ ସୁପରଭାଇଜର୍ ବିଜୟଲକ୍ଷ୍ମୀ ଗୌଡ଼, ପ୍ରଭାସିନୀ ସାହୁ, ପ୍ରଶାନ୍ତି ତ୍ରିପାଠୀ, ବୀଣା ଦିଗାଲ୍, ଝୁନୁଲତା ସ୍ୱାଇଁ, ସରୋଜିନୀ ଗୌଡ଼, ଅଙ୍ଗନବାଡି କର୍ମୀ କବିତା କୁମାରୀ ସାହୁ, ରୁନା ପ୍ରଧାନ, ମମତା ପାଣିଗ୍ରାହୀ, ଶ୍ୟାମଳୀ ବିଷୋୟୀ, ସୁଜାତା ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଟାଙ୍ଗଣାପଲ୍ଲୀ ହାଇସ୍କୁଲର ବାର୍ଷିକ କ୍ରୀଡ଼ା




ଛତ୍ରପୁର, ୧୮ ।୧୨(ସମିସ): ଛତ୍ରପୁର ବ୍ଲକ ଅନ୍ତର୍ଗତ ଟାଙ୍ଗଣାପଲ୍ଲୀ ଶ୍ରୀନୀଳକଣ୍ଠେଶ୍ୱର ନୋଡାଲ ବିଦ୍ୟାପୀଠର ବାର୍ଷିକ କ୍ରୀଡା ପ୍ରଧାନ ଶିକ୍ଷକ ବିଷ୍ଣୁ ପ୍ରସାଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ କାମରାଜୁ ମହାରଣା ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ରୂପେ ଟାଙ୍ଗଣାପଲ୍ଲୀ ସରପଞ୍ଚ ବି.ସୁଦାମ ଯୋଗଦେଇଥିଲେ । ଜିଲ୍ଲା ଶାରିରୀକ ଶିକ୍ଷା ପରିଦର୍ଶକ ଭାଗରଥି ସ୍ୱାଇଁ ମୁଖ୍ୟବକ୍ତା ରୂପେ ଯୋଗଦେଇ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଓ ଇଚ୍ଛାଶକ୍ତି ଦ୍ୱାରା ଜଣେ ନିଜର ପାରଦର୍ଶିତା ପ୍ରମାଣ କରିପାରେ ବୋଲି ପ୍ରକାଶ କରିଥିଲେ । ଯୁବ ନେତା ଅମରେଶ୍ୱର ସାହୁ ମଧ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଥିଲେ । ଖେଳ ଶିକ୍ଷକ ନନ୍ଦିନୀ ସେଠୀ ପ୍ରାରମ୍ଭିକ ସୂଚନା ଏବଂ ଏନସିସିର ଫାଷ୍ଟ ଅଫିସର ସୁଧାକର ବଳୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ବରିଷ୍ଠ ଶିକ୍ଷକ ଅଭିରାମ ସାହୁ, ବିଷ୍ଣୁପ୍ରିୟା ପାଢ଼ୀ, ସ୍ନେହାଶୀଷ ମହାନ୍ତି, ଯୁଧିଷ୍ଠିର ବେହେରା, ଯମୁନା ରେଡ୍ଡି, ଭାଗିରଥି ମିଶ୍ର, ଉଷାରାଣୀ ମିଶ୍ର, ପର୍ଶୁରାମ ପାତ୍ର ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

## ଚାଷୀଙ୍କୁ ପ୍ରାକ୍ତନ ବିଧାୟିକାଙ୍କ ସମ୍ବର୍ଦ୍ଧନା



କବିସୂର୍ଯ୍ୟନଗର, ୧୮ ।୧୨(ସମିସ): ନିକଟରେ ଭୁବନେଶ୍ୱର ଠାରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ରାଜ୍ୟର ୨୬ ଜଣ ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏଥିସହ ସମସ୍ତଙ୍କୁ କୃଷକରତ୍ନ ସମ୍ମାନ ପ୍ରଦାନ କରିଥିଲେ । ଏମାନଙ୍କ ମଧ୍ୟରେ କବିସୂର୍ଯ୍ୟନଗରର ଜୈବିକ ଚାଷୀ ବାଉରୀବନ୍ଧୁ ସ୍ୱାଇଁ ସ୍ଥାନ ପାଇଥିଲେ । ସେ ଭୁବନେଶ୍ୱରରୁ ଫେରିବା ପରେ ବୁଧବାର ଅପରାହ୍ନରେ କବିସୂର୍ଯ୍ୟନଗର ପ୍ରାକ୍ତନ ବିଧାୟିକା ଲତିକା ପ୍ରଧାନ ତାଙ୍କୁ ନିଜ ବାସଭବନରେ ସାକ୍ଷାତ କରିବା ସହ ଚାଷୀର ଉନ୍ନତି ପାଇଁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ କବିସୂର୍ଯ୍ୟନଗର ନଗର ବିଜେଡି ସଭାପତି ଭଗବାନ ସ୍ୱାଇଁ, ଜିଲ୍ଲା ଯୁବ ବିଜେଡି ସମ୍ପାଦକ ସୂର୍ଯ୍ୟନାରାୟଣ ନାୟକ ଓ ଯଟେଶ୍ୱର ପଳତା ଉପସ୍ଥିତ ଥିଲେ ।

## ଚାଷୀ ସଚେତନତା ଶିବିର



ବୁଗୁଡା, ୧୮ ।୧୨(ସମିସ): ବୁଗୁଡା ବ୍ଲକ ଅନ୍ତର୍ଗତ ଏ କରଡାବାଡି ସେବା ସମବାୟ ସମିତି କାର୍ଯ୍ୟାଳୟରେ ଏଫ୍ଏକ୍ୟୁ ଧାନ ଯୋଗାଣ ସଂପର୍କିତ ଚାଷୀ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା । ସମବାୟ ସମିତିର ସଭାପତି ଭାଗ୍ୟବତୀ ଗୌଡ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଉପ ସଭାପତି ମନୋଜ କୁମାର ପରିଡ଼ା, ଏ କରଡାବାଡି ସରପଞ୍ଚ ରିଙ୍କି ଦାଶ ଓ ସମିତି ସଭ୍ୟା ଶିବାନୀ ନାୟକ, ପୋଟାଲୁଣ୍ଡି ସରପଞ୍ଚ ସୁଜାତା କୁମାରୀ ପ୍ରଧାନ ଓ ସମିତି ସଭ୍ୟ କାହ୍ନୁଚରଣ ସେଠୀ, ଏମ୍ ଆଇ ଚମ୍ପାଇ ମାରାଣ୍ଡି, ଆର ଏମ୍ ସି ଭଞ୍ଜନଗର ଅଧିକାରୀ କାଳିଆ ବିଷୋୟୀ ପ୍ରମୁଖ ଯୋଗଦେଇ ଏଫଏକ୍ୟୁ ଧାନ ସମ୍ପର୍କରେ ଆଲୋଚନା କରିଥିଲେ । ସମିତି ସଂଘର ସଭାପତି ପୂର୍ଣ୍ଣଚନ୍ଦ୍ର ବିଷୋୟୀ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ଶତାଧିକ ଚାଷୀ ଏବଂ ସମସ୍ତ ସେବା ସମବାୟ ସମିତିର ସମ୍ପାଦକ ଓ ନିର୍ଦ୍ଦେଶକ ମାନେ ଉପସ୍ଥିତ ଥିଲେ ।

## ଗ୍ରାମ୍ୟ ପରିଚାଳନା କମିଟି ଗଠିତ

କୋଦଳା, ୧୮ ।୧୨(ସମିସ): ମଙ୍ଗଳବାର ହଂସତୂଳୀ ଶ୍ରୀ ଆଦିଶ୍ୟର ମନ୍ଦୀର ପ୍ରାଙ୍ଗଣରେ ନୂତନ ଭାବେ ଗ୍ରାମ୍ୟ ପରିଚାଳନା କମିଟି ଗଠିତ ହୋଇଛି । କମିଟିରେ ୨୩ ଜଣ ସଦସ୍ୟ ମନୋନୀତ ହୋଇଥିବା ବେଳେ ଗ୍ରାମ୍ୟ ପରିଚାଳନା କମିଟିର ସଭାପତି ଭାବରେ ଯୋଗିରାମ ଜେନା, କୃଷ୍ଣଚନ୍ଦ୍ର ସ୍ୱାଇଁ (ଉପସଭାପତି), ବାବୁ ମାହାନ୍ତି (ସମ୍ପାଦକ), ସଞ୍ଜୟ ଖଟୁଆ ପୁନର୍ବାର କୋଷାଧ୍ୟକ୍ଷ ଭାବେ ମନୋନୀତ



ହୋଇଛନ୍ତି । ସେହିପରି ଛଇଲ ସ୍ୱାଇଁ, ଗଡ୍ଡୁରାମ ଜେନା, କମଳଲୋଚନ ଗୌଡ଼, ଚରଣ ଜେନା, ବଂଶୀଧର ସ୍ୱାଇଁ, କପିଳେଶ୍ୱର ସ୍ୱାଇଁ, ଟୁନା ସ୍ୱାଇଁ, ଛବିରାମ ଜେନା, ପ୍ରଫୁଲ୍ଲ ସ୍ୱାଇଁ, ସୁକାନ୍ତ ଜେନା, ରାଧେଶ୍ୟାମ ଜେନା, ଅଶୋକ ଜେନା, ନାରାୟଣ ତାରିଣୀ, ଭଗବାନ ଜେନା, ବିଶୁ ସାହୁ, ରଘୁ ଜେନା, ସତ୍ୟବାନ ଜେନା, ବୁଲୁ ପ୍ରଧାନ, ସଞ୍ଜୟ ସାହୁ ପ୍ରମୁଖ କମିଟି ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି ।

## ବ୍ଲକ୍ସ୍ତରୀୟ ଖରିଫ ଧାନ ସଂଗ୍ରହ ପ୍ରସ୍ତୁତି

କୁକୁଡ଼ାଖଣ୍ଡି, ୧୮ ।୧୨(ସମିସ)

କୁକୁଡ଼ାଖଣ୍ଡି ବ୍ଲକ କନଫରେନ୍ସ ହଲରେ ତହସିଲଦାର ସପନ କୁମାର ସାହୁଙ୍କ ସଭାପତିତ୍ୱରେ ଖରିଫ ଧାନ ସଂଗ୍ରହ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଧାୟକ ଡ଼ ସିଦ୍ଧାନ୍ତ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ବିଡ଼ିଓ ପଲ୍ଲବୀ ସ୍ୱାଇଁ, ଯୋଗାଣ ଅଧିକାରୀ ସୁଧାକର ମଲ୍ଲିକ, ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ପାତ୍ର, ବିସିସି ବ୍ୟାଙ୍କ ସଭାପତି ଶିବରାମ ପାତ୍ର, ସିଡିପିଓ କୁସୁମୀ କୁମାରୀ ସାହୁ, ଦିଗପହଣ୍ଡି ଆରଏମ୍ସି ସେକ୍ରେଟାରୀ ଅରୁଣ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ । ପୂର୍ବ ବର୍ଷ ଭଳି ଚଳିତ ବର୍ଷ ମଧ ବ୍ଲକର ୧୯ ପାକ୍ସ ଓ ୩ଟି ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ମାଧ୍ୟମରେ ଧାନ କ୍ରୟ କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ବୈଠକରେ ସାକା ସୁଜିତ କୁମାର, ସନାତନ ସଂଗ୍ରାମ ସିଂହ, ରବୀନ୍ଦ୍ର




ମହାରଣା, ଭବାନୀ ଶଙ୍କର ବିଶ୍ୱାଳ, ତରୁଣ କୁମାର ପାତ୍ର, ଗୋଷ୍ଠୀ କୃଷି ଅଧିକାରୀ ସୁବ୍ରତ କୁମାର ବାରିକ, ସରପଞ୍ଚ କ୍ରାନ୍ତି କୁମାରୀ ଦେବୀ, ମୁରଲୀ ସେଠୀ, ସେବା ସମବାୟ ସମିତି ସେକ୍ରେଟାରୀଙ୍କ ମଧ୍ୟରେ ରମେଶ ଚନ୍ଦ୍ର ପ୍ରଧାନ, ନାରାୟଣ ଭୂୟାଁ, ସନ୍ତୋଷ କୁମାର ଡାକୁଆ, କାମନା ସେଠୀ, ବୃନ୍ଦାବନ କୁଠିଆ, ସନ୍ତୋଷ କୁମାର ସାହୁ, ସୁଧୀର କୁମାର ଶତପଥୀ, ରାମଚନ୍ଦ୍ର ଗୌଡ଼, ଲକ୍ଷ୍ମୀ ଗୌଡ଼, ଅମର ନାୟକ, ବଟକୃଷ୍ଣ, ଅକ୍ଷୟ କୁମାର ଗୌଡ଼, ପ୍ରଭାତୀ ନାୟକ, ସରୋଜ କୁମାର ପାତ୍ର, ଭାଗ୍ୟବାନ ସାହୁ, ଦୀପକ କୁମାର ବିଷୋୟୀ ତଥା ଅନ୍ୟମାନେ ଯୋଗଦେଇଥିଲେ ।

## ଶେରଗଡ଼ ବ୍ଲକରେ ୬୨୯୧ ଚାଷୀଙ୍କ ଠାରୁ ହେବ ଧାନ ସଂଗ୍ରହ

ଶେରଗଡ଼: ଶେରଗଡ଼ ବ୍ଲକସ୍ତରୀୟ ଖରିଫ ଧାନ ୨୦୨୪-୨୫ କ୍ରୟ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଡିସେମ୍ବର ୨୩ ତାରିଖରୁ ପର୍ଯ୍ୟାୟକ୍ରମେ ୬୨୯୧ ପଞ୍ଜିକୃତ ଚାଷୀଙ୍କ ଠାରୁ ୧୯ଟି ମଣ୍ଡି ମାଧ୍ୟମରେ ୨ ଲକ୍ଷରୁ ଉର୍ଦ୍ଧ୍ୱ କ୍ୱିଣ୍ଟାଲ ଧାନ କ୍ରୟ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଚାଷୀ ମାନଙ୍କ ସୁବିଧା ଲାଗି ମଣ୍ଡିରେ ପର୍ଯ୍ୟାପ୍ତ ବ୍ୟବସ୍ଥା କରାଯାଇଛି ଏବଂ ଗତବର୍ଷ ମଣ୍ଡିରେ ଉପୁଜିଥିବା ବିଭିନ୍ନ ସମସ୍ୟାର ପୁନରାବୃତ୍ତି ନଘଟିବା ଲାଗି ବିଭାଗୀୟ ଅଧିକାରୀ ମାନେ ନିର୍ଦ୍ଦେଶ ଦେଇଛନ୍ତି । ପ୍ରତ୍ୟେକ



ଧାନ ମଣ୍ଡି ରେ ଗୁଣାକ ମାନ ଯାଞ୍ଚ କରିବା ଲାଗି ବ୍ୟବସ୍ଥା କରାଯିବ, ଏଥି ନିମନ୍ତେ ରେଜିଷ୍ଟର ରଖାଯାଇ ମାନ ଯାଞ୍ଚ ତଥ୍ୟ ଓ କୃଷକ ମାନଙ୍କ ନାମ ଉଲ୍ଲେଖ ରହିବ । ବୈଠକରେ ସ୍ଥାନୀୟ ତହସିଲଦାର ତ୍ରିଦେବ ରଥ, ବିଡ଼ିଓ ଶିବାଶିଷ ବରାଳ, ସ୍ଥାନୀୟ ବିଧାୟକ ପ୍ରତିନିଧି ଦିଗାମ୍ବର ନାହାକ, ବ୍ଲକ ଯୋଗାଣ ଅଧିକାରୀ ବିଭୁ ପ୍ରସାଦ ସାହୁ, ସିଡିପିଓ ମମତାଞ୍ଜଳି ପଣ୍ଡା, ଉପାଧ୍ୟକ୍ଷାଙ୍କ ପ୍ରତିନିଧି କାହ୍ନୁ ଚରଣ ପଟ୍ଟନାୟକ, ସମସ୍ତ ନିର୍ବାଚିତ ପ୍ରତିନିଧି, ସେବା ସମବାୟ ସମିତିର ସମ୍ପାଦକ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ମିଲର ମାନେ ଉପସ୍ଥିତ ଥିଲେ ।

ଡବଲ୍ ଇଞ୍ଜିନ ସରକାରଙ୍କ ନୀତିକୁ ବିରୋଧ

# ସମବାୟ ସମିତି କର୍ମଚାରୀଙ୍କ ଧାରଣା




**ଛତ୍ରପୁର,୧୮ ।୧୨(ସମିସ)** ଆସିକା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନରେ କାର୍ଯ୍ୟରତ ପ୍ରାଥମିକ କୃଷି ସମବାୟ ସମିତି କର୍ମଚାରୀ ବିଭିନ୍ନ ଦାବି ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ବିକ୍ଷୋଭ ଓ ଧାରଣା ଦେଇଛନ୍ତି । ସେମାନଙ୍କ ଅଭିଯୋଗ ଯେ, ଗ୍ରାମାଞ୍ଚଳର ତୃଣମୂଳସ୍ତରରେ ଲୋକମାନଙ୍କର ସାମାଜିକ ଓ ଆର୍ଥିକ ସ୍ତରରେ ଉନ୍ନତି ପାଇଁ ଉଦ୍ଦିଷ୍ଟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା ତଥା କାର୍ଯ୍ୟକ୍ରମ ଗୁଡିକୁ ସ୍ୱଚ୍ଛତା ସହ କମ୍ପ୍ୟୁଟର ମାଧ୍ୟମରେ ସମିତି କର୍ମଚାରୀମାନେ ସମ୍ପାଦନ କରୁଛନ୍ତି । ହେଲେ କେନ୍ଦ୍ର ଓ ରାଜ୍ୟ ସରକାର ଅନ୍ୟ କର୍ମଚାରୀଙ୍କ ତୁଳନାରେ ସେମାନଙ୍କୁ ସ୍ୱଳ୍ପ ଦରମା ପ୍ରଦାନ କରୁଛନ୍ତି । ଫଳରେ ସେମାନେ ଦୁର୍ବିସହ ଜୀବନ ଯାପନ କରୁଛନ୍ତି । ତ୍ରିସ୍ତରୀୟ ସମବାୟ ବ୍ୟବସ୍ଥାରେ ତୃଣମୂଳସ୍ତରରେ ପ୍ରାଥମିକ କୃଷି ସମବାୟ ସମିତି ଗୁଡିକ ରହିଥିବା ବେଳେ ମଧ୍ୟବର୍ତ୍ତୀ ସ୍ତରରେ କେନ୍ଦ୍ର ସମବାୟ ବ୍ୟାଙ୍କ୍ ଓ ଶୀର୍ଷ ସ୍ତରରେ ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କ ରହିଛି । କେନ୍ଦ୍ର ସମବାୟ ବ୍ୟାଙ୍କ୍ ଗୁଡିକ ମହାଜନ ସଦୃଶ୍ୟ କାର୍ଯ୍ୟ କରନ୍ତି ଯଥା- ସମିତି ଗୁଡିକ କୃଷକମାନଙ୍କୁ ତତ୍କାଳ ସୁଧ ରିହାତି ତଥା ବିନା ସୁଧରେ ଋଣ ପ୍ରଦାନବେଳେ ଆସିକା କେନ୍ଦ୍ର ସମବାୟ ବ୍ୟାଙ୍କ୍ ସମିତି ଠାରୁ ସୁଧ ଶୋଷଣ କରନ୍ତି ଏବଂ ସମିତିର ପ୍ରାପ୍ୟ ଗୁଡିକ ପ୍ରଦାନରେ ଅହେତୁକ ବିଳମ୍ବ କରିଥାନ୍ତି । ଏପରିକି କର୍ମଚାରୀଙ୍କ ଦରମା ପ୍ରଦାନରେ ମଧ୍ୟ ବାଧକ ସାଜନ୍ତି । ସମିତିର କର୍ମଚାରୀମାନଙ୍କୁ ପଦୋନ୍ନତି ଦେବାରେ ଚାଲଟୁଳ ନୀତି ଅବଲମ୍ବନ କରନ୍ତି । ସମିତିର ସମ୍ବଳକୁ (ଅଂଶଧନ ଏବଂ ସୁଧ ସହାୟତା) ବ୍ୟାଙ୍କ୍ ନିଜ ଇଛା ମୁତାବକ ଶୋଷଣ କରୁଥିବା ଯୋଗୁଁ ବାଧ୍ୟ ହୋଇ ଆନ୍ଦୋଳନ ପନ୍ଥା ଗ୍ରହଣ କରିବାକୁ ପଡୁଛି । ଏହାଦ୍ୱାରା କୃଷି ଓ କୃଷକର ଯେଉଁ କ୍ଷତି ହେବ ସେଥିପାଇଁ ବିଭାଗୀୟ ଅଧିକାରୀ ଦାୟୀ ରହିବେ ବୋଲି ଧାରଣାରେ ବସିଥିବା କର୍ମଚାରୀମାନେ ଚେତାବନୀ ଦେଇଛନ୍ତି । ଧାରଣାରେ କର୍ମଚାରୀ ସଂଘର ସଭାପତି ଶିବରାମ ମହାକୁଡ, କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ସ୍ୱାଇଁ, ସାଧାରଣ ସମ୍ପାଦକ ପ୍ରତାପ ଚନ୍ଦ୍ର ପାତ୍ର, ଯୁଗ୍ମ ସମ୍ପାଦକ କାହ୍ନୁଚରଣ ସ୍ୱାଇଁ, କୋଷାଧ୍ୟକ୍ଷ ଏ. ସତ୍ୟନାରାୟଣ ରେ‡ୀ, ଅରୁଣ ବେହେରା, କୃଷ୍ଣଚନ୍ଦ୍ର ଗୌଡ଼, ସୁଧାଂଶୁ ବିଷୋୟୀ, ସୋମନାଥ ମଲ୍ଲିକ, ରଞ୍ଜନ କୁମାର ବିଷୋୟୀ, ପ୍ରକାଶ ବାରିକ, ସିମାଞ୍ଚଳ ସାହୁ ଓ ପ୍ରଭାକର ମହାରଣା ପ୍ରମୁଖ ସାମିଲ ଥିଲେ ।

# ଶିଶୁ ବେକରୁ ସୁନା ଲକେଟ୍ ଚୋରିକରି ଯୁବକ ଗିରଫ



**ଖଲ୍ଲିକୋଟ,୧୮ ।୧୨(ସମିସ):** ଖଲ୍ଲିକୋଟ ଥାନା ଅନ୍ତର୍ଗତ ଲଙ୍ଗଳେଶ୍ୱର ଓଡ଼ିଆରପି କୋଲୋନୀରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଚେରମୂଳି ଓ ଡେଉଁରିଆ ବିକୁବାକୁ ଆସି ଜଣେ ଦୁର୍ବୃତ୍ତ କୁନି ଝିଅର ବେକରୁ ସୁନା ଲକେଟ ଲୁଟି ନେଇଥିଲା । ତେବେ ପୁଲିସ ମାତ୍ର ୪ ଘଣ୍ଟା ମଧ୍ୟରେ ଅଭିଯୁକ୍ତକୁ କାବୁ କରିବା ସହ ଚୋରି ସୁନା ଲକେଟ ଟଙ୍କା ଜବତ କରିଛି । ଅଭିଯୁକ୍ତ ଜଣକ ହେଲେ ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପଦ୍ମକେଶରିପୁର ଗ୍ରାମର ସପନ ଦାସ । ପୁଲିସ ଏକ ମାମାଲା ରୁଜୁ କରିବା ସହ ଅଭିଯକ୍ତକୁ କୋର୍ଟଚାଲାଣ କରିଛି । ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଓଡ଼ିଆରପି କୋଲୋନୀ ଆସି ଅଭିଯୁକ୍ତ ସପନ କିଛି ଡେଉଁରିଆ, ଚେରମୂଳୀ ଓ ଯନ୍ତ୍ର ଆଣି କିଛି ସ୍ତ୍ରୀ ଲୋକଙ୍କୁ ପ୍ରବର୍ତ୍ତାଇ ସେହି ଜନ୍ତ୍ରଟିକୁ ଘରେ ରଖିଲେ ସ୍ୱାମୀ ମଦ ପିଇବେନି, ଘରର ଉନ୍ନତି ହେବ ଓ ଘରେ ଶାନ୍ତି ରହିବ ବୋଲି କହି ବିକ୍ରି କରୁଥିଲା । ଏତିକିବେଳେ କଲୋନୀର ଯମୁନା ପ୍ରଧାନ ନାମକ ଜଣେ ମହିଳା ତାଙ୍କ ଠାରୁ ଜିନିଷ ରଖି ଘର ଭିତରକୁ ଟଙ୍କା ଆଣିବାକୁ ଯାଇଥିବାବେଳେ ସୁଯୋଗ ପାଇ ସେଠାରେ ଛିଡା ହୋଇଥିବା ଯମୁନାଙ୍କ ଦୁଇବର୍ଷର ଝିଅ ବେକରୁ ଏକ ସୁନା ହନୁମାନ ଲକେଟକୁ ଛିଣ୍ଡାଇ ଦ୍ରୁତଗତିରେ ଚାଲିଯାଇଥିଲେ । ଗଲା ବେଳେ ରାସ୍ତାରେ ୧୭୦୦ ଟଙ୍କାରେ ସେହି ସୁନା ଲକେଟକୁ ବିକ୍ରି କରି ଦେଇଥିଲେ । ଏନେଇ ଭେଜିପୁଟ ଫାଣ୍ଡିରେ ଅଭିଯୋଗ ପରେ ଖଲ୍ଲିକୋଟ ଥାନା କେସ ନମ୍ବର ୧୦୨୬/୨୦୨୪ ଅନୁଯାୟୀ ମାମଲା ରୁଜୁ ହୋଇଥିଲା । ଥାନା ଅଧିକାରୀ ରମେଶ କୁମାର ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ଭେଜିପୁଟ ଫାଣ୍ଡି ଅଧିକାରୀ ଦେବାଶିଷ ସାମଲ ଘଟଣା ର ତଦନ୍ତ ଆରମ୍ଭ କରିଥିଲେ । ସିସିଟିଭି ଫୁଟେଜକୁ ଆଧାର କରି ଘଟଣାର ଚାରିଘଣ୍ଟା ମଧ୍ୟରେ ଅଭିଯୁକ୍ତକୁ ଧରିଥିଲା ପୁଲିସ । ବୁଧବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବା ସହ ତା ଠାରୁ ଜବତ ହୋଇଥିବା ୧୭ଶହ ଟଙ୍କା ଯମୁନାଙ୍କୁ ହସ୍ତାନ୍ତର କରିଛି ପୁଲିସ ।

# ଆୟାପ୍ପା ସ୍ୱାମୀଙ୍କ ସହସ୍ର ନାମ ଗାନ



**ପାତ୍ରପୁର,୧୮ ।୧୨(ସମିସ):** ପାତ୍ରପୁର ବ୍ଲକ ଅନ୍ତର୍ଗତ ସପଙ୍ଗ ଠାରେ ଆୟାପ୍ପା ସ୍ୱାମୀ ଇରୁମୁଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆନ୍ଧ୍ର ପ୍ରଦେଶ ଶ୍ରୀକାକୁଲମ ଜିଲ୍ଲା କାବିଟି ମଣ୍ଡଳ ଖଜୁରି ଗ୍ରାମର ଶ୍ରୀନିବାସ ଗୁରୁ ସ୍ୱାମୀଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସପଙ୍ଗ ସନିଧାନ ଗୁରୁ ସ୍ୱାମୀ ଜୟରାମ ଦୋରା ସ୍ୱାମୀଙ୍କ ଦ୍ୱାରା ଆୟାପ୍ପା ସ୍ୱାମୀଙ୍କ ସହସ୍ର ନାମ ଗାନ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା । ଗତମାସ ନଭେମ୍ବର ୨ ତାରିଖ ଠାରୁ ଆୟାପ୍ପା ସ୍ୱାମୀ ଭକ୍ତ ଆୟାପ୍ପା ଦିକ୍ଷା ଗ୍ରହଣ କରି ପ୍ରାୟ ୪୧ ଦିନ ଧରି ନିୟମ ନିଷ୍ଠା ସହକାରେ ପୂଜାର୍ଚ୍ଚନା କରାଯାଇଥିବା ବେଳେ ବୁଧବାର ଦିନ ଆୟାପ୍ପା ସ୍ୱାମୀ ଇରୁମୁଡି ମୁଣ୍ଡରେ ଧରି କେରଳ ରାଜ୍ୟରେ ସବରିମାଳା ଆୟାପ୍ପା ମନ୍ଦିରରେ ଅଭିମୁଖେ ଯାତ୍ରା ଆରମ୍ଭ କରିଥିବା ଦେଖିବାକୁ ମିଳିଛି । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ହଜାର ହଜାର ଭକ୍ତ ଉପସ୍ଥିତ ହୋଇ ପ୍ରାସାଦ ସେବନ କରିଥିଲେ ।

ଉକ୍ରଳ ଆୟୁର୍ବେଦିକ ଫାର୍ମାସୀର ଲାଇସେନ୍ସ ରଦ୍ଦ ଘଟଣା

# ଆୟୁଷ ବିଭାଗ ଟିମ୍‌ର ଗୁଣବତ୍ତା ଯାଞ୍ଚ



**ଆସିକା,୧୮ ।୧୨(ସମିସ):** ଆସିକା ସମବାୟ ଫାର୍ମାସୀର ଲାଇସେନ୍ସ ରଦ୍ଦ ହେବା ଫଳରେ ଅଚଳାବସ୍ଥା ଲାଗି ରହିଛି । ପାଞ୍ଚ ମାସ ହେଲା ଏଠାରେ ଔଷଧ ପ୍ରସ୍ତୁତ ହୋଇପାରୁନି । ଏହି ଫାର୍ମାସୀକୁ କେନ୍ଦ୍ର ଆୟୁଷ ବିଭାଗ ଆବଶ୍ୟକ ନଥିପତ୍ର ଲୋଡି ଥିବା ବେଳେ ଅନୁଷ୍ଠାନ କିଛି ଗୁରୁତ୍ୱପୂର୍ଣ୍ଣ ଦଲିଲ ଦେଇ ପାରି ନଥିଲା । ଫଳରେ ଔଷଧ ପ୍ରସ୍ତୁତି ଏବଂ ଏହାର ବିକ୍ରି ଉପରେ ଅଙ୍କୁଶ ଲାଗିଥିଲା । ଫଳସ୍ୱରୂପ ଶହେ ପଚାଶରୁ ଅଧିକ ଲକ୍ଷାଧିକ ଟଙ୍କାର ଔଷଧ ତିଆରି ନ ହୋଇ ବନ୍ଦ ହୋଇ ପଡିଛି । ସେହିପରି ବିକ୍ରିରେ କଟାକଣା ଯୋଗୁ ଏହି ଅନୁଷ୍ଠାନର କର୍ମଚାରୀଙ୍କ ଦରମା ୧୧ ମାସ ହେଲା ଦରମା ମଧ୍ୟ ବନ୍ଦ ହୋଇଥିଲା । ପରିସ୍ଥିତି ଏମିତି ଉପୁଜିଥିଲା କର୍ମଚାରୀ ମାନେ ମାସ ମାସ ଧରି ଧାରଣା ଦେଇଥିଲେ । ବିଭିନ୍ନ ସମସ୍ୟାରେ ଗତି କରୁଥିବା ଏହି ଉତ୍କଳ ଆୟୁର୍ବେଦିକ ଫର୍ମାସୀ କେବେ ଚାଲିବ ଓ କେବେ ଔଷଧ ପ୍ରସ୍ତୁତ ସହ ବିକ୍ରି ହେବ ସେନେଇ ବାରମ୍ବାର କର୍ମଚାରୀ ମାନଙ୍କ ଉଚ୍ଚ ପଦସ୍ତ ଅଧିକାରୀଙ୍କୁ ଜଣାଇବା ପରେ ବୁଧବାର ରାଜ୍ୟ ଆୟୁଷ ମନ୍ତ୍ରାଳୟ ଆୟୁର୍ବେଦିକ ଫାର୍ମାସୀର ଡ୍ରଗ୍ସ ଇନ୍ସପେକ୍ଟରର ମାଧବ ଚନ୍ଦ୍ର ସାମନ୍ତରାୟ ନଥିପତ୍ର ଯାଞ୍ଚ କରି ଫେରିଥିଲେ । ତେବେ ଉକ୍ରଳ ଆୟୁର୍ବେଦିକର ଯାହା ଆବଶ୍ୟକ ଥିଲା ତାହା ଯାଞ୍ଚରେ ଠିକ ଥିବା ଏ ନେଇ ସରକାରଙ୍କୁ ରିପୋର୍ଟ ଦେବି । ଆଶା ସରକାର ଖୁବଶୀଘ୍ର ଏହା ପୂର୍ବବତ କାର୍ଯ୍ୟକ୍ଷମ ହେବ ବୋଲି କହିଥିଲେ । ଏହି ଅବସରରେ ଉକ୍ରଳ ଆୟୁର୍ବେଦିକ ଫାର୍ମାସି ପ୍ରଶାସକ ବିଜୟ କୁମାର ସାହୁ ଉପସ୍ଥିତ ଥିଲେ ।

# ଗଡ଼ିଲା ବନାଗ୍ନି ପ୍ରଶମନ ସଚେତନତା ରଥ



**ଭଞ୍ଜନଗର,୧୮ ।୧୨(ସମିସ):** ଉତ୍ତର ଘୁମୁସର ବନଖଣ୍ଡ ପକ୍ଷରୁ ସ୍ଥାନୀୟଲାଲସିଂ ସ୍ଥାୟୀ ଚାରା ଉଦ୍ୟାନ ତାଲିମ କେନ୍ଦ୍ର ପରିସରରେ ବନାଗ୍ନି ପ୍ରଶମନ ଓ ପରିଚାଳନା ପ୍ରସ୍ତୁତି ବୈଠକ ଡିଏଫଓ ହିମାଂଶୁ ଶେଖର ମହାନ୍ତିଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ସ୍ଥାନୀୟ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଭଞ୍ଜନଗର ଉତ୍ତର ଓ ଦକ୍ଷିଣ ଘୁମୁସର ବନଖଣ୍ଡରେ ଆଦୌ ଯେପରି ନିଆଁ ନଲାଗିବ ସେଦିଗରେ ସଭିଏଁ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପଜିଲ୍ଲାପାଳ ଅନୀଲ କୁମାର ସେଠୀ, ତହସିଲଦାର ଉମାଶଙ୍କର ବେହେରା, ଏବିଡିଓ ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ଦମକଳ କେନ୍ଦ୍ର ଅଧିକାରୀ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । ରେଞ୍ଜର ବିମ୍ବାଧର ସାହୁ, ପୃଥୀରାଜ ପ୍ରଧାନ, ଅରୁଣ କୁମାର ପ୍ରଧାନ, ଆଶାଲତା ଦିଗାଲ, ସୁଜାତା ରାଣୀ ପଣ୍ଡା ପ୍ରମୁଖ ନିଜ ନିଜ ରେଞ୍ଜରେ ବିଭିନ୍ନ ବର୍ଷ ମାନଙ୍କରେ ଲାଗୁଥିବା ନିଆଁ ସମ୍ପର୍କରେ ଉଲ୍ଲେଖ କରି ତାର ନିରାକରଣ ପାଇଁ କଣ ପଦକ୍ଷେପ ନିଆଯିବା ଉଚିତ ସେ ସଂପର୍କରେ ମତ ବିନିମୟ କରିଥିଲେ । ବୈଠକ ଶେଷରେ ବିଧାୟକ ଶ୍ରୀ ନାୟକ ଓ ଉପଜିଲ୍ଲାପାଳ ଶ୍ରୀ ସେଠୀ ସବୁଜ ପତାକା ଦେଖାଇ ବନାଗ୍ନି ପ୍ରଶମନ ସଚେତନତା ରଥର ଶୁଭାରମ୍ଭ କରିଥିଲେ ।

● ମଣ୍ଡିରେ ତୃତୀୟ ଦିନରେ ବି ଆସିଲେନି ମିଲର୍ସ

# ବିକ୍ରି ନ ହୋଇ ପଡ଼ିରହିଲା ଧାନ

**ପାପଡାହାଣ୍ଡି,୧୮ ।୧୨(ସମିସ):** ସୋମବାର ପାପଡ଼ାହାଣ୍ଡି ବ୍ଲକସଦର ଗ୍ରାମପାଖ ତଣ୍ଡାଗୁଡ଼ା ଗ୍ରାମ ନିକଟରେ ଆରଏମ୍ସି ଓ ଲ୍ୟାମ୍ପ ତରଫରୁ ମଣ୍ଡିରେ ଧାନ ବିକ୍ରୟ ପାଇଁ ଚାଷୀଙ୍କୁ ଧାନ ଆଣିବାକୁ ଅନୁମତି ଦେଇଥିଲେ । କିନ୍ତୁ ବୁଧବାର ମଣ୍ଡିର ତୃତୀୟ ଦିନ ହୋଇଥିବା ସତ୍ତ୍ୱେ ଚାଷୀଙ୍କ ଧାନ ବିକ୍ରୟ ହୋଇନଥିବା ଦେଖିବାକୁ ମିଳିଛି । କାଟନୀ ଛଟନୀକୁ ନେଇ ଦେଖାଦେଇଥିବା ଚାଷୀ-ମିଲର୍ସଙ୍କ ମଧ୍ୟରେ ବିବାଦ ଯୋଗୁଁ ମିଲର୍ସ ଧାନ ନଉଠାଇବାରୁ ବୁଧବାର ମଧ୍ୟ ଚାଷୀଙ୍କ ଧାନ ମଣ୍ଡିରେ ପଡ଼ିରହିଲା । ମଙ୍ଗଳବାର ମନ୍ତ୍ରୀ ସୁରେଶ ପୂଜାରୀ ଦିନିକିଆ ନବରଙ୍ଗପୁର ଜିଲ୍ଲା ଗସ୍ତରେ ଆସି ମିଲର୍ସମାନଙ୍କୁ ଚାଷୀଙ୍କ ଧାନ ଉଠାଇବାକୁ ଚେତାବନୀ ଦେଇଥିଲେ ମଧ୍ୟ ମିଲର୍ସ ତାହାକୁ ଖାତିର କରିନଥିବା ଦେଖିବାକୁ ମିଳିଛି । ମନ୍ତ୍ରୀଙ୍କ ନିର୍ଦ୍ଦେଶ ସତ୍ତ୍ୱେ ବୁଧବାର ମଧ୍ୟ ମଣ୍ଡିରେ କୌଣସି ମିଲରର୍ସଙ୍କ ଦେଖାମିଳି ନଥିଲା । ଫଳରେ ଚାଷୀ ନିଜ ଅର୍ଜିତ ଧାନକୁ ବିକ୍ରୟ କରିପାରିନଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ । ଧାନ ବିକ୍ରି ଉପରେ ଶୀଘ୍ର ପଦକ୍ଷେପ ଗ୍ରହଣ କରା ନଗଲେ ଚାଷୀ ରାଜରାସ୍ତାକୁ ଓହ୍ଲାବାକୁ ଚେତାବନୀ ଦେଇଛନ୍ତି । ଅନ୍ୟପଟରେ ଚାଷୀଙ୍କ ଆକ୍ରୋଶକୁ ଦେଖି ଲ୍ୟାମ୍ପସ୍ ଓ ଆରଏମସି କର୍ମଚାରୀ ଭୟଭୀତ ଅବସ୍ଥାରେ ରହିଥିବା ଦେଖିବାକୁ ମିଳିଛି । ତେବେ ମଣ୍ଡିରେ ଅନୁଷଙ୍ଗିକ ବ୍ୟାବସ୍ଥା କରାଯାଇନଥିବାରୁ ଚାଷୀ ଏବେ ଧାନ ରଖିବାକୁ ନେଇ ହଇରାଣ ହେଉଛନ୍ତି । ଏଥିସହ ଉକ୍ତ ସ୍ଥାନରେ ଦିନରେ ଭାଲୁ ପଶୁଥିବାରୁ ଚାଷୀ ଧାନର ସୁରକ୍ଷାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ।

**ଯୋଗାଣ ମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ବେଖାତିର**

# ପୂର୍ବଶତ୍ରୁତାରୁ ଆକ୍ରମଣ; ଦୁଇ ଗିରଫ



**ଦିଗପହଣ୍ଡି,୧୮ ।୧୨(ସମିସ):** ଦିଗପହଣ୍ଡି ବ୍ଲକ ବି. ତୁରୁବୁଡି ପଞ୍ଚାୟତ ନରେନ୍ଦ୍ରପୁର ଛତ୍ରମନ୍ଦିର ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏନ୍.ହନୁ ରେଡ୍ଡୀ ଓରଫ ଏନ୍. ସନ୍ତୋଷ ରେଡ୍ଡୀ ଏବଂ ପି. ଚକରା ରେଡ୍ଡୀଙ୍କ ପରିବାର ମଧ୍ୟରେ ମଙ୍ଗଳବାର ସନ୍ଧ୍ୟାରେ ସଂଘର୍ଷ ହୋଇଥିଲା । ପୁଲିସ ଉଭୟ ପକ୍ଷର ସନ୍ତୋଷ ଏବଂ ଚକରାଙ୍କୁ ବୁଧବାର ଗିରଫ କରି କୋର୍ଟଚାଲାଣ କରିଛି । ଗତ ପ୍ରାୟ ୨ ମାସ ପୂର୍ବେ ଗାଁ ମଣ୍ଡପରେ ତାସ ଖେଳ ଚାଲିଥିବାବେଳେ ସନ୍ତୋଷ ଏବଂ ଚକ୍ରାଙ୍କ ମଧ୍ୟରେ ବଚସା ପରେ ଧସ୍ତାଧସ୍ତି ହୋଇଥିଲା । ଗତ ମଙ୍ଗଳବାର ଅପରାହ୍ନ ପ୍ରାୟ ୨ ଟାରେ ସନ୍ତୋଷ ଘରେ ନଥିବା ବେଳେ ଚକରାଙ୍କ ପୁଅ ପି.ପୂର୍ଣ୍ଣ ରେଡ୍ଡୀ ତାଙ୍କ ଘର ସମ୍ମୁଖରେ ଗାଳି କରୁଥିଲେ । ସନ୍ତୋଷଙ୍କ ସ୍ତ୍ରୀ ବୁଲି ରେଡ୍ଡୀ ଚକରାଙ୍କ ଘରକୁ ଯାଇ ତାଙ୍କ ସ୍ତ୍ରୀ ଅରାଲୁ ରେଡ୍ଡୀ ଏବଂ ଝିଅ ବୁଦ୍ଧେଶ୍ୱରୀ ରେଡ୍ଡୀଙ୍କୁ ଜଣାଇବା ପରେ ସେମାନଙ୍କ ମଧ୍ୟରେ ଝଗଡା ହୋଇଥିଲା । ସନ୍ତୋଷ ସନ୍ଧ୍ୟାରେ ସେଠାରେ ପହଞ୍ଚି ଅରାଲୁଙ୍କ ସ୍ୱାମୀ ଚକରାଙ୍କ ମୁଣ୍ଡକୁ ଠେଙ୍ଗାରେ ଆକ୍ରମଣ କରିଥିଲେ । ଚକରା ମଧ୍ୟ ଏକ ଠେଙ୍ଗାରେ ସନ୍ତୋଷଙ୍କ ମୁଣ୍ଡକୁ ପ୍ରହାର କରିବାରୁ ସେ ଆହତ ହୋଇଥିଲେ । ଉଭୟଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପ୍ରାଥମିକ ଚିକିତ୍ସା ପରେ ଉଭୟପକ୍ଷ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ । ଏତଲାକୁ ଭିତ୍ତିକରି ଥାନା ଆଇଆଇସି ପ୍ରଶାନ୍ତ କୁମାର ପାତ୍ର ଅଭିଯୁକ୍ତଙ୍କ ନାଁରେ ମକଦ୍ଦମା ରୁଜୁକରି ତଦନ୍ତ ଚଳାଇଥିଲେ । ତଦନ୍ତକାରୀ ଅଧିକାରୀ ଏଏସଆଇ ମନୋଜ କୁମାର ସିଂ ଏବଂ ଅଜୟ କୁମାର ନାୟକ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ । ଆକ୍ରମଣ ପ୍ରତି ଆକ୍ରମଣ ଘଟଣାରେ ବ୍ୟବହୃତ ୨ଟି ବାଉଁଶ ଠେଙ୍ଗାକୁ ଜବତ କରାଯାଇଛି ।

# ଛତ୍ରପୁର ବ୍ଲକ୍ ଅଧ୍ୟକ୍ଷାଙ୍କୁ ସମ୍ବର୍ଦ୍ଧନା



**ଛତ୍ରପୁର,୧୮ ।୧୨(ସମିସ):** କେନ୍ଦ୍ର ପଞ୍ଚାୟତିରାଜ ମନ୍ତ୍ରାଳୟ ପକ୍ଷରୁ ଛତ୍ରପୁର ବ୍ଲକକୁ ଶ୍ରେଷ୍ଠ ବ୍ଲକ ଭାବେ ପୁରସ୍କୃତ କରାଯାଇଛି । ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଓ ବ୍ଲକ ଅଧ୍ୟକ୍ଷା କିରଣ କୁମାରୀ ଦାସ ଏହି ପୁରସ୍କାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଠାରୁ ଗ୍ରହଣ କରିଥିଲେ । ଏହି ଅବସରରେ ବୁଧବାର ଛତ୍ରପୁର ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ଦାସଙ୍କୁ ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଓ ସମସ୍ତ ଜନପ୍ରତିନିଧି ମାନେ ସମ୍ବର୍ଦ୍ଧନା ପ୍ରଦାନ କରାଯିବା ସହ ଏକ ବିରାଟ ପଟୁଆରେ ବ୍ଲକ କାର୍ଯ୍ୟାଳୟକୁ ଅଣାଯାଇଥିଲା । ଏହି ଶ୍ରେୟ ବ୍ଲକର ସମସ୍ତ ପଚାଂୟତର ଜନପ୍ରତିନିଧି ଓ କର୍ମଚାରୀଙ୍କ ପ୍ରୟାସ ପାଇଁ ଶ୍ରେଷ୍ଠ ବ୍ଲକ ହୋଇପାରିଛି ବୋଲି କହିଥିଲେ । କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷା ଏସ୍.ସାରଦା ରେଡି, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ମୁନା ଦାସ, ସରପଞ୍ଚ ସିଏଚ. ମନୋଜ ରେଡି, ସୁଜତା ଦାଶ, ଭଗବାନ ବେହେରା, ଗଗନ ବେହେରା, ନିରଞ୍ଜନ ପ୍ରଧାନ, ରବୀନ୍ଦ୍ରନାଥ ରାଉଳ, ଝୁଲି ନାହାକ, ସମିତିସଭ୍ୟ ଏନ. ରମେଶ ରେଡି, ରାମଚନ୍ଦ୍ର ପରିଡା ଓ ଶମ୍ଭୁନାଥ ସ୍ୱାଇଁ, ପୂର୍ବତନ ସମିତି ସଭ୍ୟ ଏନ୍.ଦୁର୍ଯ୍ୟୋଧନ ରେଡି ଓ ମଥୁରାଚରଣ ସୁବୁଦ୍ଧି ଓ ବାପି ଦାସଙ୍କ ସମେତ ସମସ୍ତ ଜନପ୍ରତିନିଧି ଉପସ୍ଥିତ ଥିଲେ ।

ଶ୍ମଶାନ ଜମିରୁ ଜବରଦଖଲ ଉଚ୍ଛେଦ ଦାବି

# ଗ୍ରାମବାସୀଙ୍କ ବିକ୍ଷୋଭ; ପୁଲିସ ଉପସ୍ଥିତିରେ ମାପଚୁପ



**ଖଲ୍ଲିକୋଟ,୧୮ ।୧୨(ସମିସ):** ଖଲ୍ଲିକୋଟ ଥାନା ଅନ୍ତର୍ଗତ ପଥରା ଗ୍ରାମରେ ଉତ୍ତେଜନା । ଗାଁରେ ଥିବା ସ୍ମଶାନ ଜମିକୁ କିଛି ଲୋକ ଜବରଦଖଲ କରି ଘର ନିର୍ମାଣ କରିଥିବା ଅଭିଯୋଗ କରି ବୁଧବାର ଶ୍ମଶାନ ନିକଟରେ ଗ୍ରାମର ଶତାଧିକ ଗ୍ରାମବାସୀ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଜବରଦଖଲ କରି ସ୍ମଶାନ ଜମିକୁ ସଂକୁଚିତ କରିଥିବାରୁ ବର୍ତ୍ତମାନ ଶବ ଦାହରେ ଅସୁବିଧା ହେଉଥିବା ଗ୍ରାମବାସୀ କହିଛନ୍ତି । ତୁରନ୍ତ ଉକ୍ତ ଜବରଦଖଲକାରୀଙ୍କୁ ହଟାଇ ସ୍ମଶାନ ଜମିକୁ ଫେରାଇ ଆଣିବା ପାଇଁ ସେମାନେ ଦାବି କରିଛନ୍ତି । ଖବର ପାଇ ଭେଜିପୁଟ ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ । ପରେ ଭେଜିପୁଟ ଆର ଆଇ, କେଶପୁର ଆରଆଇ, ତହସିଲ ସୁପରଭାଇଜର ତ୍ରିଲୋଚନ ବିଶ୍ୱାଳ ପହଞ୍ଚି ସ୍ମଶାନ ଜମିକୁ ମାପଚୁପ କରିଥିଲେ । ପଥରା ଗ୍ରାମ୍ୟ କମିଟିର ପୂର୍ବତନ ସଭାପତି ଲମ୍ବୋଦର ବେହେରା କହିଛନ୍ତି ଯେ, ପୂର୍ବରୁ ପଥରା ସ୍ମଶାନ ଜମିର ଆୟତନ ୧୦ ହଜାର ୪୮୦ ଡେସିମିଲ ଥିଲା । ଗତ ୧୯୮୮, ୧୯୯୫, ୨୦୧୬ ମସିହାରେ ମାପଚୁପ କରିବା ବେଳେ ଜମିର ଆୟତନ ଠିକ ଥିଲା । ବର୍ତ୍ତମାନ ସେଠାରେ ୧୦ ରୁ ୧୫ ଜଣ ବ୍ୟକ୍ତି ଜମି ଜବରଦଖଲ କରି ଗୃହ ନିର୍ମାଣ କରିବା ଦ୍ୱାରା ସ୍ମଶାନ ସଂକୁଚିତ ହୋଇଯାଇଛି । ଫଳରେ ଶବ ଦାହ କରିବା ବେଳେ ଅସୁବିଧା ହେଉଛି । ଗ୍ରାମର ଦୁଇ ଜଣ ମହିଳା ସଂଯୁକ୍ତା ବେହେରା ଓ ସତ୍ୟଭାମା ବେହେରା କହିଛନ୍ତି ଯେ, ସେମାନେ ବାହା ହୋଇ ଏହି ଗ୍ରାମକୁ ଆସିବା ଦିନ ଠାରୁ ଏହିଠାରେ ହିଁ ଶବ ଦାହ କରାଯାଉଥିବା ଦେଖିଛନ୍ତି । ବର୍ତ୍ତମାନ ଉକ୍ତ ସ୍ଥାନରେ ଘର କରିଥିବା ବ୍ୟକ୍ତି ଏଠାରେ ଶବ ଦାହ କରିବା ପାଇଁ ମନା କରୁଛନ୍ତି । ତେଣୁ ସ୍ମଶାନ ଜମିରୁ ସେମାନଙ୍କୁ ଉଚ୍ଛେଦ କରିବାକୁ ଦାବି କରିଛନ୍ତି ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୪.୨୫ • ପାଉଣ୍ଡ ୧୦୭.୭୪
- ୟୁରୋ ୮୯.୦୧ • ୟେନ୍ ୦.୫୫

**ସୁନା, ରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା: ୭୧,୬୬୦ (ଭୁବନେଶ୍ୱର)
- ରୁପା : ୯୨,୫୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୦,୧୮୨.୦୦
- ନିଫ୍ଟି ୨୪,୧୯୮.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



## ଭାରତୀୟ ଚିନି ଏବଂ ବାୟୋ-ଏନର୍ଜି ଉତ୍ପାଦନକାରୀ ସଂଘର ସୂଚନା

# ବଢ଼ିବ ଚିନି ଦର




### ମହାରାଷ୍ଟ୍ର ନିର୍ବାଚନ ପାଇଁ ଆଖୁ ପେଡ଼ା ବିଳମ୍ବ

### ଇଥାନଲ ପାଇଁ ଅଧିକ ମାତ୍ରାରେ ଚିନିର ବ୍ୟବହାର

ନୂଆଦିଲ୍ଲୀ,୧୮।୧୨(ଏଜେନ୍ସି): ସମ୍ପ୍ରତି ଦେଶରେ ଅତ୍ୟାବଶ୍ୟକ ସାମଗ୍ରୀ ଦର ହୁ ହୁ ହୋଇ ବଢ଼ିବାରେ ଲାଗିଛି। ଦରଦାମ୍ କମ୍ କରିବାକୁ କେନ୍ଦ୍ର ସରକାରଙ୍କ ସବୁ ପ୍ରୟାସ ଫେଲ୍ ମାରିଛି। ଅପରପକ୍ଷେ ମୁଦ୍ରାସ୍ଫୀତି ନିୟନ୍ତ୍ରଣ କରିବାକୁ ଭାରତୀୟ ରିଜର୍ଭ ବ୍ୟାଙ୍କର ଶତତ ପ୍ରଚେଷ୍ଟା ବିଫଳ ସାବ୍ୟସ୍ତ ହୋଇଛି। ଏଭଳି ପରିସ୍ଥିତିରେ ଆଗକୁ ଖାଉଟିଙ୍କ ପାଇଁ ଉଚ୍ଚ ଦରଦାମ୍ ସ୍ଥିତିରୁ ଆଶ୍ୱସ୍ତି ମିଳିବା ସମ୍ଭାବନା କମ୍। କାରଣ ଆଗକୁ ଖାଉଟିଙ୍କୁ ଆଉ ଏକ ମହଙ୍ଗା ମାଡ଼ର ମୁକାବିଲା ପାଇଁ ପ୍ରସ୍ତୁତ ହେବାକୁ ପଡିବ। ନୂଆ ବର୍ଷରୁ ବଢ଼ିବ ଚିନି ଦର। ଚଳିତ ଆର୍ଥିକବର୍ଷ ଦେଶରେ ଚିନି ଉତ୍ପାଦନରେ ହ୍ରାସ ହୋଇଛି।

୨୦୨୪-୨୫ ଚିନି ଅମଳ ବର୍ଷରେ ଚିନି ଉତ୍ପାଦନ ୧୭ ପ୍ରତିଶତ ହ୍ରାସ ପାଇଛି। ଆହୁରି ମଧ ମହାରାଷ୍ଟ୍ର ଓ କର୍ଣ୍ଣାଟକରେ ଆଖୁ ପେଡ଼ା ବିଳମ୍ବିତ ହେବାରୁ ଦେଶରେ ଖାଉଟିଙ୍କୁ ଦର ବୃଦ୍ଧିର ସମ୍ମୁଖୀନ ହେବାକୁ ପଡିବ। ଏତାଛଡା ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଇଁ ମଧ ଆଖୁ ପେଡା ବିଳମ୍ବ ହୋଇଛି। ଭାରତୀୟ ଚିନି ଏବଂ ବାୟୋ-ଏନର୍ଜି ଉତ୍ପାଦନକାରୀ ସଂଘ (ଇସ୍ମା) ପକ୍ଷରୁ ଏହି ସୂଚନା ଦିଆଯାଇଛି।

ଇଥାନଲ ପାଇଁ ଚିନିର ଅଧିକ ବ୍ୟବହାର ଓ ମହାରାଷ୍ଟ୍ର ଓ କର୍ଣ୍ଣାଟରେ ଆଖୁ ପେଡ଼ିବାର ବିଳମ୍ବ ଯୋଗୁ ଚିନି ଉତ୍ପାଦନ ହ୍ରାସ ପାଇଥିବା ଭାରତୀୟ ଚିନି ଏବଂ ବାୟୋ-ଏନର୍ଜି ଉତ୍ପାଦନକାରୀ ସଂଘ କହିଛି। ଚଳିତ ଋତୁରେ ଡିସେମ୍ବର ପର୍ଯ୍ୟନ୍ତ ଦେଶରେ ଚିନି ଉତ୍ପାଦନ ୬୧.୩୯ ଲକ୍ଷ ଟନ୍ ହୋଇଥିବାବେଳେ ଗତ ବର୍ଷ ସମାନ ଅବଧିରେ ୭୪.୦୫ ଲକ୍ଷ ଟନ୍ ଚିନି ଉତ୍ପାଦିତ ହୋଇଥିଲା। ଆହୁରି ମଧ କହିଛି ଯେ, "ଚଳିତ ବର୍ଷ ଇଥାନଲ ପାଇଁ ଚିନି ବ୍ୟବହାର ପ୍ରାୟ ୪୦ ଲକ୍ଷ ଟନରୁ ଅଧିକ ବୋଲି ଆକଳନ କରାଯାଇଛି। ଯାହା ଗତ ବର୍ଷ ପ୍ରାୟ ୨୧.୫ ଲକ୍ଷ ଟନ୍ ରହିଥିଲା।" ତେବେ ଗତ ବର୍ଷ ଦେଶରେ ଚିନି ମୂଲ୍ୟକୁ ନିୟନ୍ତ୍ରଣ କରିବା ପାଇଁ କେନ୍ଦ୍ର ସରକାର ଇଥାନଲ ପ୍ରସ୍ତୁତି ପାଇଁ ଚିନି ବ୍ୟବହାରକୁ ବନ୍ଦ କରିଦେଇଥିଲେ। ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଇଁ ଏବଂ କର୍ଣ୍ଣାଟକରେ ଆଖୁ ପେଡ଼ିବା କାର୍ଯ୍ୟ ଆରମ୍ଭରେ ବିଳମ୍ବ ହେବା ମଧ ଦେଶରେ ଚିନି ଉତ୍ପାଦନର ଗତିକୁ ମନ୍ଥର କରିଦେଇଛି। ଏହା ବାଦ୍ ଇଥାନଲ ପାଇଁ ଚିନିର ବହୁଳ ବ୍ୟବହାର ଉତ୍ପାଦନ ହ୍ରାସର ଏକ ପ୍ରମୁଖ କାରଣ ବୋଲି ଆଇଏସଏମଏ କହିଛି।

ଗତ ବର୍ଷ ୪୯୬ କାରଖାନା ଚିନି ଉତ୍ପାଦନ କରୁଥିଲେ, ହେଲେ ଚଳିତ ବର୍ଷ ଏଥିରୁ ୪୭୭ କାରଖାନା କାର୍ଯ୍ୟକ୍ଷମ ଥିଲା। ଏନେଇ ଆଇଏସଏମଏ କହିଛି ଚଳିତ ବର୍ଷ ବର୍ଷ କର୍ଣ୍ଣାଟକର ଚିନି କାରଖାନା ପ୍ରାୟ ୭-୧୨ ଦିନ ବିଳମ୍ବରେ ଆଖୁ ପେଡ଼ା ଆରମ୍ଭ କରିଥିଲା। ସେହିପରି ମହାରାଷ୍ଟ୍ରର ଚିନି ମିଲଗୁଡ଼ିକ ଗତ ବର୍ଷ ତୁଳନାରେ ୧୫ -୨୦ ଦିନ ବିଳମ୍ବରେ ଆରମ୍ଭ ହୋଇଛି। ଆଇଏସଏମଏ କହିଛି ଯେ, ଏହି ପ୍ରମୁଖ ରାଜ୍ୟଗୁଡିକରେ ବିଳମ୍ବରେ ଉତ୍ପାଦନ ଆରମ୍ଭ ହୋଇଥିଲା।

# ଖୁବ୍ ଶୀଘ୍ର ୬-ଜି

### ବେଗ ୫ଜି ତୁଳନାରେ ୧୦୦ ଗୁଣ ଅଧିକ

### ନେଟୱାର୍କ ରୋଡ୍ ଲାଇଟ୍ ପରି ସେନ୍ସର ଉପରେ ଆଧାରିତ




ନୂଆଦିଲ୍ଲୀ,୧୮।୧୨(ଏଜେନ୍ସି): ଖୁବ୍ ଶୀଘ୍ର ଭାରତରେ ଆସିବ ୬-ଜି ଟେଲିକମ୍ ସେବା। ୬ଜି ଉପରେ ଗବେଷଣା ଆଇଆଇଟି-ବିଏଚ୍ୟୁର ବିଶେଷଜ୍ଞମାନଙ୍କ ଦ୍ୱାରା କରାଯାଉଛି। ୨୦୩୦ ସୁଦ୍ଧା ଏହି ନେଟୱାର୍କ କାର୍ଯ୍ୟକ୍ଷମ ହେବାର ଯୋଜନା ରହିଛି। ଏହି ବିଷୟରେ ଭାରତ ୬ଜି ମହାନିର୍ଦ୍ଦେଶକ ରାଜେଶ କୁମାର ପାଠକ ସୂଚନା ଦେଇଛନ୍ତି।

ଶ୍ରୀ ପାଠକ କହିଛନ୍ତି ଯେ ୬ଜିର ବେଗ ୫ଜି ତୁଳନାରେ ୧୦୦ ଗୁଣ ଅଧିକ ହେବ। ଏଥିପାଇଁ ସହର କିମ୍ବା ଗାଁରେ ୫ଜି ପରି ବଡ ଟାୱାର ସ୍ଥାପନ କରାଯିବନାହିଁ। ଏହାର ସେଲଗୁଡିକ ରୋଡ୍ ଲାଇଟ୍ ଏବଂ ଇଲେକ୍ଟ୍ରିକ୍ ପୋଲରେ ସ୍ଥାପିତ ବିଦ୍ୟୁତ୍ ମିଟର ପରି ସ୍ଥାପିତ ହେବ। ଏଗୁଡ଼ିକ ସେନ୍ସର ହେବ, ଯାହାର ଓଜନ ୮ କିଲୋଗ୍ରାମ ପର୍ଯ୍ୟନ୍ତ ରହିବ। ୨୦୩୦ ସୁଦ୍ଧା ଭାରତ ୬ଜି ଲଞ୍ଚ କରି ବିଶ୍ୱର ଅଗ୍ରଣୀ ଦେଶମାନଙ୍କ ମଧ୍ୟରେ ରହିବ। ଅଦ୍ୟାବଧି ଭାରତ ୪ଜି ଏବଂ ୫ଜି ରେ ବିଶ୍ୱକୁ ଅନୁସରଣ କରିଛି, କିନ୍ତୁ ବର୍ତ୍ତମାନ ୬ଜି ଟେକ୍ନୋଲୋଜି ପ୍ରସଙ୍ଗରେ ସମଗ୍ର ବିଶ୍ୱ ଭାରତ ଆଡକୁ ଦୃଷ୍ଟି ଦେବ। ଆମ ଦେଶର ଆଇଟି ବିଶେଷଜ୍ଞମାନେ ଏହି ଅନୁସନ୍ଧାନରେ ନିୟୋଜିତ ଅଛନ୍ତି। ୬ଜି ନେଟୱାର୍କ ଏ ପର୍ଯ୍ୟନ୍ତ ଦୁନିଆର କୌଣସି ସ୍ଥାନରେ ଲଞ୍ଚ ହୋଇନାହିଁ।

**ଇମ୍ଫା-ଜେଏସ୍‌ଡବ୍ଲ୍ୟୁ ଗ୍ରୀନ୍ ଏନର୍ଜି ବୁଝାମଣା /**

# କଳିଙ୍ଗନଗରରେ ୧ ଲକ୍ଷ ଟନ୍ କ୍ଷମତା ବିଶିଷ୍ଟ ନୂଆ କାରଖାନା

### ସୌର, ପବନ ଶକ୍ତିରେ ୮୩.୨୬ କୋଟି ନିବେଶ

ଭୁବନେଶ୍ୱର, ୧୮।୧୨(ସମିସ): ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ ଫେରୋ ଆଲୟଜ୍ ଲିମିଟେଡ୍ (ଇମ୍ଫା) ଏହାର ସ୍ମେଲଟର ଲାଗି ଅକ୍ଷୟ ଶକ୍ତି ସଂଗ୍ରହ କରିବା ନିମନ୍ତେ ଜେଏସ୍‌ଡବ୍ଲୁ ଏନର୍ଜି ସହ ଏକ ଯୌଥ ଉଦ୍ୟୋଗ ଘୋଷଣା କରିଛି। ଇମ୍ଫା ପକ୍ଷରୁ ଜେଏସ୍‌ଡବ୍ଲୁ ଗ୍ରିନ୍ ଏନର୍ଜି ୱାନ୍ ଲିମିଟେଡ୍ ଓ ଜେଏସ୍‌ଡବ୍ଲୁ ଗ୍ରିନ୍ ଏନର୍ଜି ସେଭେନ୍ ଲିମିଟେଡ୍ ସହିତ ରାଜିନାମା ସ୍ୱାକ୍ଷର କରାଯାଇଛି। ଏହା ୫୦ ମେଗାୱାଟ୍‌ର ସୋଲାର ଓ ୧୦୦ ମେଗାୱାଟ୍‌ର ପବନ ଶକ୍ତି, ମୋଟ ଚୁକ୍ତି ଅଧାରିକ କ୍ଷମତା ୭୦ ମେଗାୱାଟ୍ ପ୍ରକଳ୍ପରେ ୮୩.୨୬ କୋଟି ଟଙ୍କା ନିବେଶ କରିବ। ଏଥି ସହିତ ଇମ୍ଫା ପକ୍ଷରୁ ନିଜସ୍ୱ ବ୍ୟବହାର ଲାଗି ୨୫ ବର୍ଷିଆ ଅବଧିର ଏକ ବିଦ୍ୟୁତ୍ ଶକ୍ତି କ୍ରୟ ରାଜିନାମା ସ୍ୱାକ୍ଷର କରାଯିବ।

ଇମ୍ଫା ପକ୍ଷରୁ ଯାଜପୁରର କଳିଙ୍ଗନଗର ଠାରେ ବାର୍ଷିକ ୧,୦୦,୦୦୦ ଟନ୍ କ୍ଷମତା ବିଶିଷ୍ଟ ଏକ ନୂଆ କାରଖାନା ସ୍ଥାପନ କରାଯାଉଛି। ଏହା କମ୍ପାନିର ଫେରୋକ୍ରୋମ୍ ଉତ୍ପାଦନ କ୍ଷମତାକୁ ବଢ଼ାଇବ। ଏହି ରାଜିନାମା ସମ୍ପର୍କରେ କମ୍ପାନିର ଭାଇସ ପ୍ରେସିଡେଣ୍ଟ ତଥା ହେଡ୍-ପାୱାର ବିଜନେସ ୟୁନିଟ୍ ଶ୍ରୀ ବିନୟ ଅଗ୍ରୱାଲ୍ କହିଛନ୍ତି ଯେ କାର୍ବନ ଫୁଟ୍‌ପ୍ରିଣ୍ଟ କମ୍ କରିବା ଲାଗି ଅକ୍ଷୟଶକ୍ତି ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। ସୌର ଓ ପବନ ଶକ୍ତିର ମିଶ୍ରଣ ସହ ଆମେ ଏକ ସବୁଜ ଭବିଷ୍ୟତ ଆଡ଼କୁ ଅଗ୍ରସର ହେଉଛୁ ବୋଲି ସେ କହିଛନ୍ତି।




# ଭାରତ ଉପରେ ଟିକସ ଲଗାଇବାକୁ ଟ୍ରମ୍ପଙ୍କ ଧମକ

### ଆମ ଉପରେ ଟିକସ ଲଗାଇଛନ୍ତି, ଆମେ ବି ସେମାନଙ୍କ ଉପରେ ଟିକସ ଲଗାଇବୁ: ଆମେରିକା




ୱାଶିଂଟନ୍, ୧୮।୧୨(ଏଜେନ୍ସି): ଭାରତ ଉପରେ ପାରସ୍ପରିକ ଟିକସ ଲାଗୁ କରିବାକୁ ଆମେରିକାର ନବ ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଧମକ ଦେଇଛନ୍ତି। ଆମେରିକୀୟ ଉତ୍ପାଦ ଉପରେ ଭାରତ ଯେତିକି ଟିକସ ଲାଗିବ, ଆମେରିକା ମଧ ଭାରତୀୟ ଉତ୍ପାଦ ଉପରେ ସମାନ ଟିକସ ଲାଗୁ କରିବ ବୋଲି ଟ୍ରମ୍ପ୍ କହିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ଡୋନାଲ୍ଡ ଟ୍ରମ୍ପ ଦୀର୍ଘ ଦିନ ଧରି ଆମେରିକାର ଉତ୍ପାଦ ଆମଦାନୀ ଉପରେ ଭାରି ଶୁଳ୍କ ଲାଗୁ କରିବାକୁ ବିରୋଧ କରିଆସୁଛନ୍ତି।

କିଛି ଦିନ ପରେ ଡୋନାଲ୍ଡ ଟ୍ରମ୍ପ ଆମେରିକାର ରାଷ୍ଟ୍ରପତି ଭାବରେ ଶପଥ ଗ୍ରହଣ କରିବାକୁ ଯାଉଛନ୍ତି। ଏହା ପରେ ଟ୍ରମ୍ପ ଆମେରିକାର ୪୭ ତମ ରାଷ୍ଟ୍ରପତି ହେବେ। ବର୍ତ୍ତମାନ ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ପାରସ୍ପରିକ ଟିକସ ଲାଗୁ କରିବାକୁ ଧମକ ଦେଇଛନ୍ତି। ଆମେରିକୀୟ ଉତ୍ପାଦ ଉପରେ ଭାରତ ଯେତିକି ଟିକସ ଲଗାଇବ, ଆମେରିକା ମଧ ଭାରତୀୟ ଉତ୍ପାଦ ଉପରେ ସମାନ ପରିମାଣର ଟିକସ ଲାଗୁ କରିବ। ଆପଣଙ୍କୁ କହିବାକୁ ଗଲେ ଡୋନାଲ୍ଡ ଟ୍ରମ୍ପ ଦୀର୍ଘ ଦିନ ଧରି ଆମେରିକାର ଉତ୍ପାଦ ଆମଦାନୀ ଉପରେ ଭାର ଶୁଳ୍କ ଲାଗୁ କରିବାକୁ ବିରୋଧ କରିଆସୁଛନ୍ତି। ଏଭଳି ପରିସ୍ଥିତିରେ ଏହାକୁ ବିରୋଧ କରି ଟ୍ରମ୍ପ ପାରସ୍ପରିକ ଟିକସ ଲାଗୁ କରିବା ବିଷୟରେ କହିଛନ୍ତି। ଟ୍ରମ୍ପ କହିଛନ୍ତି ଯେ ଯଦି ସେମାନେ ଆମ ଉପରେ ଆମ ଉପରେ ଟିକସ ଲଗାଉଛନ୍ତି, ଆମେ ବି ସେମାନଙ୍କ ଉପରେ ଟିକସ ଲଗାଇବୁ। ସେ ଆହୁରି ମଧ କହିଛନ୍ତି ଯେ ସେମାନେ ଆମ ଉପରେ ଟିକସ ଲଗାଉଛନ୍ତି ହେଲେ ପ୍ରାୟ ସମସ୍ତ କ୍ଷେତ୍ରରେ ସେମାନେ ସେମାନଙ୍କ ଉପରେ ଟିକସ ଲଗାଉନାହୁଁ। ଆମେରିକାର ବାଣିଜ୍ୟ ସଚିବ ତଥା ଟ୍ରମ୍ପଙ୍କ ବାଣିଜ୍ୟ ସଚିବ ହାୱାର୍ଡ ଲୁଟନିକ୍ ଏହି ପ୍ରସଙ୍ଗରେ ଡୋନାଲ୍ଡ ଟ୍ରମ୍ପଙ୍କୁ ସମର୍ଥନ କରିଛନ୍ତି। ସେ କହିଛନ୍ତି ଯେ, ଟ୍ରମ୍ପ ସରକାରରେ ପାରସ୍ପରିକତା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେବ।

# ଆମ୍ବୁଜା ସିମେଣ୍ଟ ହେବ ଦେଶର ବଡ଼ ସିମେଣ୍ଟ କମ୍ପାନୀ

ନୂଆଦିଲ୍ଲୀ,୧୮।୧୨(ଏଜେନ୍ସି): ଆଦାନୀ ଗ୍ରୁପ୍‌ର ଆମ୍ବୁଜା ସିମେଣ୍ଟ ଏହାର ସହାୟକ କମ୍ପାନୀ ସାଙ୍ଘୀ ଇଣ୍ଡଷ୍ଟ୍ରିଜ୍ ଏବଂ ପେନା ସିମେଣ୍ଟ ଇଣ୍ଡଷ୍ଟ୍ରିଜ୍‌ର ମିଶ୍ରଣ ନେଇ ଘୋଷଣା କରିଛି। ଏହି ଅନୁଯାୟୀ, ସାଙ୍ଘୀ ଇଣ୍ଡଷ୍ଟ୍ରିଜ୍‌ର ସେୟାରଧାରକ ପ୍ରତ୍ୟେକ ୧୦୦ଟି ସେୟାର ପାଇଁ ଆମ୍ବୁଜା ସିମେଣ୍ଟର ୧୨ ଟି ସେୟାର ପାଇବେ। ଗତ ବର୍ଷ କମ୍ପାନୀ ପ୍ରାୟ ୫,୧୮୫ କୋଟି ଟଙ୍କାରେ ସାଙ୍ଘି ଇଣ୍ଡଷ୍ଟ୍ରିଜ୍ ଦଖଲ କରିଥିଲା। ଆଦାନୀ ଗ୍ରୁପ ଏହାର ସିମେଣ୍ଟ ବ୍ୟବସାୟ ବଢାଇବାକୁ ଚାହୁଁଛି। ଆମ୍ବୁଜା ସିମେଣ୍ଟ ଏହାର ଆର୍ଥିକ ବର୍ଷ ଶେଷ ସୁଦ୍ଧା ଏହାର ମୋଟ ସିମେଣ୍ଟ ଉତ୍ପାଦନ କ୍ଷମତାକୁ ବର୍ଷକୁ ୧୦୦ ମେଟ୍ରିକ ଟନରୁ ବୃଦ୍ଧି କରିବାକୁ ଚାହୁଁଛି। ସମ୍ପ୍ରତି ଆମ୍ବୁଜା ସିମେଣ୍ଟସ୍ ଓରିଏଣ୍ଟ ସିମେଣ୍ଟ ଲିମିଟେଡର ୪୬.୮% ଅଂଶଧନ ଅଧିଗ୍ରହଣ କରିବାକୁ ଘୋଷଣା କରିଛି। ପେନ୍ନା ପାଖରେ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ୪ଟି ଇଣ୍ଟିଗ୍ରେଟେଡ୍ ପ୍ଲାଣ୍ଟ ରହିଛି। ମହାରାଷ୍ଟ୍ରରେ ଏକ ଗ୍ରାଇଣ୍ଡିଂ ୟୁନିଟ୍ ରହିଛି।

# ୨୦ରେ ପିଏଚ୍‌ଡିସିସିଆଇ ଗ୍ୟାସ୍ ବଜାର ଓ ଶିଳ୍ପ ସୁରକ୍ଷା କର୍ମଶାଳା




ନୂଆଦିଲ୍ଲୀ,୧୮।୧୨(ଏଜେନ୍ସି): ପିଏଚ୍‌ଡି ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ୍ (ପିଏଚ୍‌ଡିସିସିଆଇ) ପକ୍ଷରୁ ଚଳିତମାସ ୨୦ରେ ଗ୍ୟାସ୍ ବଜାର ଓ ଶିଳ୍ପ ସୁରକ୍ଷା କର୍ମଶାଳା ଅନୁଷ୍ଠିତ ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ପୂର୍ବ ଭାରତରେ ଏଲ୍‌ଏନ୍‌ଜି ଆପଣାଇବା, ଗ୍ୟାସ୍ ଭିତ୍ତିଭୂମି ଏବଂ ଶିଳ୍ପ ସୁରକ୍ଷା ପାଇଁ ପ୍ରସ୍ତୁତିକୁ ଗୁରୁତ୍ୱ ଦେଇ ଗ୍ୟାସ୍ ବଜାରର ବିକାଶ କ୍ଷେତ୍ରରେ ରହିଥିବା ସୁଯୋଗ ଏବଂ ଆହ୍ୱାନ। ଭୁବନେଶ୍ୱରସ୍ଥିତ ହୋଟେଲ ଭିଭାନ୍ତାଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

ଏଥିରେ ଶିଳ୍ପ କ୍ଷେତ୍ରର ନେତୃବୃନ୍ଦ, ନୀତି ନିର୍ଦ୍ଧାରଣକାରୀ ଏବଂ ଆକାଡେମିକ୍ କ୍ଷେତ୍ରର ବିଶେଷଜ୍ଞମାନେ ଏକାଠି ହୋଇ କ୍ଷେତ୍ରର ବିକାଶ କ୍ଷେତ୍ରରେ ରଣନୀତିକ ପଦକ୍ଷେପ ଉପରେ ଆଲୋଚନା କରିବେ। ୧୧୯ ବର୍ଷ ପୁରୁଣା ସଂଗଠନ ପିଏଚ୍‌ଡିସିସିଆଇ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବାଞ୍ଚଳର ଶିଳ୍ପାୟନରେ ପ୍ରାକୃତିକ ଗ୍ୟାସ୍ର ରଣନୀତିକ ଭୂମିକାଉପରେ ବିଶେଷଜ୍ଞମାନେ ଆଲୋଚନା କରିବେ। ଏଥିରେ ପ୍ରମୁଖ ବକ୍ତାଙ୍କ ମଧ୍ୟରେ ପିଏଚ୍‌ଡିସିସିଆଇର ଉପମହାସଚିବ ସମ୍ପାଦକ ଡ. ଯତୀନ୍ଦର ସିଂହ,ଭାରତୀୟ ଗ୍ୟାସ୍ ଏକ୍ସଚେଞ୍ଜ(ଆଇଜିଏକ୍ସ) ର ଏମ୍‌ଡି ଏବଂ ସିଇଓ ରାଜଶ କେ ମେଡିରାଟା, ଆଇଓସିଏଲ୍‌ର ସିଜିଏମ୍ ମହେଶ ଚନ୍ଦ୍ର ଗୁପ୍ତା ଏବଂ ପିଏଚ୍‌ଡିସିସିଆଇର ବରିଷ୍ଠ ସଚିବ ରୂପେଶ କେ ପାଣ୍ଡେ ପ୍ରମୁଖ ଯୋଗଦେଇ ମତାମତ ରଖିବେ। କର୍ମଶାଳାରେ କ୍ଷେତ୍ରର ବିଶେଷଜ୍ଞମାନଙ୍କୁ ନେଇ ସ୍ୱତନ୍ତ୍ର ଅଧିବେଶନର ମଧ ଆୟୋଜନ କରାଯାଇଥିବା ପିଏଚ୍‌ଡିସିସିଆଇର ବରିଷ୍ଠ ସଚିବ ରୂପେଶ କେ ପାଣ୍ଡେ ସୂଚନା ଦେଇଛନ୍ତି। ଦୈନିକ 'ସକାଳ' ଏହି କାର୍ଯ୍ୟକ୍ରମର ମିଡିଆ ପାର୍ଟନର ରହିଛି।

**ସଂସଦରେ ଅର୍ଥମନ୍ତ୍ରୀଙ୍କ ସୂଚନା**

# ପଳାତକଙ୍କଠାରୁ ଇଡି ଜବତ କରିଛି ୨୨ ହଜାର କୋଟି



### ମାଲ୍ୟାଙ୍କଠାରୁ ହୋଇଛି ୧୪ ହଜାର କୋଟି ଅସୁଲ

ନୂଆଦିଲ୍ଲୀ,୧୮।୧୨(ଏଜେନ୍ସି): ଦେଶର ସାର୍ବଜନୀନ କ୍ଷେତ୍ର ବ୍ୟାଙ୍କଗୁଡିକ (ପିଏସ୍‌ବି)ରେ ବହୁ କୋଟି ଟଙ୍କାର ଠକେଇ କରି ବିଦେଶ ପଳାୟନ କରିଛନ୍ତି ଅନେକ ନାମୀଦାମୀ ବ୍ୟବସାୟୀ। ଏହି ଆର୍ଥିକ ଅପରାଧି ବା ପଳାତକମାନଙ୍କଠାରୁ କେବଳ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ୨୨ ହଜାର କୋଟି ଟଙ୍କା ଜବତ କରିଛି। ଏଥିରେ ବ୍ୟବସାୟୀ ବିଜୟ ମାଲ୍ୟାଙ୍କଠାରୁ ୧୪ ହଜାର କୋଟି ଟଙ୍କା ଅସୁଲ କରାଯାଇଥିବା ଲୋକସଭାରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସୂଚନା ଦେଇଛନ୍ତି।

ବ୍ୟବସାୟୀ ବିଜୟ ମାଲ୍ୟାଙ୍କ ସମ୍ପତ୍ତି ବିକ୍ରି କରି ସେଥିରୁ ୧୪,୧୩୧.୬୦ କୋଟି ଟଙ୍କା, ପଳାତକ ହୀରା ବ୍ୟବସାୟୀ ନିରବ ମୋଦୀଙ୍କଠାରୁ ୧,୦୫୦.୫୮ କୋଟି ଟଙ୍କା ଏବଂ ମେହୁଲ ଚୋକସି ଏବଂ ଅନ୍ୟମାନଙ୍କ ଠାରୁ ୨୫୬୬୫.୯୦ କୋଟି ଟଙ୍କା ଅସୁଲ କରାଯାଇଛି। ଏଥିରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ କିଛି ବଡ ମାମଲାରୁ ମୋଟ ୨୨,୨୮୦ କୋଟି ଟଙ୍କା ଉଦ୍ଧାର କରିଥିବା ଅର୍ଥମନ୍ତ୍ରୀ କହିଛନ୍ତି। କିଙ୍ଗଫିସର ଏୟାରଲାଇନ୍ସ ସହ ଜଡିତ ଆର୍ଥିକ ଅନିୟମିତତା ଅଭିଯୋଗ ମଧ୍ୟରେ ବ୍ୟବସାୟୀ ତଥା ପୂର୍ବତନ ସାଂସଦ ବିଜୟ ମାଲ୍ୟା ୨୦୧୬ରେ ଭାରତ ଛାଡି ବ୍ରିଟେନ ପଳାୟନ କରିଥିଲେ। ୨୦୧୯ ଜାନୁୟାରୀ ୫ରେ ବିଜୟ ମାଲ୍ୟାଙ୍କୁ ପଳାତକ ଘୋଷିତ କରାଯାଇଥିଲା। ବର୍ତ୍ତମାନ ମାଲ୍ୟାଙ୍କ ବିରୋଧରେ ଜାଲିଆତି ଏବଂ ଅର୍ଥ ହେରଫେର ମାମଲା ବିଚାରାଧୀନ ରହିଛି। ଭାରତ ସରକାର ତାଙ୍କୁ ଦେଶକୁ ଫେରାଇ ଆଣିବାକୁ ଚେଷ୍ଟା କରୁଛନ୍ତି। ସେହିପରି ମୁମ୍ବାଇର ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ(ପିଏନ୍‌ବି)ର ବ୍ରାଡି ହାଉସ୍ ଶାଖାରେ ଗୀତାଞ୍ଜଳି ଜେମ୍‌ସର ପୂର୍ବତନ ଅଧ୍ୟକ୍ଷ ମେହୁଲ ଚୋକସି ଏବଂ ନିରବ ମୋଦୀ ୧୪ ହଜାର କୋଟିରୁ ଅଧିକ ଟଙ୍କା ଠକେଇ କରିଥିବା ଅଭିଯୋଗ ହୋଇଛି। ବ୍ୟାଙ୍କ ଅଧିକାରୀଙ୍କ ସହ ୨୦୧୧ ଏବଂ ୨୦୧୮ ମଧ୍ୟରେ ନକଲି ଲେଟର୍ସ ଅଫ୍ ଅଣ୍ଡରଟେକିଂ (ଏଲ୍‌ଓୟୁ) ମାଧ୍ୟମରେ ଏହି ବଡ଼ ଅର୍ଥ ରାଶି ବିଦେଶୀ ଆକାଉଣ୍ଟକୁ ସ୍ଥାନାନ୍ତର କରାଯାଇଥିଲା। ବର୍ତ୍ତମାନ ଉଭୟ ଦେଶ ବାହାରେ ରହିଛନ୍ତି।

ମେହୁଲ ଚୋକ୍ସି ୨୦୧୮ ଜାନୁଆରୀରେ ବିଦେଶ ପଳାୟନ କରିଥିଲେ। ପରେ ଏହା ଜଣାପଡିଥିଲା ଯେ ସେ ନିଜେ ୨୦୧୭ରେ ଆଣ୍ଟିଗୁଆ-ବାରମୁଡାର ନାଗରିକତ୍ୱ ଗ୍ରହଣ କରିଥିଲେ। ଏହି ଘୋଟାଲାର ଅନୁସନ୍ଧାନ କରୁଥିବା ସେଣ୍ଟ୍ରାଲ୍ ବ୍ୟୁରୋ ଅଫ୍ ଇନଭେଷ୍ଟିଗେସନ୍ ବ୍ୟୁରୋ (ସିବିଆଇ) ଏବଂ ଇଡି ପରି ଏଜେନ୍ସିଗୁଡିକ ଚୋକ୍ସିଙ୍କ ପ୍ରତ୍ୟର୍ପଣ ଲାଗି ଚେଷ୍ଟା କରୁଛନ୍ତି। ଅପରପକ୍ଷେ ଅସୁସ୍ଥତା ଦର୍ଶାଇ ମେହୁଲ ଚୋକ୍ସି ଭାରତରେ ହାଜର ହେବାକୁ ମନା କରିଦେଇଛନ୍ତି। ବେଳେବେଳେ ତାଙ୍କୁ କେବଳ ଭିଡିଓ କନଫରେନ୍ସି ମାଧ୍ୟମରେ ହୋଇଥାଏ। ଭାରତରେ ତାଙ୍କର ଅନେକ ସମ୍ପତ୍ତି ମଧ ଜବତ କରାଯାଇଛି।

# ଆଦିବାସୀ କଳା ସଂସ୍କୃତିକୁ ପ୍ରୋତ୍ସାହନ ଦେବ ବେଦାନ୍ତ




**ପରବ ୨୦୨୪**

ଭୁବନେଶ୍ୱର, ୧୮।୧୨(ସମିସ): ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲ୍ଲାର ସମୃଦ୍ଧ ସାଂସ୍କୃତିକ ପର୍ବ 'ପରବ-୨୦୨୪'କୁ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଗର୍ବର ସହ ସମର୍ଥନ କରିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ମେଳାକୁ ଉଦଘାଟନ କରିଥିବାବେଳେ ଆଦିବାସୀ କଳା, ସଂସ୍କୃତି, ସଙ୍ଗୀତ ଓ ନୃତ୍ୟ ପ୍ରଦର୍ଶନ କରି ଏହି ଭବ୍ୟ କାର୍ଯ୍ୟକ୍ରମ ହଜାର ହଜାର ଦର୍ଶକଙ୍କୁ ଆକର୍ଷିତ କରିଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ କେବଳ ଓଡ଼ିଶାର ସମୃଦ୍ଧ ସଂସ୍କୃତି ଉପରେ ଆଲୋକପାତ କରିନଥିଲେ, ବରଂ ଆଦିବାସୀ କଳାକୃତି, ପରମ୍ପରା ଓ ଐତିହ୍ୟ ସମ୍ପର୍କରେ ପର୍ଯ୍ୟଟକଙ୍କୁ ଅବଗତ କରାଇବା ପାଇଁ ପ୍ରଦର୍ଶନୀ ଷ୍ଟଲ୍ ଉନ୍ମୋଚନ କରିଥିଲେ। କଳାହାଣ୍ଡି ଲାଞ୍ଜିଗଡ଼ର ପ୍ରତିଭାବାନ ଆଦିବାସୀ କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ସଉରା କଳା ଓ ଡୋକ୍ରା ଉତ୍ପାଦ ସମେତ ଆଦିବାସୀ କଳାକୁ ନେଇ ବେଦାନ୍ତ ପକ୍ଷରୁ ଏକ ଷ୍ଟଲ୍ ଖୋଲାଯାଇଥିଲା। ସ୍ଥାନୀୟ କାରିଗରଙ୍କୁ ସଶକ୍ତ କରିବା ଏବଂ ପାରମ୍ପରିକ ହସ୍ତଶିଳ୍ପର ସଂରକ୍ଷଣ ଉଦ୍ଦେଶ୍ୟରେ କମ୍ପାନୀର ଗୋଷ୍ଠୀ ବିକାଶ ପଦକ୍ଷେପ ମାଧ୍ୟମରେ ବିଲୁପ୍ତ ହେବାକୁ ବସିଥିବା ଏହି କଳାଗୁଡ଼ିକୁ ପୁନରୁଦ୍ଧାର କରାଯାଇଥିଲା । ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି ଯେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ। ପରବ ଭଳି ଉତ୍ସବକୁ ସମର୍ଥନ କରିବା କେବଳ ପାରମ୍ପରିକ କଳାକୁ ପ୍ରୋତ୍ସାହିତ କରେ ନାହିଁ, ବରଂ ସାମୂହିକ ସମ୍ପର୍କକୁ ସୁଦୃଢ଼ କରିଥାଏ ଏବଂ ଆମର ବିବିଧ ସାଂସ୍କୃତିକ ପରମ୍ପରା ପ୍ରତି ଗର୍ବ ବଢ଼ାଇଥାଏ।

ଛାୟାଗୀତି


ସୂର୍ଯ୍ୟ ଦେଓ

# 'ସ୍ତ୍ରୀ'ର ଗୀତ



୧୯୬୯ ମସିହାରେ ଦୁଇଟି ଓଡ଼ିଆ ଚଳଚ୍ଚିତ୍ର ପରଦାକୁ ଆସେ। ଉଭୟ ଚଳଚ୍ଚିତ୍ରର ସଂଗୀତ ନିର୍ଦ୍ଦେଶକ ଶ୍ରୀକୁମାର ଅର୍ଥାତ୍ ଭୁବନେଶ୍ୱର ମିଶ୍ର। 'ସ୍ତ୍ରୀ' ପାଇଁ ଦେବଦାସ ଛୋଟରାୟ, ସାରଦା ପ୍ରସନ୍ନ ନାୟକ, ନରସିଂହ ମହାପାତ୍ର, ଅକ୍ଷୟ ମହାନ୍ତିଙ୍କ ରଚନାରେ କଣ୍ଠଦାନ କରନ୍ତି ଅକ୍ଷୟ, ନିର୍ମଳା, ସଂଧ୍ୟା ମୁଖାର୍ଜୀ ଓ ପ୍ରଣବ କିଶୋର ପଟ୍ଟନାୟକ। ଏଥିରେ ଗୀତିକାର ସ୍ୱରୂପ ନନ୍ଦନ ନାୟକ ଲେଖନ୍ତି ନିଜ ଜୀବନର ପ୍ରଥମ ସିନେମା ଗୀତ 'କଳି ଯୁଗ କୃଷ୍ଣ ମୁହିଁ ତୁ ମୋ ହିରୋଇନ୍'। ପ୍ରଥମଥର ପାଇଁ ଓଡ଼ିଆ ସିନେମାରେ ସଂଯୋଜିତ ହୁଏ ଟୁଇଷ୍ଟ ନାଚ ପାଇଁ ଗୀତ : 'ଝୁମି ଝୁମି ଆସେ ଆଖି'। ଏହି ଗୀତକୁ ଲେଖନ୍ତି ଅକ୍ଷୟ ମହାନ୍ତି। ନିର୍ମଳା ମିଶ୍ରଙ୍କ ସହ ଏହି ଗୀତକୁ ନିଜେ ଗାଆନ୍ତି ବି। 'ସ୍ତ୍ରୀ'ର 'ଗଙ୍ଗା ଯେ ଦେଶେ ବହେ', 'ଯଉବନ ଫୁଲ ଝରିଯାଏ ଅଧୀରେ', 'ବିତିଯାଏରେ ଦିନ', 'ମୋ ଆଖିର କେତେ କଥା', 'ତୁମେ ଯଦି ସାଥୀ ମୋର', 'ସଞ୍ଜ ସକାଳେ ତୁମ ଛବି ଖୋଜେ' ଗୀତସବୁ ବେଶ୍ ଲୋକପ୍ରିୟ ବି ହୁଏ। ଏଥର ଗୀତିଛାୟାରେ ସ୍ଥାନିତ ହୋଇଛି 'ସ୍ତ୍ରୀ' ପାଇଁ ସ୍ୱରୂପ ନାୟକ ଲେଖିଥିବା ଗୀତ ପଛର ଗଳ୍ପ। ଯାହାକୁ ଏକଦା ସେ କହିଥିଲେ 'କଳିଯୁଗ କୃଷ୍ଣ ମୁହିଁ'।

ସ୍ୱରୂପ ନନ୍ଦନ ନାୟକ ଯାହା କହିଥିଲେ:-

"ଚିତ୍ରପୁରୀ ନାଇଟ୍ ପ୍ରୋଗ୍ରାମ କରିବାକୁ ବ୍ରହ୍ମପୁର ଯାଇଥିଲି। ମୋ' ବଡ଼ଭାଇ ସାରଦା ପ୍ରସନ୍ନ ନାୟକ ବି ଯାଇଥିଲେ। ଗାଡ଼ିରେ ଗଲାବେଳେ ମୁଁ ବଡ଼ ପାଟିରେ ଗାଇଲି 'ଧିନା ଧିନ୍ ତାକ୍ ଧିନା ଧିନ୍, ମୁଁ ତୋ ହିରୋ, ତୁ ମୋ ହିରୋଇନ୍'। ସାଙ୍ଗରେ ମୋ ଭଉଣୀ ପାର୍ବତୀ ଘୋଷ, ଭେଣେଇ ଗୌର ଘୋଷ ଥାଆନ୍ତି। ସାର ଭାଇ ଏ ଗୀତ ଶୁଣି ଗୌରଦା'ଙ୍କୁ କହିଲେ 'ଏ ଗୀତକୁ 'ସ୍ତ୍ରୀ'ରେ ଭର୍ତ୍ତି କରିବା?' ଭୁବନେଶ୍ୱର ସାର୍ 'ସ୍ତ୍ରୀ'ର ମ୍ୟୁଜିକ୍ ଦେଉଥାନ୍ତି। ମୁଁ ପିଲାବେଳେ ଗୋଟିଏ ଢଗ ଶୁଣିଥିଲି ' କିଏ ସେ ଯିବ ହୋ ରଜାଘର ଖାନା'। ସେଥିରୁ ଅନୁପ୍ରାଣିତ ହୋଇ ଏ ଗୀତ ମୁଁ ଲେଖିଲି। ଓଡ଼ିଶାର ବିଭିନ୍ନ ଅଞ୍ଚଳର ଖାଦ୍ୟରୁଚିକୁ ଗୀତରେ ଭର୍ତ୍ତି କଲି। 'କଳିଯୁଗ କୃଷ୍ଣ ମୁହିଁ ତୁ ମୋ ହିରୋଇନ୍' ଏହି ଗୀତ ମୁଁ ଲେଖିଲି ତ ଲେଖିଲି, ସିନେମାରେ ଏହି ଗୀତରେ ଅଭିନୟ ବି କଲି। ଗାଇଥିଲେ ଅକ୍ଷୟ ମହାନ୍ତି। ଗୀତ ଦୃଶ୍ୟରେ ମୋ ସହ ଥିଲେ କୁଳଦୀପ୍ କୌର, ମାନେ ସୁଜାତା। ରିହର୍ସଲ୍ ବେଳେ ତାଙ୍କ ହାତ ଧରିବାକୁ ମୋତେ ସଂକୋଚ ଲାଗୁଥାଏ। ପାର୍ବତୀ ଘୋଷ କହିଲେ 'ଯଦି ବାବୁ (ମୋର ଡାକ ନାମ) କୁଳଦୀପ୍‌ର ହାତ ଧରି ନ ପାରୁଛି, ତେବେ ଶ୍ୟାମଳେନ୍ଦୁକୁ ଏହି ରୋଲ୍ ଦେବା'। ଶ୍ୟାମଳେନ୍ଦୁ ନାଚ ଶିଖାଉଥାଏ, କହିଲା 'ତୁ କି କଟ୍‌କୀ ବେ! ତୁ ଯଦି ଧରି ପାରୁନୁ ତେବେ କହ ମୁଁ ଧରିନେବି'। ତେବେ ମୋତେ ସାହସ ଦେଲେ କୁଳଦୀପ୍, କହିଲେ 'ତମେ କାହିଁ ବ୍ୟସ୍ତ ହେଉଛ? ହାତ ଧରୁନ'। ମୁଁ ସାହସ ପାଇଗଲି ଆଉ ସୁଟିଂ ବେଳେ ଏତେ ଜୋର୍ କରି ଧରିଥିଲି ଯେ ତାଙ୍କ ହାତ ମକଚି ଯାଇଥିଲା।" ■





# ନାଗା-ଶୋଭିତାଙ୍କ ତେଲୁଗୁ କଥା

ନିକଟରେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି ଅଭିନେତା ନାଗା ଚୈତନ୍ୟ ଏବଂ ଅଭିନେତ୍ରୀ ଶୋଭିତା ଧୂଳିପାଲା। ପାରମ୍ପରିକ ରୀତିନୀତିରେ ବିବାହ କରିଥିବା ଏହି ଦୁଇ ତାରକାଙ୍କ ବିବାହ ଫଟୋ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେଉଛି। ଏହାରି ଭିତରେ ନାଗା ତାଙ୍କ ବୈବାହିକ ଜୀବନକୁ ନେଇ କିଛି କହିଛନ୍ତି। ନାଗା ପତ୍ନୀ ଶୋଭିତାଙ୍କୁ ନିଜ ସହ କେବଳ ତେଲୁଗୁରେ କଥା ହେବାକୁ କହିଛନ୍ତି। ଅବଶ୍ୟ ଏହା ପଛର କାରଣ ସମ୍ପର୍କରେ ବି ନାଗା କହିଛନ୍ତି। ନାଗାଙ୍କର ସବୁବେଳେ ତେଲୁଗୁ ଭାଷା ପ୍ରତି ଦୁର୍ବଳତା ରହି ଆସିଛି। ଯଦିଓ ସେ ଅନ୍ୟ ଭାଷାଭାଷୀ ଲୋକଙ୍କ ସହ ମିଶିଥାନ୍ତି, କିନ୍ତୁ ତେଲୁଗୁ ଭାଷା ପ୍ରତି ସେ ଅଧିକ ଆକର୍ଷିତ ହୋଇଥାନ୍ତି। ସେହିପରି ଶୋଭିତାଙ୍କ ସହ ତେଲୁଗୁରେ କଥା ହେବା ଦ୍ୱାରା ତାଙ୍କ ଭାଷା ଜ୍ଞାନରେ ଅଧିକ ସୁଧାର ଆସିବ ବୋଲି ନାଗା କହନ୍ତି। ■

# ଜାନୁଆରୀ ୧୨ରେ 'ରଙ୍ଗଶୁର'

ମୁନ୍ ଟିଭି ଏବଂ ପ୍ରକାଶ ଫିଲ୍ମସ୍‌ର ମିଳିତ ପ୍ରଯୋଜନାରେ ନିର୍ମିତ ହୋଇଥିବା ନୂଆ ଓଡ଼ିଆ ଫିଲ୍ମ "ରଙ୍ଗଶୁର"ର ଟ୍ରେଲର ରିଲିଜ୍ ହୋଇଛି। ଟ୍ରେଲରଟି ଆଇ.ଏଫ୍.ଏଫ୍. ଆଇରେ ସ୍କ୍ରିନ୍ ହୋଇ ଅନ୍ତର୍ଜାତୀୟ ସ୍ତରରେ ଅନେକ ପ୍ରଶଂସା ସାଉଁଟିଛି। ଏହାକୁ ଦର୍ଶକେ ବେଶ୍ ପସନ୍ଦ କରିଛନ୍ତି। ତେବେ ଆସନ୍ତା ଜାନୁଆରୀ ୧୨ ତାରିଖରେ ନୂଆ ବର୍ଷ ଉପଲକ୍ଷେ ସାରା ଓଡ଼ିଶା ଦେଖିବ 'ରଙ୍ଗଶୁର।' ଏହି ସିନେମାର ପ୍ରଯୋଜନା ସଚୀକାନ୍ତ ଜେନା କରିଥିବା ବେଳେ ଏହାର ସହ ପ୍ରଯୋଜନାରେ ପ୍ରଶାନ୍ତ ବେହେରା, ପ୍ରତାପ ରାଉତ ଓ ସୁନୀଲ ଯାଦବ ଅଛନ୍ତି। କାହାଣୀ, ଚିତ୍ରୋତ୍ତଳନ ଏବଂ ନିର୍ଦ୍ଦେଶନାରେ ଅଛନ୍ତି ଅଭିଜ୍ଞ ଟେକ୍ନିସିଆନ ପ୍ରତାପ ରାଉତ। ସିନେମାର କାହାଣୀ ହିମାଂଶୁ ଲେଖିଥିବା ବେଳେ ସଂଳାପ ରଚନା କରିଛନ୍ତି ଡକ୍ଟର ରଜନୀ ରଞ୍ଜନ। ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଗୌରବ ଆନନ୍ଦ ଏବଂ ବାନି। 'ରଙ୍ଗଶୁର' ଓଡ଼ିଆ ପରମ୍ପରାର ଏକ ପ୍ରାଚୀନ ଲୋକକଳା ନୃତ୍ୟ ବାଘନାଚ। ବିଲୁପ୍ତ ପ୍ରାୟ ବାଘନାଚ ଉପରେ ଆଧାରିତ ଏହି କଥାଚିତ୍ରର କାହାଣୀ। ବାପା ଏବଂ ଝିଅ ଏହାର ମୁଖ୍ୟ ଚରିତ୍ରରେ ଅଭିନୟ କରିଛନ୍ତି। ଦୁହେଁ ବାଘନାଚ କଳାକୁ କେମିତି ପୁନରୁଦ୍ଧାର କରିପାରିବେ, ତାହା ଚଳଚ୍ଚିତ୍ର 'ରଙ୍ଗଶୁର'ରେ ରହିଛି। ସିନେମାର ବିଭିନ୍ନ ଚରିତ୍ରରେ ଅଭିନୟ କରିଛନ୍ତି ଚୌଧୁରୀ ବିକାଶ ଦାସ, ଚୌଧୁରୀ ଜୟପ୍ରକାଶ ଦାସ, ସମରେଶ ରାଉତରାୟ, ଜ୍ୟୋତି, ଶୁଭାଶିଷ, ଦୀପନ୍ୱିତ, ସୂର୍ଯ୍ୟମୟୀ ଏବଂ ଶୁଭଶ୍ରୀ ପ୍ରମୁଖ। ■






# 'ପୁଷ୍ପା-୨' ୧୫୦୦ କୋଟି ଆୟ

ସାଉଥ୍ ସୁପରଷ୍ଟାର୍ ଅଲ୍ଲୁ ଅର୍ଜୁନ ଏବଂ ରଶ୍ମିକା ମନ୍ଦାନାଙ୍କ ଅଭିନୀତ 'ପୁଷ୍ପା-୨: ଦି ରୁଲ୍' ଏବେ ବକ୍ସ ଅଫିସ୍‌ରେ ଧୁମ୍ ମଚାଉଛି। ଆୟ ମାମଲାରେ ସିନେମାଟି ଖୁବ୍ ଉଚ୍ଚରେ ରହିଛି। ସାରା ବିଶ୍ୱରେ ଚହଳ ସୃଷ୍ଟି କରିଥିବା ଏହି ଫିଲ୍ମଟି ଗତ ୫ ତାରିଖରେ ରିଲିଜ୍ ହୋଇଥିଲା। ପ୍ରଥମ ଦିନରେ ହିଁ ଏହା ୧୬୪ କୋଟିର ବ୍ୟବସାୟ କରିଥିଲା। ପରବର୍ତ୍ତୀ ୬ ଦିନ ଭିତରେ ବିଶ୍ୱବ୍ୟାପୀ ଏହା ୯୫୦ କୋଟି ରୋଜଗାର କରିଛି। ତେବେ ଏହି ସିନେମା ଏବେ ୧୧ ଦିନରେ ୧୪୦୦ କୋଟି ଟଙ୍କା ଆୟ କରିଛି। ସେହିପରି ସିନେମାଟି 'ଆର୍‌ଆର୍‌ଆର୍' ଏବଂ 'କେଜିଏଫ୍-ଚାପ୍ଟର୨'କୁ ଆୟ ବାବଦରେ ପଛରେ ପକାଇଛି। ମାତ୍ର ୧୨ ଦିନରେ ଏହି ସିନେମାଟି ଏଭଳି ସଫଳତା ହାତେଇଛି। କିନ୍ତୁ ଏହାରି ଭିତରେ ଏହି ଫିଲ୍ମ 'ବାହୁବଳୀ ୨- ଦ କନକ୍ଲୁଜନ' ଏବଂ 'ଦଙ୍ଗଲ' ସିନେମାକୁ ପଛରେ ପକାଇବାରେ ସଫଳ ସାବ୍ୟସ୍ତ ହୋଇପାରି ନାହିଁ। ଏମିତି କୁହାଯାଉଛି ଯେ, ଆଗାମୀ ସପ୍ତାହରେ ସିନେମାଟି 'ବାହୁବଳୀ -୨'କୁ ପଛରେ ପକାଇ ସବୁଠୁ ଅଧିକ ଆୟ କରିଥିବା ଭାରତୀୟ ଫିଲ୍ମର ମାନ୍ୟତା ପାଇବ।

ସୁକୁମାରଙ୍କ ନିର୍ଦ୍ଦେଶିତ 'ପୁଷ୍ପା-୨'ରେ ଅଲ୍ଲୁ ଅର୍ଜୁନ, ରଶ୍ମିକା ମନ୍ଦାନା, ଫହାଦ ଫାସିଲ, ସୁନୀଲ, ଅଜୟ, ରାଓ ରମେଶ, ଅନସୂୟା ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି। ଏହି ଫିଲ୍ମର ଆଇଟମ୍ ସଙ୍ଗ୍ 'କିସିକ୍'ରେ ଅଭିନେତ୍ରୀ ଶ୍ରୀଲୀଳା ଏବଂ ଅଲ୍ଲୁ ଅର୍ଜୁନଙ୍କ ଏକ ଚମତ୍କାର ଡ୍ୟାନ୍ସ ଦର୍ଶକଙ୍କ ହୃଦୟକୁ ଛୁଇଁ ପାରିଛି। ତେବେ ୨୦୨୧ରେ ମୁକ୍ତିଲାଭ କରିଥିବା ଫିଲ୍ମ 'ପୁଷ୍ପା: ଦ ରାଇଜ୍' ପ୍ରେକ୍ଷାଳୟରେ ଏକ ବ୍ଲକ୍‌ବଷ୍ଟର୍ ଫିଲ୍ମ ବୋଲି ପ୍ରମାଣିତ ହୋଇଥିଲା। ଏବେ 'ପୁଷ୍ପା-୨: ଦ ରୁଲ୍' ରେକର୍ଡ ଭାଙ୍ଗିବାକୁ ସଫଳତାର ସହ ଆଗେଇ ଚାଲିଛି। ■



# 'ତୁ ଖରା ମୁଁ ଛାଇ'ରେ ଭାଗ୍ୟର ଅଜବ ସଂଯୋଗ


ଏବେ ଦ୍ୱିତୀୟ ସୋପାନରେ ପହଞ୍ଚିବାକୁ ଯାଉଛି 'ଜୀ ସାର୍ଥକ'ର ଧାରାବାହିକ 'ତୁ ଖରା ମୁଁ ଛାଇ'। ଏଥିରେ ଏଜେ ଏବଂ ମାନିନୀ ଚରିତ୍ରକୁ ଦର୍ଶକଙ୍କ ଖୁବ୍ ଭଲପାଇବା ମିଳିଛି। କିଛି ବର୍ଷ ପରେ ଏଜେ ଏବଂ ମାନିନୀଙ୍କର ପୁନର୍ଜନ୍ମ ହେଉଛି। ଭିନ୍ନ ଏକ ଜାଗାରେ ଦୁଇଜଣ ଜନ୍ମ ହୋଇଛନ୍ତି। ଏଜେଙ୍କର ନାଁ ରହିଛି ଅଭି ଏବଂ ସେତେବେଳର ମାନିନୀର ନାଁ ହୋଇଛି ମାନୀ। ଏଜେ ଏବଂ ମାନିନୀ ପିଲାଦିନରୁ ସ୍ୱପ୍ନ ଦେଖୁଛନ୍ତି ଯେଉଁ ଜାଗାରେ ନିଆଁ ଲାଗିଛି, ଦୁଇଜଣ ଲୋକ ସେଠି ପଡ଼ି ରହିଛନ୍ତି। ସେଇ ସ୍ୱପ୍ନ ଭିତରେ ସେ ପରସ୍ପରର ରାଜକୁମାର ଏବଂ ରାଜକୁମାରୀଙ୍କୁ ଦେଖିଥାନ୍ତି, କିନ୍ତୁ ସେମିତି ହୋଇ ନ ଥାଏ। ହେଲେ ପରିସ୍ଥିତି ଏମିତି ହୁଏ, ମାନୀ ରହୁଥିବା ସହରରେ ଅଭି ପହଞ୍ଚେ। ମାନୀ ଏକ ଥିଏଟର ଗ୍ରୁପ୍‌ରେ ଅଭିନୟ କରେ। ସେଇଠି ମାନୀ ସହିତ ତା'ର ପ୍ରଥମ ଭେଟ ହୁଏ। ଦୁହେଁ ପରସ୍ପର ପ୍ରତି ଆକର୍ଷିତ ହୁଅନ୍ତି। ହେଲେ ଯେତେବେଳେ ଦୁହିଁଙ୍କର ଭେଟ ହୁଏ, ତାଙ୍କ ଭିତରେ ଝଗଡ଼ା ହୁଏ। ଯେମିତି ପୂର୍ବରୁ ଝଗଡ଼ା ହେଉଥିଲା। ପରବର୍ତ୍ତୀ ସମୟରେ ତାଙ୍କ ସମ୍ପର୍କ ପ୍ରେମର ରୂପ ନିଏ। କିଛିଦିନ ପରେ ମାନୀ ଏବଂ ଅଭି ଏକ ସ୍ଥାନରେ ଜଣେ ସାଧୁଙ୍କ ସହିତ ଭେଟ ହୁଅନ୍ତି ଏବଂ ସେଇ ସାଧୁ ଜଣଙ୍କ ତାଙ୍କୁ କୁହନ୍ତି ଯେ, ତୁମେ ଦୁହେଁ ପିଲାଟି ଦିନରୁ ଦୁହିଁଙ୍କୁ ହିଁ ଖୋଜୁଛ। ତମେ ଦୁହେଁ ପୂର୍ବ ଜନ୍ମର ସାଥୀ। ଦୁହେଁ ଦୁହିଁଙ୍କର ପୂର୍ବ ଜନ୍ମର ସାଥୀ ଜାଣିବା ପରେ କ'ଣ ହେବ ତାଙ୍କର ଆଗାମୀ ପ୍ରତିକ୍ରିୟା। ଏସବୁ ଘଟଣା 'ତୁ ଖରା ମୁଁ ଛାଇ'ର ନୂଆ କାହାଣୀର ଦ୍ୱିତୀୟ ସୋପାନରେ ଘଟିବାକୁ ଯାଉଛି। ପ୍ରତ୍ୟେକ ସୋମବାରରୁ ଶନିବାର ରାତି ୮ଟା ୩୦ରେ ଏହି ଧାରାବାହିକ ଦେଖିବାକୁ ମିଳିବ। ■



ପରଦା ପଛର କାହାଣୀ

# ୧୫ ମିନିଟ୍ ପାଇଁ ଚାଲିଥିଲା ଫିଲ୍ମ

ଗୋଟିଏ ସୁପରହିଟ୍ ଫିଲ୍ମ ପ୍ରେକ୍ଷାଳୟରେ ମାସ ମାସ ଧରି ଚାଲୁଥିବାର ନଜିର ରହିଛି। ଯାହା ଲୋକପ୍ରିୟତା ସାଉଁଟିବା ସହ ଭଲ ରୋଜଗାର ଦେଇଥାଏ। ତେବେ ଏପରି ଏକ ଫିଲ୍ମ ରହିଛି, ଯାହାକୁ ମାତ୍ର ୧୫ ମିନିଟ୍ ପରେ ପ୍ରେକ୍ଷାଳୟରୁ କାଢ଼ି ଦିଆଯାଇଥିଲା। ଏହି ଫିଲ୍ମଟି ଥିଲା ୧୯୮୨ ମସିହାରେ ମୁକ୍ତିଲାଭ କରିଥିବା 'ଜଖ୍‌ମୀ ଇନ୍‌ସାନ୍'। ଏଥିରେ ପ୍ରଥମ ଥର ପାଇଁ ଶକ୍ତି କପୁର ନାୟକ ଭୂମିକାରେ ଅଭିନୟ କରିଥିଲେ। ଅନ୍ୟ ଭୂମିକାରେ ଜାଭେଦ ଖାନ୍, ରିତୁ ଭାଦୁଡ଼ି ଏବଂ ଅରୁଣା ଇରାନୀ ପ୍ରମୁଖ ଅଭିନୟ କରିଥିଲେ। ଫିଲ୍ମର ନିର୍ଦ୍ଦେଶନା ଦେଇଥିଲେ ଦୀପକ ବଲରାଜ ବୀଜ୍। ନିକଟରେ ଶକ୍ତି କପୁର 'ଦି ଗ୍ରେଟ୍ ଇଣ୍ଡିଆନ କପିଲ୍ ଶର୍ମା ଶୋ'ରେ ଯୋଗ ଦେଇ, ୪୪ ବର୍ଷ ତଳେ ମୁକ୍ତିଲାଭ କରିଥିବା ଫିଲ୍ମ 'ଜଖ୍‌ମୀ ଇନ୍‌ସାନ୍'ର କିଛି କଥା ଖୁଲାସା କରିଛନ୍ତି। ହିରୋ ହେବା ନିଶାରେ ତାଙ୍କୁ ଯେଉଁ ପରିସ୍ଥିତିର ସାମ୍ନା କରିବାକୁ ପଡ଼ିଥିଲା, ତାହାସେ ବଖାଣି ଥିଲେ। ତାଙ୍କ କହିବାନୁଯାୟୀ, ଏହି ଫିଲ୍ମଟି ପରଦାରେ ମୁକ୍ତିଲାଭ କରିବାର ୧୫ ମିନିଟ୍ ପରେ କାଢ଼ି ଦିଆଯାଇଥିଲା। କାରଣ ଫିଲ୍ମଟି ସବୁଠୁ ଫ୍ଲପ୍ ଫିଲ୍ମ ଭାବେ ରେକର୍ଡ କରିଥିଲା। ଯାହାକୁ ଦର୍ଶକେ ନାପସନ୍ଦ କରିଥିଲେ। ଫଳରେ ଫିଲ୍ମ ନିର୍ମାତାଙ୍କୁ ଏଥିପାଇଁ ବହୁ କ୍ଷତି ସହିବାକୁ ପଡ଼ିଥିଲା। ଏହି ଘଟଣାକୁ ନେଇ ପରବର୍ତ୍ତୀ ସମୟରେ ଶକ୍ତି କପୁରଙ୍କୁ ମଧ୍ୟ ଅଭିନୟ ପାଇଁ ଅନେକ ଲୋକଙ୍କୁ ହାତ ଯୋଡ଼ିବାକୁ ପଡ଼ିଥିଲା। ଶକ୍ତି କପୁରଙ୍କ କହିବାନୁଯାୟୀ, ଫିଲ୍ମ ରିଲିଜ୍ ହେବା ପୂର୍ବରୁ ଖଳନାୟକ ଭୂମିକାରେ ଅଭିନୟ କରିବା ପାଇଁ ତାଙ୍କୁ ଅଫର୍ ଆସିଥିଲା, କିନ୍ତୁ ସେ ମନା କରି ଦେଇଥିଲେ। ସେ ହିରୋ ହୋଇଗଲେଣି ବୋଲି କହିଥିଲେ। କିନ୍ତୁ ଫିଲ୍ମ ରିଲିଜ୍ ପରେ ଫ୍ଲପ୍ ହେବାରୁ ତାଙ୍କୁ ପୁଣି ଥରେ ଖଳନାୟକ ଭୂମିକାରେ ନେବା ପାଇଁ ନିର୍ଦ୍ଦେଶକଙ୍କୁ ନେହୁରା ହୋଇଥିଲେ। ଶକ୍ତି କପୁର ବଲିଉଡ୍ ଜଗତରେ ଦୀର୍ଘ ଚାରି ଦଶନ୍ଧି ଧରି ଖଳନାୟକ ଭୂମିକାରେ ଦର୍ଶକଙ୍କ ମନୋରଞ୍ଜନ କରିଆସୁଛନ୍ତି। ■



# ଦିଲ୍ଲୀରୁ ବ୍ରିସ୍‌ବେନ୍ ୧୪ ବର୍ଷ ରାଜତ୍ୱର ଅବସାନ

ବ୍ରିସ୍‌ବେନ୍, ୧୮।୧୨(ଏଜେନ୍ସି): ଭାରତର ଅନ୍ୟତମ କିମ୍ବଦନ୍ତୀ ଖେଳାଳି ରବିଚନ୍ଦ୍ରନ ଅଶ୍ୱିନ ସମସ୍ତ ପ୍ରକାର ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବାକୁ ଆଜି ବା ଡିସେମ୍ବର ୧୮ ତାରିଖ ବୁଧବାର ଘୋଷଣା କରିଛନ୍ତି। ଏହି ଅବସର ନିଷ୍ପତ୍ତି ତତ୍‌କ୍ଷଣାତ ଲାଗୁ ହେବ ଓ ସେ ଆସନ୍ତାକାଲି ଅଷ୍ଟ୍ରେଲିଆ ଗସ୍ତରୁ ସ୍ୱଦେଶ ଫେରିଆସିବେ। ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଏଠାରେ ଚାଲିଥିବା ତୃତୀୟ ଟେଷ୍ଟ ମ୍ୟାଚ୍ ଶେଷ ହେବାରୁ କିଛି କ୍ଷଣ ମଧ୍ୟରେ ଅଶ୍ୱିନ ଏହି ଘୋଷଣା କରିଥିଲେ। ଅବସର ଘୋଷଣା କଲାବେଳକୁ ଏହି ୩୮ ବର୍ଷୀୟ ସ୍ପିନର ଅନ୍ତର୍ଜାତୀୟ କ୍ରିକେଟ କାଉନ୍ସିଲ ର୍‍ୟାଙ୍କିଙ୍ଗ୍‌ରେ ବୋଲିଂ ବିଭାଗରେ ୫ମ ଓ ଅଲରାଉଣ୍ଡର ତାଲିକାରେ ତୃତୀୟ ସ୍ଥାନରେ ରହିଥିଲେ।

ଦୀର୍ଘ ୧୪ ବର୍ଷଧରି ଅନ୍ତର୍ଜାତୀୟ କ୍ରିକେଟ ଖେଳି ସେ ରେକର୍ଡ ସହ ଅବ୍ୟାହତି ନେଇଛନ୍ତି। ଟେଷ୍ଟ କ୍ରିକେଟରେ ସେ ୧୦୬ଟି ମ୍ୟାଚ୍ ଖେଳି ୫୩୭ଟି ୱିକେଟ ନେଇଛନ୍ତି। ଏହା ମଧ୍ୟରେ ସେ ଗୋଟିଏ ଇନିଂସରେ ୫ କିମ୍ବା ତା'ଠାରୁ ଅଧିକ ୱିକେଟ ୩୭ଥର ଗୋଟିଏ ଟେଷ୍ଟରେ ୧୦ ୱିକେଟ ୮ଥର ହାସଲ କରିଛନ୍ତି। ସେହିପରି ଜଣେ ନିର୍ଭରଯୋଗ୍ୟ ଟେଲଏଣ୍ଡର ବ୍ୟାଟର ଭାବେ ସେ ୬ଟି ଶତକ ଓ ୧୪ଟି ଅର୍ଦ୍ଧଶତକ ସହ ୩, ୫୦୩ ରନ୍ କରିଛନ୍ତି। ସେ ଗୋଟିଏ ଟେଷ୍ଟରେ ୪ଥର ଶତକ ହାସଲ କରିବା ସହ



ଗୋଟିଏ ଇନିଂସରେ ୫ ୱିକେଟ ନେବାର ସଫଳା ପାଇଛନ୍ତି।

ଟେଷ୍ଟ ମ୍ୟାଚ୍ ପରେ ଅଧିନାୟକ ରୋହିତ ଶର୍ମାଙ୍କ ସହ ସେ ଅବସର ନେବା ନିଷ୍ପତ୍ତି ସମ୍ପର୍କରେ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଥିଲେ। ଏହି ଅବସରରେ ସେ କହିଲେ, ମୋ ନିକଟରେ ଆଉ କିଛି କ୍ରିକେଟ ବାକି ରହିଛି। ମୁଁ ତାହାକୁ କ୍ଲବ୍ କିମ୍ବା ସହର ଲାଗି ବିନିଯୋଗ କରିବି। କିନ୍ତୁ ଆଜି ମୋ ଲାଗି ଭାରତ ପକ୍ଷରୁ କ୍ରିକେଟର ଭାବେ ଶେଷ ଦିନ। ମୋର ଦଳୀୟ ଖେଳାଳିଙ୍କ ସହ ଅନେକ ସ୍ମୃତି ରହିଛି। ଏହା ମଧ୍ୟରେ ଅନେକ ଖେଳାଳି ମୋତେ ଛାଡ଼ି ଚାଲିଯାଇଥିଲେ ମଧ୍ୟ ରୋହିତ, ବିରାଟ, ଆଜିଙ୍କ୍ୟା, ପୂଜାରା (ଚେତେଶ୍ୱର) ମୋ ବୋଲିଂରେ ଯେପରି କ୍ୟାଚ୍ ନେଇଛନ୍ତି ତାହା ଭୁଲିପାରିବି ନାହିଁ। ସେମାନଙ୍କ ପ୍ରଚେଷ୍ଟା ଯୋଗୁଁ ମୁଁ ଜଣେ ସଫଳ ବୋଲର ହୋଇପାରିଛି। ଏମାନଙ୍କୁ ମୁଁ ହୃଦୟରୁ ଧନ୍ୟବାଦ ଜଣାଉଛି। ଅଷ୍ଟ୍ରେଲିଆ କ୍ରିକେଟ ଦଳକୁ ମଧ୍ୟ ମୁଁ ଧନ୍ୟବାଦ ଜଣାଉଛି। ଏଭଳି ଏକ ପ୍ରତିଦ୍ୱନ୍ଦ୍ୱୀ ଦଳ ବିପକ୍ଷରେ ଖେଳି ମୁଁ ମୋ କ୍ରିକେଟକୁ ଉଚ୍ଚରୁ ଉଚ୍ଚତର ସୋପାନକୁ ନେବାରେ ସମର୍ଥ ହୋଇଛି।

୨୦୧୧ରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଅନ୍ତର୍ଜାତୀୟ କ୍ରିକେଟ ଜୀବନ ଆରମ୍ଭ କରିଥିବା ଏହି ତାରକା ଖେଳାଳି ୧୧ଥର ଟେଷ୍ଟରେ ମ୍ୟାନ୍ ଅଫ୍ ଦି ସିରିଜ୍ ବିବେଚିତ ହୋଇଛନ୍ତି। ସେ ମଧ୍ୟ ତୃତୀୟ ଟେଷ୍ଟ ଅଲରାଉଣ୍ଡର ଭାବେ ଟେଷ୍ଟରେ ୩, ୦୦୦ ରନ୍ ଓ ୫୦୦ ୱିକେଟ ନେବାର ବିରଳ ସଫଳତା ହାସଲ କରିଛନ୍ତି। ୨୦୧୧ ଦିନିକିଆ ବିଶ୍ୱକପ୍ ଓ ୨୦୧୩ରେ ଚାମ୍ପିଅନ୍ସ ଟ୍ରଫି ଦିନିକିଆ କ୍ରିକେଟରେ ଚାମ୍ପିଅନ ହୋଇଥିବା ଭାରତୀୟ ଦଳର ସଦସ୍ୟ ରହିଥିଲେ। ଟେଷ୍ଟ ଅପେକ୍ଷା ଦିନିକିଆ କ୍ରିକେଟରେ ୧୧୬ଟି ମ୍ୟାଚ୍ ଖେଳି ଓଭର ପ୍ରତି ୪.୯୩ ହାରରେ ୧୫୬ଟି ୱିକେଟ ଓ ୭୦୭ ରନ୍ କରିଛନ୍ତି। ଟି-୨୦ ଅନ୍ତର୍ଜାତୀୟରେ ୬୫ଟି ମ୍ୟାଚ୍ ଖେଳି ୭୨ଟି ୱିକେଟ ନେଇଛନ୍ତି।

ଅଶ୍ୱିନଙ୍କୁ ୨୦୧୫ରେ ଭାରତ ସରକାରଙ୍କ ଦ୍ୱାରା ସମ୍ମାନଜନକ ଅର୍ଜୁନ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଏହାର ପରବର୍ଷ ଅର୍ଥାତ୍ ୨୦୧୬ରେ ସେ ଆଇସିସି ପୁରୁଷ ଟେଷ୍ଟ କ୍ରିକେଟର ଅଫ୍ ଦି ଇୟର ଭାବେ ପୁରସ୍କୃତ ହୋଇଥିଲେ। ୨୦୧୧ରୁ ୨୦୨୦ ଦଶନ୍ଧିରେ ତାଙ୍କୁ ଆଇସିସିର ଶ୍ରେଷ୍ଠ ଦଳରେ ସାମିଲ କରାଯାଇଥିଲା। ୨୦୨୫ ଆଇପିଏଲ୍‌ରେ ସେ ୯.୭୫ କୋଟି ଟଙ୍କା ବିନିମୟରେ ନିଜ ଘରୋଇ ଟିମ୍ ଚେନ୍ନଇ ସୁପର କିଙ୍ଗସକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏବେ ସେ ଆଇପିଏଲ୍, ତାମିଲନାଡୁ ପ୍ରିମିୟର ଲିଗ୍ ଓ ବିଭିନ୍ନ ପ୍ରକାର କ୍ଲବ୍ କ୍ରିକେଟ ଖେଳିବେ ବୋଲି ଆଶା କରାଯାଉଛି।

## ବର୍ଷା ସାଜିଲା ବାଧକ | ଭାରତ-ଅଷ୍ଟ୍ରେଲିଆ ତୃତୀୟ ଟେଷ୍ଟ ଡ୍ର

ବ୍ରିସ୍‌ବେନ୍, ୧୮।୧୨(ଏଜେନ୍ସି): ବର୍ଡର-ଗାଭାସ୍କର ଟ୍ରଫିର ତୃତୀୟ ଟେଷ୍ଟ ମ୍ୟାଚ୍‌ର ଫଳାଫଳ ନିର୍ଣ୍ଣୟ କଲା ବର୍ଷା। ଏଠାରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଚାଲିଥିବା ତୃତୀୟ ଟେଷ୍ଟ ବର୍ଷା ଯୋଗୁଁ ଅମୀମାଂସିତ ରହିଛି। ଏହା ଫଳରେ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ୧-୧ରେ ବରାବର ସ୍ଥିତିରେ ରହିଛି। ସିରିଜ୍‌ର ଚତୁର୍ଥ ମୁକାବିଲା ମେଲବୋର୍ଣ୍ଣ କ୍ରିକେଟ ଗ୍ରାଉଣ୍ଡରେ ଡିସେମ୍ବର ୨୬ରୁ ୩୦ ତାରିଖ ଯାଏ ଖେଳାଯିବ। ଏଠାରେ ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ଚମତ୍କାର ୧୫୨ ରନ୍ କରି ଭାରତକୁ ବ୍ୟାକ୍‌ଫୁଟ୍‌କୁ ଠେଲିଦେଇଥିବା ଅଲରାଉଣ୍ଡର ଟ୍ରାଭିସ୍ ହେଡ୍‌ଙ୍କୁ ଏହି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହି ମ୍ୟାଚ୍ ଶେଷ ହେବା ପରେ ଭାରତର କିମ୍ବଦନ୍ତୀ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କ ଅବସର ଘୋଷଣା ସମସ୍ତଙ୍କୁ ଚମତ୍କୃତ କରିଥିଲା।

ପଞ୍ଚମ ଦିନରେ ୨୪ ଓଭରର ଖେଳ ଆଜି ସକାଳେ ଭାରତ ତାହାର ପ୍ରଥମ ଇନିଂସରେ ଆଉ ୪ ଓଭର ଖେଳି ୮ ରନ୍ ଯୋଗ କରିବା ପରେ ଅଲଆଉଟ ହୋଇଯାଇଥିଲା। ଭାରତ ପକ୍ଷରୁ ଆକାଶ ଦୀପ ୪୪ ବଲ୍ ଖେଳି ୨ ଚୌକା ଓ ୧ଛକା ସହ ୩୧ ରନ୍ କରି ଶେଷ ଖେଳାଳିଭାବେ ଷ୍ଟମ୍ପ୍ ଆଉଟ୍ ହୋଇଥିଲେ। ସେ ଆଉଟ ହେବା ପୂର୍ବରୁ ଶେଷ ୱିକେଟ ଯୋଡିରେ ୭୮ ବଲ୍‌ରୁ ୪୭ ରନ୍ ଉଠାଇଥିଲେ। ଯାହା ଫଳରେ ଭାରତ ଫଲୋଅନ୍ ଏଡାଇବା ସହ ଏକପ୍ରକାର ପରାଜୟ ଏଡ଼ାଇଯାଇଥିଲା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଭାରତ ୨୬୦ ରନ୍‌ରେ ଅଲଆଉଟ ହେବା ପରେ ଅଷ୍ଟ୍ରେଲିଆ ୧୮ ଓଭର ଖେଳି ୭ ୱିକେଟରେ ୮୯ ରନ୍ କରିବା ପରେ ଦ୍ୱିତୀୟ ଇନିଂସ ଘୋଷଣା



କରିଥିଲା। ଯାହା ଫଳରେ ଭାରତ ଆଗରେ ୫୪ ଓଭରରେ ୨୭୫ ରନ୍‌ର ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ଭାରତ ୨.୧ ଓଭରରେ କୌଣସି ୱିକେଟ ନ ହରାଇ ୮ ରନ୍ କରିଥିଲାବେଳେ ଘଡଘଡ଼ି ସହ ବର୍ଷା ହୋଇଥିଲା। ପାଣିପାଗ ଅଫିସର ପୂର୍ବାନୁମାନଯାୟୀ ପ୍ରବଳ ବର୍ଷା ହୋଇଥିଲା। ବର୍ଷା ନ ଛାଡ଼ିବାରୁ ଖେଳ ଆଉ ସମ୍ଭବ ହୋଇ ନ ଥିଲା। ଫଳରେ ୫ମ ତଥା ଶେଷ ଦିନରେ ମୋଟ ୨୪ ଓଭର ଖେଳ ସମ୍ଭବ ହୋଇଥିଲା। ଯଦି ପୂରା ଖେଳ ହୋଇଥାନ୍ତା ତେବେ ଏହି ଟେଷ୍ଟ ରୋମାଞ୍ଚରେ ଭରିଯାଇଥାନ୍ତା।

### ୧୦ ୱିକେଟ ନେଇପାରିଲେନି ବୁମ୍‌ରା

୧୮୫ ରନ୍‌ରେ ପ୍ରଥମ ଇନିଂସ ଅଗ୍ରଣୀଥାଇ ଦ୍ୱିତୀୟ ଇନିଂସ ଆରମ୍ଭ କରିଥିଲା। କିନ୍ତୁ ଭାରତୀୟ ବୋଲରଙ୍କ ଶୃଙ୍ଖଳିତ ପ୍ରଦର୍ଶନ ଓ ଅଷ୍ଟ୍ରେଲୀୟ ବ୍ୟାଟରଙ୍କ ଦ୍ରୁତ ରନ୍ ସଂଗ୍ରହର ମନୋଭାବ ଯୋଗୁଁ ଘରୋଇ ଦଳର କ୍ରମାଗତ ୱିକେଟ ପତନ ଘଟିଥିଲା। ଦଳ ଦ୍ରୁତ ରନ୍ କରିବା ଲକ୍ଷ୍ୟରେ ମିଚେଲ ମାର୍ଶଙ୍କୁ ନଂ-୪ ଓ ଟ୍ରାଭିସ୍ ହେଡ୍‌ଙ୍କୁ ଷ୍ଟିଭେନ୍ ସ୍ମିଥ୍‌ଙ୍କଠାରୁ ଆଗୁଆ ବ୍ୟାଟିଂ ଲାଗି ପଠାଇଥିଲା। କିନ୍ତୁ କେହି ବେଶି ସମୟ କ୍ରିଜ୍‌ରେ ତିଷ୍ଠି ନ ଥିଲେ। ଏମାନଙ୍କ ମଧ୍ୟରୁ ପ୍ୟାଟ୍ କମିନ୍ସ, ଆଲେକ୍ସ କ୍ୟାରୀ ଓ ଟ୍ରାଭିସ୍ ହେଡ୍ ମିଳିତଭାବେ ୪୯ ବଲ୍ ଖେଳି ୫୯ ରନ୍ କରିଥିଲେ। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସର ପ୍ରଥମ ୨ଟି ୱିକେଟ ଅକ୍ତିଆର କରିଥିବା ବୁମ୍‌ରା ତାଙ୍କ ଦ୍ୱିତୀୟ ପାଳି ବୋଲିଂ କରିବାକୁ ଆସି ପ୍ରତିପକ୍ଷ ଅଧିନାୟକ ପ୍ୟାଟ କମିନ୍ସଙ୍କୁ ଆଉଟ କରିଥିଲେ। କିନ୍ତୁ ତାଙ୍କ ଆଉଟ ସହ ଏହି ଓଭର ପରେ କମିନ୍ସ ଇନିଂସ ସମାପ୍ତି ଘୋଷଣା କରିଦେଇଥିଲେ। ଯାହା ଫଳରେ ବୁମ୍‌ରାଙ୍କୁ ଆଉ ବୋଲିଂ କରିବା ସୁଯୋଗ ମିଳି ନ ଥିଲା। ଦ୍ୱିତୀୟ ଇନିଂସରେ ସେ ୩ଟି ଓ ପ୍ରଥମ ଇନିଂସରେ ୬ଟି ୱିକେଟ ନେଇଥିଲେ। ଟେଷ୍ଟରେ ୧୦ ୱିକେଟ ନେବା ତାଙ୍କ ସ୍ୱପ୍ନ ଥିଲାବେଳେ କମିନ୍ସଙ୍କ ଘୋଷଣା ତାଙ୍କୁ ନିରାଶ କରିଛି। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସରେ ମହମ୍ମଦ୍ ସିରାଜ ଓ ଆକାଶ ଦୀପ୍‌ଙ୍କୁ ୨ଟି ଲେଖାଏଁ ୱିକେଟ ମିଳିଛି।

### ସଂକ୍ଷିପ୍ତ ସ୍କୋର

**ଅଷ୍ଟ୍ରେଲିଆ ପ୍ରଥମ ଇନିଂସ :** ୪୪୫/୧୦, ୧୧୭.୧ ଓଭର (ହେଡ୍-୧୫୨, ସ୍ମିଥ୍-୧୦୧, କ୍ୟାରୀ-୭୦, ବୁମ୍‌ରା-୬/୭୬, ସିରାଜ-୨/୯୭)।

**ଭାରତ ପ୍ରଥମ ଇନିଂସ :** ୨୬୦/୧୦, ୭୮.୫ ଓଭର (ରାହୁଲ-୮୪, ଜାଡେଜା-୭୭, କମିନ୍ସ-୪/୮୧, ଷ୍ଟାର୍କ-୩/୮୩)।

**ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ :** ୮୯/୧୦, ୧୮ ଓଭର (କମିନ୍ସ-୨୨, କ୍ୟାରୀ-୨୦*, ହେଡ୍-୧୭, ବୁମ୍‌ରା-୩/୧୮, ଆକାଶ ଦୀପ୍-୨/୨୮, ସିରାଜ-୨/୩୬)।

**ଭାରତ ଦ୍ୱିତୀୟ ଇନିଂସ :** ୮/୦, ୨.୧ ଓଭର (ଜୟସ୍ୱାଲ-୪*, ରାହୁଲ-୪*)।

■ ବିଜୟ ମର୍ଚ୍ଚାଣ୍ଟ ଟ୍ରଫି

## ଓଡ଼ିଶାର ଇନିଂସ ଅଗ୍ରଣୀ



କ୍ରୀଷ୍ଣା ସାସ୍ମଲ



ମହେଶ କୁମାର ସାହୁ

କଟକ, ୧୮।୧୨(ସମିସ): ଗ୍ୱାଲିୟରର କ୍ୟାପ୍ଟେନ ରୂପ ସିଂହ ଷ୍ଟାଡିୟମରେ ଖେଳାଯାଉଥିବା ବିଜୟ ମର୍ଚ୍ଚାଣ୍ଟ ଟ୍ରଫିର ମଣିପୁର ବିପକ୍ଷ ମ୍ୟାଚ୍‌ରେ ଓଡ଼ିଶା ଇନିଂସ ଅଗ୍ରଣୀ ହାସଲ କରିଛି। ମଣିପୁର ୨୬୮ ରନରେ ସୀମିତ ରହିବା ପରେ ଓଡ଼ିଶା ୭ ୱିକେଟ ହରାଇ ୩୨୪ରନ କରିଛି। ମ୍ୟାଚ୍ ଆହୁରି ଦୁଇ ଦିନ ବାକି ଅଛି। ମଣିପୁରକୁ ହରାଇ ଓଡ଼ିଶା ଦ୍ୱିତୀୟ ବିଜୟ ଲକ୍ଷ୍ୟରେ ରହିଛି। ମଙ୍ଗଳବାର ଖେଳ ଶେଷ ସୁଦ୍ଧା ମଣିପୁର ୬ ୱିକେଟ ହରାଇ ୨୩୫ରନ କରିଥିଲା। ଅଧିନାୟକ ୱାଇ ଆଚୁବା ୪୧ରନ ଏବଂ ଗାମବେରଲ ଶୂନରେ ଅପରାଜିତ ଥିଲେ। ୩୩ରନରେ ଦଳ ଅବଶିଷ୍ଟ ୪ ୱିକେଟ ହରାଇଥିଲା। ଓଡ଼ିଶା ତରଫରୁ ମହେଶ କୁମାର ସାହୁ ସର୍ବାଧିକ ୪ଟି ୱିକେଟ ଦଖଲ କରିଛନ୍ତି। ଓଡ଼ିଶା ବ୍ୟାଟରମାନଙ୍କ ମଧ୍ୟରେ ଉତ୍ତମ ଭାଗିଦାରୀ ଯୋଗୁଁ ଦଳ ଅଗ୍ରଣୀ ହାସଲ କରି ଦୃଢ଼ ସ୍ଥିତିରେ ପହଞ୍ଚିଛି। ଓପନର କ୍ରୀଷ୍ଣା ସାସ୍ମଲ ୬୭ରନ, କୌସ୍ତିକ ମହାନ୍ତି ୩୯ରନ, ଅଧିନାୟକ ସ୍ୱାଗତ ମିଶ୍ର ୪୩ରନରେ ଆଉଟ ହୋଇଛନ୍ତି। ଅସୀମ ବରାଡ ୫୮ରନ ଏବଂ ଚନ୍ଦିପ ସିଂହ ରିଆର ୮ରନରେ ଅପରାଜିତ ଅଛନ୍ତି।

## ରାଜ୍ୟ ବାସ୍କେଟବଲ ଚାମ୍ପିଅନସିପ୍ ଉଦ୍‌ଘାଟିତ



କଟକ, ୧୮।୧୨(ସମିସ): ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ୬୫ତମ ରାଜ୍ୟ ବାସ୍କେଟବଲ ଚାମ୍ପିଅନସିପ୍ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ୨୩ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ପୁରୁଷ ବର୍ଗରେ ୩୨ଟି ଏବଂ ମହିଳା ବର୍ଗରେ ୧୭ଟି ଦଳ ଅଂଶ ଗ୍ରହଣ କରିଛନ୍ତି। ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟ, ଓଡ଼ିଶା ବାସ୍କେଟବଲ ସଂଘ ସହ ଅନୁବନ୍ଧିତ ଦଳ ସମେତ ଓଡ଼ିଶା ପୁଲିସ ଏବଂ ପୋଷ୍ଟାଲ ଦଳ ଭାଗ ନେଇଛନ୍ତି। ଟୁର୍ଣ୍ଣାମେଣ୍ଟ ଲିଗ୍ କମ୍ ନକଆଉଟ ପର୍ଯ୍ୟାୟରେ ଖେଳାଯିବ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଓଡ଼ିଶା ଅଲିମ୍ପିକ ସଂଘ ସମ୍ପାଦକ ଅଭିଜିତ ପାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ରାଜ୍ୟ ସଂଘ ସମ୍ପାଦକ ଅଶୋକ କୁମାର ସାହୁ, ଉପସଭାପତି ରାଜେନ୍ଦ୍ର ଖୁଣ୍ଟିଆ, କୋଷାଧ୍ୟକ୍ଷ ପ୍ରଦୀପ ବେହେରା ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ।

ରାଜ୍ୟ ସବ୍‌ଜୁନିଅର ହ୍ୟାଣ୍ଡବଲ ଉଦ୍‌ଯାପିତ

## କେନ୍ଦୁଝରକୁ ଡବଲ ଟାଇଟଲ

କେନ୍ଦୁଝର, ୧୮।୧୨(ସମିସ): କେନ୍ଦୁଝର ଷ୍ଟାଡିୟମରେ ଦୁଇ ଦିନ ଧରି ଚାଲିଥିବା ୨୧ତମ ସବଜୁନିୟର ହ୍ୟାଣ୍ଡବଲ ବାଳକ ଓ ବାଳିକା ରାଜ୍ୟ ଚାମ୍ପିଅନସିପ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଉଭୟ ବିଭାଗରେ କେନ୍ଦୁଝର ଚାମ୍ପିଅନ ଆଖ୍ୟା ଅର୍ଜନ କରି ଡବଲ ଟାଇଟଲ ହାସଲ କରିଛି। ବୁଧବାର ଖେଳାଯାଇଥିବା ବାଳକ ଫାଇନାଲରେ କେନ୍ଦୁଝର ଦଳ ୨୬-୧୬ ଗୋଲରେ ଗଞ୍ଜାମକୁ ଓ ବାଳିକା ବିଭାଗରେ ୧୨-୧୦ ଗୋଲରେ ଯାଜପୁରକୁ ପରାସ୍ତ କରିଥିଲା। ଖେଳରେ ଉନ୍ନତମାନର ଖେଳପ୍ରଦର୍ଶନ କରି ବାଳିକା ବିଭାଗରେ କେନ୍ଦୁଝର ଦଳର ଶ୍ରେୟସି ସୁନୟନା ପାଣି, ନିକିତା ପ୍ରିୟଦର୍ଶିନୀ ମହାନ୍ତ ଶ୍ରେଷ୍ଠ ଗୋଲକିପର ହୋଇଛନ୍ତି। ବାଳକ ବର୍ଗରେ କେନ୍ଦୁଝରର ସୌରଭ ଜେନା ଶ୍ରେଷ୍ଠ ଖେଳାଳି ଓ ଗଞ୍ଜାମର ଦେବାଶିଷ ଗନ୍ତାୟତ ଶ୍ରେଷ୍ଠ ଗୋଲକିପର ବିବେଚିତ ହୋଇଛନ୍ତି। ରାଜ୍ୟରେ



ପ୍ରଥମ ଥର କରି ଖେଳ କୋଟାରେ ଚନ୍ଦନ ମଣ୍ଡଳ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

ପୂର୍ବରୁ ଖେଳାଯାଇଥିବା ବାଳକ ବର୍ଗର ସେମି ଫାଇନାଲରେ କେନ୍ଦୁଝର ଯାଜପୁରକୁ ୨୨-୧୨ ଗୋଲରେ ଓ ଗଞ୍ଜାମ ଦେବଗଡ଼କୁ ୧୬-୮ ଗୋଲରେ ପରାସ୍ତ କରି ଫାଇନାଲକୁ ଯାଇଥିବା ବେଳେ ବାଳିକା ବିଭାଗ ସେମିଫାଇନାଲରେ କେନ୍ଦୁଝର ଢେଙ୍କାନାଳକୁ ୧୫-୪ ଗୋଲରେ ଓ ଯାଜପୁର ଦେବଗଡ଼କୁ ୮-୪ ଗୋଲରେ ପରାସ୍ତ କରି ଫାଇନାଲକୁ ପ୍ରବେଶ କରିଥିଲେ।

## ୨୪ରୁ କିଟ୍‌ରେ ମେଗା ସ୍ପୋର୍ଟସ ଚାମ୍ପିଅନସିପ୍

କଟକ, ୧୮।୧୨(ସମିସ): ଆସନ୍ତା ୨୪ରୁ ୩୦ ତାରିଖ ପର୍ଯ୍ୟନ୍ତ କିଟ୍ ବିଶ୍ୱବିଦ୍ୟାଳୟରେ ମେଗା ସ୍ପୋର୍ଟସ ଚାମ୍ପିଅନସିପ୍ ଆୟୋଜନ ହେବ। ଅଖିଳ ଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ସ୍ତରରେ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୧୫ହଜାର ଆଥଲେଟ ଅଂଶ ଗ୍ରହଣ କରିବେ। ଏମାନଙ୍କ ଭିତରେ ଅନେକ ଖ୍ୟାତନାମା କ୍ରୀଡ଼ାବିତ, ଅଲିମ୍ପିଆନ, ଏସିଆନ ଗେମ୍ସ ଏବଂ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ପ୍ରତିନିଧିତ୍ୱ କରିଥିବା ତାରକା ମଧ୍ୟ ଦେଖିବାକୁ ମିଳିବେ। ବିଶେଷକରି ତୀରନ୍ଦାଜୀ, ଯୋଗାସନ ଏବଂ ଆଥଲେଟିକ୍ ଇଭେଣ୍ଟରେ ପ୍ରତିଯୋଗିତା ହେବ। ଉଭୟ ପୁରୁଷ ଓ ମହିଳା ବର୍ଗରେ ଖେଳାଳି ଅଂଶ ଗ୍ରହଣ କରିବେ। ଏଆଇୟୁ ସଭାପତି ପ୍ରଫେସର ବିନୟ କୁମାର ପାଠକ, ଯୁଗ୍ମ ସମ୍ପାଦକ ପ୍ରଫେସର ବଲଜିତ ସିଂହ ସେଖନ, କିମ୍ବଦନ୍ତୀ ହକି ଖେଳାଳି ଶ୍ରୀଜେଶ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ ବୋଲି କିଟ୍ ପକ୍ଷରୁ ପ୍ରଦତ୍ତ ପ୍ରେସବିବୃତ୍ତିରେ ସୂଚନା ଦିଆଯାଇଛି।

ଓଡ଼ିଶା ଓପନ ଚେସ୍ ମହୋତ୍ସବ

## କାଟାଗୋରୀ-ବି'ରେ ଫକୀର ମାଝୀ ଚାମ୍ପିଅନ

ଭୁବନେଶ୍ୱର, ୧୮।୧୨(ସମିସ): ଅଲ୍ ଓଡ଼ିଶା ଚେସ୍ ସଂଘ ଓ ସୋଆ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ କ୍ୟାମ୍ପସ-୨ରେ ଚାଲିଥିବା ଓଡ଼ିଶା ଓପନ ଚେସ୍ ମହୋତ୍ସବରେ ବୁଧବାର କାଟାଗୋରୀ-ବି' ଟୁର୍ଣ୍ଣାମେଣ୍ଟ ଶେଷ ହୋଇଛି। ଏଥିରେ କିଟ୍ ତଥା ଗଜପତିର ଖେଳାଳି ଫକୀର ମାଝୀ ୧୦ ରାଉଣ୍ଡରୁ ଏକାକୀ ସର୍ବାଧିକ ୮.୫ ପଏଣ୍ଟ ପାଇ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ପୁରସ୍କାର ବାବଦରେ ତାଙ୍କୁ ଟ୍ରଫି ସହ ୭୫, ୦୦୦ ଟଙ୍କା ପୁରସ୍କାର ପାଇଛନ୍ତି। ତାଙ୍କ ପଛକୁ ୩ଜଣ ଖେଳାଳି ୮ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ବୁକୋଲଜ୍‌ରେ ମହାରାଷ୍ଟ୍ରର ଓମ୍‌କାର କଦାବ ଦ୍ୱିତୀୟ, ଓଡ଼ିଶାର ଶ୍ରୀହାନ ସାବତ ତୃତୀୟ ଓ ମହାରାଷ୍ଟ୍ରର ଅନ୍ୟତମ ଖେଳାଳି ରାହୁଲ ବର୍ମା ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ରନର୍ସ ଅପ୍ ଓମ୍‌କାରଙ୍କୁ ଟ୍ରଫି ସହ ୫୦, ୦୦୦, ସାବତଙ୍କୁ ଟ୍ରଫି ସହ ୪୦, ୦୦୦ ଓ ରାହୁଲଙ୍କୁ ୩୦, ୦୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଥମ ୪୦ଜଣ ଖେଳାଳିଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ପଞ୍ଚମ ସ୍ଥାନରେ ଥିବା



ଓଡ଼ିଶାର ସୁଧୀର କୁମାର ବେହେରାଙ୍କୁ ୨୦, ୦୦୦, ୮ମରେ ଥିବା ରବୀନ୍ଦ୍ର କୁମାର ଓଝାଙ୍କୁ ୮, ୫୦୦ ଟଙ୍କା ପୁରସ୍କାର ଦିଆଯାଇଛି। ୧୧ତମ ସ୍ଥାନରେ ଥିବା ଓଡ଼ିଶାର ଭାସ୍କର ଶ୍ରୀ ବିଶ୍ୱରୂପାନନ୍ଦ, ୧୨ତମ ସ୍ଥାନରେ ଥିବା ଦେବୀପ୍ରସାଦ ନାୟକ, ୧୪ତମ ସ୍ଥାନରେ ଥିବା ପ୍ରତ୍ୟୁଷ ନାୟକଙ୍କ ସହ ସ୍ଥିତପ୍ରଜ୍ଞ ସାହୁ, ଲଳିତରଞ୍ଜନ ସାହୁ, ସୁଶାନ୍ତ କୁମାର ଷଡଙ୍ଗୀ, ବିଶ୍ୱପ୍ରୀତ ରାୟ ଓ ଆୟୁଷ ଆର୍ଯ୍ୟନ ମହାପାତ୍ର ଶୀର୍ଷ ୨୦ଜଣଙ୍କ ମଧ୍ୟରେ ସ୍ଥାନ ହାସଲ କରି ୭, ୦୦୦ ଲେଖାଏଁ ଟଙ୍କା ପୁରସ୍କାର ପାଇଛନ୍ତି।

ସେହିପରି ବିଭିନ୍ନ ରେଟିଂରେ ପ୍ରଥମ ସ୍ଥାନ ହାସଲ କରିଥିବା ଖେଳାଳି ଯଥା ସ୍ୱପ୍ନିଲ ପ୍ରିୟଦର୍ଶୀ, ସୁଜନ ପ୍ରଣୟୀ ରାୟ, ବିଭାସ କୁମାର ସିହ୍ନା, ପୁରୀର ଅବିନାଶ ମିଶ୍ର, ସାଥୀସାହିତ୍ୟ ଲାହିରୀଙ୍କୁ ୮, ୦୦୦ ଲେଖାଏଁ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି ଅଣରେଟେଡ ବିଭାଗରେ ପ୍ରଥମ ହୋଇଥିବା ଓମ୍‌ପ୍ରକାଶ ଗଡ଼ନାୟକଙ୍କୁ ଓ ଓଡ଼ିଶା କାଟାଗୋରୀରେ ବିନାୟକ ରଥଙ୍କୁ ୧୦, ୦୦୦ ଟଙ୍କା ପ୍ରଦାନ କରାଯାଇଛି।

ପ୍ରତିଯୋଗିତା ଶେଷରେ ସିନେ ଅଭିନେତା ସବ୍ୟସାଚୀ ମିଶ୍ର, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟୁର୍ଣ୍ଣାମେଣ୍ଟ ଆୟୋଜନ କମିଟି ଅଧ୍ୟକ୍ଷ ଅବିନାଶ ସାମଲ, ରୋଟାରିଆନ ସଞ୍ଜୟ ଚୌଧୁରୀ, ସୋଆର ଡିନ୍ ଜ୍ୟୋତିରଞ୍ଜନ ଦାସ୍, ସୂର୍ଯ୍ୟକାନ୍ତ ବିଶୋୟୀ ଓ ଆୟୋଜକ ଓଡ଼ିଶା ଚେସ ସଂଘ ସମ୍ପାଦକ ଦେବବ୍ରତ ଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ।

କାଟାଗୋରୀ-ଏ'ରେ ୫ମ ରାଉଣ୍ଡ ଶେଷସୁଦ୍ଧା ଭିଏତ୍‌ନାମର ଫିଡେ ମାଷ୍ଟର ଏନ୍‌ଗୁଏନ୍ କ୍ୱକ୍ ହାଇ ୫ ପଏଣ୍ଟ ପାଇ ଏକାକୀ ପ୍ରଥମ ସ୍ଥାନରେ ରହିଛନ୍ତି। ତାଙ୍କ ପଛକୁ ୫ଜଣ ଖେଳାଳି ୪.୫ ପଏଣ୍ଟ ପାଇ ମିଳିତଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସମ୍ବିତ ପଣ୍ଡା ୪ ପଏଣ୍ଟ ପାଇ ପ୍ରଥମ ୩୦ଜଣଙ୍କ ମଧ୍ୟରେ ଜଣେ ଓଡ଼ିଆ ଖେଳାଳିଭାବେ ସ୍ଥାନ ପାଇଛନ୍ତି।

ନନ୍ଦିଘୋଷ

'ନନ୍ଦିଘୋଷ ଟିଭି'

ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
|---|---|
| ୧) ଭିଡିଓ ଏଡିଟର | ୩ ବର୍ଷର ଅଭିଜ୍ଞତା |
| ୨) କପି ଏଡିଟର | ୩ ବର୍ଷର ଅଭିଜ୍ଞତା |
| ୩) ବୁଲେଟିନ ପ୍ରଡ୍ୟୁସର | ୫ ବର୍ଷର ଅଭିଜ୍ଞତା |
| ୪) ଆସିଷ୍ଟାଣ୍ଟ ମ୍ୟାନେଜର (ସେଲ୍ସ) | ଏମ୍.ବି.ଏ. ଡିଗ୍ରୀ ସହିତ ୩ ରୁ ୫ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୨୨ ଡିସେମ୍ବର ୨୦୨୪ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

*କେବଳ ନିର୍ବାଚିତ ଆବେଦନଗୁଡିକୁ ସାକ୍ଷାତକାର ପାଇଁ ଡକାଯିବ।

ଯୋଗାଯୋଗ: ୯୪୩୭୦୧୬୪୯୯

ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS